

କାର୍ଗିଲ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଏଫଟିଏ ଛତିଶଗଡ଼ କୃଷକଙ୍କ ପାଇଁ ବରଦାନ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୧୭ Vol. 22 No-117 27 JULY 2025 SUNDAY, BHUBANESWAR ରବିବାର, ୨୭ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୪ ମାଓବାଦୀ ନିହତ

ମାଲକାନଗିରି, ୨୬।୭(ଭାସ୍କର ନ୍ୟୁଜ): ଶନିବାର ଛତିଶଗଡ଼ର ବିଜାପୁରରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୪ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ସେମାନଙ୍କଠାରୁ ଇନସାସ୍, ଏସ୍ଏଲ୍ଆର ବନ୍ଧୁକ ଓ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଏବେ ବି ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି।

### ୨ ଟ୍ରକ୍ ମୁହାଁମୁହିଁ ଧକ୍କା: ୩ ମୃତ

ଦଶପଲ୍ଲା, ୨୬।୭(ଭାସ୍କର ନ୍ୟୁଜ): ଶନିବାର ଅପରାହ୍ଣରେ ଦଶପଲ୍ଲା ନିକଟ ୫୭ ନମ୍ବର ଜାତୀୟ ରାଜପଥର ଟାକେରା ଛକ ନିକଟରେ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ଜଣଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

### ଜଳପ୍ରପାତରେ ବୁଡ଼ି ୨ ଡାକ୍ତରୀ ଛାତ୍ର ମୃତ

ସମ୍ବଲପୁର, ୨୬।୭: ସମ୍ବଲପୁର ନିକଟ ଦେବଝରଣ ଜଳପ୍ରପାତରେ ଗାଧୋଉଥିବାବେଳେ ୨ଜଣ ଡାକ୍ତର ଛାତ୍ରଛାତ୍ରୀ ବୁଡ଼ି ପ୍ରାଣ ହରାଇଛନ୍ତି। ସେମାନେ ବୁର୍ଲାସ୍ଥିତ ଭିମସାରର ବୋଲି ଜଣାପଡ଼ିଛି। ସେମାନଙ୍କ ନାମ ମୋନିକା ମୀନା ଓ ସନ୍ଦୀପ ପୁରୀ। ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବସାୟ ପାଇଁ ପଠାଇଛି।


### ଘର ଭିତରେ ବାପ-ପୁଅଙ୍କ ଝୁଲନ୍ତା ମୃତଦେହ

ପିପିଲି, ୨୬।୭(ଭାସ୍କର ନ୍ୟୁଜ): ପିପିଲି ଥାନା ଅନ୍ତର୍ଗତ ପୋଟଳ ଗାଁର ଏକ ଘର ଭିତରୁ ବାପା ଓ ୨ ବର୍ଷ ପୁଅର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ପାରିବାରିକ କଳହକୁ କେନ୍ଦ୍ରକରି ଏହି ଅଘଟଣ ଘଟିଥିବା ଚର୍ଚ୍ଚା ହେଉଛି।

ସେନ୍ସେକ୍ସ: ୮୧,୪୬୩.୦୯
ସର୍ବାଧିକ: ୩୦ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୨୬।୭।୨୦୨୫ ର ମତାମତ**

ସମ୍ଭାବ୍ୟ ବନ୍ୟା ପାଇଁ ରାଜ୍ୟ ସରକାର ଏବେଠାରୁ ପଦକ୍ଷେପ ନେବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ବର୍ଷା ପ୍ରପୀଡିତଙ୍କୁ ତୁରନ୍ତ ସହାୟତା ଦେବା ଜରୁରି ନୁହେଁ କି?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ www.odishabhaskar.com

## ଦିଲ୍ଲୀରୁ ଫେରି ପ୍ରତିକ୍ରିୟା ରଖିଲେ ମନମୋହନ

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟସାପେକ୍ଷ



**ଦିଲ୍ଲୀରେ ଏ ନେଇ ଆଲୋଚନା ହୋଇନି**

**ସମ୍ପ୍ରସାରଣ କାମ ମୁଖ୍ୟମନ୍ତ୍ରୀଙ୍କର**

**୧୫ଦିନରୁ ମାସକ ମଧ୍ୟରେ ସମ୍ପ୍ରସାରଣ ଯୋଜନା**

**ପୁନର୍ଗଠନ ହେବ ବିଜେପି ସଙ୍ଗଠନ**

ଭୁବନେଶ୍ୱର, ୨୬।୭(ଭାସ୍କର ନ୍ୟୁଜ): ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଗତ କିଛିଦିନ ହେବ ଯେଉଁ ଚର୍ଚ୍ଚା ଲାଗି ରହିଛି ସେଥିରେ ଆପାତତଃ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟସାପେକ୍ଷ ଓ ଏହା ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ। ତିନିଦିନିଆ ଦିଲ୍ଲୀ ଗସ୍ତ ସାରି ଶନିବାର ଭୁବନେଶ୍ୱର ଫେରିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ସେ ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କୌଣସି ଆଲୋଚନା ହୋଇନାହିଁ। ଆମେ ମନ୍ତ୍ରିମଣ୍ଡଳ ଚର୍ଚ୍ଚା ନେଇ ଦିଲ୍ଲୀ ଯାଇନଥିଲୁ। ତେବେ ଦଳର ସଙ୍ଗଠନକୁ ନେଇ ଆମେ ଆଲୋଚନା କରିଛୁ। ମନ୍ତ୍ରିମଣ୍ଡଳକୁ ନେଇ କୌଣସି ଆଲୋଚନା ହୋଇ ନଥିବାବେଳେ ଯେଉଁ ବରିଷ୍ଠ ନେତାମାନଙ୍କୁ ଭେଟିଥିଲୁ ତାହା କେବଳ ସୌଜନ୍ୟମୂଳକ ସାକ୍ଷାତକାର ଥିଲା। ସେ କହିଥିଲେ ଯେ ଆମେ ରାଷ୍ଟ୍ରପତିଙ୍କ ସହ ସାକ୍ଷାତ କରିଥିଲୁ। ସାମ୍ବିଧାନିକ ● ପୃଷ୍ଠା ୫ ଦେଖନ୍ତୁ

**କ'ଣ କହିଲେ ମନମୋହନ...**

- ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କାମ ମୁଖ୍ୟମନ୍ତ୍ରୀଙ୍କର
- ମୋ ଦାୟିତ୍ୱ ମୁଁ ସୁଚାରୁରୂପେ ନିର୍ବାହ କରୁଛି
- ଦଳ ପରାମର୍ଶ ମାଗିଲେ ନିଶ୍ଚିତ ଦେବି
- ମନ୍ତ୍ରିମଣ୍ଡଳରେ କିଏ ସ୍ଥାନ ପାଇବ, କିଏ ବିଦା ହେବ ସେ ନେଇ ନିଷ୍ପତ୍ତି ସଂସଦୀୟ ବୋର୍ଡ ନେବ
- ୧୫ଦିନରୁ ୧ମାସ ମଧ୍ୟରେ ସମ୍ପ୍ରସାରଣ କରାଯିବ
- ପ୍ରଥମେ ସଂଗଠନ, ପରେ ବୋର୍ଡ ଓ ନିଗମ ଏବଂ ତା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ
- ଯୋଗ୍ୟତା, ଦକ୍ଷତା ଓ ଅଭିଜ୍ଞତା ଆଧାରରେ ମିଳିବ ମନ୍ତ୍ରୀପଦ

## ପଛରେ ପଡ଼ିଲେ ଟ୍ରମ୍ପ, ମେଲୋନୀ

# ମୋଦୀ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା

ନୂଆଦିଲ୍ଲୀ, ୨୬।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ବିଶ୍ୱ ସମ୍ମୁଖରେ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ଦୁନିଆର ସବୁଠୁ ଲୋକପ୍ରିୟ ଗଣତାନ୍ତ୍ରିକ ନେତା ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପଛରେ ପଡ଼ିଗଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇଟାଲିର ଜର୍ଜିଆ ମେଲୋନୀ। ବିଜିନେସ ଇଣ୍ଟେଲିଜେନ୍ସ କମ୍ପାନୀ ମର୍ଣ୍ଣ କନସଲ୍ଟର ତାଜା ସର୍ଭେ ରିପୋର୍ଟରୁ ଏହା ଜଣାପଡ଼ିଛି। ୨୦ରୁ ଉର୍ଦ୍ଧ୍ୱ ଦେଶର ନେତାଙ୍କୁ ନେଇ ଜୁଲାଇ ୪ରୁ ୧୦ ମଧ୍ୟରେ ଏହି ସର୍ଭେ କରାଯାଇଥିଲା। ସର୍ଭେରେ ୭୫ ପ୍ରତିଶତ ଲୋକ ମୋଦୀଙ୍କୁ ପ୍ରଶଂସା କରିଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନରେ ଦକ୍ଷିଣକୋରିଆ ରାଷ୍ଟ୍ରପତି ଜି.ଜେ.ମ୍ୟୁଙ୍ଗ୍ ରହିଛନ୍ତି। ତାଙ୍କୁ ୫୯ପ୍ରତିଶତ ରେଟିଂ ମିଳିଛି। ତାଙ୍କ ପଛକୁ ତୃତୀୟ ସ୍ଥାନରେ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲେଇ ରହିଛନ୍ତି। ତାଙ୍କୁ ୫୭ ପ୍ରତିଶତ ଲୋକ ସମର୍ଥନ ଜଣାଇଛନ୍ତି। ବିଜେପି ଆଇଟି ସେଲ୍ର ହେଡ୍ ଅମିତ ମାଲବ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହି ରିପୋର୍ଟକୁ ସେୟାର କରିଛନ୍ତି। ଲୋକପ୍ରିୟ ନେତାଙ୍କ ତାଲିକାର ଚତୁର୍ଥ ସ୍ଥାନରେ କାନାଡ଼ାର ମାର୍କ କାର୍ନି ରହିଛନ୍ତି। ତାଙ୍କୁ ୫୬ ପ୍ରତିଶତ ସମର୍ଥନ ମିଳିଛି। ସେହିପରି ଅଷ୍ଟ୍ରେଲିଆର ଏଣ୍ଟୋନି ଅଲ ବନିଜ ୫୪ ପ୍ରତିଶତ ରେଟିଂ ପାଇ ୫ମ ସ୍ଥାନରେ ରହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମାତ୍ର ୪୪ ପ୍ରତିଶତ ଲୋକ ସମର୍ଥନ ଜଣାଇଛନ୍ତି। ସେ ତାଲିକାର ୮ମ ସ୍ଥାନରେ ଅଛନ୍ତି। ସବୁଠୁ ବଡ଼କଥା ହେଲା ତାଙ୍କୁ ୫୦ ପ୍ରତିଶତ ଲୋକ ବିରୋଧ କରିଛନ୍ତି।



ସବୁଠୁ କମ୍ ଲୋକପ୍ରିୟ ଗଣତାନ୍ତ୍ରିକ ନେତା ହେଉଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଏବଂ ଚେକ୍ ରିପବ୍ଲିକ ପ୍ରଧାନମନ୍ତ୍ରୀ ପେଟ୍ରୋ ଫିଆଲା। ସେମାନଙ୍କୁ ୧୮ ପ୍ରତିଶତ ଲୋକ ପସନ୍ଦ କରିଥିବାବେଳେ ୭୪ ପ୍ରତିଶତ ଲୋକ ନାପସନ୍ଦ କରିଛନ୍ତି। ସେହିପରି ଇଟାଲିର ଜର୍ଜିଆ ମେଲୋନୀଙ୍କୁ ୪୦ ପ୍ରତିଶତ, ଜର୍ମାନୀର ଫେଡରିକ୍ ମର୍ଜଙ୍କୁ ୩୪ ପ୍ରତିଶତ, ବ୍ରାଜିଲର ଲୁଲା ଦ ସ୍ଲିଭାଙ୍କୁ ୩୨ ପ୍ରତିଶତ, ବ୍ରିଟେନର କିଏର ଷ୍ଟାର୍ମରଙ୍କୁ ୨୬ ପ୍ରତିଶତ ଏବଂ ଜାପାନର ସିଗେରୁ ଇସିବାଙ୍କୁ ୨୦ ପ୍ରତିଶତ ଲୋକ ସମର୍ଥନ ଦେଇଛନ୍ତି। ତେବେ ବିଦେଶ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ଏହାକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

## ■ ବର୍ଷାପରେ ବନ୍ୟା ବିପ୍ଳାତ ■

# ଫୁଲୁଛି ସବୁ ନଦୀ



ଭୁବନେଶ୍ୱର, ୨୬।୭(ଭାସ୍କର ନ୍ୟୁଜ): ଲଘୁଚାପଜନିତ ଲଗାଣ ବର୍ଷା ପରେ ରାଜ୍ୟର ବିଭିନ୍ନ ପ୍ରମୁଖ ନଦୀଗୁଡ଼ିକରେ ବନ୍ୟାଜଳ ପ୍ରବାହିତ ହେଉଛି। ଜଳକା ଓ ବୈତରଣୀ ବିପଦସଂକେତ ଉପରେ ପ୍ରବାହିତ ହେଉଥିବାବେଳେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ଖୁବ୍ଶୀଘ୍ର ବିପଦସଂକେତ ଛୁଇଁବ ବୋଲି ସୂଚନା ମିଳିଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ କହିଛନ୍ତି ଯେ ବୈତରଣୀ ଓ ଜଳକା ବେସିନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ସୁବର୍ଣ୍ଣରେଖା ବେସିନରେ ୯୩.୯୯ ମିଲିମିଟର ବର୍ଷା ହୋଇଥିବାବେଳେ ଉପର ମହାନଦୀ ବେସିନରେ ୩୫ ମିଲିମିଟର ● ପୃଷ୍ଠା ୫ ଦେଖନ୍ତୁ

- ବୈତରଣୀ, ଜଳକା ବିପଦସଂକେତ ଉପରେ
- ଫୁଲୁଛି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ
- ତଳି ଅଞ୍ଚଳ ଲୋକଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ
- ୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ସଜାଗ ପରାମର୍ଶ
- ବର୍ଷା, ବନ୍ୟାରେ ବଢୁଛି ଲୋକଙ୍କ ଦୁର୍ଦ୍ଦଶା

## ଗରିମା ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ

# ପରିମଳ କର୍ମଚାରୀଙ୍କୁ ସମ୍ମାନ ଦେବା ଆମ ପ୍ରତିବଦ୍ଧତା




ଭୁବନେଶ୍ୱର, ୨୬।୭(ଭାସ୍କର ନ୍ୟୁଜ): ଶନିବାର ଆୟୋଜିତ ହେଉଥିବା କର୍ମଶାଳା କେବଳ ଏକ ବୈଠକ ନୁହେଁ, ଏହା ଆମ ସହରକୁ ନିରନ୍ତର ଭାବରେ ପରିଚ୍ଛନ୍ନ ରଖୁଥିବା ପରିମଳ କର୍ମଚାରୀଙ୍କ ସୁରକ୍ଷା ଓ ସମ୍ମାନ ପ୍ରତି ଆମର ପ୍ରତିବଦ୍ଧତା। ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସଫେଇ କର୍ମଚାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଜାତୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ଏହି ଦୁଇ ଦିନିଆ କର୍ମଶାଳାର ବିଷୟବସ୍ତୁ ହେଉଛି 'ପ୍ରମୁଖ ପରିମଳ କାର୍ଯ୍ୟର ରୂପାନ୍ତରୀକରଣ- ସୁରକ୍ଷା, ସମ୍ମାନ ଓ ସମାବେଶନ। ଭୁବନେଶ୍ୱର ଲୋକସେବା ଭବନର କନ୍ଭେନ୍ସନ ସେଣ୍ଟରରେ ଆୟୋଜିତ ଏହି ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ କେତେକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେଗୁଡିକ ହେଲା ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱରେଜ ଓ ସେପ୍ଟିକ୍ ଟାଙ୍କି ସଫେଇ କର୍ମଚାରୀ)ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା, କର୍ମ କ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ବାସଗୃହ ପ୍ରଦାନ ଏବଂ ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇଇସି ଆକ୍ଟିଭିଟି କରାଯିବ। ଏହା ସହିତ ପ୍ରତିବର୍ଷ ଓଡିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ୭ଟି ରାଜ୍ୟ ଏବଂ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସରକାରୀ ଅଧିକାରୀ ଓ ସଫେଇ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ମୁଖ୍ୟମନ୍ତ୍ରୀଙ୍କର ପତ୍ନୀ ପାଇଲେନି
ଡାକ୍ତରଖାନାରୁ ସୁବିଧା,
ସାଧାରଣ ଲୋକ ଅବସ୍ଥା କଅଣ
ଭାବିବାରେ ନାହିଁ ଦ୍ୱିବିଧା !
ଫାଟିଯାଆ ମାଆ ବସୁଧା,
ଶିକ୍ଷା, ସ୍ୱାସ୍ଥ୍ୟସେବା ପଶିଯାଉ ତହିଁ
ଜନତା ହୁଅନ୍ତୁ ପୁରୋଧା !!

## ସଂସଦରେ ରେଳମନ୍ତ୍ରୀଙ୍କ ସୂଚନା

# ରେଳ ଦୁର୍ଘଟଣା ହ୍ରାସ ପାଇଛି

ନୂଆଦିଲ୍ଲୀ, ୨୬।୭: ଭାରତୀୟ ରେଳ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ଏବଂ ସମୟାନୁସାରେ ନିଆ ଯାଉଥିବା ସୁରକ୍ଷା ପଦକ୍ଷେପରେ ଟ୍ରେନ୍ ଦୁର୍ଘଟଣାରେ ଉଲ୍ଲେଖନୀୟ ହ୍ରାସ ଘଟିଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୦୧୪-୧୫ରେ ୧୩୫ଟି ରେଳ ଦୁର୍ଘଟଣା ଘଟିଥିବାବେଳେ ୨୦୨୪-୨୫ରେ ଏହି ସଂଖ୍ୟା ହ୍ରାସ ପାଇ ୩୧ରେ ପହଞ୍ଚିଥିଲା। ସେହିପରି ୨୦୨୫-୨୬ ଜୁନ୍ ସୁଦ୍ଧା କେବଳ ୩ଟି ରେଳ ଦୁର୍ଘଟଣା ରେକର୍ଡ ହୋଇଥିବା ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ୨୦୦୪ରୁ ୨୦୧୪ ମଧ୍ୟରେ ମୋଟ ୧୭୧୧ଟି ଟ୍ରେନ୍ ଦୁର୍ଘଟଣା ହୋଇଥିଲା। ଅର୍ଥାତ ବାର୍ଷିକ ହାରାହାରି ୧୭୧ଟି ଦୁର୍ଘଟଣା ଘଟିଥିଲା, ଯାହା ଏବେ ହ୍ରାସ ପାଇ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସେ ଆହୁରି କହିଥିଲେ ଯେ ରେଳଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରେଳବାଇ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ତଦନୁଯାୟୀ ୬୬୩୫ ଷ୍ଟେସନରେ ଇଲେକ୍ଟ୍ରି/ଇଲେକ୍ଟ୍ରୋନିକ ଇଣ୍ଟରଲକିଂ ସିଷ୍ଟମର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ପଏଣ୍ଟ ଓ ସିଗ୍ନାଲର କେନ୍ଦ୍ରୀକୃତ ପରିଚାଳନା ମାଧ୍ୟମରେ ମାନବୀୟ ତ୍ରୁଟିଗୁଡ଼ିକରେ ହେବାକୁ ଥିବା ଦୁର୍ଘଟଣାରେ ହ୍ରାସ ● ପୃଷ୍ଠା ୫ ଦେଖନ୍ତୁ



## ବଳଙ୍ଗା ନାବାଳିକା ପୋଡ଼ି ଘଟଣା

# ନିଷ୍କର୍ଷରେ ପହଞ୍ଚିନାହୁଁ: ଏସ୍‌ପି

ନିମାପଡ଼ା/ଭୁବନେଶ୍ୱର, ୨୬।୭ (ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ପୁରୀଜିଲ୍ଲା ବଳଙ୍ଗା ନାବାଳିକା ପୋଡ଼ି ଘଟଣାରେ ମୁହଁ ଖୋଲିଛନ୍ତି ପୁରୀ ଏସ୍‌ପି ପିନାକ ମିଶ୍ର। ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଆମେ ନିଷ୍କର୍ଷରେ ପହଞ୍ଚି ପାରିନାହୁଁ।

**କୌଣସି ଦିଗକୁ ଛାଡ଼ିବୁନି**

**ମୂଲ୍ୟବାନ ପ୍ରମାଣ ହସ୍ତଗତ**

**୪ଜଣଙ୍କ ବୟାନ ରେକର୍ଡ**

ବୈଜ୍ଞାନିକ ଉପାୟରେ ତଦନ୍ତ ଚାଲୁ ରହିଛି। ସଂପୂର୍ଣ୍ଣ ଘଟଣାର ତଦନ୍ତ ପାଇଁ ତଥା ତଥ୍ୟ ହାସଲ ନିମନ୍ତେ ଅଧିକ ସମୟ ଲାଗିବ। ଆମେ ସବୁ ଦିଗକୁ ନଜର ଦେଇ ତଦନ୍ତ ଚଳାଇଛୁ। ତଦନ୍ତର କୌଣସି ଖିଅ ଯେମିତି ନ ଛାଡ଼ୁ, ସେଥିପ୍ରତି ଧ୍ୟାନ ଦିଆଯାଉଛି।



ଉଭୟ ପୋଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରାଯାଇଛି। ବଳଙ୍ଗା ପୋଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ କ୍ରାଇମ ସ୍ପଟର ରୁପା ମୁଦି ଓ ଅଳଙ୍କାର ଦୋକାନୀଙ୍କ ମାଧ୍ୟମରେ ବହୁ ତଥ୍ୟ ହାସଲ କରିଛନ୍ତି। କ୍ରାଇମବ୍ରାଞ୍ଚ ଟିମ୍ ଦିଲ୍ଲୀ ଏମ୍ସରେ ନାବାଳିକାଙ୍କ ବୟାନ ରେକର୍ଡ କରିଛନ୍ତି। ତେବେ ବଳଙ୍ଗା ପୋଲିସ ଓ କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଖୁବ୍ଶୀଘ୍ର ରହସ୍ୟ ଉନ୍ମୋଚନ ହେବ ବୋଲି ଏସ୍‌ପି ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ଗସ୍ତରେ ଯାଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱର ଫେରିବା ପରେ କହିଛନ୍ତି ଯେ ବଳଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସରେ ଭେଟିଥିଲି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝିଥିଲି। ପୀଡ଼ିତାଙ୍କର ● ପୃଷ୍ଠା ୫ ଦେଖନ୍ତୁ

## ସଂସଦ ରତ୍ନ ପୁରସ୍କାରରେ ୧୭ ସାଂସଦ ସମ୍ମାନିତ

# ଭର୍ତ୍ତୃହରିଙ୍କୁ ସ୍ୱତନ୍ତ୍ର ପୁରସ୍କାର

ନୂଆଦିଲ୍ଲୀ, ୨୬।୭: ଶନିବାର ନୂଆଦିଲ୍ଲୀରେ ୧୭ଜଣ ସାଂସଦଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସାଂସଦ ରତ୍ନ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ତେବେ ଓଡ଼ିଶାର ବିଜେପି ସାଂସଦ ଭର୍ତ୍ତୃହରି ମହତାବଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ସାଂସଦମାନଙ୍କ ମଧ୍ୟରେ ବିଜେପିରୁ ରବି କିଷନ, ନିଶିକାନ୍ତ ଦୁବେ ଓ ଦୀନେଶ ଶର୍ମା। ରହିଥିବାବେଳେ କଂଗ୍ରେସରୁ ବର୍ଷା ଗାଏକୱାଡ୍ ଏବଂ ଶିବସେନା ୟୁବିଟିରୁ ଅରବିନ୍ଦ ସାୱନ୍ତ ରହିଛନ୍ତି। ପୁରସ୍କାର ପ୍ରଦାନ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଏହି ପୁରସ୍କାର ହେଉଛି ସାଂସଦଙ୍କ ଉତ୍କୃଷ୍ଟ ପ୍ରଦର୍ଶନର ସ୍ୱୀକୃତି। ଏହି ଅବସରରେ ସେ ସମ୍ମାନିତ ସମସ୍ତ ସାଂସଦଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସମ୍ମାନରେ ୪ଟି ସ୍ୱତନ୍ତ୍ର ଜୁରି ପୁରସ୍କାର ରହିଛି, ଯାହା ଲଗାତାର ୩ଥର ସଂସଦୀୟ ଗଣତନ୍ତ୍ରରେ ସେମାନଙ୍କ ନିରନ୍ତର ଅବଦାନକୁ ସ୍ୱୀକୃତି ଦେଇଥାଏ। ଏନସିପି-ଏସ୍‌ପିରୁ ସୁପ୍ରିୟା ସୁଲେ, ବିଜେପିରୁ ଭର୍ତ୍ତୃହରି ମହତାବ, ରିଭୁଲିସ୍ୟୁନାରି ସୋସାଲିଷ୍ଟ ପାର୍ଟିରୁ ● ପୃଷ୍ଠା ୫ ଦେଖନ୍ତୁ





କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଏମ୍ କେ ଗାନ୍ଧୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ସରକାରଙ୍କ ଆନୁକୂଲ୍ୟରେ ଏକାଦଶଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ବସନ୍ତ କୁମାର ମହାନ୍ତ ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିଥିଲେ ।ଅଧକ୍ଷ ଅଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ ।ଅଧ୍ୟାପକ ବିଦ୍ୟାଧର ଚୌଧୁରୀ,ବଦ୍ରି ନାରାୟଣ ବାରିକ୍,ମନୋଜ କୁମାର ସେଠୀ,ଦିଲ୍ଲିପ କୁମାର ସାହୁ,ସ୍ମିତାରାଣୀ ସାହୁ ପ୍ରମୁଖ ଅଭିଭାଷଣ ରଖିଥିଲେ ।ଅଧ୍ୟାପିକା ଶ୍ରାବଣୀ ଦାସ ସଭା ପରିଚାଳନା କରିଥିଲେ ।ଅଧ୍ୟାପକ ବିବିକେଶରୀ ମାର୍ଥା,ଜଗନ୍ନାଥ ଭୋଇ,କେଦାରଚନ୍ଦ୍ର ପାତ୍ର,ଶିବାସିଷ ଦାସ ପରିଚାଳନାରେ ସହଯୋଗ କରିଥିଲେ ।ପରିଶେଷରେ ଅଧ୍ୟାପିକା ପୁଷ୍ପଲତା ରାୟ ଧନ୍ୟବାଦ ଅର୍ପଣ ଦେଇଥିଲେ ।

# ପତ୍ନୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ୍



କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ଏକ ପତ୍ନୀ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀ ଶୁକ୍ରା ମୁଣ୍ଡାକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ଏକବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ପ୍ରକାଶଯୋଗ୍ୟ ଯେ, ସଦର ଥାନା ପର୍ଜନପୁର ମୁଣ୍ଡାସାହିର ଶୁକ୍ରା ମୁଣ୍ଡା (୩୭) ୪ବର୍ଷ ପୂର୍ବେ ଶୁଭାଗିନୀ ମୁଣ୍ଡା (୨୨)କୁ ବିବାହ କରିଥିଲା । ସେମାନଙ୍କର ଏକ ୩ବର୍ଷର ସନ୍ତାନ ରହିଛି । ଅନେକ ସମୟରେ ମଦ ପିଇ ଶୁକ୍ରା ମୁଣ୍ଡା ପତ୍ନୀ ଶୁଭାଗିନୀଙ୍କ ସହିତ ଝଗଡା ହୋଇଥାଏ । ୨୦୨୧ ମସିହା ଅକ୍ଟୋବର ୨୨ ତାରିଖରେ ଗ୍ରାମରେ ହେଉଥିବା ଲକ୍ଷ୍ମୀପୂଜା ଭସାଣୀ ଉତ୍ସବରେ ଶୁକ୍ରା ମୁଣ୍ଡା ଯୋଗ ଦେବାକୁ ପଳାଇଥିଲେ । ସେଠାରୁ ଫେରିବା ପରେ ପତ୍ନୀ ଘରେ ଭିତର ପଟୁ କବାଟ ବନ୍ଦ କରି ଶୋଇ ପଡିଥିବାରୁ ଶୁକ୍ରା ରାଗି ଯାଇଥିଲା । କବାଟ ଭାଙ୍ଗି ଭିତରକୁ ପଶି ସେ ଏକ ବେଲଚାରେ ପତ୍ନୀର ମୁଣ୍ଡକୁ ପିଟି ଦେଇଥିଲା । ଫଳରେ ପତ୍ନୀ ଶୁଭାଗିନୀର ମୁଣ୍ଡ ଫାଟି ଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଏହି ଘଟଣା ପରେ ରାତି ପ୍ରାୟ ୧୧ଟା ସମୟରେ ଶୁକ୍ରା ମୁଣ୍ଡା ଶ୍ୱଶୁର ଘରକୁ ଯାଇ ପତ୍ନୀ ଅସୁସ୍ଥ ଥିବାରୁ ଡାକ୍ତରଖାନାକୁ ନେବାକୁ ପଡିବ ବୋଲି କହି ଡାକିଥିଲା। ଶ୍ୱଶୁର ପ୍ରଭାକର ମୁଣ୍ଡା ଆସି ଦେଖିବା ବେଳକୁ ତାଙ୍କ ଝିଅ ଶୁଭାଗିନୀ ମରିପଡିଥିବା ଦେଖିଥିଲେ । ଏନେଇ ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଁଚି ମୃତଦେହକୁ ଜବତ କରି ୪୩୪/୨୧ ରେ ମାମଲା ରୁଜୁ ହୋଇଥିଲା । ତଦନ୍ତକାରୀ ଅଧିକାରୀ ସ୍ୱରୂପ ରଞ୍ଜନ ନାୟକ ଅଭିଯୁକ୍ତ ଶୁକ୍ରା ମୁଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ଘଟଣାରେ ୧୪ ଜଣ ସାକ୍ଷୀ ଉପସ୍ଥିତ ହୋଇ ଜମାନବନ୍ଦୀ ଦେଇଥିଲେ। ସାକ୍ଷୀଙ୍କ ବୟାନକୁ ଭିତ୍ତି କରି କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ପତ୍ନୀ ହତ୍ୟାକାରୀ ଶୁକ୍ରା ମୁଣ୍ଡାକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ ।

# ମିଡ୍ ଇଷ୍ଟ ଲଜ୍‌ରେ ଝୁଲନ୍ତା ଶବ ଉଦ୍ଧାର

ବଡ଼ଚଣା(ଭାସ୍କର ନ୍ୟୁଜ): ବଡ଼ଚଣା ଥାନା ଚଣ୍ଡିଖୋଲ ଫାଣ୍ଡି ଅନ୍ତର୍ଗତ ଚଣ୍ଡିଖୋଲ ଛକରେ ଥିବା ହୋଟେଲ ମିଡ୍ ଇଷ୍ଟ ଲଜ୍ ୧୦୧ ନମ୍ବର କୋଠରୀରେ ଝୁଲନ୍ତା ଶବ ଉଦ୍ଧାର ହୋଇଛି। ଖବର ପ୍ରକାଶ ଯେ ମୃତ ବ୍ୟକ୍ତି ଆଜକୁ ୬ ମାସରୁ ଉର୍ଦ୍ଧ୍ୱ ହେବ ରହି ଆସୁଛନ୍ତି। ଶୁକ୍ରବାର ଦିନ ଘଟଣା ଲଜ୍‌ରେ ରହୁଥିବା ବ୍ୟକ୍ତିଙ୍କୁ ବାରମ୍ବାର ଡାକିଲା ପରେ କବାଟ ଖୋଲି ନଥିବାରୁ ଦାୟିତ୍ୱରେ ଥିବା କର୍ମଚାରୀ ମ୍ୟାନେଜରକୁ ଜଣାଇଥିଲେ। ରୁମ୍‌ର ପଛପଟ ଝରକାରେ ଫ୍ୟାନ୍ ରେ ଗାମୁଛା ବେକରେ ଲଗାଇ ଝୁଲନ୍ତା ଅବସ୍ଥା ରେ ଦେଖିବାକୁ ମିଳିଥିଲା। ଲଜ୍ କର୍ମଚାରୀ ମୃତକର ପରିବାର ଏବଂ ଥାନାକୁ ଖବର ଜଣାଇଥିଲେ। ଖବର ପାଇ ଥାନା ଅଧିକାରୀ ମଧୁସ୍ମିତା ବେହେରା , ଫାଣ୍ଡି ଅଧିକାରୀ ସୁରେନ୍ଦ୍ର କୁମାର ଜେନା, ଘଟଣାସ୍ଥଳରେ ପହଂଚି ତଦନ୍ତ ଅଧିକାରୀ ଭାବେ ଶ୍ରୀନିବାସନ ପଙ୍ଗାରି ଥାନା କେଶ୍ ନମ୍ବର ୧୬/୨୫ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ୍ କରି ଥିଲେ। ବିଳମ୍ବିତ ରାତି ହୋଇ ଯିବାରୁ ତଦନ୍ତ ପ୍ରକ୍ରିୟା ଶେଷ ହୋଇ ପାରିନଥିଲା ଫଳରେ ଶନିବାର ସକାଳୁ ଦର୍ପଣ ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ ,କଟକ ଫରେନ୍ ସିକ୍ ଟିମର ଯାଞ୍ଚ ଓ ପୋଲିସ ଅଧିକାରୀ ଙ୍କ ଉପସ୍ଥିତିରେ ଶବକୁ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଇ ଦିଆଯାଇଥିଲା। ପାଖରେ ଥିବା ଗୋଟିଏ ଲାପଟପ୍ ଦୁଇ ଟି ଦାମିକା ମୋବାଇଲ୍ ଜବତ୍ ହୋଇଛି । ମୃତ ବ୍ୟକ୍ତି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ନୂଆ ପାଟଣା,ବାଳକାଟି ଗ୍ରାମର ଗୋବର୍ଦ୍ଧନ ସାହୁଙ୍କ ପୁତ୍ର ଅଲିଫ୍ ସାହୁ (୩୫) ସେ ଦୁଇଟି ବଡ ଦୋକାନ ମୋବାଇଲ୍ ବ୍ୟବସାୟୀ କରୁଥିବା ଓ ୭ ବର୍ଷ ର ପୁତ୍ର ଅଛି ବୋଲି ଜଣାପଡିଛି।

## ଅବଧି ସରି ୩ ବର୍ଷ ବିତିଲା....

# ସରୁନି ରାସ୍ତା ମରାମତି ଓ ନୂତନ ପୋଲର ଆପ୍ରୋଚ୍ ରୋଡ୍ କାମ

## ମରଣଯନ୍ତା ପାଲଟିଛି କାଦୁଅ ରାସ୍ତା, ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପଟ୍ରେଲ ପଞ୍ଚାୟତ ଅଧୀନସ୍ଥ ଚିତାପାରିରୁ ଏମ୍‌ଭି-୩୭ ଗାଁ ପର୍ଯ୍ୟନ୍ତ ୩ ମାସ ପରେ ମଧ ରାସ୍ତା ମରଣଯନ୍ତା ପାଲଟିଛି । ଏହି ୬ କି.ମି. ରାସ୍ତା କାମ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା। ଏସ୍‌ଏମ୍‌ବୀ ନାମକ ଠିକା ସଂସ୍ଥାକୁ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ୨୦୨୧ ନଭେମ୍ବର ୧୧ରେ କାମ ଆରମ୍ଭହୋଇ ୧୦ ଅଗଷ୍ଟ ୨୦୨୨ରେ କାମ ସାରିବାକୁ ଚୁକ୍ତି ହୋଇଥିଲା। ଅବଧି ସରିବାର ୩ ବର୍ଷ ପରେମଧ୍ଧ ଠିକା ସଂସ୍ଥା ପକ୍ଷରୁ କାମ ସରିନାହିଁ ଓ ଉକ୍ତ ରାସ୍ତାରେ ଥିବା ଏକ ପୋଲକୁ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିବାରୁ ଠିକାସଂସ୍ଥା ପକ୍ଷରୁ କାମ ଆରମ୍ଭ କରାଯାଇଥିଲା। ତାହା ଏପ୍ରିଲ ମାସରେ ଶେଷ ହୋଇଥିଲା। ଉକ୍ତ ପୋଲ କାମ ଅତି ନିମ୍ନମାନର ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉକ୍ତ ପୋଲକୁ ସଂଯୋଗ କରୁଥିବା ଉଭୟ ପାର୍ଶ୍ୱର ରାସ୍ତା ନିର୍ମାଣ ନ କରି ସେଠାରେ କେବଳ କିଛି ମାଟି ପକାଇ ଛାଡ଼ି ଦେଇଛନ୍ତି ଠିକା ସଂସ୍ଥା । ରାସ୍ତା ଗତ କିଛିଦିନ ଧରି ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବା ଯୋଗୁ ଏହି ରାସ୍ତା କାଦୁଅ ହୋଇ ରହିଛି। ବର୍ତମାନ ସେହି ରାସ୍ତାଦେଇ ଯାତାୟାତ କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ଓ ପୋଲର ଉଭୟ ପାର୍ଶ୍ୱ ରାସ୍ତାରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଆଣ୍ଠୁଏ ଲେଖାଏ କାଦୁଅ ଭର୍ତ୍ତି ହୋଇ ରହିଛି ଓ ଏହି କାମ ସରିବାର କିଛିଦିନ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଅବସ୍ଥା ଶୋଚନୀୟ ହୋଇଯାଇଛି। ଏହି ରାସ୍ତା ଦେଇ ଯାତାୟାତ କରିବା ସମୟରେ ସ୍ଥାନୀୟ ଗ୍ରାମବାସୀ, ସ୍କୁଲ କଲେଜ ଯାଉଥିବା ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ଖାଲଖମା କାଦୁଅ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଥିବ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ଠିକା ସଂସ୍ଥା ପକ୍ଷରୁ ପୂର୍ବରୁ ନିର୍ମାଣ କରାଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ଏବଂ ଏହି ରାସ୍ତାରେ ଥିବା ପୋଲ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଚିତାପାରି ଗ୍ରାମର ଭକ୍ତରାମ ଦୋରା, ସୁବାସ ପୂଜାରୀ, କୁନି ପୂଜାରୀ , ଲଳିତା ପୂଜାରୀ, ପର୍ଶୁ ଖୋଲ, ପର୍ଶୁରାମ ଭତ୍ରା, ମଙ୍ଗୁଳି ପାଡ଼ାଲ, ଶୁକ୍ରୀ ଖରା, ବାସନ୍ତୀ ପୂଜାରୀ, ମଧୁ ପୂଜାରୀ ଏବଂ ଏମ୍‌ଭି-୧୦୮ ଗ୍ରାମର କୁମରେଶ ସର୍ଦ୍ଦାର, ଜୟଦେବ ଘୋଷ, କ୍ରାନ୍ତି ସୁନ୍ଦର ସରକାର, ସଞ୍ଜୟ କର୍ମକାର, ଦେବ କୁମାର ଘୋଷ, ତପନ ବାଇନଙ୍କ ସମେତ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦାୟିତ୍ୱ ରେ ଥିବା ସହକାରୀ ଯନ୍ତ୍ରୀ ଅସିତ ପାତ୍ରଙ୍କୁ ପଚାରିବାରୁ ସୋମବାର ଦିନ ଘଟଣାସ୍ଥଳକୁ ଯାଇ କାମ ଦେଖିବୁ ଏବଂ ତୁରନ୍ତ ରାସ୍ତା କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି ।

# ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା




ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ସଦର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଆଜି ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ଶକ୍ତି ସଂରକ୍ଷଣ, କୃଷି, ଆବର୍ଜନା ପ୍ରବନ୍ଧନ,ବଳର ପ୍ରକାର, ସଜୀବ ନିର୍ଜୀବ ଉଦ୍ଭିଦ ଓ ମାନବର ଅଙ୍ଗ ପ୍ରତ୍ୟେଙ୍ଗ,ବିଭିନ୍ନ ପ୍ରକାର ଫଳ ଓ ଯାନବାହନ, ଖାଦ୍ୟ ଶସ୍ୟ, ଖାଦ୍ୟଭ୍ୟାସ ଉପରେ ଆଧାରିତ ତିନୋଟି ବିଭାଗର ୮୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଚାରକ ଭାବେ ମିନାପାଇ ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୁର୍ଗା ପ୍ରସାଦ ହୋତା, କେସ୍କାପାଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ରୀନା ପରିଡା, ତଳଚମ୍ପି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଓ ସରସ୍ୱତୀ ଶିଶୁ ମନ୍ଦିରର ପୂର୍ବତନ ଛାତ୍ର ରାକେଶ ଜେନା ବିଚାରକ ଭାବେ ଯୋଗ ଦେଇ ସଠିକ ଭାବେ ମୂଲ୍ୟାଙ୍କନ କରିଥିଲେ। ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ମିନାପାଇ ବାଳିକା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ। କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିବା ବେଳେ ଆଚାର୍ଯ୍ୟା ଅନୁପମା ତୁରୁକ୍ ଓ ଆଚାର୍ଯ୍ୟ ଗୋପୀନାଥ ମହାପାତ୍ର ପରିଚାଳନା ଦାୟିତ୍ୱ ତୁଲାଇ ଥିଲେ।ଏହି କାର୍ଯ୍ୟକ୍ରମ ଉପଲକ୍ଷେ ପରିଚାଳନା ସମିତିର ସଭାପତି ଭି.ନାଗାରାଜୁ, ଉପସଭାପତି ମୋଉତୁସୀ ପ୍ରଧାନ, ସମ୍ପାଦକ ଏକଲବ୍ୟ ଚୌଧୁରୀ,ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ଧନେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିବା ବେଳେ ବାକି ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ ହୋଇଥିବା ଶିଶୁ ଆଗାମୀ ଦିନରେ ସେମିଳିଗୁଡାରେ ହେବାକୁ ଥିବା ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଭାଗ ନେବେ ବୋଲି ଶିଶୁ ମନ୍ଦିର ତରଫରୁ ସୂଚନା ପ୍ରଦାନ କରାଯାଇଛି। ଏହି କ୍ଷେତ୍ରରେ ଶିଶୁ ମନ୍ଦିରର ସମସ୍ତ ଆଚାର୍ଯ୍ୟ,ଆଚାର୍ଯ୍ୟା ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଜନଜାତିଙ୍କ ସଫାସୁତୁରା ଅଭିଯାନ

ମାଲକାନାଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍ ଅଧୀନ ବଣ୍ଡାଘାଟୀରେ ଜନଜାତିର ଲୋକେ ଏକ ସଚେତନତାର ନୂଆ ମିଶାଲ ରଚିଛନ୍ତି । ବର୍ଷା ଦିନରେ ବିଭିନ୍ନ ସଂକ୍ରାମକ ରୋଗ, ବିଶେଷତଃ ପାଣିଜନିତ ରୋଗ, ଗାଁ ଗୁଡିକୁ ବ୍ୟାପିବାର ସମ୍ଭାବନା ବେଶି ଥାଏ । । ଏହାକୁ ଧ୍ୟାନରେ ରଖି ବଣ୍ଡାଘାଟୀର ୯ ଟି ଗାଁର ଗ୍ରାମବାସୀ ମିଳିତ ଭାବେ ନିଜ ଗାଁ ଗୁଡ଼ିକୁ ସଫାସୁତୁରା ରଖିବା ପାଇଁ ସଚେତନତାର ବାର୍ତ୍ତା ପ୍ରଚାର କରୁଛନ୍ତି । ୯ଟି ଗାଁରେ ଆରମ୍ଭହୋଇଛି ସଫାସୁତୁରା ଅଭିଯାନ । ବଣ୍ଡାଘାଟୀର ବଡ଼ପଡ଼ା, ବନ୍ଧଗୁଡ଼ା, ବାଣ୍ଡିଗୁଡ଼ା, ଚାଲାଣଗୁଡ଼ା, ସିଲେଇଗୁଡ଼ା, ଦାନ୍ତିପଡ଼ା, କିର୍ଷାନିପଡ଼ା ଓ ମୁଦୁଲିପଡ଼ା ଇତ୍ୟାଦି ଗାଁର ଲୋକମାନେ ବର୍ଷାକାଳୀନ ରୋଗ ରୋକୁମ ପାଇଁ ଗାଁକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାର ଶପଥ ନେଇଛନ୍ତି । ଗାଁର ପଥ, ଘର ଆଗ, ଜଳସ୍ରୋତ, ଏବଂ ପାଣି ବୋରିଂ ଆସପାସ ସ୍ଥାନକୁ ସଫା କରିବା ପାଇଁ ସେମାନେ ସ୍ୱୟଂଚାଳିତ ଭାବେ କାମ କରୁଛନ୍ତି ଓ ସାଧାରଣତଃ ଅନ୍ୟାନ୍ୟ ଗ୍ରାମରେ ସ୍ୱଚ୍ଛତା ପାଇଁ ସରକାରୀ ପଦକ୍ଷେପ ନେଉଥିବା ଦେଖାଯାଏ, କିନ୍ତୁ ବଣ୍ଡାଘାଟୀର ଜନଜାତି ଲୋକମାନେ ସ୍ୱଇଚ୍ଛାରେ ଏହି ଅଭିଯାନ ଆରମ୍ଭ କରିଥିବାଟି ଗାଁରେ ସଚେତନତାର ସ୍ତରକୁ ପ୍ରକାଶ କରୁଛି। ବଣ୍ଡାଘାଟିର ଏହି ପଦକ୍ଷେପ ଅନ୍ୟାନ୍ୟ ଗ୍ରାମ ଓ ସମାଜ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ହେବ । ଜନଜାତି ଲୋକଙ୍କ ସ୍ୱଚ୍ଛତା ପ୍ରତି ଆଗ୍ରହ ଓ ସ୍ୱଇଚ୍ଛାରେ ଗାଁକୁ ସ୍ୱଚ୍ଛ ରଖିବାର ଏହି ଚେଷ୍ଟା, ଗ୍ରାମ ସମାଜରେ ନୂଆ ମନୋଭାବ ଜନ୍ମାଇବାରେ ସାହାଯ୍ୟ କରିବା ଆଶା କରାଯାଉଛି।

# ମଝିଖଣ୍ଡରୁ ମାଧବ କେନାଲ ସଫେଇ ନିମ୍ନମାନର



## ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଅଭିଯୋଗ

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଜଳସେଚନ ଅଧୀନରେ ମଝିଖଣ୍ଡରୁ ମାଧବ କେନାଲ ସଫେଇ ହେଉଥିଲେ ମଧ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର ସଫେଇ କରାଯାଇ ମୋଟା ଅଙ୍କର ଅର୍ଥ କେଳେଙ୍କାରୀ କରାଯାଉଛି। ଏମିତିକି କେନାଲରେ ଥିବା ଦଳ, ପଙ୍କ, ସଫାକରା ନଯାଇ ନାମକୁ ମାତ୍ର ମେସିନ ପକାଇ ସଫାକରିବା ଆଳରେ ଉପରେ ଉପରେ ଘସିନିଆଯାଉଛି। ମଝିଖଣ୍ଡରୁ ଚିତ୍ତରଞ୍ଜନ ସେବାସଦନ ପର୍ଯ୍ୟନ୍ତ ନିଆଳି ବଜାରରୁ ବର୍ଜ୍ୟବସ୍ତୁ ଗୁଡିକ କେନାଲରେ ପଡିରହିଥିବାବେଳେ ଏହାକୁ ସଠିକ ଭାବରେ ସଫାକରାଯାଉନାହିଁ। ନିଆଳି ଜଳସେଚନ ବିଭାଗ ଆଗରେ କେନାଲରେ ବ୍ୟବସ୍ଥା ଯଦି ଏଭଳି,ଅନ୍ୟ କେନାଲଗୁଡିକରେ ବ୍ୟବସ୍ଥା ଥିବ କିଭଳି, ସବୁଠୁ ବଡ ଘଟଣା ଦେଖିବାକୁ ମିଳିଛି କେନାଲରେ ଚାଷୀଙ୍କ ପାଇଁ ପାଣି ଆସିଥିବା ବେଳେ ଜଳସେଚନ ବିଭାଗ ଆଗରେ ଜଣେ ପ୍ରଭାବସାଳି ବ୍ୟକ୍ତି ୧୫ଫୁଟ ର ଚଉଡା ଓ ୧୨ଫୁଟ ର ଲମ୍ବା କେନାଲ ମଝିରେ ରାସ୍ତା ନିର୍ମାଣ କରି ନିଜ ସ୍ୱାର୍ଥ ପାଇଁ ଚାଷୀଙ୍କୁ ଜଳାଞ୍ଜଳି ଦେଇ ଏକ ବିରାଟ ଅଟାଳିକା ନିର୍ମାଣ କରୁଛନ୍ତି। ଜଳସେଚନ ବିଭାଗରେ ଯନ୍ତ୍ରୀ ଜ୍ୟୋତିରଞ୍ଜନ ନାଏକ ସଂପୃକ୍ତ ଠିକାଦା ଙ୍କ ସହିତ କି ସମ୍ପର୍କ ରଖିଛନ୍ତି। ସ୍ଥାନୀୟ ଲୋକେ ଓ ଶହ ଶହ ଚାଷୀ ଅଭିଯୋଗ କଲେ ମଧ କେନାଲରୁ ଜବରଦଖଲ ହଟା ଯାଉନାହିଁ। ଏହି ଯନ୍ତ୍ରୀ ଜଣଙ୍କ ୩ବର୍ଷରୁ ଉର୍ଦ୍ଧ୍ୱ ନିଆଳୀରେ ରହି ପୂର୍ବ ସରକାର ଙ୍କ ସମୟ ରେ ନିଜ ପ୍ରଭାବ ବିସ୍ତାର କରି ମୋଟା ଅଙ୍କର ଅର୍ଥ ରୋଜଗାର କରି ଚାରିଚକିଆ ସୌକିନ ଯାନ ଯାତାୟତ କରୁଛନ୍ତି। ଏବେକା ସରକାର ରେ କୁଜିନେତାଙ୍କୁ ଧରି ବଡ ବଡ଼ ଠିକାଦାର ଙ୍କ ଠାରୁ ନିଜ କ୍ଷମତକୁ ଅପବ୍ୟବହାର କରି କୁଜି ନେତାଙ୍କୁ ଧରି ଠିକାଦାରୀ ସାଜିଛନ୍ତି। ଏତେ କମ ସମୟରେ ଯନ୍ତ୍ରୀ କୋଟିପତି ହେଲେ କିପରି ? ଏହାର ଭିଜିଲାନ୍ସ ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ପ୍ରକାଶ ପାଇବ।

# ଗ୍ରାହୀ ହାଇଟେକ୍ ନର୍ସିଂହୋମ୍‌ରେ ସରକାରୀ ଅନୁମୋଦିତ ଗର୍ଭପାତ ଓ ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ର ଉଦ୍‌ଘାଟିତ

ବାରିପଦା:(ଭାସ୍କର ନ୍ୟୁଜ): ମୟୁରଭଞ୍ଜ ଜିଲ୍ଲାର ମହିଳା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ, ଆଜି ଗ୍ରାହୀ ହାଇ-ଟେକ୍ ନର୍ସିଂହୋମ୍‌ରେ ସରକାରୀ ଅନୁମୋଦିତ ଗର୍ଭପାତ ଓ ଅଲ୍ଟ୍ରାସାଉଣ୍ଡ କେନ୍ଦ୍ରର ଉଦ୍‌ଘାଟନ ହୋଇଛି। ଏହି କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି ଲୋକପ୍ରିୟ ଓଡିଶା ର ଗୃହ ଓ ନଗର ବିକାଶ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର। ଉଦ୍‌ଘାଟନ ସମୟରେ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର କହିଲେ,'ଗାଁ ଓ ସହର ମଧ୍ୟରେ ସ୍ୱାସ୍ଥ୍ୟ ସୁବିଧା ଭାଗିଦାରି ରହିବା ଉଚିତ। ଗର୍ଭପାତ ଏବଂ ଗର୍ଭ ନିର୍ଣ୍ଣୟ ସହିତ ଜଡିତ ସେବାଗୁଡ଼ିକ ନିମନ୍ତେ ସାବଧାନ ହେବା ଆବଶ୍ୟକ, ତେଣୁ ଏହି କେନ୍ଦ୍ର ଏକ ଶ୍ରେଷ୍ଠ ଉଦାହରଣ ରୂପେ ସ୍ଥାପିତ ହେବ।' ଏହି କେନ୍ଦ୍ରରେ ଅଧୁନିକ ମେଡିକାଲ ଉପକରଣ ଓ ପ୍ରଶିକ୍ଷିତ ଚିକିତ୍ସକ ଦ୍ୱାରା ସେବା ଦିଆଯିବ। ମହିଳା ଚିକିତ୍ସାରେ ବିଶେଷଜ୍ଞ ଡାକ୍ତରମାନେ ରହିବେ, ଯେଉଁମାନେ ଗୁପ୍ତତା ଓ ମାନବିକତା ସହିତ ଚିକିତ୍ସା କରିବେ। ଶ୍ରୀ ଦୀପକ ପାଣିଗ୍ରାହୀ, ମ୍ୟାନେଜିଂ ଡାଇରେକ୍ଟର, ଏହି ଅବସରରେ କହିଲେ,'ମୋ ଲକ୍ଷ୍ୟ ହେଉଛି ଯେଉଁ ଅଞ୍ଚଳରେ ଅନେକ ମହିଳା ସଠିକ୍ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି, ସେଠାରେ ସୁବିଧା ପହଞ୍ଚେଇବା। ଏହି କେନ୍ଦ୍ର ସେହି ଦିଗରେ ଏକ ବଡ଼ ପଦକ୍ଷେପ।'ସ୍ଥାନୀୟ ବାସିନ୍ଦା, ସମାଜସେବୀ, ଏବଂ ମହିଳା ସଂଗଠନର ସଦସ୍ୟମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଏହା ଅଞ୍ଚଳର ଲାଜ ଓ ଆଶଙ୍କା ଭାଙ୍ଗି ମହିଳାଙ୍କୁ ସ୍ୱାସ୍ଥ୍ୟ ସେବା ଦିଆଯିବା ଦିଗରେ ଏକ ବଡ଼ ପଦକ୍ଷେପ। ଏହି କେନ୍ଦ୍ରରେ ନିୟମିତ ଭାବେ ଗର୍ଭ ଚେକଅପ୍, ଅଲ୍ଟ୍ରାସାଉଣ୍ଡ ସ୍କ୍ରିନିଂ, ବୈଧ ଗର୍ଭପାତ ପ୍ରକ୍ରିୟା, ଓ ସମ୍ବନ୍ଧିତ ପରାମର୍ଶ ସେବା ମିଳିବ। ଆଗାମୀ ଦିନରେ ଏହି ସେବା ବିସ୍ତାର କରାଯିବ ବୋଲି ଅଧିକାରୀମାନେ ଜଣାଇଛନ୍ତି। ଉଦ୍‌ଘାଟନ ସମାରୋହରେ ଡ଼ଃ ମହାପାତ୍ର ମହିଳା ସ୍ୱାସ୍ଥ୍ୟ ଓ ପ୍ରଜନନ ଅଧିକାର ରକ୍ଷା ପାଇଁ ଏହି ପ୍ରକାର କେନ୍ଦ୍ରର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସେ ଗ୍ରାହୀ ପକ୍ଷରୁ ଏହି ସୁବିଧା ଆଣିବା ପ୍ରୟାସକୁ ସାଧୁବାଦ ଦେଇଛନ୍ତି ।ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ଦୀପକ ପାଣିଗ୍ରାହୀ ଙ୍କ ନେତୃତ୍ୱରେ ଚାଲିଥିବା ଗ୍ରାହୀ ହାଇ-ଟେକ୍ ନର୍ସିଂ ହୋମ୍ ସ୍ଥାନୀୟ ଅଞ୍ଚଳରେ ଗୁଣବତ୍ତାପୂର୍ଣ୍ଣ ଓ ନୀତିମୂଳକ ସ୍ୱାସ୍ଥ୍ୟସେବା ଦେବା ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି। ଏହି କେନ୍ଦ୍ର ଅନୁସୂଚିତ ଏମ.ଟି.ପି ଆଇନ ଅନୁଯାଇ ସୁରକ୍ଷିତ ଓ ବୈଧ ଗର୍ଭପାତ ସେବା ସହିତ ଅଧୁନିକ ଅଲ୍ଟ୍ରାସାଉଣ୍ଡ ସୁବିଧା ପ୍ରଦାନ କରିବ। ଉଦ୍‌ଘାଟନ ପରେ ଦୀପକ ପାଣିଗ୍ରାହୀ ମନ୍ତ୍ରୀ, ସ୍ଥାନୀୟ ବାସିନ୍ଦା, ସାମ୍ବାଦିକ ବନ୍ଧୁ ଓ ସ୍ୱାସ୍ଥକର୍ମୀ ପ୍ରତି କୃତଜ୍ଞତା ଜଣାଇଲେ ଏବଂ ଦାୟିତ୍ୱବୋଧ ସହିତ ସମସ୍ତଙ୍କୁ ଗୁଣବତ୍ତାପୂର୍ଣ୍ଣ ଓ ସୁନିଶ୍ଚିତ ସ୍ୱାସ୍ଥ୍ୟ ସେବା ଦେବା ପାଇଁ ନିଶ୍ଚୟ ପ୍ରତିଶ୍ରୁତି ବ୍ୟକ୍ତ କଲେ ।ଏହି କେନ୍ଦ୍ରର ଆରମ୍ଭ ଦ୍ୱାରା ବାରିପଦା ଓ ତାହାର ଆଖପାଖ ଅଞ୍ଚଳର ମହିଳାମାନେ ବୈଧ ଓ ସୁରକ୍ଷିତ ଚିକିତ୍ସା ସୁବିଧା ପାଇବେ, ଯାହା ଜନସ୍ୱାସ୍ଥ୍ୟରେ ଏକ ମାଇଲ ଷ୍ଟୋନ୍ ରୂପେ ପ୍ରତିଷ୍ଠିତ ହେବ। ଉପସ୍ଥିତ ସ୍ଥାନୀୟ ବାସିନ୍ଦା, ସ୍ଥାନୀୟ ନେତା, ଡାକ୍ତରମାନେ ଏବଂ ଏହି ଅଞ୍ଚଳର ସ୍ୱାସ୍ଥ୍ୟ ନିମନ୍ତେ କାମ କରୁଥିବା କାର୍ଯ୍ୟକର୍ତ୍ତାମାନେ ଏହି ଉଦ୍‌ଘାଟନ ଅବସରକୁ ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଐତିହାସିକ ଦିନ ବୋଲି ଅଭିବ୍ୟକ୍ତି ଦେଇଛନ୍ତି।



# ରଣ୍ଡିମହୁଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କଲେ ବ୍ଲକ ଶିକ୍ଷା ଅଧିକାରୀ




କନ୍ଧମାଳ (ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ରଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ଆଜି କନ୍ଧମାଳ ବ୍ଲକ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳି ରଣ୍ଡିମହୁଲ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିଲେ । ବିଦ୍ୟାଳୟ ତରଫରୁ ପ୍ରଥମେ ବିଇଓ ଅଶୋଭା ରଞ୍ଜନ ମାଳି ଓ ଏବିଇଓ ଦୁର୍ଗା ଚରଣ ପ୍ରଧାନଙ୍କୁ ଫୁଲତୋଡ଼ା, ଉପଢୌକନ ଦେଇ ସ୍ୱାଗତ, ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଭିନ୍ନ ଶ୍ରେଣୀକୁ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢା, ମାଧ୍ୟାହ୍ନ ଭୋଜନ ତଥା ବିଭିନ୍ନ ସମସ୍ୟା ଆଦି ବିଷୟରେ ପଚାରି ବୁଝିଥିଲେ । ପରେ ବିଦ୍ୟାଳୟର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ଆଲୋଚନାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗନ୍ନାଥ ମହାପାତ୍ର, କେଙ୍କମାଞ୍ଜି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱାଧୀନ କୁମାର ସାହୁ, ସହକାରୀ ଶିକ୍ଷକ ଅଙ୍କୁର ପ୍ରଧାନ, ଆଲୋକ କୁମାର ସାହୁ, ଦେଶବନ୍ଧୁ ବାରିକ,ଶିକ୍ଷୟିତ୍ରୀ ପ୍ରିୟମ୍ବଦା ସାହୁ, କାଦମ୍ବିନୀ ସେଠି,ଏସଏମସି ସଭାପତି ଦେବେନ୍ଦ୍ର ସାହୁ,ପୂର୍ବତନ ଏସଏମସି ସଭାପତି ପୂର୍ଣ୍ଣ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ସମସ୍ୟା ଉପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବି ବୋଲି କହିଥିଲେ ।

# ହାଇଦ୍ରାବାଦ ଯାଉଥିବା ଘରୋଇ ବସ୍ ଯାତ୍ରୀଙ୍କ ଠାରୁ ଅଧିକ ଭଡ଼ା ଆଦାୟ ଅଭିଯୋଗ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାର ସଦର ଠାରୁ ଯାଉଥିବା ହାଇଦ୍ରାବାଦ ଘରୋଇ ବସ ମାଲିକ ଏବଂ କର୍ମଚାରୀଙ୍କ ଜୁଲମ ଦିନକୁ ଦିନ ବଢ଼ିବାରେ ଲାଗିଛି । ଜିଲ୍ଲାରେ ଯାତ୍ରୀଙ୍କ ଠାରୁ ଅନେକ ସମୟରେ ଭଡା ଆକାରରେ ଅଧିକ ଅର୍ଥ ନିଆଯିବା ସହ ବସ୍ କର୍ମଚାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ ହୋଇଛି । ସେହିପରି କ୍ଷମତା ଠାରୁ ଅଧିକ ଯାତ୍ରୀ ନେଉଥିବା ଅଭିଯୋଗ ମଧ ହୋଇଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ଦେଇ ହାଇଦ୍ରାବାଦକୁ ଯାଉଥିବା ଅନେକ ଘରୋଇ ବସ୍‌ରେ ନିତିଦିନ ମାଲକାନଗିରି ଜିଲ୍ଲାର ଅନେକ ଯାତ୍ରୀ ଯାତାୟାତ କରନ୍ତି ଓ ତେବେ ଏହି ଘରୋଇ ବସ ଗୁଡିକରେ ଯାଉଥିବା ଅଧିକାଂଶ ଯାତ୍ରୀ ଶ୍ରମିକ ଶ୍ରେଣୀର ହୋଇଥିବା ବେଳେ ଏହି ବସ ମାଲିକ ଓ କର୍ମଚାରୀ ମାନେ ଯାତ୍ରାଙ୍କ ଠାରୁ ଟିକେଟ ବାବଦକୁ ମନଇଚ୍ଛା ଅର୍ଥ ନେଇ ବସିବା ପାଇଁ ସିଟ ଦିଆଯିବ କହି ଟିକେଟ ଦିଅନ୍ତି ନାହିଁ କି ବସିବା ପାଇଁ ଉପଯୁକ୍ତ ସିଟ ଦିଅନ୍ତି ନାହିଁ । ବସ୍‌ରେ ଥିବା ସିଟ ସଂଖ୍ୟା ଠାରୁ ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ବସ୍‌ରେ ନେଇ ନିୟମକୁ ଖୋଲାଖୋଲି ଉଲ୍ଲଘନ କରାଯାଉଛି । କୌଣସି ଉପାୟ ନ ପାଇ ନିରୀହ ଯାତ୍ରୀ ନିରବ ରହିବା ସହ ବାଧ ହୋଇ କୌଣସି ଷ୍ଟୁଲ କିମ୍ବା ତଳେ ପଟି ପକାଇ ବସି ଯାତ୍ରା କରିବାକୁ ବାଧ ହେଉଛନ୍ତି । ତ୍ରିପାଠୀ ନାମକ ଏକ ଘରୋଇ ବସ ବିରୋଧରେ ଅନୁରୂପ ଅଭିଯୋଗ ଆସିଛି। ୩୬ ଯାତ୍ରୀଙ୍କ ବସିବା ପାଇଁ ସ୍ଥାନ ରହିଥିବା ବେଳେ ପ୍ରାୟ ୮୦ ଯାତ୍ରୀଙ୍କୁ ଏହି ବସରେ ନିଆଯାଉଥିବା ବେଳେ ଗୋଟିଏ ଗୋଟିଏ ସିଟରେ ୩ ଜଣଙ୍କୁ ବସା ଯାଉଥିବା ଦେଖିବାକୁ ମିଳିଛି । ଛୋଟ ଛୁଆଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦିନକୁ ଦିନ ହାଇଦ୍ରାବାଦକୁ ଯାଉଥିବା ଘରୋଇ ବସ୍ ଗୁଡିକରେ ଶୋଷଣ ବଢିବାରେ ଲାଗିଥିବା ବେଳେ ଏନେଇ ସେଭଳି କୌଣସି ଠୋସ୍ ପଦକ୍ଷେପ ନିଆଯାଉଥିବା ଦେଖିବାକୁ ମିଳୁନାହିଁ। ବିଗତ ଦିନରେ ବିଭିନ୍ନ ଖବରକାଗଜରେ ନିଉଜ୍ ପ୍ରକାସନ ପରେ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ବସ୍ ଯାଞ୍ଚ କରି ୨ ରୁ ୪ ହଜାର ପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯାଇଛି ସତ । ହେଲେ ବସ୍ ମାଲିକଙ୍କ ବିରୁଦ୍ଧରେ ସେପରି କୌଣସି ବିହୀତ ପଦକ୍ଷେପ ନିଆଯାଇନାହିଁ। କିଛି ମାସ ପୂର୍ବେ ଏକ ଘରୋଇ ବସ୍ ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ନେଇ ଯାଉଥିବା ବେଳେ ବ୍ରେକ୍ ଫେଲ ହୋଇ ଦୁର୍ଘଟଣାର ଶିକାର ହୋଇଥିଲା । ଅନେକ ଯାତ୍ରୀ ଆହତ ମଧ ହେଇଥିଲେ । ପ୍ରଶାସନ ପକ୍ଷରୁ ଏ ନେଇ ଦୃଢ ପଦକ୍ଷେପ ନିଆଯିବାକୁ ସଧାରଣ ରେ ଦାବି ହେଉଥିବା ବେଳେ ଦେଖିବାକୁ ବାକି ରହିଲା ଜିଲ୍ଲାର ପରିବହନ ବିଭାଗ କରୁଛି କଣ ?

# ଭଉଁରିଆ ସେତୁ ଉପରେ ଭାରିଯାନ ଚଳାଚଳ ଉପରେ ପ୍ରତିବନ୍ଧକ



## ସ୍ଥିତି ପରଖିଲେ ଉପଜିଲ୍ଲାପାଳ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ): ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷକ ଯନ୍ତ୍ରୀ ନିମାପଡ଼ାଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ବିଚାର କରି, ସୁରକ୍ଷା ଦୃଷ୍ଟିକୋଣରୁ ଅସ୍ତରଙ୍ଗରୁ ପାଟସୁନ୍ଦରପୁର ଓ ନଗର ଯାଇଥିବା ରାସ୍ତାର 'ଭଉଁରିଆ ନାଳ (ପୁରୁଣା ସେତୁ) ଏଚ ଏଲ ସେତୁ' ଉପରେ ଭାରୀ ଯାନବାହାନ ଚଳାଚଳକୁ ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ତୁରନ୍ତ ପ୍ରତିବନ୍ଧକ ଲଗାଇଛନ୍ତି। ଶୁକ୍ରବାର ଅପରାହ୍ନରେ ପୁରୀ ଉପଜିଲ୍ଲାପାଳ ରାଜ କିଶୋର ଜେନା,ଅଧିକ୍ଷଣ ଯନ୍ତ୍ରୀ ମୌସୁମୀ ମିଶ୍ର, କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡ଼ିଓ ତ୍ରିଲୋଚନ ପାତ୍ର,କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡ଼,ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ସେତୁର ସ୍ଥିତି ଅନୁଧ୍ୟାନ କରିଥିଲେ ।ସାଧାରଣ ଜନତା ସୁରକ୍ଷା ଦୃଷ୍ଟି ରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପୁରୁଣା ସେତୁ ଦେଇ ଭାରୀ ଯାନବାହାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏହି ସ୍ଥାନରେ ଆବଶ୍ୟକୀୟ ସାଇନେଜ୍ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ।।।।।। 'ଚାଷୀଙ୍କ ହକ୍‌ପାଇଁ ଲଢେଇ ଜାରି ରହିବ' ।।।।।।

ବରଗଡ଼ (ଭାସ୍କର ନ୍ୟୁଜ): ସ୍ଥାନୀୟ ମହାରାଜା ହୋଟେଲ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ କଂଗ୍ରେସ କିସାନ ସେଲର ରାଜ୍ୟ ସଭାପତି ଅଭୟ ସାହୁ ଯୋଗଦେଇ ଚାଷୀମାନଙ୍କ ହକ ପାଇଁ ସାରା ରାଜ୍ୟ ଭ୍ରମଣ କରୁଥିବା ଦର୍ଶାଇଥିଲେ। ଏହି ପରିପ୍ରେକ୍ଷୀରେ ଚାଷୀମାନଙ୍କ ହକ ପାଇଁ ବରଗଡ ରୁ ହିଁ ମୋର ଆନ୍ଦୋଳନ ଆରମ୍ଭ ହେବ ଏବଂ ବରଗଡ଼ର ସମସ୍ତ ୧୨ ଗୋଟି ବ୍ଲକକୁ ଯାଇ ଚାଷୀ ମାନଙ୍କୁ ସେମାନଙ୍କ ହକ ପାଇଁ ଏକଜୁଟ କରିବା ମୋର ଲକ୍ଷ୍ୟ । ମୁଖ୍ୟତଃ ତିନୋଟି ପ୍ରସଙ୍ଗ ଉପରେ ୫୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ଚାଷୀଙ୍କୁ ମାସିକ ଦଶ ହଜାର ଟଙ୍କା ପେନସନ, ଚାଷୀର ଉତ୍ପାଦିତ ଶସ୍ୟ ବିନା କଟନି ଛଟନି ବିନା ଟୋକନରେ ଉଚିତ ମୂଲ୍ୟରେ ସରକାର ଚାଷୀମାନଙ୍କ ପାଖକୁ ଯାଇ ବଳକା ଫସଲ କିଣିବେ, ଚାଷୀ ଓ ତାଙ୍କ ପରିବାର ର ସୁରକ୍ଷା ସମ୍ପୂର୍ଣ୍ଣ ଭାବେ ସରକାର ନିଜ ହାତକୁ ନେବେ ଏହି ତିନୋଟି ପ୍ରସଙ୍ଗ ଉପରେ ସମସ୍ତ ଜିଲ୍ଲାପାଳମାନଙ୍କୁ ଏବଂ ସରକାରଙ୍କ ଠାରେ ପ୍ରଦେଶ କଂଗ୍ରେସ କିଷାନ ସେଲ ଦାବି ଉପସ୍ଥାପନ କରିବ ବୋଲି ଶ୍ରୀ ସାହୁ କହିଥିଲେ । ସ୍ୱାଧିନତା ପରଠାରୁ କଂଗ୍ରେସ ସରକାର କେବେ ଚାଷୀମାନଙ୍କ ହକ ଅଧିକାରକୁ ହତାଦର କରିନଥିଲା। ଚାଷ ଓ ଚାଷୀମାନଙ୍କ ପ୍ରତି ରହିଥିବା ସମ୍ବେଦନଶୀଳ ଆଜି ଭି କଂଗ୍ରେସ ଅତୁଟ ରଖିଛି ଏବଂ ଭବିଷ୍ୟତରେ ମଧ ଚାଷୀଙ୍କ ସହିତ ରହିବ ବୋଲି ଶ୍ରୀ ସାହୁ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଉକ୍ତ ପ୍ରସଙ୍ଗ ଉପରେ ଜିଲ୍ଲାପାଳ ଙ୍କ ଠାରେ ଦାବି ଉପସ୍ଥାପନ କରିବ ଏବଂ ଏହା ପୁରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରଗଡ ଜିଲ୍ଲା କିସାନ ସେଲ ସଭାପତି ଗୁଣମଣି ସାହୁ, କଂଗ୍ରେସ ନେତା ସରୋଜ କୁମାର ଷଡଙ୍ଗୀ, ସୁଶାନ୍ତ ସାହୁ, ଶିତିକଣ୍ଠ ମହାନ୍ତି,ଅରୁଣ ଜେନା,ତପନ ମିଶ୍ର, କିଶୋର ସାହୁ,ବିମଳ ଶିକ୍କା, ଶୁଶାନ୍ତ ଭୋଇ, ଅବଦୁଲ ଗଫାର ଖାଁ ଓ ଆହୁରି ଅନେକ ଯୋଗ ଦେଇଥିଲେ । ଶେଷରେ ସଂପାଦକ ପ୍ରତାପ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



କଟକ(ଭାସ୍କର ନ୍ୟୁଜ୍): ଜଷ୍ଟିସ ବୀରକିଶୋର ରାୟ ସ୍ମାରକୀ କମିଟି ପକ୍ଷରୁ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ସହଯୋଗରେ ଓଡ଼ିଶା ହାଇକୋର୍ଟର ୭୭ତମ ସ୍ଥାପନା ଦିବସ ଏବଂ ସ୍ୱର୍ଗତ ବୀରକିଶୋର ରାୟଙ୍କର ୬୭ତମ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଛି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ, ହାଇକୋର୍ଟର ବିଚାରପତି ଏବଂ ବରିଷ୍ଠ ଆଇନଜୀବୀ ଓଡ଼ିଶା ହାଇକୋର୍ଟ ପରିସରରେ ଅବସ୍ଥିତ ସ୍ୱର୍ଗତଃ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ହାଇକୋର୍ଟ ବାର ଆସୋସିଏସନର ସମ୍ମିଳନୀ କକ୍ଷରେ ବାରର ସଭାପତି ମନୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ହାଇକୋର୍ଟର ସ୍ଥାପନା ଦିବସ ଏବଂ ଜଷ୍ଟିସ ବୀରକିଶୋର ରାୟଙ୍କର ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ୭୭ବର୍ଷ ମଧ୍ୟରେ ଓଡ଼ିଶା ହାଇକୋର୍ଟ ବିଚାରର ବିଭିନ୍ନ କ୍ଷେତ୍ରରେ ତଥା ପେପରଲେସ ଠାରୁ ଆରମ୍ଭ କରି ଡିଜିଟାଲ ମାଧ୍ୟମରେ ସମସ୍ତ ରେକର୍ଡ଼ପତ୍ର ସୁରକ୍ଷିତ ରଖିବା ପାଇଁ ସମଗ୍ର ଭାରତବର୍ଷରେ ସର୍ବପ୍ରଥମ ଭୂମିକା ଗ୍ରହଣ କରିଆସିଛି ବୋଲି କହିଥିଲେ । ହାଇକୋର୍ଟର ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

## ଯୁଗପୁରୁଷ ପୂଜ୍ୟ ବାଜପେୟୀଜୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ

# ଅଟଳ ଜୀ ଜନତାଙ୍କ ମନର ନେତା ଥିଲେ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯେତେବେଳେ ବି ଅଟଳ ବିହାରୀ ବାଜପେୟୀଙ୍କ କଥା ଆଲୋଚନା ହେବ, 'ପୋଖରାନ ପରମାଣୁ ପରୀକ୍ଷଣ' ଏବଂ 'କାର୍ଗିଲ ବିଜୟ' କଥା ସର୍ବାଗ୍ରେ ଆସିବ। ଅଟଳଜୀ କେବଳ ଏକ ରାଜନେତା ନୁହଁ, ସେ ଜନମାନସର ହୃଦୟରେ ଥିବା ଏକ ଅଭିନ୍ନ ଅନୁଭୂତି । ଅଟଳ ଯୁବଶକ୍ତି ଅନୁଷ୍ଠାନ, ଯୁଗ ପୁରୁଷ ପୂଜ୍ୟ ବାଜପେୟୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏକ ସ୍ୱତନ୍ତ୍ର ସମାରୋହ ତଥା ଓଡିଶାର ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଭା ମାନଙ୍କୁ ସମ୍ମାନିତ କରିବା ଏକ ଅନନ୍ୟ ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ଜୟଦେବ ଭବନ ଠାରେ ଅଟଳ ଯୁବଶକ୍ତି, ଓଡ଼ିଶା ପକ୍ଷରୁ ଆୟୋଜିତ ଅଟଳ ପ୍ରତିଭା ସମ୍ମାନ-୨୦୨୫ ଉତ୍ସବ ଅବସରରେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅଟଳଜୀଙ୍କ ଓଡ଼ିଶାପ୍ରତି ପ୍ରଗାଢ ଭଲପାଇବା ଥିଲା। ସେ ଅନେକ ସମୟରେ ଓଡ଼ିଶା ପାଇଁ ରାସ୍ତା, ରେଳପଥ, ଶିକ୍ଷା, ଔଦ୍ୟୋଗିକ ରୂପାନ୍ତରଣ ଆଦି ରେ ଏକ ନୂଆ ଯୁଗର ଆରମ୍ଭ କରିଥିଲେ। ତାଙ୍କ ଯୁଗ ହେଉଛି ସୁଜଲାମ୍ ସୁଫଳାମ୍ ଭାରତର ପ୍ରତୀକ। ସେହି ଯୁଗପୁରୁଷଙ୍କ ସ୍ମରଣରେ ଏହି ସ୍ମରଣିକା 'ଯୁଗଜନ୍ମା ଅଟଳ' ଦ୍ୱାରା ଅଟଳଜୀଙ୍କ ଜୀବନ, ଚିନ୍ତାଧାରା, ସଂସ୍କୃତି, ଦୃଷ୍ଟିକୋଣ, ତାଙ୍କ ଦୃଢ଼ ପଦକ୍ଷେପ ଓ ଦେଶପ୍ରେମ ଉପରେ ଆଧାରିତ ଗୁରୁତ୍ୱପୂର୍ଣ୍ଣ ଲେଖାମାନେ ସଂପ୍ରେକ୍ଷଣ କରିବାକୁ ଚେଷ୍ଟା କରାଯାଇଛି। ଏହା କେବଳ ସ୍ମୃତି ନୁହଁ, ଏହା ଏକ ଦିଗଦର୍ଶନ-ଏକ ଅଟଳ ମାର୍ଗ ଯାହା ଆସନ୍ତା ପିଢିଙ୍କୁ ଅନୁପ୍ରେରଣା ଦେବ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ତାଙ୍କ ଜୀବନର ଗାଥା ଭାରତ ରାଜନୈତିକ ଇତିହାସରେ ଅଦ୍ୱିତୀୟ। ସେ ଏକ ଦଳର ପ୍ରତିନିଧି ଥିଲେ, କିନ୍ତୁ ଜନତାଙ୍କ ମନର ନେତା ଥିଲେ। ତାଙ୍କର ଶାସନକାଳ ହେଉ ବା ବିପକ୍ଷ ଜୀବନ - ସେ ସଦା ସତ୍ୟ, ନ୍ୟାୟ ଓ ରାଷ୍ଟ୍ରପ୍ରେମର ମୂର୍ତ୍ତିମାନ ଉଦାହରଣ ଥିଲେ। ସେ ଥିଲେ ଅଜାତଶତ୍ରୁ। ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ସମ୍ମାନ ଦେଉଥିଲେ। ସେ ପୁଣି କହିଥିଲେ ଅଟଳଜୀଙ୍କ ସଦା ସର୍ବଦା ଯୁବ ଶକ୍ତି ଉପରେ ଅଗାଧ ଆଶା ଓ ବିଶ୍ୱାସ ଥିଲା। ଅଟଳଜୀ ମାନୁଥିଲେ-ଯୁବ ପିଢି କେବଳ ଆଗାମୀ ନୁହେଁ, ବରଂ ବର୍ତ୍ତମାନର ନୈତିକ ଶକ୍ତି ଓ ପରିବର୍ତ୍ତନର ନାୟକ। ଆମେ ଯଦି ଅଟଳଜୀଙ୍କ ପଥ ଅନୁସରଣ କରିବାକୁ ଚାହୁଁଛୁ, ତେବେ ଆମେ ଯୁବପିଢି ଭାବେ ନିଜ ଜୀବନକୁ ନୀତି, ସଂଗଠନ, ଶିକ୍ଷା ଓ ଦେଶପ୍ରେମରେ ଗଠିତ କରିବାକୁ ପଡିବ। ଆଜିର ଓଡ଼ିଶା ଓ ଭାରତ ତାଙ୍କ ପଦଚିହ୍ନକୁ ଅନୁସରଣ କରି ଅଟଳ ଭାବନା ଓ ଅଟଳ ନିଷ୍ଠାରେ ଏକ ନୂଆ ଯୁଗ ଗଢ଼ିପାରିବ। ଆମର ସୌଭାଗ୍ୟ ଯେ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ବି ଦେଶର ସୁରକ୍ଷା ସହିତ ଦେଶର ବିକାଶକୁ ଗୁରୁତ୍ୱ ଦେଇ ଭାରତକୁ ଏକ 'ନୂଆ ଭାରତ'ର ସଜ୍ଞା ଦେଇଛନ୍ତି। 'ଅପରେସନ ସିନ୍ଦୁର' ଏହାର ଜୀବନ୍ତ ଉଦାହରଣ। ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଅଟଳ ବିହାରୀ ବାଜପାୟୀଙ୍କ ଚିନ୍ତାଧାରାକୁ ଏକ ସମ୍ପୂର୍ଣ୍ଣ ଅନୁଷ୍ଠାନ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଅଟଳ ବିହାରୀ ବାଜପାୟୀ ଜୀ କେବଳ ଏକ ନାମ ନୁହେଁ ସେ ହେଉଛନ୍ତି ଏକ ବିଚାରଧାରା। ଏହି ଅବସରରେ ଓଡ଼ିଶାର ଅନେକ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତିମାନଙ୍କୁ 'ଅଟଳ ସମ୍ମାନ ୨୦୨୫' ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧିକା ଡକ୍ଟର ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ, ସମାଜସେବୀ ତଥା ରାଜନେତା ସମୀର ମହାନ୍ତିଙ୍କୁ ଅଟଳ ମିତ୍ର ରତ୍ନ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଦେବପ୍ରସାଦ ଦାଶଙ୍କୁ ଅଟଳ ସାହିତ୍ୟ ରତ୍ନ, ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳ ରତ୍ନ ସମ୍ମାନ ସମେତ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିକାଶ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱଭୂଷଣ ହରିଚନ୍ଦନ ଉତ୍କଳରତ୍ନ ସମ୍ମାନରେ ସମ୍ମାନିତ



କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ତଥା ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶନିବାର ଶତାବ୍ଦୀ ଭବନଠାରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଉତ୍କଳରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଛି । ସାହିତ୍ୟ ସମାଜର ୧୨୩ ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଶାର ରାଜ୍ୟପାଳ ଡ.ହରିବାବୁ କମ୍ଭମପତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେରେ ଯୋଗଦେଇ ଶ୍ରୀ ହରିଚନ୍ଦନଙ୍କୁ ଉତ୍କଳରତ୍ନ ସମ୍ମାନ ସ୍ୱରୂପ ମାନପତ୍ର ଉପଢ଼ୌକନ ଏବଂ ଫଳକ ଦେଇ ସମ୍ମାନିତ କରିଛନ୍ତି । ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରେ ରାଜ୍ୟପାଳ ଭାବେ ନିଷ୍ଠାପର କର୍ତ୍ତବ୍ୟ ସଂପାଦନ ଏକ ଉଲ୍ଲେଖ୍ୟଯୋଗ୍ୟ ଘଟଣା ତାଙ୍କର ଜୀବନବ୍ୟାପୀ ସାଧନା ଓ ସିଦ୍ଧିର ସ୍ୱୀକୃତି ସ୍ୱରୂପ ଓଡ଼ିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ୧୨୩ ତମ ବାର୍ଷିକ ଉତ୍ସବରେ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ଉତ୍କଳରତ୍ନ ପ୍ରଦାନ କରାଯାଇଛି । ଉତ୍କଳ ସାହିତ୍ୟ ସମାଜର ସଭାପତି ଡ ଗୋବିନ୍ଦଚନ୍ଦ୍ର ଚାନ୍ଦଙ୍କର ସଭାପତିତ୍ୱରେ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଡ.ବିଜୟାନନ୍ଦ ସିଂ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଉତ୍କଳ ସାହିତ୍ୟ ସମାଜ କେବଳ ଓଡ଼ିଶା ନୁହେଁ ଭାରତର ବିଭିନ୍ନ ଭାଷାକୁ ସମୃଦ୍ଧି କରିବା ପାଇଁ ମହାମହିମ ରାଜ୍ୟପାଳ ଆହ୍ୱାନ ଦେଇଥିଲେ । ସମ୍ବର୍ଦ୍ଧନାର ଉତ୍ତର ଦେଇ ଶ୍ରୀ ହରିଚନ୍ଦନ କହିଲେ ଯେ, ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମୋତେ ଏଭଳି ସମ୍ମାନ ଦେଇଥିବାରୁ ମୁଁ ନିଜକୁ ଗର୍ବିତ ମନେ କରୁଛି । ସଂଗଠନ ସଂପଦାକ ଡ.ସୁନାମଣି ରାଉତ ସ୍ୱାଗତ ଭାଷଣ ଦେଇ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିତ୍ଲେ । ସାଧାରଣ ସଂପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ସାହିତ୍ୟ ସମାଜର ବିବରଣୀ ପାଠ କରିଥିଲେ ।

## କାର୍ଗିଲ ବିଜୟ ଦିବସରେ ବୀର ଯୋଦ୍ଧାଙ୍କୁ ନମନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କାର୍ଗିଲ ବିଜୟ ଦିବସରେ ବୀର ଯୋଦ୍ଧାଙ୍କୁ ନମନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିଜର ଅଦମ୍ୟ ସାହସ, ତ୍ୟାଗ ଏବଂ ବୀରତ୍ୱ ଦ୍ୱାରା କାର୍ଗିଲରେ ତ୍ରିରଙ୍ଗାର ଗୌରବ ଓ ଦେଶର ସାର୍ବଭୌମତ୍ୱକୁ ସୁରକ୍ଷା ଦେଇଥିବା ବୀର ଯବାନମାନଙ୍କୁ କାର୍ଗିଲ ବିଜୟ ଦିବସ ଉପଲକ୍ଷେ ଶତ ଶତ ନମନ।

## ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କଣ୍ଟ୍ରାକ୍ଟ ବାତିଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ହୋଇଥିବା କଣ୍ଟ୍ରାକ୍ଟ ବାତିଲ ହୋଇଛି। କାର୍ଯ୍ୟ ବିଳମ୍ବ ହେଉଥିବାରୁ ଠିକା ସଂସ୍ଥା ସିଗାଲ ଇଣ୍ଡିଆ ଓ ରଞ୍ଜିତ ବିଲ୍ଡକନ୍ ସହ କଣ୍ଟ୍ରାକ୍ଟ ବାତିଲ କରିଛି ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ୍। ପ୍ରାୟ ୮ ମାସ ହେଲା ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହିଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ନୂଆ ରୂପରେଖ ପ୍ରସ୍ତୁତ ପାଇଁ କମିଟି ହୋଇଛି। ଆନ୍ତଃମନ୍ତ୍ରିସ୍ତରୀୟ କମିଟି ମଧ୍ୟ ଗଠନ ହୋଇଛି। ଗତକାଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଥିଲେ ମେଟ୍ରୋ ରେଳ ପ୍ରକଳ୍ପ ନେଇ କମିଟି ଥରେ ବୈଠକ କରିଛି ଆଗକୁ ପୁଣି ବୈଠକ ଏବଂ ଆଲୋଚନା କରି କେନ୍ଦ୍ରକୁ ପ୍ରସ୍ତାବ ଦିଆଯିବ। କେନ୍ଦ୍ର ସରକାରଙ୍କ ସହଯୋଗରେ ମେଟ୍ରୋ ପ୍ରକଳ୍ପ ହେବ। ପୂର୍ବ ସରକାର ଯେମିତି କରିଥିଲେ ତାହା ଭାଇବ୍ଲ ହେବ ନାହିଁ। ତେଣୁ ମେଟ୍ରୋ ପାଇଁ ଗଠିତ କମିଟି ବୈଠକ କରି ପ୍ରସ୍ତାବ ଦେବ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଆସାମ ଗୃହମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସାମର ଗୃହ ମନ୍ତ୍ରୀ ରୁପେଶ ଗ୍ୱାଲା ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଲୋକସେବା ଭବନଠାରେ ଉଭୟ ସୌଜନ୍ୟମୂଳକ ସାକ୍ଷାତ କରିଥିବା ମୁଖ୍ୟମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି।

## ୬ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗିରଫ, ୫ ବନ୍ଧୁକ ଜବତ

କଟକ(ଭାସ୍କର ନ୍ୟୁଜ୍): ମାଲଗୋଦାମ ଥାନା ପୁଲିସ ଏକ ୬ ଜଣିଆ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଛି। ମାଲଗୋଦାମ ଥାନା ପୁଲିସ ଓ ସ୍ପେସିଆଲ୍ ସ୍କ୍ୱାଡ୍ ମିଳିତ ଉଦ୍ୟମରେ ଗିରଫ ବନ୍ଧୁକ ବେପାରୀଙ୍କ ନିକଟରୁ ୫ଟି ବନ୍ଧୁକ ଓ ୧୩ଟି ଜୀବନ୍ତ ଗୁଳି ଜବତ କରିଥିବା ପୁଲିସ କମିଶନର ଏସ୍. ଦେବଦ ସିଂହ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଯୋବ୍ରା ମାଟିଆ ମଙ୍ଗଳାସାହିର କାଦୁଆ ଓରଫ ଦେବଦ ସିଂହ ବେହେରା(୨୬), ମଲ୍ଲାସାହିର ରାଜା ଓରଫ ପୀୟୂଷ ରେଡ୍ଡୀ(୨୦), ନଦୀକୂଳ ସାହିର ନନ୍ଦ ଓରଫ ବିଜୟ ରାଓ(୩୦), ନୂଆସାହିର ରାଜା ଓରଫ ଜ୍ୟୋତିରଞ୍ଜନ ନାଏକ(୨୩), ବନ୍ଧୁ ଓରଫ ବୈଦ୍ୟନାଥ ବେହେରା(୨୨), ତଳସାହିର ତପୁ ଓରଫ ତପନ ସେଠୀ(୨୦)। ଗତ କିଛି ଦିନ ହେବ କଟକ ସହରରେ ବେଆଇନ ବନ୍ଧୁକ କାରବାର ଚାଲୁଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଏହାପରେ ସ୍ପେସିଆଲ ସ୍କ୍ୱାଡ୍ ଓ ମାଲଗୋଦାମ ପୁଲିସ ବିଭିନ୍ନ ସ୍ଥାନରେ ଛନଭିନ୍ ଚଳାଇଥିଲା। ଏହି ସମୟରେ ଜଣେ ବନ୍ଧୁକ ଯୋଗାଡ଼ିଆ ହାବୁଡ଼ରେ ପଡ଼ିଥିଲା। ତାଠାରୁ କିଛି ବନ୍ଧୁକ ଓ ଗୁଳି ଜବତ କରାଯାଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ଜେରା କରିବା ସମୟରେ ବନ୍ଧୁକ ବେପାରୀ ଗ୍ୟାଙ୍ଗ ସଂପର୍କରେ ପୁଲିସକୁ ସୂଚନା ମିଳିଥିଲା। ପୁଲିସ ଚଢାଉ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ କାଦୁଆକୁ ଅଟକ ରଖିଥିଲେ। ସେ ବିହାରୁ ବନ୍ଧୁକ ଆଣି ଏକାଧିକ ପେଶାଦାର ଅପରାଧୀଙ୍କୁ ବନ୍ଧୁକ ବିକ୍ରି କରିଥିବା ପୁଲିସ ନିକଟରେ ସ୍ୱୀକାର କରିଥିଲା। ତାହାର ବୟାନକୁ ଆଧାରକରି ପୋଲିସ ଆନ୍ତଃ ରାଜ୍ୟ ବନ୍ଧୁକ ବେପାରୀ ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫ ବନ୍ଧୁକ, ୧୩ ଗୁଳି ଓ ୪ଟି ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ କଟକ, ଢେଙ୍କାନାଳ, ଭୁବନେଶ୍ୱର, ଜଗତସିଂହପୁର, ପୁରୀରେ ଏକାଧିକ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡିଛି। ଏହି ଗ୍ୟାଙ୍ଗର ମୁଖ୍ୟ ୨୦୧୯ରେ ପୋଲିସ ହାତରେ ଧରା ପଡ଼ିଥିବା କଟକ ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

## ଚାକିରି ଦେବାକୁ କହି ୩ ଲକ୍ଷ ଟଙ୍କା ଠକେଇ, ଯୁବକ ଗିରଫ

କଟକ(ଭାସ୍କର ନ୍ୟୁଜ): କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ ସହାୟକ ଚାକିରି ଦେବାକୁ କହି ଜଣେ ମହିଳାଙ୍କ ଠାରୁ ୩ ଲକ୍ଷ ଟଙ୍କା ଠକିବା ଘଟଣାରେ କଟକ ସାଇବର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଆଠଗଡ ଖୁଣ୍ଟକଟାର ସତ୍ୟଜିତ ନାୟକ(୨୪) । ଶୁକ୍ରବାର କଟକର ଜଣେ ମହିଳା ସାଇବର ଥାନାରେ ଠକେଇ ସଂପର୍କରେ ଅଭିଯୋଗ କରିଥିଲେ । ମହିଳା ଜଣକୁ ଅଭିଯୁକ୍ତ ସତ୍ୟଜିତ ଏକ ଷ୍ଟୁଡିଓରେ ଭେଟିଥିଲେ । ସେ ଜିଲ୍ଲାପାଳଙ୍କ ଅଫିସରେ କନିଷ୍ଠ ସହାୟକ ଚାକିରି କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ସେ ମହିଳାଙ୍କ ଠାରୁ ୩ ଲକ୍ଷ ଟଙ୍କା ନେଇଥିଲେ । ପରେ ମହିଳାଙ୍କୁ ଚାକିରି ପାଇଁ ଏକ ନକଲି ନିଯୁକ୍ତ ପତ୍ର ପ୍ରଦାନ କରିଥିଲେ । ଯାହାକୁ ନେଇ ମହିଳା ଜିଲ୍ଲାପାଳଙ୍କ ଅଫିସ ଯାଇଥିଲେ । ମାତ୍ର ତାହା ଜାଲ୍ ବୋଲି ଜଣାପଡିଲା । ଏନେଇ ସେ ଜିଲ୍ଲାପାଳଙ୍କ ସହିତ ସାଇବର ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ସତ୍ୟଜିତ ଗିରଫ ହୋଇଛି ।

## ୫ ଷଡ଼ଯନ୍ତ୍ରକାରୀଙ୍କୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଡି କର୍ପୋରେଟର ଅମରେଶ ଜେନାଙ୍କ ନାମରେ ସଂଗୀନ ଅଭିଯୋଗ ଆସିଥିବା ବେଳେ ଏହାକୁ ନେଇ ରାଜନୀତି ବେଶ୍ ସରଗରମ ହୋଇଛି । ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ନେଇ ସେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ଆଣିଥିଲେ । ଏହି ଘଟଣାରେ ଅମରେଶଙ୍କୁ ଫେରାର କରିବାରେ ୫ ଷଡ଼ଯନ୍ତ୍ରକାରୀଙ୍କୁ ଶନିବାର ଲକ୍ଷ୍ମୀସାଗର ପୋଲିସ ଗିରଫ କରିବାରେ ସଫଳ ହୋଇଛି । ତେବେ ଏହି ଘଟଣାରେ ଅନ୍ୟ ଯେଉଁମାନେ ଜଡିତ ଅଛନ୍ତି ସେମାନଙ୍କୁ ମଧ ଖୁବ୍‌ଶୀଘ୍ର ଗିରଫ କରାଯିବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ଠାବ କରାଯିବ ବୋଲି ସୂଚନା ମିଳିଛି ।

## ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ଲୁଟେରା ଫେରାର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ସନ୍ଧ୍ୟାରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଲୁଟେରା ବାଇକ୍‌ରେ ଆସି ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ଫେରାର ହୋଇଯାଇଛି । ତେବେ ଲୁଟେରା ଜଣକ ଧରାପଡ଼ିବା ଭୟରେ ଘଟଣା ଘଟାଇବାର ମାତ୍ର ୫୦୦ ମିଟର ଦୂରତାରେ ନିଜ ବାଇକ୍‌କୁ ଫୋପାଡ଼ି ଫେରାର ହୋଇଯାଇଥିଲା । ସନ୍ଧ୍ୟାରେ ମା'-ଝିଅ ଦୁଇଜଣ ଶିଳ୍ପାଞ୍ଚଳର ଅନ୍ଧାରୀ ରାସ୍ତାରେ ଫ୍ଲାଏଓଭର ନିକଟକୁ ଚାଲି ଚାଲି ଯାଉଥିବା ବେଳେ ଏହାର ସୁଯୋଗ ନେଇ ଲୁଟେରା ଲୁଟ୍ କରିବାରେ ସଫଳ ହୋଇଛି । ଲୁଟ୍ ସୁନାଚେନ୍‌ର ମୂଲ୍ୟ ଦେଢ଼ରୁ ଦୁଇ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଲୁଟେରାଜଣକ ଓଆର୦୫ ଏଲ-୭୯୦୭ ନଂ ବିଶିଷ୍ଟ ବାଇକ୍‌ରେ ଆସି ଏଭଳି କାଣ୍ଡ ଘଟାଇ ଫେରାର ହୋଇଯାଇଛି । ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ବାଇକ୍ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

## କାର୍‌ଗିଲ୍ ବିଜୟ ଦିବସରେ ବୀର ଯବାନଙ୍କୁ ନମନ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କାରଗିଲ ବିଜୟ ଦିବସରେ ବୀର ଯବାନଙ୍କୁ ନମନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, କାରଗିଲର ଶିଖରରେ ବିଜୟ ଅର୍ଜନ କରିବା ପାଇଁ ଅପୂର୍ବ ସାହସ ଓ ବୀରତା ସହିତ ଯୁଦ୍ଧ କରିଥିବା ସମସ୍ତ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି। କାରଗିଲ୍ ବିଜୟ ଦିବସ ଅବସରରେ ଆମେ ସମସ୍ତେ ଏକାଠି ହୋଇ ସେହି ସମସ୍ତ ସହିଦଙ୍କୁ ଶ୍ରଦ୍ଧା ସମର୍ପଣ କରୁଛୁ, ଯେଉଁମାନେ ମାତୃଭୂମିର ସୁରକ୍ଷା ପାଇଁ ଅଦ୍ୱିତୀୟ ସାହସ ଓ ଅତୁଟ ସଂକଳ୍ପ ସହିତ ଯୁଦ୍ଧ କରିଥିଲେ।

## କାର୍‌ଗିଲ୍ ବିଜୟ ଦିବସରେ ବୀର ଯୋଦ୍ଧାଙ୍କୁ ନମନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କାରଗିଲ ବିଜୟ ଦିବସରେ ବୀର ଯୋଦ୍ଧାଙ୍କୁ ନମନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'କାରଗିଲ୍ ବିଜୟ ଦିବସ' ଭାରତୀୟ ସେନାର ଅଦ୍ୱିତୀୟ ବୀରତା, ଅତୁଟ ସାହସ ଓ ଜାତି ପ୍ରତି ଅସୀମ୍ ନିଷ୍ଠାର ପ୍ରତୀକ ଅଟେ । କାରଗିଲ୍ ଯୁଦ୍ଧରେ ଆମ ସେନା ଯୋଧାମାନେ ବିପରୀତ ପରିସ୍ଥିତି ଓ ଦୁର୍ଗମ ପାହାଡ଼ ମଧ୍ୟରେ ଅପୂର୍ବ ଶୌର୍ଯ୍ୟ ଦେଖାଇ ଶତ୍ରୁଙ୍କୁ ପରାଜିତ କରିଥିଲେ ଓ ତିରଙ୍ଗାର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିଥିଲେ। ଆଜି 'କାରଗିଲ୍ ବିଜୟ ଦିବସ'ର ପବିତ୍ର ଅବସରରେ ଆମେ ସେହି ବୀର ଯୋଧାମାନଙ୍କୁ ଶ୍ରଦ୍ଧାସହିତ ନମନ କରୁଛୁ, ଯିଏମାନେ ନିଜ ପ୍ରାଣ ଦେଇ ଭାରତ ମାତାଙ୍କୁ ସୁରକ୍ଷା ଦେଇଥିଲେ। ସେମାନଙ୍କର ବଳିଦାନ ଯୁଗଯୁଗ ଧରି ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଅମର ରହିବ।

## ୱାକର୍ସ କ୍ଲବ୍‌ର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




କଟକ(ଭାସ୍କର ନ୍ୟୁଜ୍): ୱାକର୍ସ କ୍ଲବ, କଟକ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀର, କଟକଠାରେ ଅନୁଷ୍ଠିତ ହୋଇଯାଇଛି । ୱାକର୍ସ କ୍ଲବର ସଭାପତି ବିଚାରପତି ମନୋରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଦନ୍ତରୋଗ ବିଶେଷଜ୍ଞ ଡ଼ାକ୍ତର ରବି ରଞ୍ଜନ ସାହୁ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଦନ୍ତରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଡ଼ାକ୍ତର ସାହୁଙ୍କ ଉତ୍ତରୀୟ ଓ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂପାଦକ ପ୍ରିୟରନ ମହାପାତ୍ର, ବନମାଳୀ ଶୁକ୍ଳ, ପ୍ରଶାନ୍ତ କୁମାର କାନୁନ୍‌ଗୋ, ଶ୍ୟାମ ସୁନ୍ଦର ସାହୁ, ଶଶୀ ଭୂଷଣ ସ୍ୱାଇଁ, ଶ୍ରୀନିବାସ ପାତ୍ର, ଗୋକୁଳାନନ୍ଦ ପଟ୍ଟନାୟକ, ବିଦ୍ୟୁତ ଲାଲା, ବିଜୟ ପୃଷ୍ଟି, ଗୌତମ କର, ମହେଶ୍ୱର ମହାନ୍ତି, ଫନିନ୍ଦ୍ର ମଲ୍ଲିକ୍, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ସଦସ୍ୟଙ୍କ ସହ କୁଟୀରର ଅନ୍ତେବାସୀ ବୃନ୍ଦ ଉପସ୍ଥିତ ଥିଲେ । ଶେଷରେ କୁଟୀରର ପରିଚାଳକ ସୁଭାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଆଖାଇରେ ଭାସି ଛାତ୍ର ମୃତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୁଆଖାଇ ନଦୀରେ ଭାସିଯାଇ ଶନିବାର ମୃତ୍ୟୁ ଘଟିଛି । ମୃତ ଛାତ୍ରଜଣ ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିଲେ ବୋଲି ଜଣାପଡ଼ିଛି । ୫ଜଣ ସାଙ୍ଗ ଏକାଠି ହୋଇ ବରିମୁଣ୍ଡ ନିକଟ ବାଲିଯାତ୍ରା ପଡ଼ିଆ ନିକଟ ନଦୀରେ ଗାଧୋଉଥିବା ବେଳେ ଦୁଇଜଣ ଭାସିଯାଇଥିଲେ । ପରେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଜଣେ ଛାତ୍ରଙ୍କୁ ଜୀବିତ ଉଦ୍ଧାର କରିଥିବା ବେଳେ ଅନ୍ୟଜଣେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ । ତାଙ୍କର ଚିକିତ୍ସା ହେଉଥିବା ବେଳେ ସେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି ।

## ଗଞ୍ଜେଇ ଜବତ, ୨ ଅଭିଯୁକ୍ତ ଗିରଫ

କଟକ(ଭାସ୍କର ନ୍ୟୁଜ୍): ଚୌଦ୍ୱାର ଥାନା ପୋଲିସ ଚୋରେ ଗଞ୍ଜେ ଚାଲଣ କରିଥିବା ୨ ନିଶା ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ନିଶା ବ୍ୟବସାୟୀ ଫୁଲବାଣୀରୁ ଏକ କାରରେ ଦୁଇଟି ଅଖାରେ ଗଞ୍ଜେ ନେଇ ଯାଉଥିଲେ। ପୋଲିସ ସେମାନଙ୍କୁ ଜାତୀୟ ରାଜପଥ ୫୫ ନମ୍ବରର ଧୂମାବତୀ ଛକରୁ ଧରିବାରେ ସକ୍ଷମ ହୋଇଥିଲା। ଗିରଫ ନିଶା ବ୍ୟବସାୟୀ ହେଲେ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ପୁରୁଣା କଟକର ବିପନୀ ଭୋଇ(୨୧) ଓ ଯାଜପୁର ଜିଲ୍ଲା ବଡଚଣାର କିଶୋର ଚନ୍ଦ୍ର ବିଶ୍ୱାଳ(୩୪)। ଗିରଫ ଅଭିଯୁକ୍ତମାନେ ଏକ ନକଲି ନମ୍ବର ଥିବା ଏକ କାରରେ ଗଞ୍ଜେ ଚାଲଣ କରୁଥିଲେ। ଏ ସଂପର୍କରେ ଖବର ପାଇ ଚୌଦ୍ୱାର ଥାନା ପୁଲିସ ଚଢାଉ କରିକାରକୁ ଅଟକାଇଥିଲେ। ତଦନ୍ତ ସମୟରେ କାର ଭିତରେ୨୪ କିଲୋ୭୦୦ ଗ୍ରାମ ଓଜନର ଗଞ୍ଜେ ଜବତ କରିଥିଲେ। ଜବତ ଗଞ୍ଜେର ମୂଲ୍ୟ ଅଢେଇ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ପକ୍ଷରୁ ଆକଳନ କରାଯାଇଛି।

## ବିଜେଡ଼ି ଆଣିବ ଅନାସ୍ଥା !

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ଅଣାଯିବା ନେଇ ଇଙ୍ଗିତ ଦେଇଛନ୍ତି ବିଜେଡିର ବରିଷ୍ଠ ବିଧାୟକ ଅରୁଣ ସାହୁ। ଶନିବାର ଶଙ୍ଖ ଭବନରେ ବସିଥିବା ବୈଠକରେ ଏନଇ ନିଷ୍ପତି ହୋଇଥିବା ସୂଚନା ମିଳିଛି। ବୈଠକରେ ଦେବୀ ମିଶ୍ର, ବବି ଦାସ, ପ୍ରତାପ ଦେବ, ପ୍ରତାପ ଜେନା, ଅରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେ ଅରୁଣ ସାହୁ କହିଛନ୍ତି ସରକାର ବିଧାନସଭା ଅଧିବେଶନ ଡାକିବାକୁ ଡରୁଛନ୍ତି। କାରଣ ନାରୀ ନିର୍ଯାତନା ପ୍ରସଙ୍ଗରେ ସରକାର ବ୍ୟାକ ଫୁଟ୍ ରେ। ସରକାର ବିଧାନସଭା ଡାକନ୍ତୁ। ଆସ୍ଥା, ଅନାସ୍ଥା, ଅବସ୍ଥା ଓ ବ୍ୟବସ୍ଥା ସବୁ ବିଷୟରେ ଆଲୋଚନା କରିବାକୁ ପ୍ରସ୍ତୁତ ବିଜେଡ଼ି।

# ବିଜେପି ପକ୍ଷରୁ କାର୍‌ଗିଲ୍ ବିଜୟ ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ଦେଶର ବୀର ସୈନିକମାନେ କାରଗିଲ୍ ଯୁଦ୍ଧରେ ବିଜୟ ଆଣି ସମସ୍ତ ଭାରତୀୟଙ୍କୁ ଗର୍ବିତ କରିଥିଲେ । ସେହି ଦିନଠାରୁ ଶହୀଦ ବୀର ସୈନିକମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ଦେଶବ୍ୟାପୀ ୨୬ତମ କାରଗିଲ ବିଜୟ ଦିବସ ପାଳନ କରାଯାଉଛି । ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ରାଜ୍ୟ କାର୍ଯ୍ୟାଳୟଠାରେ 'କାରଗିଲ ବିଜୟ ଦିବସ' ପାଳନ କରାଯାଇଛି। ଏହି ଅବସରରେ ଯୋଗ ଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ଆଜିର ଦିନଟି ଏକ ପ୍ରେରଣା ଓ ଦେଶ ଭକ୍ତି ଭାବନାର ଦିନ ଅଟେ। କାରଗିଲ ଯୁଦ୍ଧରେ ଶହୀଦ୍ ହୋଇଥିବା ବୀର ସେନାନୀଙ୍କୁ ତାଙ୍କ ନିଜ ଗାଁକୁ ଆଣି ସମ୍ମାନ ଜଣାଇ ଶେଷକୃତ୍ୟ କରିବାର ନୂତନ ପରମ୍ପରା ଆରମ୍ଭ ହୋଇଥିଲା । ଯାହାକି ଦେଶବାସୀଙ୍କ ଭିତରେ ଦେଶଭକ୍ତର ଭାବ ସୃଷ୍ଟି କରିଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସମେତ ସାରା ଦେଶବାସୀ ଭାରତୀୟ ସେନାଙ୍କ ମନୋବଳ ବଢାଇଥିଲେ । କାରଗିଲ ଯୁଦ୍ଧ ବିଜୟରେ ଦେଶମାତୃକାର ସେବା କରିବା ପାଇଁ ଆମ ବୀର ଯବାନ ଦେଇଥିବା ଶୌର୍ଯ୍ୟ ଓ ବଳିଦାନକୁ କୋଟି କୋଟି ପ୍ରଣାମ ଜଣାଇ ଏହି ବିଜୟ ବର୍ତ୍ତମାନ ଓ ଭବିଷ୍ୟତ ପୀଢିକୁ ରାଷ୍ଟ୍ରଭକ୍ତି, ଦେଶ ସେବା ଓ ସମର୍ପଣ ଭାବନା ନେଇ ନିରନ୍ତର କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାମଲ କହିଛନ୍ତି । ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇ କହିଛନ୍ତି ଯେ, ସୈନିକମାନଙ୍କ ପରାକାଷ୍ଠା ପାଇଁ ଆମେ କାରଗିଲ୍ ଯୁଦ୍ଧରେ ପାକିସ୍ଥାନକୁ ପରାସ୍ତ କରି ବିଜୟ ଲାଭ କରିଛୁ । ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି ଯେ, ଶହୀଦ ହୋଇଥିବା ସମସ୍ତ ସୈନିକଙ୍କ ପାଇଁ ସାରା ଦେଶ ଆଜି ଗର୍ବିତ। ଭାରତୀୟ ସେନା ଯେଉଁ ଭଳି ଭାବେ କାରଗିଲ୍ ଯୁଦ୍ଧରେ ପାକିସ୍ଥାନକୁ ମୁହଁ ତୋଡ଼୍ ଜବାବ ଦେବା ସହ ପାକିସ୍ଥାନକୁ ପଛକୁ ଯିବାକୁ ବାଧ କରିଥିଲା, ଏହା କେବଳ ଭାରତୀୟ ସୈନିକଙ୍କ ଦ୍ୱାରା ସମ୍ଭବ । ଏହି ଅବସରରେ କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯିବା ସହ ବିଜୟ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନାଧିକାରୀ ହାବିଲ୍‌ଦାର ସୁଶାନ୍ତ ଜେନା, ୱାରେଣ୍ଟ ଅଫିସର ଜଗବନ୍ଧୁ ସାହୁ ଯୋଗଦେଇ କାରଗିଲ୍ ଯୁଦ୍ଧ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ୨୦ ଜଣ ଅବସରପ୍ରାପ୍ତ ସେନାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଯୁବମୋର୍ଚ୍ଚା।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.



"ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।"

-ସ୍ୱାମୀ ବିବେକାନନ୍ଦ



"ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।"

-ମଧୁସୂଦନ ରାଓ



# ମେସୋପଟାମିଆରୁ ବିଶ୍ୱଜୟ - ବଣ୍ଡ୍‌ର କାହାଣୀ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ଦେଶର ପ୍ରଗତିକୁ ସୁନିଶ୍ଚିତ କରି ନାଗରିକଙ୍କର ସମସ୍ତ ଆବଶ୍ୟକତା ପୂରଣ ସହିତ ବୈଶ୍ୱିକ ଦାୟିତ୍ୱ ତୁଲାଇବା ପାଇଁ ସରକାର ଆବଶ୍ୟକ କରନ୍ତି ପ୍ରଚୁର ଅର୍ଥ। ଦେଶ ଭିତରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଟ୍ୟାକ୍ସ, ଅନ୍ତର୍ଜାତୀୟ ସଂସ୍ଥା ଏବଂ ବିଭିନ୍ନ ଦେଶରୁ ଆର୍ଥିକ ସାହାଯ୍ୟ ଓ ଋଣ ଛଡ଼ା ସରକାର ଦେଶ ଭିତରୁ ଋଣ ଉଠାନ୍ତି। ସରକାର ଆଭ୍ୟନ୍ତରୀଣ ଋଣ ଉଭୟ ନାଗରିକ ଏବଂ ବ୍ୟାଙ୍କ ଠାରୁ ସଂଗ୍ରହ କରନ୍ତି। ଦୀର୍ଘମିଆଦୀ ପୁଞ୍ଜିସଂଗ୍ରହ ପାଇଁ ସରକାର ବଣ୍ଡ୍ ଜାରି କରନ୍ତି। ନିର୍ଦ୍ଧାରିତ ସମୟରେ ସ୍ଥିର ବା ପରିବର୍ତ୍ତନଶୀଳ ହାରରେ ତ୍ରୟୋମାସିକ ବା ଷାଣ୍ମାସିକ ସୁଧ ସହ ମୂଳଧନ ଫେରାଇବାର ପ୍ରତିଶ୍ରୁତି ଦେଇ ସରକାର ଉଭୟ ବ୍ୟାଙ୍କ୍ ଏବଂ ନାଗରିକଙ୍କୁ ବଣ୍ଡ୍ ବିକନ୍ତି। ସରକାର ଗ୍ୟାରେଣ୍ଟି ଦେଉଥିବାରୁ ବଣ୍ଡ୍ ସବୁଠାରୁ ସୁରକ୍ଷିତ ନିବେଶ ବୋଲି ଧରାଯାଏ। ବଣ୍ଡ୍‌କୁ ସାଧାରଣତଃ ଏକ ନୂତନ ଆର୍ଥିକ ଉପକରଣ ଭାବରେ ଧରାଯାଏ। ହେଲେ ବଣ୍ଡ୍ ପୃଥିବୀର ସର୍ବପୁରାତନ ବିତ୍ତୀୟ ଉପକରଣ। ପୃଥିବୀରେ ଗଣତନ୍ତ୍ର ପ୍ରତିଷ୍ଠା ପୂର୍ବରୁ ରାଜା ଓ ସମ୍ରାଟମାନେ ବଣ୍ଡ୍ ଜାରି କରି ଅର୍ଥ ସଂଗ୍ରହ କରୁଥିଲେ। କେବେଠାରୁ ଓ କାହିଁକି ବଣ୍ଡର ବ୍ୟବହାର ହେଲା ତାହା ଗୋଟିଏ ଚମତ୍କାର କାହାଣୀ।

ପୃଥିବୀର ପ୍ରାଚୀନ ସଭ୍ୟତା ମଧ୍ୟରେ ମେସୋପଟମିଆ ସଭ୍ୟତା ଥିଲା ଅନ୍ୟତମ। ୟୁଫ୍ରେଟିସ୍ ଓ ଟାଇଗ୍ରୀସ୍ ନଦୀ କୂଳରେ ଯେଉଁଠି ଆଜିର ଇରାକ ଅବସ୍ଥିତ, ପାଞ୍ଚ ହଜାର ବର୍ଷ ପୂର୍ବେ ସେଠାରେ ଗଢ଼ି ଉଠିଥିଲା ଏକ ଉନ୍ନତ ମେସୋପଟାମିଆ ସଭ୍ୟତା। ଅନ୍ୟ ସମସ୍ତ ସଭ୍ୟତା ପରି ତାହା ମଧ୍ୟ ଦିନେ ବିଲୁପ୍ତ ହୋଇଯାଇଥିଲା। ମେସୋପଟାମିଆ ସଭ୍ୟତାର ଖନନ ସମୟରେ ସେଠାରୁ ଏକ ଶିଳାଲେଖ ବାହାରିଥିଲା। ଖ୍ରୀଷ୍ଟପୂର୍ବ ୨୪୦୦ ବର୍ଷ ପୂର୍ବେ ଜାରି ହୋଇଥିବା ଏହି ଅଭିଲେଖ ଏକପ୍ରକାର ସ୍ୟୁରିଟୀ ବଣ୍ଡ୍ ଥିଲା। ତତ୍କାଳୀନ ସଂଗୃହୀତ ଋଣ ଉପରେ ଏହା ସମ୍ରାଟଙ୍କର ସ୍ୱୀକାରପତ୍ର ଥିଲା। ଅର୍ଥାତ୍ ରାଜା ଯାହା ଋଣ ନେଇଥିଲେ ତାକୁ ଠିକ୍ ସମୟରେ ସୁଝିବାର ଜମାନତ ଥିଲା। ଅର୍ଥାତ୍ ରାଜା ବଣ୍ଡ୍ ଇସୁ କରିଥିଲେ। ପେନ୍‌ସିଲ୍‌ଭାନିଆର ପ୍ରତ୍ନତତ୍ତ୍ୱ ସଂଗ୍ରହାଳୟରେ ବର୍ତ୍ତମାନ ସେହି ପଥର ବଣ୍ଡ୍ ସଂରକ୍ଷିତ।

ଆଧୁନିକ ସମୟର ପ୍ରଥମ ବଣ୍ଡ୍ ଆରମ୍ଭ ହୋଇଥିଲା ୟୁରୋପୀୟ ଦେଶ ଇଟାଲୀରୁ। ସାହିତ୍ୟ, ବିଜ୍ଞାନ, କଳା ସ୍ଥାପତ୍ୟ, ରାଜନୀତି ଅର୍ଥନୀତି ଆଦି ସବୁକ୍ଷେତ୍ରରେ ଇଟାଲୀ ଉତ୍କର୍ଷତା ହାସଲ କରିଥିଲା। ଇଟାଲୀର ଭେନିସ୍ ସହର ସେତେବେଳେ ୟୁରୋପରେ ବେପାରର ପେଣ୍ଠସ୍ଥଳ ଥିଲା। ସାରା ପୃଥିବୀରୁ ବ୍ୟବସାୟୀ ଏଠାରେ ବେପାର କରୁଥିଲେ, ବ୍ୟାଙ୍କ୍‌ମାନଙ୍କର ବ୍ୟବସାୟ ଖୁବ୍ ଭଲ ଚାଲୁଥିଲା। କେବଳ ଇଟାଲୀ ନୁହେଁ, ପୂରା ୟୁରୋପରେ ଭେନିସ୍‌ର ପ୍ରାଧାନ୍ୟ ମହାନ୍ ନାଟ୍ୟକାର ସେକ୍ସପିଅର୍‌ଙ୍କୁ ବିଶ୍ୱପ୍ରସିଦ୍ଧ ନାଟକ 'ଦି ମର୍ଚାଣ୍ଟସ୍ ଅଫ୍ ଭେନିସ୍' ରଚନା କରିବାକୁ ପ୍ରେରଣା ଦେଇଥିଲା। ଦ୍ୱାଦଶ ଶତାବ୍ଦୀରେ ଭେନିସ୍‌ରେ ପ୍ରଥମ ଥର ସରକାରୀ ବଣ୍ଡ୍ ଜାରି କରାଗଲା।

ଇଟାଲୀ ସବୁବେଳେ କନ୍‌ସ୍ଟାଣ୍ଟିନୋପଲ୍ ସହିତ ଯୁଦ୍ଧରେ ଲିପ୍ତ ଥିଲା। ଯୁଦ୍ଧ ପାଇଁ ଆବଶ୍ୟକ ପ୍ରଚୁର ଅର୍ଥ ସଂଗ୍ରହ କରିବା ଲକ୍ଷ୍ୟରେ 'ପ୍ରେସ୍ତିତି' ନାମରେ ଏହି ବଣ୍ଡ୍ ଲୋକମାନଙ୍କ ଠାରୁ ଜବରଦସ୍ତ ଋଣ ଆଦାୟ ଉଦ୍ଦେଶ୍ୟରେ ଜାରି କରାଗଲା। ନାଗରିକଙ୍କର ସମ୍ପତ୍ତି ଅନୁପାତରେ ଋଣର ପରିମାଣ ସ୍ଥିର କରାଯାଇଥିଲା। ରାଜା ଅଧିକ ସ୍ୱଳ୍ପକାଳୀନ ଋଣ ନେଇ ବାରମ୍ବାର ସମୂଳସୁଧ ଶୁଝିବା ଅପେକ୍ଷା ବଡ଼ବଡ଼ ଦୀର୍ଘକାଳୀନ ଋଣ ସଂଗ୍ରହକୁ ପସନ୍ଦ କରୁଥିଲେ। ନାଗରିକଙ୍କୁ ସେହି ହିସାବରେ ସୁଧ ଦିଆଗଲା। ଏହାଦ୍ୱାରା ବିତ୍ତୀୟ ପରିଚାଳନା ସହଜ ହୋଇଥିଲା। ଯୁଦ୍ଧ ପରବର୍ତ୍ତୀ ସମୟରେ ସାଧାରଣତଃ ରାଜ୍ୟମାନେ ଦେବାଳିଆ ହେଇଯାଉ ଥିଲେ। ତେଣୁ ପ୍ରଜାଙ୍କ ଉପରେ କର ଲଦି ଦିଆଯାଉଥିଲା।

**ମୁଦ୍ରା କାହାଣୀ**

ଧୀରେଧୀରେ ଦେଶ ଯେତେବେଳେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେବା ଆରମ୍ଭ କଲା ଯୁଦ୍ଧ ପରି ଅସମୟରେ ଦେଶକୁ ସାହାଯ୍ୟ କରିଥିବା ନାଗରିକଙ୍କୁ ସୁଧ ସହିତ ଋଣ ଶୁଝିବା ଉଦ୍ଦେଶ୍ୟରେ 'ପ୍ରେସ୍ତିତି' ବଣ୍ଡ୍ ଜାରି କରାଗଲା। ଏହି ବଣ୍ଡ ଜାରି ଦ୍ୱାରା ଯଥେଷ୍ଟ ଅର୍ଥ ସଂଗ୍ରହ କରିବା ସହ ଭେନିସ୍‌ରେ ବ୍ୟାବସାୟିକ କାରବାର ଆଶାତୀତ ବୃଦ୍ଧି ପାଇଲା।

ତତ୍କାଳୀନ ୟୁରୋପର ପ୍ରାୟ ସମସ୍ତ ଦେଶରେ ରାଜତନ୍ତ୍ର ପ୍ରଚଳିତ ଥିଲା ଏବଂ ଯୁଦ୍ଧ ଦ୍ୱାରା ସାମ୍ରାଜ୍ୟ ବିସ୍ତାର ଦେଶମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା। ଭେନିସ୍‌ରେ ଶାସକଙ୍କ ଦ୍ୱାରା ଜାରି ବଣ୍ଡ୍‌ର ସଫଳତା ଦେଖି ୟୁରୋପର ଅନ୍ୟ ଦେଶ ବିରାଟ ଯୁଦ୍ଧଖର୍ଚ୍ଚ ଉଠେଇବା ପାଇଁ ବଣ୍ଡ୍ ଜାରି କରିବା ଆରମ୍ଭ କଲେ। ୟୁରୋପରେ ଧନୀକଙ୍କ ସଂଖ୍ୟା ବହୁତ ଅଧିକ ଥିଲା। ପ୍ରାୟ ପାଞ୍ଚଶହ ବର୍ଷ ଧରି ବଣ୍ଡ୍ ଜାରି କରି ଶାସକ ପ୍ରଚୁରଅର୍ଥ ସଂଗ୍ରହ କଲେ ଏବଂ ନିୟମିତ ସୁଧ ଦେବା ଆଇନାନୁମୋଦିତ ହେଲା। ଯୁଦ୍ଧ ଖର୍ଚ୍ଚ ବାଦ୍ ସଂଗୃହୀତ ଅର୍ଥ ଦେଶରେ ଭିତ୍ତିଭୂମି ନିର୍ମାଣ, କୃଷି ଏବଂ ଶିଳ୍ପ ବିକାଶରେ ବ୍ୟବହୃତ ହେଲା।

ସପ୍ତଦଶ ଶତାବ୍ଦୀରେ ଇଂଲଣ୍ଡ ଏକ ଶକ୍ତିଶାଳୀ ୟୁରୋପୀୟ ଦେଶ ଥିଲା। ୧୬୭୧ ମସିହାରେ ଇଂଲଣ୍ଡ ରାଜସିଂହାସନରେ ବସିଲେ ସମ୍ରାଟ ଦ୍ୱିତୀୟ ଚାର୍ଲସ୍। ଅତ୍ୟନ୍ତ ବିଳାସୀ ସମ୍ରାଟ ସବୁବେଳେ ମଦ, ନାରୀ ଏବଂ ନୃତ୍ୟଗୀତରେ ବୁଡ଼ି ରହୁଥିଲେ। ସେପଟେ ହଲାଣ୍ଡର ଶକ୍ତି ଧୀରେଧୀରେ ବଢୁଥିଲା। ଆମଷ୍ଟର୍‌ଡାମ୍ କାରବାରର ମୁଖ୍ୟକେନ୍ଦ୍ର ଥିଲା। ସମ୍ରାଟଙ୍କ ପୃଷ୍ଠପୋଷକତାରେ ବ୍ୟବସାୟୀମାନେ ସମୁଦ୍ର ପାର କରି ଏସିଆର ବିଭିନ୍ନ ଦେଶରେ ପହଞ୍ଚି ସାରିଥିଲେ। ଭାରତ ମୁଖ୍ୟ ଆକର୍ଷଣକେନ୍ଦ୍ର ଥିଲା। ଡଚ୍ ବ୍ୟବସାୟୀଙ୍କ ଉତ୍ଥାନ ଫଳରେ ଇଂଲଣ୍ଡର ବ୍ୟବସାୟୀମାନେ କ୍ଷତି ସହିଲେ। ଏଥିପାଇଁ ସମ୍ରାଟମାନଙ୍କର ଉଦାସୀନତାକୁ କାରଣ ଭାବରେ ଧରାଗଲା। ଡଚ୍ ଗୁରୁତ୍ୱ ହ୍ରାସ କରିବାକୁ ସମ୍ରାଟ ଦ୍ୱିତୀୟ ଚାର୍ଲସ୍ ଯୁଦ୍ଧକୁ ଏକମାତ୍ର ଉପାୟ ବୋଲି ମନେ କଲେ। ହଲାଣ୍ଡ୍ ସହିତ ଲଢ଼ିବା ପାଇଁ ଆବଶ୍ୟକ ଥିଲା ଶକ୍ତିଶାଳୀ ନୌସେନା। ଅତି କମ୍‌ରେ ୬୦ ଯୁଦ୍ଧପୋତ ଓ ଅନ୍ୟ ଖର୍ଚ୍ଚ ପାଇଁ ସମ୍ରାଟ ଦେଶର ଧନୀ ସୁନାବେପାରୀଙ୍କୁ ଋଣ ଦେବା ପାଇଁ କହିଲେ। ଆଗରୁ ନେଇଥିବା ବହୁତ ଋଣ ସରକାର ଶୁଝି ନ ଥିବାରୁ ଅଧିକ ଋଣ ଦେବା ପାଇଁ ଅର୍ଥ ଓ ସାମାଜିକ ପ୍ରତିଷ୍ଠାରେ ବଳଶାଳୀ ବେପାରୀ ମନା କରିଦେଲେ।

ସେତେବେଳେ ବ୍ରିଟିଶ୍ ଶାସନ କୋଲେଟୋରାଇଜଡ୍ ଟ୍ରେଜେରି ଅଡର୍ (ସି.ଟି.ଓ.) ଜାରି କରୁଥିଲେ। ଏହା ଆଜିର ଟ୍ରେଜେରୀ ବିଲ୍‌ର ପୂର୍ବଜ। ସିଟିଓ ବଦଳରେ ଶାସକ ଠିକ୍ ସମୟରେ ଋଣ ପରିଶୋଧ ଏବଂ ସୁଧ ପ୍ରଦାନର ବ୍ୟବସ୍ଥା ଥିଲା। ସାଧାରଣ ଲୋକଙ୍କ ଜମାରାଶିରୁ ବ୍ୟାଙ୍କମାନେ ୧୦% ସୁଧରେ ସିଟିଓ ରେ ନିବେଶ କରୁଥିଲେ ଏବଂ ଲୋକଙ୍କୁ ୬% ସୁଧ ଦେଉଥିଲେ। ସଂଗୃହୀତ ଅର୍ଥ ସରକାର ବ୍ୟାଙ୍କ୍‌ରୁ କରଜ ଆଣିବା ଲାଗି ବ୍ୟବହୃତ ହେଉଥିଲା। ବେପାରୀ ଋଣ ଦେବାକୁ ମନା କରିବା ପରେ ସମ୍ରାଟ ପୂର୍ବଋଣ ଶୁଝିବାକୁ ଅସମର୍ଥ ହୋଇ ଶାସନକୁ ଦେବାଳିଆ ଘୋଷଣା କରିଦେଲେ। ଏହା ଐତିହାସିକ ଥିଲା। ଆଧିକାରିକ ଭାବରେ ଦେଶ ଋଣ ପରିଶୋଧ କରିବାରେ ବିଫଳ ବୋଲି ଘୋଷିତ ହେଲା। ତତ୍କାଳୀନ ବିତ୍ତୀୟ ବ୍ୟବସ୍ଥାରେ ଏହାକୁ 'ଷ୍ଟପ୍ ଦି ଏକ୍ସଚେକର୍' ବୋଲି କୁହାଯାଉଥିଲା। ବ୍ୟାଙ୍କ୍, ବ୍ୟବସାୟୀ ଏବଂ ନିବେଶକଙ୍କୁ ମୂଳ ଓ ସୁଧ ପ୍ରଦାନକୁ ବନ୍ଦ କରାଗଲା। ସେହିଅର୍ଥକୁ ଯୁଦ୍ଧଖର୍ଚ୍ଚ ଭାବେ ବ୍ୟବହାର କରାଗଲା। ଏହାର ପ୍ରଭାବ ଆଶାନୁରୂପ ଥିଲା। ନିବେଶକ ଓ ସମ୍ରାଟଙ୍କ ଭିତରେ କନ୍ଦଳ ସୃଷ୍ଟି ହେଲା।

ସମ୍ରାଟ ସୁଧ ଦେବା ବନ୍ଦ କରିଦେଲେ ତ ବ୍ୟାଙ୍କ୍‌ମାନେ ଲୋକଙ୍କ ଜମା ଉଠାଣ ବନ୍ଦ କରିଦେଲେ। ନିଜର ଜମାପୁଞ୍ଜି ଲୋକ ଉଠାଇ ପାରିଲେନି। ସରକାର ଓ ଧନୀକଙ୍କ ଟଣାଟଣିରେ ସାଧାରଣ ଲୋକ ହଇରାଣ ହେଲେ। ଦେଶରେ ଆର୍ଥିକ ବିଭ୍ରାଟ ସୃଷ୍ଟି ହେଲା। ରାଜା ବ୍ୟାଙ୍କ୍ ଓ ମହାଜନଙ୍କୁ ସୁଧରହିତ ନିବେଶରେ ଟଙ୍କା ଲଗାଇବାକୁ ଆଦେଶ ଦେଲେ। ଯିଏ ନ ମାନିଲା ତାକୁ ଦେଶଦ୍ରୋହ ଅପରାଧରେ ବନ୍ଦୀ କରାଗଲା। ଏହା ପ୍ରାୟ ସାତବର୍ଷ ଚାଲିଲା। ସାତବର୍ଷ ପରେ 'ଷ୍ଟପ୍ ଦି ଏକ୍ସଚେକର୍‌କୁ ପ୍ରତ୍ୟାହୃତ କରାଗଲା। ପୁଣି ଥରେ ସୁଧ ଦିଆଗଲେ ବି ମୂଳଧନ ବୁଡ଼ିଯିବାରୁ ଅଧିକାଂଶ ବ୍ୟାଙ୍କ୍ ଓ ସୁନା ବେପାରୀ ଦେବାଳିଆ ହୋଇଗଲେ। ବ୍ୟାଙ୍କ୍‌ରେ ଲୋକଙ୍କ ଜମା ବୁଡ଼ିଯିବା ଫଳରେ ଲୋକ ବ୍ୟାଙ୍କ୍ ଉପରେ ରାଗିଲେ। ଇଂଲଣ୍ଡରେ ରାଜନୈତିକ ଏବଂ ଅର୍ ଅର୍ଥନୈତିକ ବିଭ୍ରାଟ ଉପୁଜିଲା।

ଭାରତରେ ବଣ୍ଡ୍‌ର ପ୍ରଚଳନ ସିଧାସଳଖ ଭାବରେ ହୋଇ ନ ଥିଲା। ପ୍ରଥମେ ୧୯୧୭ ମସିହାରେ ଭାରତୀୟ ରିଜର୍ଭ୍ ବ୍ୟାଙ୍କ୍ ସ୍ୱଳ୍ପକାଳୀନ ନଗଦଟଙ୍କା ସଂଗ୍ରହ ପାଇଁ ଟ୍ରେଜେରୀ ବିଲ୍‌ସ ଆଣିଲେ। ୧୯୬୦ରେ କେନ୍ଦ୍ର ସରକାର ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ ଜରିଆରେ ପ୍ରଥମ ବଣ୍ଡ୍ ଆରମ୍ଭ କଲେ। ୧୯୮୦ ଦଶକାରୁ ଜିରୋ - କୁପନ୍ ବଣ୍ଡ୍‌ସ୍, ଫ୍ଲୋଟିଙ୍ଗ୍ ରେଟ୍ ବଣ୍ଡ୍‌ସ୍, କ୍ୟାପିଟାଲ୍ ଇନ୍‌ଡେକ୍ସଡ୍ ବଣ୍ଡ୍‌ସ୍ ପରି ବିତ୍ତୀୟ ଉପକରଣ ଆରମ୍ଭ କଲେ।

ରାଜାମାନେ ଚାଲିଗଲେ, ରାଜତନ୍ତ୍ର ବୁଡ଼ିଗଲା। ହେଲେ ବଣ୍ଡ୍ ସମୟ ସହିତ ଅଧିକ ଉନ୍ନତ ଏବଂ ବିକଶିତ ହେଲା। ଦେଶମାନଙ୍କରେ ଏହା ଦୀର୍ଘକାଳୀନ ପୁଞ୍ଜି ସଂଗ୍ରହର ଶ୍ରେଷ୍ଠ ଉପକରଣ ହୋଇପାରିଲା। ସମସ୍ତ ଜମା ଉପକରଣ ଭିତରେ ସରକାରୀ ବଣ୍ଡ୍ ସର୍ବାଧିକ ସୁରକ୍ଷିତ ଏବଂ ଲାଭଦାୟୀ। ଦେଶରେ ବଡ଼ ଶିଳ୍ପପତିମାନେ ନିଜର କଳାଧନକୁ ଇଲେକ୍ଟୋରାଲ୍ ବଣ୍ଡ୍ ଭାବରେ ବ୍ୟବହାର କରି ରାଜନୈତିକ ଦଳଗୁଡ଼ିକର ନିର୍ବାଚନରେ ହାରଜିତ୍‌କୁ ପ୍ରଭାବିତ କରିବା ସହ ଦେଶର ରାଜନୈତିକ ଭାଗ୍ୟ ନିୟନ୍ତ୍ରଣ କରୁଛନ୍ତି। ଆମେରିକାର ପ୍ରସିଦ୍ଧ ରାଜନୈତିକ ଉପଦେଷ୍ଟା ଜେମସ୍ କାର୍ବାଇଲ୍‌ଙ୍କ ଭାଷାରେ "ସତରେ ଯଦି ପୁନର୍ଜନ୍ମ ଥାଏ ତେବେ ମୁଁ ପୋପ୍ କିମ୍ବା ଆମେରିକାର ରାଷ୍ଟ୍ରପତି ନୁହେଁ ବରଂ ବଣ୍ଡ୍ ବଜାର ହୋଇ ଜନ୍ମ ନେବାକୁ ଚାହେଁ ଯାହା ପୃଥିବୀର ଯେ କୌଣସି ବ୍ୟକ୍ତିକୁ ବି ଡରେଇପାରେ।"

# ଚିତ୍ରକଳା ଓ ଜନଜାତି କଳାକୃତି



ଡା. ବିଚିତ୍ରାନନ୍ଦ ଆଚାର୍ଯ୍ୟ
ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ
ମୋ: ୯୪୩୭୨୪୨୩୧୭

ମାନବର ଅଭିବ୍ୟକ୍ତି ପାଇଁ ଯେତେ ପ୍ରକାର ମାଧ୍ୟମ ରହିଛି, ଚିତ୍ରକଳା ସେଥିମଧ୍ୟରୁ ଅନ୍ୟତମ। ପ୍ରାଗ୍ ଐତିହାସିକ ଯୁଗରୁ ଅଲତାମୀରା ଗହ୍ୱରର ଚିତ୍ରଣ ଏବଂ ଫ୍ରାନ୍ସର ଲସକସ୍ ଗହ୍ୱର ଚିତ୍ରଣ ପୂର୍ବରୁ ଆଦିମ ମାନବର ଅନ୍ୟ କୌଣସି ପ୍ରକାର ଚିତ୍ରାଙ୍କନର ସନ୍ଧାନ ମିଳେ ନାହିଁ। ଏଥିରୁ ପ୍ରମାଣିତ ହୁଏ ଯେ ଗହ୍ୱର ମଧ୍ୟସ୍ଥିତ ରେଖା ଓ ବର୍ଣ୍ଣର ଏହି ସହଜ ପରିପ୍ରକାଶ ଚିତ୍ରାଙ୍କନ ହିଁ ଭାଷାହୀନ ମାନବର ପ୍ରଥମ ଅଭିବ୍ୟକ୍ତି। ଭାରତୀୟ ଶିଳ୍ପୀମାନେ ଧର୍ମ ଓ ଦର୍ଶନର ସମିଶ୍ରଣରେ ଯେଉଁ ଉନ୍ନତ ଚିତ୍ର, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସୃଷ୍ଟି କରିଛନ୍ତି, ସେଥିରେ ଭାବ ପ୍ରକାଶ ସ୍ପଷ୍ଟ ପରିଲକ୍ଷିତ ହୁଏ। ଭାରତୀୟ ଚିତ୍ରକଳାରେ ରଚନା ଶୈଳୀ, ରେଖାଙ୍କନର ଚାତୁରୀ, ଲାଳିତ୍ୟ ବର୍ଣ୍ଣ ସଂଯୋଗ ଓ ଗୁଣାତ୍ମକ ପ୍ରକାଶ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଭାରତୀୟ ସମାଜରେ ଅତି ପ୍ରାଚୀନ କାଳରୁ ଚିତ୍ରର ପ୍ରଚଳନ ଥିଲା। କାବ୍ୟ ଓ ପୁରାଣମାନଙ୍କରେ ମଧ୍ୟ ଏହା ସୂଚନା ମିଳେ। ପ୍ରାଗୈତିହାସିକ ଯୁଗର କେତେକ ରେଖା ଚିତ୍ରର ସନ୍ଧାନ ଭାରତରେ ମିଳିଛି। ଏଥିରେ ଆଦିମାନବର ଦୈନନ୍ଦିନ ଘଟଣାବଳୀର କେତେକ ସୂଚନା ଦୃଷ୍ଟିକୁ ଆସେ। ଚିତ୍ରାଙ୍କନ ଯୁଗ ଯୁଗ ବ୍ୟାପୀ ଭାରତରେ ପ୍ରଚଳିତ ହୋଇ ଏକ ଉଚ୍ଚମାନର କଳା ପରମ୍ପରା ସୃଷ୍ଟି କରିବାରେ ସହାୟକ ହୋଇଛି।

ଭାରତର କଳା ଐତିହ୍ୟ କେବଳ ପ୍ରାଚୀନତା ଦୃଷ୍ଟିରୁ ନୁହେଁ ଏହାର ଆଧ୍ୟାତ୍ମିକତା ଦୃଷ୍ଟିରୁ ସୁଦୂର ପ୍ରସାରୀ। ଉତ୍କଳରେ ମଧ୍ୟ ରେଖା ଓ ବର୍ଣ୍ଣଦ୍ୱାରା ଚିତ୍ରାଙ୍କନ ପ୍ରଚଳିତ ଥିବାର ଦୃଷ୍ଟିକୁ ଆସେ। ପ୍ରାଗୈତିହାସିକ ଯୁଗରୁ ଗୁମ୍ଫାମାନଙ୍କରେ ଥିବା ପ୍ରସ୍ତର ଉପରେ ଅଙ୍କିତ ଚିତ୍ର ଅଦ୍ୟାବଧି ଉନ୍ନତ କଳା ପରମ୍ପରାର ସୂଚନା ଦିଏ। ତନ୍ମଧ୍ୟରୁ ସୁନ୍ଦରଗଡ଼ ଜିଲ୍ଲାର ମାଣିକଯୋଡ଼ା, ଉଷାକୋଠି, କଳାହାଣ୍ଡି ଜିଲ୍ଲାର ଉଲ୍ଲାପଗଡ଼ ଓ ବିକ୍ରମ ଖୋଲ ଅନ୍ୟତମ। ଏହି ଗୁମ୍ଫା ଚିତ୍ରର କାଳ ସଠିକ ଭାବେ ନିରୂପଣ କରାଯାଇ ନଥିଲେ ମଧ୍ୟ ତତ୍କାଳୀନ ସାମାଜିକ ଅବସ୍ଥାର କେତେକ ଚିତ୍ର ଦର୍ଶକମାନଙ୍କୁ ଅଭିଭୂତ କରିଥାଏ। ଏହାର ଜ୍ୟାମିତିକ ରେଖା ଓ ବର୍ଣ୍ଣର ରଚନା ମାଧ୍ୟମରେ ଭାବର ପ୍ରକାଶ ଶିଳ୍ପୀର ଅନ୍ତର୍ନିହିତ ଆବେଗର ପରିପ୍ରକାଶ।

ହିନ୍ଦୁଧର୍ମର ଆରାଧ୍ୟ ଦେବତା ବିଶ୍ୱବିଖ୍ୟାତ ପ୍ରଭୁ ଜଗନ୍ନାଥଙ୍କ ପ୍ରତୀକ ଆଦିବାସୀ ସଂସ୍କୃତିର ମୂଳ ପିଣ୍ଡ ବୋଲି ପୃଥିବୀର ଅନେକ କଳା ଐତିହାସିକ ଏବଂ ଚିନ୍ତାଶୀଳ ସାଂସ୍କୃତିକ ବ୍ୟକ୍ତିଗଣ ସ୍ୱୀକାର କରିଛନ୍ତି। ଶିଳ୍ପୀଗଣ କାଠ, ପଥର, ବିଭିନ୍ନ ଧାତୁ ତଥା ପଟ୍ଟଚିତ୍ର କାରିଗରମାନେ ଦେଉଳର କାନ୍ଥ, କନା ଓ ପଟ୍ଟିରେ ଆଦିବାସୀମାନେ ତାଙ୍କର ପାରମ୍ପରିକ ଶୈଳୀରେ ବିଭିନ୍ନ ପ୍ରାକୃତିକ ରଙ୍ଗ ସାହାଯ୍ୟରେ ତଥା ଏବର ଆଧୁନିକ ଯୁଗର ଶିଳ୍ପୀ ଓ ଭାସ୍କରମାନେ ଏହି ମହାନ ସଂସ୍କୃତିକୁ ବିଭିନ୍ନ ପଦ୍ଧତିରେ ଚିତ୍ରିତ କରିଛନ୍ତି। ବହୁକାଳରୁ ଏହି ଆଦିବାସୀ ସଂସ୍କୃତି ସହିତ ବିଦ୍ୟାପତି, ଲଳିତା, ଇନ୍ଦ୍ରଦ୍ୟୁମ୍ନ ଏବଂ ଶବର ରାଜା ବିଶ୍ୱାବସୁଙ୍କ ସମ୍ପର୍କ ଜନଜୀବନରେ ନିବିଡ଼ ସମ୍ପର୍କ ରଖି କାଳଜୟୀ ହୋଇଛନ୍ତି।

ଆଦିବାସୀମାନଙ୍କର ପୂଜ୍ୟ ଦେବତା ନୀଳମାଧବ ଆମ ଜାତି, ଧର୍ମ ନିର୍ବିଶେଷରେ ଗୃହୀତ ଧର୍ମଦେବତା ରୂପରେ ମଧ୍ୟ ପୂଜିତ। ଏହାର ଚିତ୍ରଣ ଶୈଳୀ ସରଳ ଓ ବକ୍ରରେଖା ସହିତ ଶ୍ୱେତ, ହରିଦ୍ରା, ଲାଲ ଓ କୃଷ୍ଣବର୍ଣ୍ଣର ବିଲେପନ ହିଁ ବହୁ ଶତବର୍ଷ ଧରି ପ୍ରଚଳନ ହୋଇ ଆସୁଛି। ଚିତ୍ରକଳା ମାଧ୍ୟମରେ କାନ୍ଥ, କବାଟ, ଭୂମି, ଘର ସମ୍ମୁଖରେ ପଥର ଦେହରେ ନାନା ପ୍ରକାର ଲୋକକଳା ଅଙ୍କନ କରି ଭୂତ, ପ୍ରେତ ମାନଙ୍କ ଭୟରୁ ରକ୍ଷା ପାଇଁ ଓ ପୂର୍ବ ପୁରୁଷମାନଙ୍କ ପୂଜା ଉଦ୍ଦେଶ୍ୟରେ ଚିତ୍ର ଅଙ୍କନ କରିବା ପାଇଁ ସେମାନେ ବିଶେଷ ଆଗ୍ରହ ଦେଖାଇଥାନ୍ତି। ଭାରତ ବର୍ଷର ଅନ୍ୟତମ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଶାନ୍ତିନିକେତନର ରାମଜୀଙ୍କର ବେଜ ଏହି ଆଦିବାସୀ ସଂସ୍କୃତିରେ ବିଶେଷ ଭାବେ ଅନୁପ୍ରାଣୀତ ହୋଇ ଏକ ବିଶାଳ ବ୍ରୋଞ୍ଜ ମୂର୍ତ୍ତି 'ସାନ୍ତାଳ ପରିବାର' ନିର୍ମାଣ କରିଛନ୍ତି। ଠିକ୍ ସେହିପରି ଶିଳ୍ପାଚାର୍ଯ୍ୟ ଗୁରୁ ନନ୍ଦଲାଲ ବୋଷଙ୍କ ଅସଂଖ୍ୟ ଚିତ୍ର ମଧ୍ୟରୁ 'ସାନ୍ତାଳଙ୍କ ଶସ୍ୟ ଅମଳର ନୃତ୍ୟ' ଚିତ୍ରଟି ଏକ ଅନବଦ୍ୟ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ପ୍ରଖ୍ୟାତ ଶିଳ୍ପୀ ସ୍ୱର୍ଗତ ଗୋପାଳ କାନୁନଗୋଙ୍କ 'ନବ ବସନ୍ତ' ଜଳରଙ୍ଗର ଚିତ୍ରଟି ଆଦିବାସୀ ରମଣୀ ପ୍ରାପ୍ତ ଯୌବନା ପ୍ରସ୍ଫୁଟିତ ପୁଷ୍ପକୁ ନିଜ ଗଭାରେ ଖୋସୁଥିବା ଦୃଶ୍ୟଟି ପରମ ଉପଭୋଗ୍ୟ। ଦୂରେ ଶାଳବଣ, ବୃକ୍ଷଲତା ଅନ୍ତରାଳରେ ଉଦୟ ହୋଇଥିବା ସୂର୍ଯ୍ୟରଶ୍ମୀ ସତେ ଯେପରି ଦେହରେ ବିଛାଡ଼ି ହୋଇ ଏକ ଜୀବନ୍ତ ଚିତ୍ର ଉଭା ହୋଇଛି। ଠିକ ସେହିପରି ସ୍ୱର୍ଗତ ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ଦ୍ୱାରା ଚିତ୍ରିତ 'ବନଫୁଲ'ରେ ଦୁଇ ରୂପ ଯୌବନରେ ଭରି ଯାଇଥିବା ଆଦିବାସୀ ଯୁବତୀ ନିଜ ନିଜର ଗୋପନ କଥାରେ ମଜ୍ଜି ଯାଇଛନ୍ତି। ଏହିପରି ଓଡ଼ିଶାର ଅନେକ ବିଶିଷ୍ଟ ଚିତ୍ରକରମାନେ ସେମାନଙ୍କ ନିହାଣ ମୁନ ଓ ତୁଳୀ ରଙ୍ଗ ମାଧ୍ୟମରେ ସୃଜନଶୀଳତାର ପରାକାଷ୍ଠା ଦେଖାଇଛନ୍ତି।

ଓଡ଼ିଶାର ଆଧୁନିକ ଚିତ୍ରଶିଳ୍ପୀମାନଙ୍କ ମଧ୍ୟରେ ଡକ୍ଟର ଦୀନନାଥ ପାଠୀଙ୍କ 'ଫସଲ ଅମଳର ସଙ୍ଗୀତ' ଓ ଶିବ ପାଣିଗ୍ରାହୀଙ୍କ ଅନେକ ସାଙ୍କେତିକ ଧର୍ମୀ ଆଦିବାସୀ ତୈଳଚିତ୍ର ଯଥାକ୍ରମେ କଲକାତା ଏକାଡ଼େମୀ ଅଫ ଫାଇନ ଆର୍ଟସ ଏବଂ ଓଡ଼ିଶା ଲଳିତକଳା ଏକାଡ଼େମୀର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀରେ ପୁରସ୍କୃତ ଓ ପ୍ରଦର୍ଶିତ ହୋଇଛି। ସେହିପରି ଗ୍ରାଫିକ ପ୍ରିଣ୍ଟସ ମାଧ୍ୟମରେ ବରିଷ୍ଠ ଶିଳ୍ପୀ ରାମହରି ଜେନା, ଅଧ୍ୟାପକ ଡି.ଏନ୍. ରାଓ, ଏକ୍ରିଲିକ ରଙ୍ଗ ମାଧ୍ୟମରେ ଆଦିବାସୀ ଲୋକକଳାକୁ ଶିଳ୍ପୀ କାଶୀନାଥ ଜେନା ଚିତ୍ରିତ କରିଛନ୍ତି। ଆଦିବାସୀ ସଂସ୍କୃତି ଉପରେ ଓଡ଼ିଶାରେ ଅନେକ ଚିତ୍ରକଳା ପ୍ରଦର୍ଶନୀ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା, ସେମିନାର ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ସୁଇଜରଲ୍ୟାଣ୍ଡର ଡକ୍ଟର ଏବାର ହାଡ଼୍ ଫିସର ଓ ଡକ୍ଟର ଦୀନନାଥ ପାଠୀଙ୍କ ମିଳିତ ଉଦ୍ୟମରେ ଉଚ୍ଚକୋଟୀର ଐତିହାସିକ ଗବେଷଣା ବିବରଣୀ ସହ ରଙ୍ଗୀନ ପୁସ୍ତକ ପ୍ରକାଶ ପାଇଛି। ବିଶିଷ୍ଟ କବି ଡକ୍ଟର ସୀତାକାନ୍ତ ମହାପାତ୍ରଙ୍କ ଆଦିବାସୀ ମାନଙ୍କ ଉପରେ କବିତା ଓ ବିଶିଷ୍ଟ ଚିନ୍ତାଶୀଳ ସମାଜସେବୀ 'ଦି ୟୁନିଭର୍ସ'ର ପ୍ରାଣପ୍ରତିଷ୍ଠାତା ଶ୍ରୀ ଗିରିଜା ଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ଆଦିବାସୀ ସଂସ୍କୃତିରେ ସାହିତ୍ୟ, ଭାସ୍କର୍ଯ୍ୟ, ଚିତ୍ରକଳା ଉପରେ ପୃଥିବୀର ବିଶିଷ୍ଟ ଲେଖକଙ୍କ ସନ୍ନିବେଶିତ ଏକ ଗ୍ରନ୍ଥ ଅମୂଲ୍ୟ ସମ୍ପଦ ହୋଇ ରହିବ। ସେହିପରି ଭୁବନେଶ୍ୱରଠାରେ ୱାର୍କିଂ ଆର୍ଟିଷ୍ଟସ୍ ଏସୋସିଏସନ ଦ୍ୱାରା 'ଆଦିବାସୀ ସଂସ୍କୃତି' ଉପରେ ଜାତୀୟ ସେମିନାର ଓ ଆଲୋଚନାଚକ୍ର ନିୟମିତ ସମୟରେ ଅନୁଷ୍ଠିତ ହୋଇଥାଏ। ଜନଜାତି ଜୀବନର ଏହି ଅମୃତମୟ ଚିତ୍ରକଳା କଳା କ୍ଷେତ୍ରରେ ନୂତନ ସୃଜନର ସ୍ରୋତ ପ୍ରବାହିତ କରିବା ସହ ଅନେକ ଯଶସ୍ୱୀ କଳା ପ୍ରତିଭା, ଲୋକକଳା ସହ ଜନଜାତି, ଉତ୍କଳର ଆଦିବାସୀ ପରମ୍ପରାର ମନମୁଗ୍ଧ କଳାକୃତି ଯୁଗେ ଯୁଗେ ସ୍ମରଣୀୟ।

# ଗୁରୁ ଦାୟିତ୍ୱ



ଇଂ ସୁସ୍ମିତା ମହାନ୍ତ
ସରଧା, କରଞ୍ଜିଆ
ମୋ: ୭୦୦୮୬୭୮୩୦୦

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ,
ଗୁରୁ ଦେବ ମହେଶ୍ୱର;
ଗୁରୁ ସାକ୍ଷାତ୍ ପରମ୍ ବ୍ରହ୍ମ,
ତସ୍ମୈଶ୍ରୀ ଗୁରବେ ନମଃ।

ଏହି ମନ୍ତ୍ରର ଉଚ୍ଚାରଣ ଗୁରୁଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନ ବ୍ୟକ୍ତ କରିବା ପାଇଁ କରିଥାଉ। ଗୁରୁ ଯିଏ ଅନ୍ଧାର ରୂପି ଅଜ୍ଞାନକୁ ଦୂର କରି ଶିକ୍ଷାର ଆଲୋକ ପ୍ରଦାନ କରିଥାନ୍ତି। ଗୁରୁ ଯେ କେବଳ ପୁସ୍ତକ ଗତ ବିଦ୍ୟାକୁ ସରଳ କରିନ୍ତି ତା' ନୁହେଁ ଜୀବନରେ ସାଧନର ମାର୍ଗ ବି ଦେଖାଇ ଥାଆନ୍ତି ଯାହା ଦ୍ୱାରା ଆମ ଭବିଷ୍ୟତ ଉଜ୍ଜ୍ୱଳିତ ହେବା ସହିତ ଲକ୍ଷ୍ୟ ପଥରେ ଚାଲିବା ସରଳ ହୋଇଯାଏ। ସଂସ୍କୃତରେ ଅଛି 'ମାତା, ପିତା, ଗୁରୁ, ଦେବମ୍', ମାତା ଅର୍ଥାତ୍ ଜନ୍ମଦାତ୍ରୀ ପାଳନ କରନ୍ତି ଓ ସ୍ନେହ ମମତାର ପ୍ରତୀକ। ପିତା ମାର୍ଗଦର୍ଶନ କରିବା ସହିତ ସୁରକ୍ଷା ମଧ୍ୟ ପ୍ରଦାନ କରିଥାନ୍ତି। ତତ୍-ପଶ୍ଚାତ ଗୁରୁ ଶିକ୍ଷା ପ୍ରଦାନ କରନ୍ତି ଓ ମୁକ୍ତିର ପ୍ରତୀକ ଅଟନ୍ତି। ସର୍ବଶେଷରେ ଭଗବାନ ଯିଏ ସକଳ ଶକ୍ତିର ଆଧାର ଏବଂ ଅନ୍ତିମ ସତ୍ୟ।' ମାତା, ପିତା, ଗୁରୁ, ଦେବମ୍' କ୍ରମକୁ ଲକ୍ଷ୍ୟ କଲେ ଆମେ ଦୃଷ୍ଟିଗୋଚର କରିପାରିବୁ ଯେ ପ୍ରଥମେ ମାତା/ପିତା ତାଙ୍କ ପରେ ଗୁରୁ ଏବଂ ଶେଷରେ ଆସନ୍ତି ଭଗବାନ। ତେଣୁ ଗୋଟିଏ ଶିଶୁ ପାଇଁ ତା'ର ମାତା-ପିତା ହିଁ ପ୍ରଥମ ମାର୍ଗଦର୍ଶକ ସାଜିଥାନ୍ତି, ଜୀବନର ପ୍ରଥମ ପାଠ ପଢ଼ାଇବା ସହିତ ପିଲାଟିକୁ ନିର୍ଭୟ କରାଇଥାନ୍ତି ଯେ ଭରଣ ପୋଷଣ, ମାର୍ଗଦର୍ଶନ ସହିତ ସୁରକ୍ଷା ଯାହା ପରିବାରରେ ହିଁ ପ୍ରାପ୍ତ ହୋଇପାରିବ। ସେମାନେ ହିଁ ଶିକ୍ଷାର ମୂଳଦୁଆ ରଖିଥାନ୍ତି। କିନ୍ତୁ ଏବେ ଘଟଣା ଟିକିଏ ଅଲଗା, ପିଲାମାନେ ବାପା, ମାଆ ପରିବାରଜନଙ୍କ ସମ୍ମୁଖରେ ନିଜ ସମସ୍ୟା ପ୍ରକାଶ କରିବାକୁ ଭୟ ଅନୁଭବ କରୁଥିବା ବେଳେ ସେହି ସମସ୍ୟାକୁ ସହପାଠୀଙ୍କ ସହ ଆଲୋଚନା କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ଏହାର କାରଣଟି ସ୍ପଷ୍ଟ, ଆମେ ହଉଚୁ ସାମାଜିକ ପ୍ରାଣୀ ଓ ସମାଜ କ'ଣ କହିବ ତାକୁ ଭାରି ଡର। ଏବଂ ସେଇ ଡର ଆମେ ପିଲାଙ୍କୁ ମଧ୍ୟ ଜଣେଇ ଦେଇଥାଉ ଯେ 'ଲୋକେ କ'ଣ କହିବେ' ଏବଂ ପିଲାମାନେ ମଧ୍ୟ ସେହି ଭୟର ବଶବର୍ତ୍ତୀ ହୋଇ ଜୀବନର ଚଲାପଥରେ କିଛି ଭୁଲ୍ କରି ବସିଲେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥାନ୍ତି। ଯାହା ସେ ସମସ୍ୟାର ସଠିକ୍ ସମାଧାନର ବାଟ ନୁହେଁ। ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ଭାରତରେ ଯୁବବର୍ଗଙ୍କ ଆତ୍ମହତ୍ୟା ହାର ବିଶ୍ୱରେ ସର୍ବାଧିକ ଅଟେ। ୧୫ - ୨୯ ବୟସ ରେ ବର୍ଗରେ ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ଆତ୍ମହତ୍ୟା ମୃତ୍ୟୁର ମୁଖ୍ୟ କାରଣ ଅଟେ (ଇଣ୍ଡିଆ ଷ୍ଟେଟ୍-ଲେଭଲ୍ ଡିଜିଜ୍ ବର୍ଡେନ୍ ଇନିସିଏଟିଭ୍ ସୁଇସାଇଡ୍ କଲବୋରେଟର୍ସ, ୨୦୧୮ ଅନୁସାରେ)। ବିଶେଷ କରି ଯୁବତୀମାନେ ଅଧିକ ବିପଦରେ ଥିବା ପରି ମନେହୁଏ। ବିଶ୍ୱର ଜନସଂଖ୍ୟାର ୧୭ ଭାଗ ଭାରତରେ ବାସ କରୁଥିବା ଏବଂ ପ୍ରାୟ ୩୦ ଭାଗ ୧୫-୨୯ ବର୍ଷ ମଧ୍ୟରେ ଥିବାରୁ ଭାରତର ଯୁବକମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତାକୁ ରୋକିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଗୋଷ୍ଠୀ ପାଇଁ ପ୍ରତିରୋଧ କାର୍ଯ୍ୟକ୍ରମ ବିକାଶ କରିବାକୁ, ପ୍ରଥମେ ଆତ୍ମହତ୍ୟା ଉଦ୍ୟମର କାରଣ ଗୁଡ଼ିକୁ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ବୁଝିବା ଆବଶ୍ୟକ। 'ନ୍ୟାସନାଲ୍ କ୍ରାଇମ୍ ରେକଡ୍ ବ୍ୟୁରୋ' ୨୦୨୨ ବିବରଣୀ ଅନୁସାରେ ୧୩୦୪୪ ଛାତ୍ର ଆତ୍ମହତ୍ୟାକୁ ଆପଣେଇ ମୃତ୍ୟୁବରଣ କରିଥିବା ବେଳେ ୨୨୪୮ ଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନଥିବା କାରଣରୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି। ସେମିତି ପାରିବାରିକ ସମସ୍ୟା, ମାନସିକ ଏବଂ ପ୍ରେମରେ ବିଫଳତା, ଦୁର୍ବଳ ସାଙ୍ଗ ସମ୍ପର୍କ, ଦାରିଦ୍ରତା, ଯୌନ ନିର୍ଯାତନା ଇତ୍ୟାଦି ଆତ୍ମହତ୍ୟାର ମୁଖ୍ୟ କାରଣ ସବୁ। ବର୍ତ୍ତମାନ କାରଣ ସ୍ପଷ୍ଟ କିନ୍ତୁ ଏହାକୁ ରୋକିବା ନିମନ୍ତେ ସମାଧାନ ଅସ୍ପଷ୍ଟ। ଜଣେ ଆତ୍ମହତ୍ୟା ଭଳି ଭୟାଭୟ ପଦକ୍ଷେପ ସେହି ସମୟରେ ହିଁ ଆପଣେଇ ଥାଏ, ଯେଉଁ ସମୟରେ ସେ ଜଣେ ଭରଷା ଯୋଗ୍ୟ ବନ୍ଧୁଟିଏ ନ ପାଇ, ମନର ସମସ୍ତ ଚାପକୁ ଲୁଚାଇ ଅନ୍ତରରୁ ଅସ୍ଥିର ରହିଥାଏ। ସେ ଭରଷା ଯୋଗ୍ୟ ବନ୍ଧୁ ଯେ କେବଳ ଜଣେ ସହପାଠୀ ହିଁ ହୋଇପାରିବ ସେୟା ନୁହେଁ। ଆଜି ଏଇ ସ୍ୱାର୍ଥପର ସମାଜରେ ନିଜ ସ୍ୱାର୍ଥ ବିନା କେହି କାହାରି ଭଲ ଚିନ୍ତା କରି ପାରିନଥାନ୍ତି, କି କାହା ନିକଟରେ ସେତିକି ସମୟ ମଧ୍ୟ ନାହିଁ ଯେ ନିଜ ସମସ୍ୟା ଛାଡି ଅନ୍ୟର ସମସ୍ୟା ବୁଝି ସମାଧାନର ବାଟଟିଏ ବାହାର କରିବ। ଅନ୍ୟସମସ୍ତଙ୍କୁ ଆଡ କରି ସାରିବା ପରେ ବର୍ତ୍ତମାନ ପ୍ରଶ୍ନ ଗୁରୁଦାୟିତ୍ୱଟି କାହାର? କିଏ ସେହି ଅସ୍ଥିରତା ପୂର୍ଣ୍ଣ କୋମଳ ହୃଦୟରେ ଆଶାଟିଏ ଭରିଦେଇ ସାହସ ଟିକକ ଦେଇପାରିବ, ଯେ ଏଇ ଜୀବନ ଯୁଦ୍ଧରେ ତୁ ଏକୁଟିଆ ନୁହଁ, ଆମେ ତୋ ସହିତ ସବୁ ସମୟରେ ସହଯୋଗୀ ଭାବେ ଅଙ୍ଗରକ୍ଷକ ହୋଇ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତ। ସେହି ସୁରକ୍ଷା କେବଳ ପିତା ମାତାଙ୍କ ବ୍ୟତୀତ ଅନ୍ୟ କେହି ପ୍ରଦାନ କରି ପାରିବେ ନାହିଁ। କିନ୍ତୁ ବହୁତ ଦୁଃଖର ଘଟଣା ଏଇୟା ଯେ ବୟସର ଅନ୍ତର ହେଉ କି ଅନ୍ୟକୌଣସି ପ୍ରତିବନ୍ଧକ ହେଉ ଯାହାଦ୍ୱାରା ପିତା ମାତାଙ୍କ ନିଜ ସନ୍ତାନ ସହିତ ସେହି ବନ୍ଧୁତ୍ୱ ପୂର୍ଣ୍ଣ ମଧୁର ସମ୍ପର୍କଟି ସୃଷ୍ଟି ହୋଇପାରୁନାହିଁ, ଯାହାର ଫଳ ସ୍ୱରୂପ ଆମ ପ୍ରିୟଜନଙ୍କୁ ଅକରଣରେ ହରେଇ ଦେଉଛୁ ଓ ଶେଷରେ ଅନୁତାପ ଛଡ଼ା ଆମ ପାଖରେ କୌଣସି ଉପାୟ ହିଁ ରହୁ ନାହିଁ। ତେଣୁ ପ୍ରତ୍ୟେକ ପରିବାରର ପିତା ମାତା ଓ ଅନ୍ୟ ଗୁରୁଜନ ମାନେ ନିଜ ସନ୍ତାନ ସହିତ କଥା ହୁଅନ୍ତୁ, ପରିଶ୍ରମ, ଶୃଙ୍ଖଳିତ, ଦାୟିତ୍ୱବାନ ହେବା, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଓ ଅସୁବିଧା ଦୂରକରିବା ପାଇଁ ଶିକ୍ଷା ଦ୍ୱାରା ମାର୍ଗ ଦର୍ଶନ କରିବା ସହିତ, ଗୋଟିଏ ସୁନ୍ଦର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କଟିଏ ସ୍ଥାପନ କଲେ ଆତ୍ମହତ୍ୟା ଭଳି ଅଘଟଣ ଆମ ପରିବାର ଜନଙ୍କ ମଧ୍ୟରେ ହେବ ନାହିଁ କି ନିଜ ସନ୍ତାନକୁ ହରାଇବାର କଷ୍ଟ/ ମାନସିକ ଚିନ୍ତା ମଧ୍ୟ ସେ ପିତାମାତାଙ୍କୁ ହେବନାହିଁ। ଏହା ହିଁ ଏକ ସଚେତନ, ସୁସ୍ଥ, ସୁରକ୍ଷିତ ଓ ପ୍ରଗତିଶୀଳ ସମାଜ ପାଇଁ ମାନଦଣ୍ଡ ହୋଇପାରିବ।

# ନ୍ୟାୟ ପାଇଁ ୧୯ବର୍ଷ ପରେ...



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

୨୦୦୬ ମସିହା ଜୁଲାଇ ମାସ ୧୧ତାରିଖ ଦିନ ମୁମ୍ବାଇର ଲୋକାଲ ଟ୍ରେନରେ ସଂଘଟିତ ଲୋମହର୍ଷଣକାରୀ ବିସ୍ଫୋରଣ ଏବେ ବି ଅଭୁଲା ହୋଇରହିଛି। ସ୍ମରଣଯୋଗ୍ୟ ଯେ, ସନ୍ଧ୍ୟା ସମୟରେ, ଯେତେବେଳେ ଯାତ୍ରୀଙ୍କ ଭିଡ ଲାଗି ରହିଥିଲା, ଠିକ୍ ସେହି ସମୟରେ ୭ଟି ଲୋକାଲ ଟ୍ରେନର ୭ଟି ପ୍ରଥମ ଶ୍ରେଣୀ ବଗିରେ ମାତ୍ର ୧୧ମିନିଟ୍ ମଧ୍ୟରେ ଶକ୍ତିଶାଳୀ ବିସ୍ଫୋରଣରେ ୨୦୯ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୮୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ କେତେକ ଏବେ ବି ଅକର୍ମଣ୍ୟ ହୋଇ ମୃତ୍ୟୁ ଅପେକ୍ଷାରେ ଅଛନ୍ତି। ସେତେବେଳେ ଏହି ଭୟଙ୍କର ବିସ୍ଫୋରଣ କେବଳ ମୃତାହତ ଯାତ୍ରୀଙ୍କ ପରିବାରକୁ ନିକଟରେ ମୁମ୍ବାଇ ହାଇକୋର୍ଟଙ୍କ ରାୟ ବେଳେ ଆହୁରି କ୍ଷତାକ୍ତ କରିନାହିଁ, ଦେଶରେ ପୋଲିସର ତଦନ୍ତ ପ୍ରକ୍ରିୟା ଏବଂ ନ୍ୟାୟ ପାଇଁ ନ୍ୟାୟାଳୟ ପ୍ରତି ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ଓ ଭରସା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ର ଆତଙ୍କ ବିରୋଧୀ ସ୍କ୍ୱାର୍ଡ(ଏଟିଏସ୍) ଅନୁସନ୍ଧାନ ଆଧାରରେ ତଳକୋର୍ଟ ୧୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲେ। ପ୍ରାୟ ୧୦ବର୍ଷ ଧରି ମାମଲା ଶୁଣାଣି ସମୟରେ ୧୯୨ଜଣଙ୍କ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରଦାନ ଠାରୁ ଆରମ୍ଭ କରି ଡାକ୍ତର, ଫୋରେନସିକ ବିଶେଷଜ୍ଞଙ୍କ ରିପୋର୍ଟ ଆଧାରରେ ମହାରାଷ୍ଟ୍ର ଏକକୋକା କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ୧୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଫାଶୀଦଣ୍ଡାଦେଶ ଦେଇଥିଲେ। ଯାହାକି ପୀଡିତାଙ୍କୁ ଆଶ୍ୱସ୍ତ କରିଥିଲା। ଭାରତୀୟ ବିଚାରପତି ଆଧାରରେ ଅଭିଯୁକ୍ତମାନେ ମୁମ୍ବାଇ ହାଇକୋର୍ଟରେ ତଳ କୋର୍ଟର ରାୟକୁ ଚ୍ୟାଲେଞ୍ଜ କରି ଅପିଲ କରିଥିଲେ। ମୁମ୍ବାଇ ହାଇକୋର୍ଟ ଅପିଲର ଶୁଣାଣି କରି ୬୧୭ ପୃଷ୍ଠା ସମ୍ବଳିତ ରାୟରେ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି। ହାଇକୋର୍ଟ ତାଙ୍କ ରାୟରେ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ହୋଇଥିବା ସମସ୍ତ ପ୍ରମାଣକୁ ମୂଲ୍ୟହୀନ ବୋଲି ଦର୍ଶାଇଛନ୍ତି। ବିସ୍ଫୋରଣରେ କି ପ୍ରକାରର ବୋମା ବ୍ୟବହୃତ ହୋଇଥିଲା, ପୋଲିସ କହିବାକୁ ଅକ୍ଷମ ଥିବା ହାଇକୋର୍ଟ ଦର୍ଶାଇଛନ୍ତି। ସେହିପରି ପୋଲିସ ସଂଗ୍ରହ କରିଥିବା ସମସ୍ତ ଟୁକୁରା ତ୍ରୁଟିପୂର୍ଣ୍ଣ ଏବଂ ଅସୁରକ୍ଷିତ ଥିଲା। ପୋଲିସର ନିର୍ଯାତନା ଯୋଗୁଁ ଅଭିଯୁକ୍ତମାନେ ଅପରାଧରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ଏହି ସ୍ୱୀକାରୋକ୍ତି ସତ୍ୟତାପୂର୍ଣ୍ଣ କିମ୍ବା ସମ୍ପୂର୍ଣ୍ଣ ନୁହେଁ ବୋଲି ଅଦାଲତ କହିଛନ୍ତି। ଏହା ବ୍ୟତୀତ ଅଭିଯୁକ୍ତମାନେ ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନର ସଦସ୍ୟ ଥିବା ନେଇ ଯେଉଁସବୁ ପୁସ୍ତକ ଓ ପ୍ରମାଣପତ୍ର ଉପସ୍ଥାପନ କରାଯାଇଥିଲା, ତାହା ସେମାନେ ନିଷିଦ୍ଧ ସଂଗଠନର ସଦସ୍ୟତାକୁ ପ୍ରମାଣିତ କରୁନାହିଁ କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ସମସ୍ତ ସାକ୍ଷୀ ମିଛୁଆ ବୋଲି ହାଇକୋର୍ଟ ଦର୍ଶାଇଛନ୍ତି। ଆହୁରି ମଧ୍ୟ ୪ବର୍ଷ ପରେ ଅଭିଯୁକ୍ତମାନଙ୍କୁ ସାକ୍ଷୀମାନେ ଚିହ୍ନଟ କରିବା ଅତି ଅସଂଗତ ଏବଂ ସାକ୍ଷୀମାନେ ପେଷାଦାର ବୋଲି ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି। ଏହା ନିଃସନ୍ଦେହ ଯେ, ଅଦାଲତଙ୍କର ଏହିସବୁ ଅନୁସନ୍ଧାନ ସିଦ୍ଧାନ୍ତ ଗୁଡିକ ଚିନ୍ତାଜନକ। ତେବେ ପ୍ରଥମ ଘଟଣା କିମ୍ବା ନୂଆ ନୁହେଁ। ତେବେ ଅପରାଧୀ କେଉଁମାନେ? ଯେଉଁମାନେ କି ଏବେ ବି ମୁକ୍ତ ଭାବରେ ବିଚରଣ କରୁଛନ୍ତି? ଯାହା ମୁମ୍ବାଇ ହାଇକୋର୍ଟଙ୍କ ରାୟ ସନ୍ଦେଶ ପ୍ରଦାନ କରେ। ଏହା ସତ୍ୟ ଯେ, ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଦାଲତ ଦୋଷୀଙ୍କୁ ଦଣ୍ଡବିଧାନ କରିଥାଏ। ଦେଶର ଦୁଇ ଅଦାଲତ ଭିନ୍ନ ଭିନ୍ନ ରାୟ ଦେଇଛନ୍ତି। କେଉଁ ଅଦାଲତ ଠିକ୍ ତାହା ଦୀର୍ଘ ୨୦ବର୍ଷ ଧରି ନ୍ୟାୟ ଅପେକ୍ଷାରେ ଥିବା ପୀଡିତଙ୍କ ପରିବାରଙ୍କ ପକ୍ଷରେ ବୁଝିବା ସମ୍ଭବ ନୁହେଁ। ଅବଶ୍ୟ ମହାରାଷ୍ଟ୍ର ସରକାରଙ୍କ ଅପିଲକୁ ଗ୍ରହଣ କରି ସୁପ୍ରିମକୋର୍ଟ ମୁମ୍ବାଇ ହାଇକୋର୍ଟଙ୍କ ରାୟ ଉପରେ ରହିତାଦେଶ ଜାରି କରିଛନ୍ତି। ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲା ଉପରେ ସୁପ୍ରିମକୋର୍ଟରେ ପୁଣି ମୂଳରୁ ଶୁଣାଣି ହେବ। ସୁପ୍ରିମକୋର୍ଟ ଏହି ମାମଲାରେ ସମସ୍ତ ଦୋଷୀଙ୍କୁ ନୋଟିସ ଜାରି କରିଥିବାବେଳେ ହାଇକୋର୍ଟଙ୍କ ରାୟକୁ ଉଦାହରଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି କିନ୍ତୁ ଜେଲ୍‌ରୁ ଖଲାସ ହୋଇଯାଇଥିବା ଅପରାଧକୁ ପୁନର୍ବାର ଜେଲ୍‌କୁ ଫେରାଇ ଅଣାଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏବେ ସୁପ୍ରିମକୋର୍ଟଙ୍କ ଉପରେ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣରେ ମୃତାହତ ପରିବାର ଭରସା। ନ୍ୟାୟ ପାଇଁ ପୀଡିତଙ୍କ ପରିବାରକୁ ପୁଣି ଆଉ କେତେ ବର୍ଷ ଅପେକ୍ଷା କରିବାକୁ ହେବ, ତାହା ସମୟ କହିବ।

ଓଡ଼ିଶା
ଭାସ୍କର
ODISHA BHASKAR
# ରାଜ୍ୟ ଖବର




ଭୁବନ, (ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟି, ଭୁବନ ନଗର ମଣ୍ଡଳ ତରଫରୁ ବାଜି ରାଉତ କଲ୍ୟାଣ ମଣ୍ଡପ ଠାରେ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିଜେପି ନଗର ମଣ୍ଡଳ ସଭାପତି ଅଜିତ କୁମାର ବିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ମାନେ କେବଳ ଘରର ନୁହେଁ,ସମାଜ ଓ ରାଷ୍ଟ୍ର ଗଠନର ମୂଳ ଶକ୍ତି । ମହିଳା ମାନଙ୍କ ଆର୍ଥିକ ବିକାଶ ପାଇଁ ଲୋକପ୍ରିୟ ସରକାର ସୁଭଦ୍ରା ଯୋଜନାରେ ବର୍ଷକୁ ୧୦ହଜାର ଟଙ୍କା ପ୍ରଦାନ କରୁଛି । ମହିଳାମାନେ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ରାସ ବିହାରୀ ବେହେରା, ପୂର୍ବତନ ଜିଲ୍ଲା ସଭାପତି ପ୍ରେମାନନ୍ଦ ଜେନା, ପୂର୍ବତନ ମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା, ମହିଳା ମୋର୍ଚ୍ଚା ସଭାନେତ୍ରୀ ସରୋଜିନୀ ରଣା, ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଗତି କଅଁର ,ପୂର୍ବତନ ନଗରପାଳ ନନ୍ଦ କିଶୋର ସାହୁ, ନରହରି ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ ।



## ୩ ବଖରା ଭସ୍ମୀଭୂତ

# ଝିଅ ବାହାଘରର ସାମଗ୍ରୀ ପାଉଁଶ ଗଦାରୁ ସାଉଣ୍ଟୁଛନ୍ତି ବାପା-ମା





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଆଉ କିଛି ମାସ ପରେ ହୋଇଥାନ୍ତା ଝିଅର ବାହାଘର । ହେଲେ ଝିଅ ବାହାଘର ପାଇଁ ରଖାଯାଇଥିବା ସବୁ ଜିନିଷପତ୍ର ନିଆଁରେ ପୋଡି ପାଉଁଶ ହୋଇଗଲା । ଏବେ ଝିଅ ବାହାଘର କେମିତି ହେବ, କିପରି ଚଳିବେ ସେ ଚିନ୍ତାରେ ବାପା, ମା ଦୁହେଁ । ଏହା ଶହ ଘର ପୋଡିବା ପରେ ଖୋଲା ଆକାଶ ତଳେ ପରିବାର । ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲି ଅନ୍ତର୍ଗତ ଶିଶୁଅ ପଂଚାୟତ ଅଧୀନ ଉଦୟକଣି ଗ୍ରାମର ୫ନମ୍ବର ୱାର୍ଡ କପିଳ କାଣ୍ଡି ପରିବାର ସଦସ୍ୟ ଶୋଇଥିବା ବେଳେ ଶୁକ୍ରବାର ହଠାତ ବିଳମ୍ବିତ ରାତ୍ରରେ କୌଣସି କାରଣ ବଶତଃ ଅଗ୍ନିକାଣ୍ଡ ହୋଇଥିଲା । ଅଗ୍ନିକାଣ୍ଡ ପ୍ରଖର ଏତେ କ୍ଷିପ୍ରତର ଥିଲା କ୍ଷଣିକ ମଧ୍ୟରେ ଜଳିଗଲା ୩ ବଖରା ଚାଳଘର ସମେତ ଘର ଭିତରେ ଥିବା ସ୍କୁଟି ଗାଡି, ସାଇକେଲ, ଟ୍ରଙ୍କ ମଧ୍ୟରେ ଥିବା ଘରର ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର, ମୋବାଇଲି ଫୋନ, ବସ୍ତ୍ର ସମେତ ଅନ୍ୟାନ୍ୟ ସାମଗ୍ରୀ ଜଳି ଭସ୍ମିଭୂତ ହୋଇଯାଇଛି । ବରଂ ମାଟିରେ ମିଶେଇ ଦେଇଛି ଅନେକ ସ୍ୱପ୍ନ । ଝିଅ ବାହାଘର ପାଇଁ ରଖିଥିବା ଜିନିଷ ପତ୍ର ଶହ ବର୍ଷକର ଆହାର । ଝିଅ ବାହାଘର ସ୍ୱପ୍ନରେ ଲାଗିଗଲା ନିଆଁ । ଭୟଙ୍କର ଅଗ୍ନିକାଣ୍ଡ ରେ ପୋଡି ପାଉଁଶ ହୋଇଗଲା । ଖବର ପାଇଁ କୋଣାର୍କ ଅଗ୍ନିଶମ ବାହିନୀ ପହଂଚି ନିଆଁ କୁ ଆୟତ୍ତ କରିଥିଲେ । ପାଉଁଶ ହୋଇଗଲା ସବୁ ଆଶା ଆଉ ଉତ୍କଣ୍ଠା । ହେଲେ ବାହାଘର ଆଗରୁ ପୋଡି ପାଉଁଶ ହୋଇଯାଇଛି ବାହାଘର ପାଇଁ ରଖାଯାଇଥିବା ଟଙ୍କା, ସୁନା, ରୂପା, ବାସନକୁସନ ଓ କିଛି କାଠ ସାମଗ୍ରୀ । ଏବେ ଝିଅ ବାହାଘର କେମିତି ହେବ ସେହି ଚିନ୍ତାରେ ଅଗ୍ନିବିପନ୍ନ କପିଳ କାଣ୍ଡି ଓ ତାଙ୍କ ପତ୍ନୀ । ଏ ଘଟଣା ଖବର ପାଇଁ ସ୍ଥାନୀୟ ଅଞ୍ଚଳ କିଛି ବ୍ୟକ୍ତି ପହଞ୍ଚି ପରିବାରକୁ ଆଶ୍ୱାସନା ଦେବା ଶହ ସ୍ଥାନୀୟ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତିଙ୍କୁ ଯୋଗାଯୋଗ କରିବାରୁ ସଂଗେ ସଂଗେ ରାଜସ୍ୱ ନିରୀକ୍ଷକକୁ ପଠାଇ ସ୍ଥିତି ଅନୁଧ୍ୟାନ କରିବା ଶହ ଅଗ୍ନି ବିପନ୍ନ କପିଳ କାଣ୍ଡି ଙ୍କୁ ପାଲ ଯୋଗାଇଦେଇଛନ୍ତି । ଏ ସମ୍ପର୍କରେ ତହସିଲଦାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି ଖୁବ ଶୀଘ୍ର ଅଗ୍ନିବିପନ୍ନ କପିଳ କାଣ୍ଡିଙ୍କୁ ସହାୟତା ଯୋଗାଇ ଦିଆଯିବ ସୂଚନା ଦେଇଛନ୍ତି । ଅନ୍ୟ ପଟେ ଏଭଳି ଅଗ୍ନିକାଣ୍ଡ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ସମାଜସେବୀ ବ୍ୟକ୍ତି ବିଶେଷ ଶୁଖିଲା ଖାଦ୍ୟ ସମେତ ବସ୍ତ୍ର ମଧ୍ୟ ପରିବାରଙ୍କୁ ପ୍ରଦାନ କରିଛନ୍ତି । ତେବେ ଦିନ ମଜୁରିଆ କପିଳ କାଣ୍ଡିଙ୍କ ପରିବାରକୁ ପ୍ରତିପୋଷଣ କରିବାକୁ ସମ୍ପୂର୍ଣ୍ଣ ଅସହାୟ ହୋଇ ପଡିଥିବାରୁ ତାଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବ୍ଲକ୍‌ସ୍ତରୀୟ କନଭେନ୍ସନ୍ ବୈଠକ



ଜଳେଶ୍ୱର, (ଭାସ୍କର ନ୍ୟୁଜ): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବ୍ଲକ ସ୍ତରୀୟ କନଭେନସନ ରାଇବଣିଆ ଓଷ୍ଟା ମଣ୍ଡଳ ପକ୍ଷରୁ ଶନିବାର ସକାଳ ୧୧ ଘଟିକା ସମୟରେ ହାତିଗଡ଼ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ରାଇବଣିଆ ଓଷ୍ଟା ମଣ୍ଡଳର ଯୁଗ୍ମ ସମ୍ପାଦକ ଅଜିତ କୁମାର ଦତ୍ତ ମଞ୍ଚ ଆହ୍ୱାନ କରିଥିଲେ । ଓଷ୍ଟା ରାଇବଣିଆ ମଣ୍ଡଳର ସଭାପତି ସୁକୁମାର ପ୍ରଧାନ ଉକ୍ତ ସଭାରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ମୁଖ୍ୟ ବକ୍ତା ଓଷ୍ଟା ଜିଲ୍ଲା ସଭାପତି ମନୋରଞ୍ଜନ ଦାସ, ସମ୍ମାନିତ ଅତିଥି ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର, ଓଷ୍ଟା ରାଇବଣିଆ ମଣ୍ଡଳ ଉପ ସଭାପତି ପଦ୍ମଲୋଚନ ରାଉତ, ପୂର୍ବତନ ଯୁଗ୍ମ ସମ୍ପାଦକ ଗଗନ ବିହାରି ପରିଡ଼ା ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ମିଶ୍ର ଓଷ୍ଟା ରାଇବଣିଆ ମଣ୍ଡଳକୁ ଦିଗଦର୍ଶନ ଦେବା ସହିତ ସଂଗଠନକୁ ମଜବୁତ କରିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ଓଷ୍ଟା ରାଇବଣିଆ ମଣ୍ଡଳର ସମ୍ପାଦକ ହରମୋହନ ମହାନ୍ତ କନଭେନସନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ । ରାଇବଣିଆ ଓଷ୍ଟା ମଣ୍ଡଳର ୧୭ ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ୨/୮/୨୫ରିଖ ବିଇଓଙ୍କୁ, ୮/୮/୨୫ରିଖ ଜିଲ୍ଲାପାଳଙ୍କୁ ଓ ୧୬/୮/୨୫ ଦାବି ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ସହିତ ଆନ୍ଦୋଳନକୁ ସଫଳ କରିବା ପାଇଁ ବୈଠକରେ ଆଲୋଚନା ହେଇଥିଲା । ସୁବ୍ରତ କୁମାର ମହାନ୍ତି, ସୁଲୋଚନା ବାରିକ, ଅରୁଣ କୁମାର ପଣ୍ଡା ଓ କିଶୋରୀ ମୋହନ ଘୋଷ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# କାର୍ଗିଲ ବିଜୟ ଦିବସ ପାଳିତ




ରାଜନଗର, (ଭାସ୍କର ନ୍ୟୁଜ୍): ସାରାଦେଶ ଆନନ୍ଦର ସହ ୨୬ତମ କାର୍ଗିଲ ଦିବସ ପାଳନ କରୁଅଛି । ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର କେସି ମଣ୍ଡପରେ ରାଜନଗର ବ୍ଲକ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ କାର୍ଗିଲ ବିଜୟୀ ଦିବସ ଓ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ ଧୃବ ସାହୁ, ସମ୍ମାନୀତ ଅତିଥି ଭାବେ ଡିଏଫ ଓ ସୁଦର୍ଶନ ଗୋପିନାଥ ଯାଦବ,ଆଇଆଇସି ନରେଶ କୁମାର ସାହୁ, ରାଜ୍ୟ ପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର ଏ ଏବଂ ରାଜନଗର ତହସିଲଦା ଯୋଗ ଦେବା ସହ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ । ଅତିଥିମାନେ ପ୍ରଥମେ ଦେଶ ପାଇଁ ବଳିଦାନ ଦେଇଥିବା ସହୀଦ ବୀରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଦେଇ ତାଙ୍କର ଅମର ଆତ୍ମାର ସଦଗତି କାମନା କରି ସ୍ମୃତି ଚାରଣ କରିଥିଲେ । ଅନ୍ୟପକ୍ଷରେ ବ୍ଲକର ବିଜେପି ପକ୍ଷରୁ ବିଭିନ୍ନ ସ୍ଥାନରେ କାର୍ଗିଲ ବିଜୟୀ ଦିବସ ପାଳନ ହୋଇଯାଇଛି । ସେହି ଉତ୍ସବକୁ ଆନନ୍ଦର ସହ ମୁନାପାଳଙ୍କ ନେତୃତ୍ୱରେ,ସଦାନନ୍ଦ ଜେନା,କ୍ରୀଷ୍ଣା ବେହେରା ଓ ସହଦ୍ଦେ ସାହୁଙ୍କ ସମେତ ବହୁ କର୍ମୀ ଯୋଗ ଦେଇ ୬୬ ତମ କାର୍ଗିଲ ଦିବସ ପାଳନ କରିଥିଲେ ।

## ଚଞ୍ଚକତା କରି ଜମି ବିକ୍ରି ମାମଲା ଅଦାଲତରେ

ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍): ବିଞ୍ଝାରପୁର ତହସିଲ ଅନ୍ତର୍ଗତ ଟିଣା ପଞ୍ଚାୟତ ଟିଣା ଗ୍ରାମରେ ପ୍ରାୟ ୨ ଏକର ଅନାବାଦୀ ଜମିକୁ ସେହି ଗ୍ରାମର ଶରତ ମଲ୍ଲିକ ପିତା ସ୍ୱର୍ଗତ ଭୀମସେନ ମଲ୍ଲିକ ନିଜ ନାମରେ କରାଇ ପରେ ବିକ୍ରି କରିଦେଇଛନ୍ତି । ଶରତ ମଲ୍ଲିକ ନିଜ ନାମରେ କରିଥିବା ଜମିକୁ ଅନ୍ୟକୁ ବିକ୍ରି କରିଦେଇଛନ୍ତି । ଏହା ଜଣାପଡ଼ିବା ପରେ ଗାଁ'ରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏନେଇ ଗ୍ରାମବାସୀ ଅଦାଲତର ଆଶ୍ରୟ ନେଇଛନ୍ତି । ଏହାକୁ ନେଇ ଗାଁରେ ଛକା ପଂଝା ଲାଗି ରହିଛି ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ମାଧ୍ୟମରେ ଏକ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଉଦଘାଟନ କରିଥିଲେ ମହା ବିଦ୍ୟାଳୟର ଅଧକ୍ଷ ଡ଼. ବିନୋଦ ବିହାରୀ ଦାଶ । ଶିବିରରେ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଯୁବପିଢ଼ି ଗଣମାଧ୍ୟମର ଯୁବ ପିଢ଼ି ଓ ସରକାରୀ କର୍ମଚାରି ରକ୍ତଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ନିଆଳି ଥାନା




ଆଇଆଇସି ବିଜୟ କୁମାର ମଲିକ ଯୋଗ ଦେଇ ଏହି ମହତ୍ୱପୂର୍ଣ୍ଣ ରକ୍ତଦାନ ଶିବିରରେ ଉପସ୍ଥିତ ଥିବା ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଶିବିରଟିକୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜନ କରାଯାଇ ଥିବା ବେଳେ ଏହାକୁ ପରିଚାଳନା କରିଥିଲେ ଅଧ୍ୟାପକ ହିରଣ୍ୟ ମହାପାତ୍ର । ଶିବିରରେ ୮୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ ।

# ନୂଆ ବସ୍‌ଷ୍ଟାଣ୍ଡ ପାଲଟିଛି ରୋମିଓ ଓ ଅପରାଧୀଙ୍କ ଆଡ୍ଡାସ୍ଥଳୀ




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ନୂଆ ବସ୍‌ଷ୍ଟାଣ୍ଡ ପାଲଟିଛି ରୋମିଓ ମାନଙ୍କର ଆଡ୍ଡାସ୍ଥଳୀ । କେତେକ ଛାତ୍ର ପାଠପଢ଼ା ନାମରେ କଲେଜକୁ ନଯାଇ ଏଠାରେ ଆଡ୍ଡା ଜମାଇ ଥିବା ବେଳେ ଅଣ ଛାତ୍ରମାନେ ମଧ ସେଠାରେ ମଉଜ ମଜଲିସ୍ କରିବା ସହ ମଦ ଠାରୁ ଆରମ୍ଭ କରି ବ୍ରାଉନ୍ ସୁଗାର ପର୍ଯ୍ୟନ୍ତ ସେବନ କରୁଛନ୍ତି । ଲକ୍ଷ୍ମୀ ବସ୍ ସମେତ ବିଭିନ୍ନ ସରକାରୀ ବସ୍ ସେଠାରେ ଲାଗିବା ପରେ ଯୁବତୀମାନେ ବସ୍‌ରୁ ଓହ୍ଲାଇବାରୁ ଏହି ରୋମିଓମାନେ ଯୁବତୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଛନ୍ତି । ଏଠାରେ ଲୋକ ଯାତାୟତ କମ୍ ଥିବାରୁ ରୋମିଓ ମାନଙ୍କର ଏହା ନିରାପଦ ସ୍ଥାନ ପାଲଟିଛି । କେତେଜଣ ଯୁବକ ନିଜ ପ୍ରେମିକାଙ୍କୁ ଧରି ଏଠାରେ ଆଡ୍ଡା ଜମାଇଛନ୍ତି । ଭବିଷ୍ୟତରେ କୌଣସି ଦୁର୍ଘଟଣା ଘଟିବାର ଏଠାରେ ଆଶଙ୍କା ରହିଛି । ଅନେକ ବ୍ୟକ୍ତି ଏ ସମ୍ପର୍କରେ ଅଭିଯୋଗ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଯାହାକୁ ନେଇ ଆଗାମୀ ଦିନରେ ନିମାପଡ଼ା ପାଇଁ ଏହି ସ୍ଥାନ କଳଙ୍କ ପାଲଟିବ ବୋଲି ଲୋକମାନେ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା-ପିପିଲି ରାସ୍ତା ନିମାପଡ଼ା ଉପକଣ୍ଠରେ କୋଟି କୋଟି ଟଙ୍କା ବ୍ୟୟରେ ଏକ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି । ଏଠାରେ ବସ୍ ରହଣି ନକରି ପୁରୁଣା ବସ୍‌ଷ୍ଟାଣ୍ଡରେ ରହଣି କରୁଥିବା ବେଳେ ଲକ୍ଷ୍ମୀ ବସ୍ ସମେତ ମୋ ବସ୍ ନୂଆ ବସଷ୍ଟାଣ୍ଡ୍‌କୁ ଯାଉଛି । ନୂଆ ବସ୍‌ଷ୍ଟାଣ୍ଡରେ କେତେକ ରୋମିଓ ଆଡ୍ଡା ଜମାଇ ନିଶା ସେବନ କରିବା ସହ ବସ୍‌ରୁ ଓହ୍ଲାଉ ଥିବା ଯୁବତୀ ଓ ମହିଳା ମାନଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଛନ୍ତି । ଏହି ଘଟଣା ଦୀର୍ଘଦିନ ହେବ ଚାଲୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନୂତନ ବସ୍‌ଷ୍ଟାଣ୍ଡ ଅପରାଧୀଙ୍କ ହାତକୁ ଚାଲିଯାଉଛି । ଅପରାଧୀ ମାନେ ଖୁଲମ୍‌ଖୁଲା ଏଠାରେ ଅପରାଧୀକ କାର୍ଯ୍ୟ ଘଟାଇବା ପାଇଁ ମେଳି ହେଉଥିବା ବେଳେ ଏଠାରେ ବ୍ରାଉନ୍ ସୁଗାର କାରବାର ବହୁ ମାତ୍ରାରେ ବଢ଼ି ଚାଲିଛି । ନାମକୁ ମାତ୍ର ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି ମାତ୍ର ଏଠାରେ ବସ୍ ରହୁ ନାହିଁ । ସରକାରୀ ବସ୍‌କୁ ଛାଡ଼ିଦେଲେ ଘରୋଇ ବସ୍ ଏଠାକୁ ଆସୁ ନାହିଁ । ଯାହାଦ୍ୱାରା ରୋମିଓ ଓ ଅପରାଧୀ ମାନଙ୍କର ଏହି ନୂଆ ବସ୍‌ଷ୍ଟାଣ୍ଡ ଆଡ୍ଡାସ୍ଥଳୀ ପାଲଟିଛି । ଏହି ଘଟଣା ପ୍ରତି ନିମାପଡ଼ା ପୋଲିସ ଉପଖଣ୍ଡ ଅଧିକାରୀ, ନିମାପଡ଼ା ଥାନାଧିକାରୀ ଦୃଷ୍ଟି ଦେବା ପାଇଁ ନିମାପଡ଼ା ଅଂଚଳର ଜନସାଧାରଣ ଦାବି କରିଛନ୍ତି ।

## ଦୁଇଘଣ୍ଟା ପରେ ଶିଶୁ ମୁଣ୍ଡରୁ ଗରା ବାହାର କଲା ଅଗ୍ନିଶମ ବିଭାଗ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ପ୍ରଦୀପ ବିସ୍ୱାସଙ୍କ ତିନି ବର୍ଷର ପୁଅ ତନ୍ମୟଙ୍କ ମୁଣ୍ଡ ଅଚାନକ ଭାବରେ ଏକ ଷ୍ଟିଲ ଗରା ଭିତରେ ଫସିଯାଇଥିଲା । ଏହି ଘଟଣାରେ ଶିଶୁଟି ବହୁତ କଷ୍ଟ ଅନୁଭବ କରୁଥିଲା । ପରିବାର ଲୋକେ ଅନେକ ଚେଷ୍ଟା କରିଥିଲେ ମଧ ଗରାଟି ବାହାର କରିପାରିନଥିଲେ । ପରେ ସେମାନେ କୋରୁକୋଣ୍ଡା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ବିଭାଗର ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଚେଷ୍ଟା କଲେ ମଧ ଗରା ବାହାରିଲା ନାହିଁ । ତୁରନ୍ତ ଅଗ୍ନିଶମ ବିଭାଗର ଗାଡ଼ି ଦ୍ୱାରା ଶିଶୁଟିକୁ ମାଲକାନଗିରି ଜିଲ୍ଲା ଅଗ୍ନିଶମ ବିଭାଗ ମୁଖ୍ୟାଳୟକୁ ନେଇଯାଇଥିଲା । ସେଠାରେ ପ୍ରାୟ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଆଶୁଚିତ ଉପକରଣ ଓ ସାବଧାନତା ସହିତ ଗରାକୁ କାଟି ଶିଶୁଟିର ମୁଣ୍ଡକୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା । ଏହି ଉଦ୍ଧାର କାର୍ଯ୍ୟକୁ ନେଇ ମାଲକାନଗିରି ଅଗ୍ନିଶମ ବିଭାଗର ଏଏଫଓ କମଳ କୁମାର ଗଉଡ, କୋରୁକୋଣ୍ଡା ବିଭାଗର ଏଲଏଫଏଫ ବାସୁଦେବ ବିଶ୍ୱାଳ ସହ ବିଭାଗର ସମସ୍ତ କର୍ମଚାରୀଙ୍କୁ ଶିଶୁର ପରିବାର ଓ ଅଞ୍ଚଳବାସୀ ଦ୍ୱାରା ବହୁତ ପ୍ରଶଂସା ଏବଂ ଧନ୍ୟବାଦ ଜଣାଯାଇଛି ।

## ରଥଯାତ୍ରା ଦଳାଚକଟାରେ ଆହତଙ୍କୁ ଭେଟିଲେ ଉନ୍ନୟନ କମିଶନର

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ରଥଯାତ୍ରା ସମୟରେ ଗୁଣ୍ଡିଚାମନ୍ଦିର ନିକଟେର ହୋଇଥିବା ଦଳାଚକଟାରେ, ମୃତବ୍ୟକ୍ତିଙ୍କ ପରିବାରକୁ ସରକାର ୨୫ଲକ୍ଷ ଲେଖାଏଁ ଦେବାପାଇଁ ଘୋଷଣା କରିଥିଲେ । ସାଂଘାତିକ ଆହତ ହୋଇ, ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଆରୋଗ୍ୟ ହୋଇଥିବା, ଲୋକଙ୍କ ପାଇଁ କିଛି ସହାୟତା ଘୋଷଣା କରି ନ ଥିଲେ । ଗଣମାଧ୍ୟମେର ଖବର ପ୍ରକାଶନ ଓ ପ୍ରସାରଣ ପରେ ସରକାର ତତ୍ପର ହେଲେ । ତା ୨୫/୭/୨୦୨୫ରିଖରେ ରାଜ୍ୟ ଉନ୍ନୟନ କମିଶନର, ଆହତମାନଙ୍କୁ ଚିଠି କରି ଡକାଇ, ରାଜ୍ୟ ଅତିଥି ଭବନେର ଶୁଣାଣି କରିଥିଲେ । ଏହି ଶୁଣାଣି କାର୍ଯ୍ୟକ୍ରମରେ ଆହତ ବ୍ୟକ୍ତିମାନେ ଯୋଗାଦେଇ, ଘରୋଇ ଡାକ୍ତରଖାନାରେ ଚିକିତ୍ସା ସମୟର ସମସ୍ତ ପ୍ରମାଣପତ୍ର ଓ ଖର୍ଚ୍ଚର ହିସାବ, କମିଶନରଙ୍କ ନିକଟରେ ଦାଖଲ କରିଥିଲେ । ପାରାଦ୍ୱୀପ ଇଫ୍‌କୋ କେଲାନୀର ପ୍ରତିମା ନାୟକ, ଉକ୍ତ ଦଳା ଚକଟାରେ ଆହତ ହୋଇ, ପ୍ରଥେମ ପୁରୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିଶିତ ହୋଇ, ପରେ ଭୁବେନଶ୍ୱର ଆପୋଲୋ ହସ୍ପିଟାଲକୁ ରେଫର ହୋଇ ଚିକିତ୍ସିତ ହେଲେ । ତାଙ୍କର ଛାତିର ପିଞ୍ଜରା ହାଡ ଭାଙ୍ଗି ଯାଇଥିଲା । ଘେରାଇ ଡାକ୍ତରଖାନାରେ ତାଙ୍କର ଏକ ଲକ୍ଷ ଷାଠିଏ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ପୁରୀ ଡାକ୍ତରଖାନା ଓ ଆପୋଲୋ ହସ୍ପିଟାଲର ଚିକିତ୍ସା ବେଳର ସମସ୍ତ ଡକ୍ୟୁମେଣ୍ଟସ ଓ ମେଡ଼ିସିନ ବିଲର ନକଲ, ପ୍ରତିମା ନାୟକ, କମିଶନରଙ୍କୁ ଶୁଣାଣି ବେଳେ ପ୍ରଦାନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଆହତ ସମସ୍ତ ବ୍ୟକ୍ତିଙ୍କୁ କ୍ଷତିପୁରଣ ବାବଦରେ ଉପଯୁକ୍ତ ଆର୍ଥିକରାଶି ପ୍ରଦାନ କରିବାପାଇଁ ଉପକୂଳ ଓଡିଶା ବିକାଶ ପରିଷଦର କମର୍କର୍ତ୍ତା, ଆତର୍ତ୍ରାଣ ପତି, ଡକ୍ଟର ଧୃତିଧର ଦାସ, ସାମ୍ବାଦିକ ତପନ କୁମାର ରାଉତରାୟ, ନୃସିଂହ ଚରଣ ବାରିକ, ରମେଶ ଚନ୍ଦ୍ର ମହାନ୍ତି, ଜ୍ୟୋତି ରଞ୍ଜନ ପରିଡା, ଲୋକନାଥ ସାହୁ, ସେରାଜ ନାୟକ ପ୍ରମୁଖ ନିବେଦନ କରିଛନ୍ତି ।

# ତିହିଡ଼ି ଡାକ୍ତରଖାନା ଇନ୍‌ଡୋର ଛାତ ବିପଦସଂକୁଳ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଡୋର (ଅର୍ନ୍ତବିଭାଗ) ଛାତ ବିପଦ ସଂକୁଳ ଅବସ୍ଥାରେ ରହିଛି । ଛାତର ବିଭିନ୍ନ ସ୍ଥାନରୁ ପାଣି ଗଳିବା ସହିତ ତଡ଼ା ତଡ଼ା ହୋଇ କଂକ୍ରିଟ୍ ଖସୁଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପୁରୁଷ ଓ ମହିଳା ୱାର୍ଡ଼ର ଥିବା ରୋଗୀମାନେ ଆତଂକିତ ହୋଇ ପଡ଼ିଛନ୍ତି । କେତେବେଳେ ଯେ ରୋଗୀମାନଙ୍କ ଉପରେ କଂକ୍ରିଟ୍ ଖସିବ ସେକଥା କହି ହେବ ନାହିଁ । ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରକୁ ତିହିଡ଼ି ବ୍ଲକର ଚାନ୍ଦବାଲି, ବାସୁଦେବପୁର, ଧାମଗର ନିର୍ବଚନ ମଣ୍ଡଳୀର ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି । ଜରୁରୀ କାଳୀନ ରୋଗୀମାନଙ୍କୁ ଅର୍ନ୍ତବିଭାଗରେ ରଖାଯାଇ ଚିକିତ୍ସା କରାଯାଇଥାଏ । ଅର୍ନ୍ତବିଭାଗ ୨୦୦୩ ମସିହାରୁ ନିର୍ମାଣ ହୋଇଛି । କିଛିଦିନ ପୂର୍ବେ କେତେକ ପାଣି ଗଳୁଥିବା ସ୍ଥାନରେ ମରାମତି କରାଯାଇଥିଲା । ମାତ୍ର ଅର୍ନ୍ତବିଭାଗରେ ଥିବା ମହିଳା ଓ ପୁରୁଷ ୱାର୍ଡ଼କୁ ମରାମତି କରାଯାଇ ନଥିଲା । ଯାହାଫଳରେ ଏବେ ୨ଟି ୱାର୍ଡ଼ର ଛାତରୁ ପାଣି ଗଳିବା ସହିତ କଂକ୍ରିଟ୍ ମଧ ଖସୁଛି । ଯେଉଁଥିପାଇଁ ରୋଗୀମାନେ ନିଜକୁ ସୁରକ୍ଷିତ ମଣି ପାରୁନାହାନ୍ତି । ଗତ ମଇ ୨ ତାରିଖରେ ରୋଗୀ କଲ୍ୟାଣ ସମିତି ବୈଠକରେ ଛାତରୁ ପାଣି ଗଳିବାକୁ ନେଇ ଆଲୋଚନା କରାଯାଇଥିଲା । ଏନେଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା । ମାତ୍ର ଅଦ୍ୟାବଧି କୌଣସି ମରାମତି କରାଯିବା ଉପରେ ପଦକ୍ଷେପ ନିଆଯାଇ ନାହିଁ । ସ୍ୱାସ୍ଥ୍ୟକେନ୍ଦ୍ରର ଅତ୍ୟାଧୁନିକ ଗୃହ ନିର୍ମାଣ ପାଇଁ ୧୭କୋଟି ଟଙ୍କା ମଂଜୁର ହୋଇ ରହିଛି । ମାତ୍ର ଏହି ଟଙ୍କା କାର୍ଯ୍ୟରେ ଲାଗି ପାରୁନାହିଁ । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ପାଇଁ ଗୃହ ନିର୍ମାଣରେ ବିଳମ୍ବ ହେଉଥିବା ସାଧାରଣରେ ଆଲୋଚନା କରାଯାଉଛି । ଫଳରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ଅର୍ନ୍ତବିଭାଗ ଛାତକୁ ମରାମତି କରାଯାଇ ରୋଗୀ ମାନଙ୍କୁ ବିପଦମୁକ୍ତ କରାଯିବା ସହ ନୂତନ ଅତ୍ୟାଧୁନିକ ଗୃହ ନିର୍ମାଣ ପାଇଁ ସାଧାରଣରେ ଦାବି କରାଯାଇଛି ।

# ଜୀବନ ରକ୍ଷାକାରୀ ସ୍ୱାସ୍ଥ୍ୟସେବା ଯୋଗାଉଛି ୟୁଏଆଇଏଲ୍‌ର 'ନିରୋଗଶାଳା'



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲ୍‌କୋର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) 'ନିରୋଗଶାଳା' ପ୍ରଚଳନ କରିଛି । ଏହି ସିଏସଆର ପ୍ରୟାସ ଓଡ଼ିଶାର ରାୟଗଡା ଜିଲ୍ଲାର ଦୁର୍ଗମ ଗ୍ରାମଗୁଡିକରେ ଜନସାଧାରଣଙ୍କ ଦ୍ୱାରଦେଶରେ ସେମାନଙ୍କୁ ଉଭୟ ପ୍ରତିଷେଧକ ଏବଂ ଆରୋଗ୍ୟକାରୀ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି । ନିରୋଗଶାଳା ସ୍ୱାସ୍ଥ୍ୟଯତ୍ନ ପ୍ରକଳ୍ପ ନୀରବରେ ତୃଣମୂଳ ସ୍ତରରେ ଜୀବନଗୁଡିକରେ ରୂପାନ୍ତରଣ ଆଣିଛି । ଏହା କାଶୀପୁର ବ୍ଲକର ପାଇକକୁପଖାଲ, ଅଣ୍ଡିରାକଞ୍ଚ ଏବଂ ଗୋପିନାଥପୁର ଆଦି ଦୂର ଦୂରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ଡିସ୍‌ପେନସାରୀ ସ୍ଥାପନ କରିଛି । ପ୍ରାୟ ୨୦,୦୦୦ ଗ୍ରାମବାସୀ ଏହି ସେବାର ସୁଯୋଗ ନେଉଛନ୍ତି । ଅଞ୍ଚଳ ରବି ମିଶ୍ର, ୟୁନିଟ ହେଡ, ୟୁଏଆଇଏଲ, କହିଛନ୍ତି, "ନିରୋଗଶାଳା ଏକ ଅତ୍ୟନ୍ତ ବାସ୍ତବ ଏବଂ ଜରୁରୀ ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା । ଏହି ସମସ୍ତ ଦୁର୍ଗମ ସ୍ଥାନଗୁଡିକରେ ଚିକିତ୍ସାଗତ ଜରୁରୀ ସ୍ଥିତି ସୃଷ୍ଟିହେଲେ ବିନା ସହାୟତାରେ ମାଇଲ ମାଇଲ ଚାଲିଚାଲି ଯିବାକୁ ହୁଏ । ପ୍ରତ୍ୟେକ ନିରୋଗଶାଳାରେ ରୋଗ ନିରୂପଣକାରୀ ସମର୍ଥନ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସୁବିଧା ସହିତ ଓପିଡି ସୁବିଧା ରହିଛି, ଏଠାରେ ମଧ ମୌଳିକ ଚିକିତ୍ସା ଭିତ୍ତିଭୂମି ରହିଛି । ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ପୂର୍ଣ୍ଣକାଳୀନ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସହାୟକ ଏବଂ ପ୍ରତି ତିନିଦିନ ଅଦଳ ବଦଳ ଭିତ୍ତିରେ ଏମ୍‌ବିବିଏସ୍ ଡାକ୍ତରମାନଙ୍କର ଉପସ୍ଥିତି ଏହି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାକୁ ଉକତ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଉଛି । ପ୍ରତ୍ୟେକ କେନ୍ଦ୍ର ମାସିକ ହାରାହାରି ୭୦୦-୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ଅଣ୍ଡିରାକଞ୍ଚ ଗ୍ରାମର ଜଣେ ବାସିନ୍ଦା କମଳ ଲୋଚନା ଝୋଡିଆ କହିଥିଲେ, "କୁରାଢୀରେ କାମ କରୁଥିବା ସମୟରେ ଦୁର୍ଯୋଗକୁ ଅନ୍ୟମନସ୍କ ହୋଇଯିବାରୁ ମୋର ପାପୁଲିରେ ଆଘାତ ଲାଗିଥିଲା । ସେଠାରେ ଥିବା ଫାର୍ମାସିଷ୍ଟ ମୋର ପ୍ରାଥମିକ ଚିକିତ୍ସା କରିବା ସହିତ ଉପଯୁକ୍ତ ଭାବରେ କ୍ଷତ ସ୍ଥାନକୁ ବ୍ୟାଣ୍ଡେଜ୍ କରିଥିଲେ । ନିରୋଗଶାଳାରେ ଯୋଗାଇ ଦିଆଯାଇଥିବା ଉପଯୁକ୍ତ ଯତ୍ନ ଏବଂ ଔଷଧ ସହିତ ଚିକିତ୍ସା ଦ୍ୱାରା ମୋର ପାପୁଲିରେ ହୋଇଥିବା କ୍ଷତ ଅଳ୍ପ ଦିନରେ ଭଲ ହୋଇଗଲା ଏବଂ ମୁଁ ଏବେ ପୂର୍ଣ୍ଣ ସୁସ୍ଥ ହୋଇସାରିଛି ଏବଂ ମୋ ହାତରେ ପୁନର୍ବାର କାମ କରିବାକୁ ସମର୍ଥ ।" ୟୁଏଆଇଏଲ୍‌ର ସିଏସଆର ଟିମ୍ ଦ୍ୱାରା ମାସିକ ଭିତ୍ତିରେ ନିରୀକ୍ଷଣ ଏବଂ ସ୍ୱାଧୀନ ଭାବରେ ପରିଚାଳିତ ନିରୋଗଶାଳା ଏକ ଡିସ୍‌ପେନସାରୀ ଠାରୁ ଯଥେଷ୍ଟ ଅଧିକ ସେବା ଯୋଗାଉଛି ।

# ପୋଖରୀ ଖୋଳା ନାମରେ ଲକ୍ଷ ଲକ୍ଷ ଟଙ୍କାର ଶାଳଗଛ ଲୁଟ



କୋରେଇ, (ଭାସ୍କର ନ୍ୟୁଜ୍): ଏସ୍‌ଏମସି ଯୋଜନା ଅଧିନରେ ରାଜ୍ୟର ବିଭିନ୍ନ ଜଙ୍ଗଲ ମଧ୍ୟରେ ଟ୍ରେଞ୍ଚ୍ ଖନନ, କ୍ଷୁଦ୍ର ପୋଖରୀ ଖନନ ଏବଂ ଜଙ୍ଗଲ ଚତୁପାର୍ଶ୍ୱରେ ଡ୍ରେନେଜ୍ ଖନନ କରି ମୃତ୍ତିକା ସଂରକ୍ଷଣ କରାଯାଉଛି । ହେଲେ କେତେକ ସ୍ଥାନରେ ବନ ବିଭାଗର ଲାଭଖୋର ମନୋଭାବ ପାଇଁ ଏହା କେବଳ ଠିକାଦାର ପୋଷଣ ନୀତିରେ ପରିଣତ ହୋଇଛି । କଟକ ବନଖଣ୍ଡ ଯାଜପୁର ରୋଡ଼ ରେଞ୍ଜ ଅଧିନ ପଛିକୋଟ୍ ଡ଼ିପିଏଫ୍ (ଡିମାର୍କେଟ ପ୍ରୋଟେକ୍ଟ ଫରେଷ୍ଟ) କୋରବନ୍ଧୀ ଜଙ୍ଗଲରେ ଏହା ଦେଖିବାକୁ ମିଳିଛି । ପ୍ରାୟ ୧ ବର୍ଷ ତଳେ ଏହି ଜଙ୍ଗଲର ଉନ୍ନତିକରଣ ନିମନ୍ତେ ବନବିଭାଗ ପକ୍ଷରୁ ଏସ୍‌ଏମସି ଯୋଜନାରେ ପ୍ରାୟ ୧.୫ କୋଟି ଟଙ୍କାର ଆର୍ଥିକ ଅନୁଦାନ ବ୍ୟୟ ବରାଦ ହେବା ସହିତ ଚଳିତ ବର୍ଷ ମାର୍ଚ୍ଚ ମାସରେ କାର୍ଯ୍ୟର ଶେଷ ଅବଧି ରହିଥିଲା । ସୁକିନ୍ଦା ଅଞ୍ଚଳର ଜୈନିକ ଠିକାଦାର ରବୀନ୍ଦ୍ର ସାମଲ ଏହାର ଟେଣ୍ଡର ପାଇ ଏଗ୍ରିମେଣ୍ଟ୍ କରିଥିଲେ । ହେଲେ ପରିତାପର ବିଷୟ ବର୍ଷେ ମଧ୍ୟରେ ସମ୍ପୃକ୍ତ ଠିକାଦାର କାମ ଆରମ୍ଭ କରି ନଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ବନବିଭାଗର ଚାପ ପଡିବାରୁ ବର୍ଷା ଋତୁରେ କାମ ଆରମ୍ଭ କରିଛନ୍ତି । ନିୟମ ଅନୁସାରେ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ଠିକାଦାର ସୂଚନା ଫଳକ ନଲଗାଇ ଅର୍ଥ ହରିଲୁଟ୍ ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରିଛନ୍ତି । ବନବିଭାଗର କୌଣସି ସାଟେଲାଇଟ୍ ମ୍ୟାପ୍ କିମ୍ବା ଗର୍ତ୍ତ ଖନନ ପାଇଁ ଜାଗା ଚିହ୍ନଟ ନକରି ଯେଉଁଠି ଇଚ୍ଛା ସେଇଠି ଗର୍ତ୍ତ ଖନନ କରୁଛନ୍ତି.ଏପରିକି କ୍ଷୁଦ୍ର ପୋଖରୀ ଖନନ ପାଇଁ ଠିକାଦାର ପ୍ରୋକଲିନ ଲଗାଇ ୧୦୦ ଉର୍ଦ୍ଧ୍ୱ ଶାଳ, ଚାର, ମହୁଲ, ଅଶନ ପ୍ରଭୃତି ପ୍ରାକୃତିକ ମୂଲ୍ୟବାନ ବୃକ୍ଷ ଆଦି କାଟି ଦେଇଥିବା ଅଭିଯୋଗ ହୋଇଛି । ଏନେଇ ଗୁରୁବାର ଗ୍ରାମବାସୀ ମାନେ ତୀବ୍ର ବିରୋଧ କରିବାରୁ ବନବିଭାଗର ଚେତା ଫେରିଛି । ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ରାଉତଙ୍କ ସହ ଗୋଲକ କୁମାର କର, ସୁକର୍ଣ୍ଣ ରାଉତ, ତ୍ରିଲୋଚନ ମିଶ୍ର, ଗଜେନ୍ଦ୍ର କର, ପ୍ରତାପ କୁମାର ରାଉତରାୟ, ଗଦାଧର ପରିଡ଼ା, ବିଶ୍ୱଜିତ କର, ପ୍ରହଲ୍ଲାଦ କର ପ୍ରମୁଖ ଗ୍ରାମର ମୁରବୀମାନେ ଗଛ କାଟିବାକୁ ବିରୋଧ କରି ଉକ୍ତ ପ୍ରୋକଲିନ୍ ମେସିନକୁ ଅଟକ ରଖିବା ସହିତ ସମ୍ପୃକ୍ତ ଠିକାଦାରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବନବିଭାଗ ନିକଟରେ ଦାବି କରିଛନ୍ତି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କଣିହାଁ (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଭିମକାଣ୍ଡ ଠାରେ କଣିହାଁ ଅଞ୍ଚଳର ମୁଖ୍ୟ ସମସ୍ୟାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଶରତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ରାଜ କିଶୋର ସାହୁ ଯୋଗଦେଇ ଏଠି ବହୁ ଶିଳ୍ପ ଅନୁଷ୍ଠାନ ଗଢ଼ି ଉଠିଥିଲେ ମଧ୍ୟ ଏଠିକାର ଲୋକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି । ବୈଠକରେ ମୁଖ୍ୟତଃ ୩ଟି ପ୍ରସ୍ତାବ ଉପରେ ଆଲୋଚନା କରଯାଇଥିଲା । ପ୍ରସ୍ତାବ ମଧ୍ୟରେ କଣିହାଁ କୋଇଲା ଖଣିରୁ ଏନଟିପିସିକୁ ଟ୍ରେନ ଯୋଗେ କୋଇଲା ପରିବହନ ହେଉଛି । କୋଇଲା ଉପରେ ପାଲ ବନ୍ଧା ହେଉନଥିବାରୁ ତାହା ଉଡି ଅଞ୍ଚଳକୁ ପ୍ରଦୂଷିତ କରୁଥିବା ବେଳେ ପାଲ ବନ୍ଧା ଯିବା ପାଇଁ ବ୍ୟବସ୍ଥା କରିବା, ଏନଟିପିସିରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ରାସ୍ତାରେ ଦୈନନ୍ଦିନ ଏନଟିପିସି, ଏମସିଏଲ ଓ ଜେଆଇପିଏଲ ର ହଜାର ହଜାର ଭାରିଯାନ ଚାଲୁଥିବା କାରଣରୁ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏପରିକି ରାସ୍ତାରେ ଆମ୍ବୁଲାନ୍ସ, ସ୍କୁଲ ଗାଡି ତଥା ସାଧାରଣ ଲୋକ ଯାତାୟତରେ ହନ୍ତସନ୍ତ ହେଉଛନ୍ତି । ତୁରନ୍ତ ଏହାକୁ ମରାମତି କରିବା, ପାରିପାର୍ଶ୍ୱିକ ଗ୍ରାମରେ ରାସ୍ତାର ଉନ୍ନତିକରଣ କରିବା ସହ ସମସ୍ତ ଗ୍ରାମରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରିବାସହ ପାନୀୟ ଜଳ ଯୋଗାଇଦେବା ଇତ୍ୟାଦି ଅର୍ନ୍ତଭୁକ୍ତ । ଉକ୍ତ ସମସ୍ତ ସମସ୍ୟା ଜିଲ୍ଲାପାଳଙ୍କ ଠାରେ ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । ବୈଠକରେ ପ୍ରଶାନ୍ତ ନାଏକ, ଦିଲିପ ନାଏକ, ମଣ୍ଟୁ ପ୍ରଧାନ, କେଶବ ଚନ୍ଦ୍ର ପ୍ରଧାନ, ସତ୍ୟବ୍ରତ ମହାନ୍ତି, ବିଭୁ ପ୍ରସାଦ ସାହୁ, ନିରାକାର ନାଏକ, ରାଜେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷକ ଅଭାବ, ପାଠପଢ଼ା ବାଧାପ୍ରାପ୍ତ




ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ଆନନ୍ଦପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ବାଧାପ୍ରାପ୍ତ ହୋଇପଡ଼ିଛି । ୧୯୬୧ ମସିହାରେ ସ୍ଥାପିତ ହୋଇଥିବା ଏହି ସ୍କୁଲରେ ବର୍ତ୍ତମାନ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯୯ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଏମାନଙ୍କ ପାଇଁ ୪ ଜଣ ଶିକ୍ଷକ ଅଛନ୍ତି ।ଶିକ୍ଷା ଦାନ ପାଇଁ ୫ ଟି ଶ୍ରେଣୀ କୋଠରୀ ଥିବା ବେଳେ ଗୋଟିଏ ବିପଦ ସଂକୁଳ ଅଛି । ଆଉ ଗୋଟିଏ କୋଠରୀରେ ଅଙ୍ଗନବାଡି ଶିଶୁ ମାନେ ପଢୁଛନ୍ତି । ତିନୋଟି କୋଠରୀରେ ୯ ଟି ଶ୍ରେଣୀର ଛାତ୍ର ଛାତ୍ରୀ ବସି ପାଠ ପଢିବା ଦ୍ୱାରା ପାଠ ପଢ଼ାରେ ବ୍ୟାଘାତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଏଠାରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଗତ ମେ' ମାସରେ ଅବସର ଗ୍ରହଣ କରିଥିବା ବେଳେ ପ୍ରାୟ ଦୁଇ ମାସ ହେଲା ପ୍ରଧାନଶିକ୍ଷକ ଦାୟିତ୍ୱରେ ଅଶୋକ ଘିବେଲା ଅଛନ୍ତି । ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪ ଜଣ ଶିକ୍ଷକରେ ସ୍କୁଲ କିପରି ଚାଲୁଥିବ ଏଥିରୁ ସହଜେ ଅନୁମେୟ । ଏନେଇ ସ୍କୁଲ ପରିଚାଳନା କମିଟି ଜୁନ୍ ମାସରେ ନୂତନ ସ୍କୁଲ କୋଠା ନିର୍ମାଣ ପାଇଁ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଏଠାରେ ଶିକ୍ଷକ ନିଯୁକ୍ତି ସହିତ ନୂତନ ସ୍କୁଲ କୋଠରୀ ନିର୍ମାଣ କରାନଗଲେ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ।

## ଏକତରଫା ପ୍ରେମ ଘଟଣା

# ଦୁଇ ଅଭିଯୁକ୍ତଙ୍କୁ ଜେଲ

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ଏକତରଫା ପ୍ରେମ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଜେରାପରେ ଆଜି ଫରଓ୍ୱାର୍ଡ କରିଛି । ଏହାକୁ ନେଇ ପୋଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ପ୍ରକାଶ ଥାଉ କି ଜୀବନ ଓ ମୃତ୍ୟୁର ଦୋଛକି ରେ ଯୁବତୀ, ଯୁବତୀଙ୍କ ମୃତ୍ୟୁକୁ ଅପେକ୍ଷା କରି ପରିବାର ରାଇଘର ଠାରୁ ଉମରକୋଟ ପରେ ନବରଙ୍ଗପୁର ଜିଲ୍ଲା ହସ୍ପିଟାଲ ନେବା ପରେ ସେଠାରେ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲ କୁ ସ୍ଥାନାନ୍ତରିତ କରାଯାଇଥିଲା । ଯୁବତୀଙ୍କ ପୋଲିସ ଆଗରେ ଦେଉଥିବା ଜମାନବନ୍ଦୀ କୁ କାହିଁକି ସେ ଆତ୍ମହତ୍ୟା ଉଦ୍ୟମ କଲା ଟିକିନିଖି ବଖାଣିଥିଲା ଝିଅଟି ।ମାନସିକ ଓ ଶାରୀରିକ ନିର୍ଯାତନା ସହି ନପାରି ଛାତ୍ରୀ ଜଣକ ବିଷଖାଇ ଆତ୍ମହତ୍ୟା ଉଦ୍ୟମ, ଯୋଗୁ ମୃତ୍ୟୁସହ ସଂଗ୍ରାମ କରୁଛି । ପରିବାର ଲୋକ ନିଜ ଝିଅକୁ ବଞ୍ଚାଇବାକୁ ଚେଷ୍ଟା କରି ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସା କରିବାକୁ ନେଇ ନିରାଶ ହୋଇ ଫେରିଥିଲେ । ଯାହା ଏବେ ନବରଙ୍ଗପୁର ଜିଲ୍ଲାରେ ଚର୍ଚ୍ଚା ର ବିଷୟ ପାଲଟିଥିଲା । ସୂଚନାଯୋଗ୍ୟ ଯେ ରାଇଘର ଅଞ୍ଚଳର ଝିଅ ଜୟପୁର ଠାରେ ଏକ କଲେଜ ରେ ବିଏସସି ନର୍ସିଙ୍ଗ ଦ୍ୱିତୀୟ ବର୍ଷ ର ଛାତ୍ରୀ ଥିଲେ । ଭଲ ହଷ୍ଟେଲ ରହି ପାଠ ପଢୁଥିଲେ । ଝିଅର ପଡୋଶୀ ଗ୍ରାମର ପୁଅ (ସତ୍ୟଜିତ ସରକାର)କୃଷି ବିଜ୍ଞାନ ଛାତ୍ର ପୀଡିତା ଛାତ୍ରୀକୁ ଏକତରଫା ପ୍ରେମ କରୁଥିଲେ । ପୀଡିତା ଙ୍କୁ ଏଥିପାଇଁ ବାରମ୍ବାର ହଇରାଣ କରୁଥିଲେ ।ଗତ ଜୁଲାଇ ୧୩ ତାରିଖ ଦିନ ଜୟପୁର ସହରରେ ଛାତ୍ରୀ ଜଣକ ବଜାରକୁ ସଉଦା କିଣିବାକୁ ଯାଇଥିବା ବେଳେ ଏକତରଫା ପ୍ରେମ କରୁଥିବା ସତ୍ୟଜିତ ବିଚ ବଜାର ରେ ଛାତ୍ରୀଙ୍କୁ ମାରପିଟ କରିଥିଲେ । ସତ୍ୟଜିତ ଛାତ୍ରୀଙ୍କୁ ଏତେ ମାଡ଼ ମାରିଥିଲେ ଆଖି ଓ ମୁହଁ ଫୁଲି ଯାଇଥିଲା । ଯାହା ଜୟପୁର ଟାଉନ ଥାନା ପର୍ଯ୍ୟନ୍ତ କଥା ଗଲା । କିନ୍ତୁ ପୋଲିସ ଉଭୟଙ୍କୁ ବୁଝାସୁଝା କରି ଛାଡିଦେଇ ଥିଲେ । ୧୫ ଜୁଲାଇ ରେ ଜୟପୁର ଟାଉନ ଥାନାରେ ପୀଡିତା ନିଜ ତରଫରୁ ଏକ ଏଫ୍ଆଇଆର ଦେଇଥିଲେ । ନିଜ ଅଭିଭାବକଙ୍କ ସହ ଘରକୁ ଫେରି ଆସିଥିଲେ । ଜୟପୁର ପୋଲିସ କିନ୍ତୁ ଘଟଣାକୁ ଅତି ହାଲକା ରେ ନେଇଥିଲେ । ସତ୍ୟଜିତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ । ଅନ୍ୟ ପଟେ ସତ୍ୟଜିତ ପୀଡିତା ଓ ତାଙ୍କ ପୁରୁଷବନ୍ଧୁଙ୍କ କିଛି ଫଟୋ ଓ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରଲ କରିଥିଲେ । ଏଥିରେ ପୀଡିତା ଲୋକଲଜ୍ଜା ସହି ନ ପାରି ୧୭ ଜୁଲାଇରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଘର ଲୋକ ଘାସମରା ବିଷ ଖାଇବା ଜାଣି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର, କୋଣ୍ଡାଗାଁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ରାୟପୁର ନେଇଥିଲେ କିନ୍ତୁ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନ ହେବା ଯୋଗୁଁ ୨୧ ଜୁଲାଇ ରେ ଚିକିତ୍ସାଳୟ ପକ୍ଷରୁ ଘରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ । ପୀଡିତାଙ୍କ ପରିବାର ଘରକୁ ନେଇ ଆସିଥିଲେ । ବର୍ତ୍ତମାନ ପୀଡିତା ଜଣକ ଘରେ ମରଣ ସହ ଯୁଝୁଛନ୍ତି । ଆଜି ରାଇଘର ଥାନାରେ ପୀଡିତା ଙ୍କ ଦାଦା ଏକ ଲିଖିତ ଅଭିଯୋଗ କରିବା ପରେ ରାଇଘର ପୋଲିସ ପୀଡିତାଙ୍କ ଷ୍ଟେଟମଣ୍ଟ (ଜମାନବନ୍ଦୀ )ନେଇଛନ୍ତି । ବର୍ତମାନ ପର୍ଯ୍ୟନ୍ତ ଅଭିଯୁକ୍ତ ସତ୍ୟଜିତଙ୍କୁ ପୋଲିସ ଗିରଫ କରିନାହିଁ । ପୀଡିତାଙ୍କ ପରିବାର ଅଭିଯୋଗ କରିଛନ୍ତି ଜୟପୁର ଠାରେ ସତ୍ୟଜିତ ପୀଡିତାଙ୍କୁ ବିଚ ବଜାରରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଲାପରେ ପୋଲିସ ସତ୍ୟଜିତ ଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନ ନେବା ଯୋଗୁଁ ସତ୍ୟଜିତ ଗାଁ କୁ ଆସି ବାହାଦୁରି ମାରି ସୋସିଆଲ ମିଡ଼ିଆରେ ପୀଡିତାଙ୍କ ଚରିତ୍ର ସଂହାର ପାଇଁ ଉଦ୍ୟମ କରିଥିଲା । ଯାହା ଫଳରେ ପୀଡିତା ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ଅତ୍ୟାଚାର ର ନ୍ୟାୟ ନ ପାଇବା ଆଶଙ୍କାରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେଇଥିଲେ । ଜୟପୁର ପୋଲିସ ଯଦି ସତ୍ୟଜିତଙ୍କୁ ଅଟକ ରଖିଥାନ୍ତେ କିମ୍ବା ଗିରଫ କରିଥାନ୍ତେ ତେବେ ଝିଅ ଅବସ୍ଥା ଏମିତି ହୋଇ ନଥାନ୍ତା ବୋଲି ପରିବାର ଲୋକ ଅଭିଯୋଗ କରିଥିଲେ । ତେବେ ଘଟଣାରେ ସଂପୃକ୍ତ ଦୁଇ ଅଭିଯୁକ୍ତ ସତ୍ୟଜିତ ସରକାରକୁ ଦଶପଲ୍ଲାରୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ବନ୍ଧୁ ଉଦ୍ଧବ ନାୟକ ଜୟପୁର ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା ଭାବେ କାମକରୁଥିବା ବେଳେ ସେଠାରୁ ତାକୁ ଗିରଫ କରି ରାଇଘର ଆଣିଥିଲେ । ଏନେଇ ମାତୃ ଆଶ୍ରମର ଅଧକ୍ଷା କାଦମ୍ବିନି ତ୍ରିପାଠୀ ସାମ୍ବାଦିକ ସମ୍ମିଳନୀ କରି ଦିଲ୍ଲୀ ଏମ୍ସକୁ ଏୟାର ଲିଫ୍ଟ କରି ନେବାକୁ ଦାବି କରିଥିଲେ । ଆଜି ରାଇଘର ପୋଲିସ ସାମ୍ବାଦିକ ସମ୍ମିଳନୀ କରି ଅଭିଯୁକ୍ତ କୁ ଜେଲକୁ ଫରଓ୍ୱାର୍ଡ କରିଥିବା ସୂଚନା ଦେଇଛି ।

# ବେଆଇନ୍ ମଦରନ୍ଧା ଆଡ୍ଡା ଉପରେ ଚଢାଉ, ୩୫୦ କେଜି ପୋଚ୍ ନଷ୍ଟ



ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଥାନା ହରଭଙ୍ଗା ବ୍ଲକ ମଥୁରା କୁଡାସାହି ନିକଟରେ ଚାଲିଥିବା ଏକ ବେଆଇନ ମଦ ରନ୍ଧା ଆଡ୍ଡା ଉପରେ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଚଢାଉ କରାଯାଇଥିଲା । ସେଠାରେ ମଦ ରନ୍ଧା ପାଇଁ ରଖା ଯାଇଥିବା ୩୫୦ କେଜି ମହୁଲ ପୋଚ ଓ ୩୦ ଲିଟର ରନ୍ଧା ମଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କାରାଯାଇ ନଷ୍ଟ କରା ଯାଇଥିଲା । ଏ ମାମଲାରେ କାହାରିକୁ ଗିରଫ କରା ଯାଇନଥିବା ବେଳେ ମୋବାଇଲ୍ ସ୍କ୍ୱାର୍ଡ ପକ୍ଷରୁ ୭୬/୨୦୨୫-୨୬ ରେ ଏକ ମାମଲା ରୁଜୁ ତଦନ୍ତ ଚାଲିଥିବା ଇନ୍ସପେକ୍ଟର ଗଦାଧର ମହାରଣା ଆଜି ରାତି ୮ ଘଣ୍ଟା ସମୟରେ ସୂଚନା ଦେଇଛନ୍ତି ।

# ଜଳିଗଲା ଶବବାହକ ଜିପ୍

କୁଚିଣ୍ଡା (ଭାସ୍କର ନ୍ୟୁଜ୍): କୁଚିଣ୍ଡା ସରକାରୀ ଉପଖଣ୍ଡ ଡାକ୍ତରଖାନାର ପଛ ପାର୍ଶ୍ୱରେ ଏକ ପୁରାତନ ଶବବାହକ ଜିପ୍ ରଖାଯାଇଥିଲା । ଶୁକ୍ରବାର ବିଜୁଳି, ବଜ୍ରପାତରେ ହୁତ୍‌ହୁତ ହୋଇ ତାହା ଜଳିଯାଇଛି । ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷ କୁଚିଣ୍ଡା ଥାନାରେ ଜଣାଇବା ପରେ, ଥାନା ପକ୍ଷରୁ ସୂଚନା ପାଇ କୁଚିଣ୍ଡା ଅଗ୍ନିଶମ ସେବା ସଂସ୍ଥା ଆସି ନିଆଁ ଲିଭାଇଥିଲେ । ନିଆଁ ଲିଭାଇବା ବେଳକୁ ଗାଡିଟି ସଂପୂର୍ଣ୍ଣ ଜଳିସାରିଥିଲା ବୋଲି ସୂଚନା ମିଳିଛି । ହସ୍ପିଟାଲରେ ଏତେ କର୍ମଚାରୀ ଥାଇ ମଧ୍ୟ ଜାଣିପାରିଲେନି କିପରି ଏହା ଏକ ସାଧାରଣ ରେ ପ୍ରଶ୍ନବାଚି ସୃଷ୍ଟିକରିଛି । ସୂଚନାଯୋଗ୍ୟ ଯେ, ଏହି ଶବବାହକ ଗାଡିଟି ଅତି ପୁରୁଣା ଏବଂ ଅଚଳାବସ୍ଥାକୁ ଆସିବା ପରେ, ଡାକ୍ତରଖାନାର ପଛ ପାର୍ଶ୍ୱରେ ଏହାକୁ ରଖାଯାଇଥିଲା ।

# ଆଇନ ସଚେତନତା କାର୍ଯ୍ୟକ୍ରମ




ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ମେଣ୍ଟାମାଳ ହାଇସ୍କୁଲ ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଓ ଦୌରା ଜଜ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ନିବାରଣ, ନିଷେଧ ଓ ପ୍ରତିକାର ଆଇନ୍ ଏବଂ ଏସସି /ଏସ୍‌ଟି ଅତ୍ୟାଚାର ଓ ନିବାରଣ ଆଇନ ସମ୍ପର୍କରେ ସଚେତନ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା, ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରଦ୍ଧା ସରସ୍ୱତୀ ପରିଡ଼ା ଯୋଗ ଦେଇ ଉଭୟ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ ମଞ୍ଚାସୀନ ରହି ସହଯୋଗ କରିଥିଲେ ।

# ନବାଗତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର(ଭାସ୍କର ନ୍ୟୁଜ୍) : ଜଳେଶ୍ୱର ବ୍ଲକ ଧାନସିମୁଳିଆ ସ୍ଥିତ ଦୀନକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପ୍ରଥମ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନବାଗତ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର ଅଧକ୍ଷ ସୁକାନ୍ତ କୁମାର ଦାସଙ୍କ ଅଧକ୍ଷତାରେ ଭିନ୍ନ ଭିନ୍ନ ସଭା ଗୃହରେ ସମ୍ବର୍ଦ୍ଧନା କରାଯାଇଥିଲା । କଳା ବିଭାଗର ଅଧାପକ ଡ.ମାନସ କୁମାର ଦାସ, ଡ.ସୁଶାନ୍ତ କୁମାର ଗିରି, ଅଜୟ କୁମାର ଗିରି, ଜଗନ୍ନାଥ ପ୍ରସାଦ ମହାନ୍ତି, ରତନ କୁମାର କର, ଅଧାପିକା ପୁଷ୍ପାଞ୍ଜଳି ପାଇକରାୟ, ରୋଜି ମଲ୍ଲିକ ପ୍ରମୁଖ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ମାର୍ଗଦର୍ଶିକା ଅନୁସାରେ ପରାମର୍ଶ ପ୍ରଦାନ କରିଥିବା ବେଳେ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଅଧାପକ ଦୀପକ ସେନାପତି, ତପନ କୁମାର ଜେନା, ସୀମାନ୍ତ କୁମାର ଜେନା, ପ୍ରଦୀପ କୁମାର ବେହେରା, ଅଧାପିକା ଇନ୍ଦିରା ପ୍ରୟାଦର୍ଶିନି ଗିରି, କବିତା ଖୁଣ୍ଟିଆ ପ୍ରମୁଖ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ସୁପରାମର୍ଶ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକାମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

## ରାସ୍ତା କାମ ଅଧାରେ ପକାଇ ବିଲ୍ ନେଇଗଲେ ଠିକାଦାର

# ହୀନସ୍ଥା ଭୋଗୁଛନ୍ତି ଅଞ୍ଚଳବାସୀ, ବିଭାଗ ଚୁପ୍



ଫୁଲନଖରା (ଭାସ୍କର ନ୍ୟୁଜ୍) : ୪୨ମୌଜା ଅନ୍ତର୍ଗତ ଶ୍ରୀରାମ ନଦୀ ବନ୍ଧ ରାସ୍ତା ଠାରୁ ଗୋବିନ୍ଦପୁର ବ୍ରିଜ ପର୍ଯ୍ୟନ୍ତ ହୋଇଥିବା ନଦୀବନ୍ଧ ରାସ୍ତାକାମ ସମ୍ପୂର୍ଣ୍ଣ ହୋଇନାହିଁ । ରାସ୍ତାର ଉଭୟ ପଟରେ ନାଲି ଗୋଡି ମୋରମ ପକାଯିବା ନିର୍ମାଣ ପ୍ରକ୍ରିୟା ମଧ୍ୟରେ ଥିଲେ ମଧ୍ୟ ସମ୍ପୃକ୍ତ ଠିକାଦାର ଅଳ୍ପକିଛି ବାଟ ନାଲିଗୋଡି ଛିଞ୍ଚି କାମ ଅଧାରେ ପକାଇ ଦେଇଛନ୍ତି । ଏପରିକି ବିଛା ହେବାକୁ ଥିବା ଏହି ନାଲିଗୋଡି ମୋରମ ରାସ୍ତା ଉପରେ ୩୦ରୁ ଊର୍ଦ୍ଧ୍ୱ ଜାଗାରେ ଗଦା ଗଦା ହୋଇ ଜମାହୋଇଛି । ଏହି ନାଲିମାଟି ଗଦା ରାତି ସମୟରେ ଦୁର୍ଘଟଣାର କାରଣ ପଲଟିଛି । ଅନ୍ୟପଟେ ନୂତନ ପିଚୁ ରାସ୍ତା ନିର୍ମାଣ ପରେ ଉଚ୍ଚତା ବଢିବା କାରଣରୁ ରାସ୍ତାର ଉଭୟ ପାର୍ଶ୍ୱରେ ଖାଲ ହୋଇଯିବାରୁ ଅସାବଧାନତା ବଶତଃ ପଥଚାରୀମାନେ ରାସ୍ତାକଡକୁ ଖସି ଦୁର୍ଘଟଣାର ଶିକାର ହେଉଛନ୍ତି । ସମ୍ପୃକ୍ତ ଠିକାଦାର ସଂସ୍ଥାର ମନମୁଖୀ କାର୍ଯ୍ୟ ପାଇଁ ଜନଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସରଜମିନ ତଦାରଖ ନକରି କାର୍ଯ୍ୟକୁ ସମ୍ପୂର୍ଣ୍ଣ ହୋଇଛି ବୋଲି କହିବା ବିଭାଗ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି । ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ ବିଫଳ ହୋଇଥିବାରୁ ତୁରନ୍ତ ନଦୀବନ୍ଧ ରାସ୍ତାରୁ ନାଲିଗୋଡି ଗଦାକୁ ହଟାଇ ରାସ୍ତାକଡରେ ପକାଇବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

# ଅଚଳ ଆକ୍ୱାଗାର୍ଡ ମରାମତି



ସାରସକଣା (ଭାସ୍କର ନ୍ୟୁଜ୍) ଏହି ବ୍ଲକ୍ ଅନ୍ତର୍ଗତ ଶୀର୍ଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ବର୍ଷ ପୂର୍ବେ ଲଗାଯାଇଥିବା ଆକ୍ୱାଗାର୍ଡ ଗୁଡ଼ିକ ଅଚଳ ହୋଇଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଯେତେ ଥର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । କମ୍ପାନୀକୁ ଯେତେ ଅନୁରୋଧ କଲେ ମଧ୍ୟ ସେମାନେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନଥିଲେ । ଲେବର୍ ରୁମ୍‌ରେ ବିଶୁଦ୍ଧ ଜଳ ପାଇଁ ବହୁତ୍ ଅସୁବିଧା ଉପୁଜିଲା । କର୍ମଚାରୀ ତଥା ଅଧିକାରୀ ମାନେ ଶେଷରେ ସାରସକଣା ବ୍ଲକର ଓଡ଼ିଶା ଭାସ୍କରର ପ୍ରତିନିଧି ଦେବାଶିଷ ଶତପଥୀଙ୍କୁ ଜଣାଇଲେ । ତୁରନ୍ତ ଶ୍ରୀ ଶତପଥୀ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ କମ୍ପାନୀ ତରଫରୁ ହିମାଂଶୁ ଷଡ଼ଙ୍ଗୀ ଆସି ସେଗୁଡିକୁ ଠିକ୍ ଭାବରେ ମରାମତି କରିଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ର ଓ ଶ୍ରୀ ଶତପଥୀ ତାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି ।

# ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଆଭ୍ୟନ୍ତରୀଣ ସୁରକ୍ଷା କମିଟି ଗଠିତ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଆଜି ବାଲେଶ୍ୱର ଏଫ୍‌ଏମ୍ କଲେଜର ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆମର ଆତ୍ମାର ସଦ୍‌ଗତି କାମନା ଓ ବଲଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ଛାତ୍ରଛାତ୍ରୀମାନେ ନୀରବ ପ୍ରାର୍ଥନା କରିଥିଲେ । ପରେ ପରେ ସରକାରଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ଆଭ୍ୟନ୍ତରୀଣ ସୁରକ୍ଷା କମିଟି (ଇଣ୍ଟରନାଲ୍ କମ୍ପ୍ଲେନ କମିଟି) ଗଠନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟବ୍ରତ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରାଭିଭାବକ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଶ୍ରୀ ସ୍ୱାଇଁ ଏହି କମିଟିର କାର୍ଯ୍ୟ ଓ ଏହି କମିଟି ଦ୍ୱାରା ଛାତ୍ରଛାତ୍ରୀଙ୍କୁ କିପରି ବିଭିନ୍ନ ପ୍ରକାର ନିର୍ଯାତନା ଓ ଶୋଷଣରୁ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ବୁଝାଇ କହିଥିଲେ । ଏହି କମିଟିରେ ସଭାପତି ଭାବେ ସୁଶ୍ରୀ ମୌସୁମୀ ସାହୁ, ଧନଞ୍ଜୟ ମିଶ୍ର, ସୁଭଦ୍ରା ଷଡ଼ଙ୍ଗୀ ଓ ଏନ୍‌ଜିଓ କର୍ମକର୍ତ୍ତା ସୁକାନ୍ତଲତା ମାହୁନ୍ତଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିବ ଚରଣ ପ୍ରଧାନ, ଧନଞ୍ଜୟ ମିଶ୍ର, ରୋଷନ କୁମାର ଦାସ, ଏସ୍‌କେ ନିଆଜୁଦ୍ଦିନ୍, ଶିକ୍ଷୟିତ୍ରୀ ସୁଶ୍ରୀ ମୌସୁମୀ ସାହୁ, ଅର୍ପିତା ତରାଇ, ସୁଭଦ୍ରା ଷଡ଼ଙ୍ଗୀ, ପ୍ରତ୍ୟାଶା ଜେନା, ମୋନାଲିସା ମଲ୍ଲ ପ୍ରମୁଖ ପରିଚାଳନା କରିଥିଲେ ।

# ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା

ଡେଲାଙ୍ଗ (ଭାସ୍କର ନ୍ୟୁଜ୍) : ମହାପ୍ରଭୁ ଶ୍ରୀଶ୍ରୀଜଗନ୍ନାଥଙ୍କ ଭକ୍ତପ୍ରବର ଦାସିଆଙ୍କ ଜନ୍ମ ଓ ସାଧନା ପୀଠ, ପୁରୀ ଜିଲ୍ଲା ପିପିଲି ବ୍ଲକ ଅନ୍ତର୍ଗତ ବାଲିଗାଁର ସର୍ବାଙ୍ଗୀନ ଉନ୍ନୟନ ନିମନ୍ତେ ଭକ୍ତ ଦାସିଆ ସ୍ମୃତି କମିଟିର ଆୟୋଜିତ ମାସିକ ସମୀକ୍ଷା ବୈଠକ ଭୁବନେଶ୍ୱରସ୍ଥ ଶହୀଦ ନଗରର ବିଷ୍ଣୁ ମନ୍ଦିର ସଭାଗୃହରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ନାରାୟଣ ମହାପାତ୍ରଙ୍କ ସଂଯୋଜନାରେ କଳିଯୁଗର ଶ୍ରୀଜଗନ୍ନାଥ ମହାମନ୍ତ୍ର, ସ୍ତୋତ୍ର ଓ ପ୍ରାର୍ଥନା ସମୂହ ପାଠ କରିଥିଲେ । ଅନୁଷ୍ଠାନର ସାଧାରଣ ସଂପାଦକ ଡ. ଘନଶ୍ୟାମ ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ଭକ୍ତଙ୍କ ଜନ୍ମପୀଠ ବାଲିଗାଁର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିକଟରେ ୨୨ ଗୋଟି ପ୍ରକଳ୍ପର କାର୍ଯ୍ୟକାରିତାର




ପ୍ରାରମ୍ଭିକ ପ୍ରସ୍ତୁତିର ସମୀକ୍ଷା କରାଯାଇ ଏହାର ଭିତିପ୍ରସ୍ତର କାର୍ଯ୍ୟ ଡେଲାଙ୍ଗ ପିପିଲିର ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସହଯୋଗରେ ଯଥାଶୀଘ୍ର କରାଯିବାକୁ ପ୍ରସ୍ତାବ ପାରିତ ହୋଇଥିଲା । ବିଭିନ୍ନ ପ୍ରକଳ୍ପର ସମୀକ୍ଷା ଦାୟିତ୍ୱରେ ଅନୁଷ୍ଠାନ ତରଫରୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ତତ୍କାଳୀନ ଯନ୍ତ୍ରୀ ମୁଖ୍ୟ ଇଂ ଦେବନାରାୟଣ ପାଲ, ମେଟ୍ରୋ ରେଲୱେ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଇଂ ଶିବପ୍ରସାଦ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ମନୋରମା ମହାପାତ୍ରଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଆସନ୍ତା ମାସ ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ଭକ୍ତଙ୍କ ପୀଠରେ ଝୁଲଣ ପର୍ବ ସୁଚାରୁ ରୂପେ ପାଳନ କରାଯିବା ନିମନ୍ତେ ସାଂସ୍କୃତିକ ସଂପାଦକ ସରୋଜ କୁମାର ସାହୁଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏ ସମସ୍ତ ଆଲୋଚନାରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ଶିକ୍ଷାବିତ ବୃନ୍ଦାବନ ମହାପାତ୍ର, ଅଜୟ ଦାସ, ଡଃ ବାସନ୍ତି ଦାଶ, ଅନନ୍ତ ଚରଣ ସାହୁ, ଗୋପାଳ ବଳ, ଭାରତୀ ଭୁଷଣ ପଟ୍ଟନାୟକ, ତ୍ରିଲୋଚନ ନାୟକ, ସୁରେଶ ମିଶ୍ର, ଅନୁପମା ମିଶ୍ର, ଅକ୍ଷୟ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଜିଲ୍ଲାସ୍ତରୀୟ ଡିଜେ ସାଉଣ୍ଡ ସଚେତନତା ଶିବିର

# ନିୟମ ଉଲ୍ଲଙ୍ଘନ କଲେ ୫୦ ହଜାର ଟଙ୍କା ଜୋରିମାନା




କୁଜଙ୍ଗ (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲାରେ ବିଭିନ୍ନ ପ୍ରୋସେସନରେ ଡିଜେ ସାଉଣ୍ଡ ବାଜିବା ପାଇଁ ନିଆଯାଇଛି ନିଷ୍ପତ୍ତି । ଜଗନ୍ନାଥ ଟେଣ୍ଟ, ଲାଇଟ୍ ଓ ସାଉଣ୍ଡ ମାଲିକ ସଙ୍ଘ ପକ୍ଷରୁ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ କୁଜଙ୍ଗ ବ୍ଲକ ନିଉଜିତ ମଣ୍ଡପ ବଡ଼ ବଜାର ରାହାମାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଶିଶର କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଏସ୍‌ଡିପିଓ ଚିନ୍ମୟ ରାଉତ, ସମ୍ମାନୀୟ ଅତିଥି ଭାବରେ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ସେଠି, ଅନିଲ ବିଶ୍ୱାଳ, ରମେଶ ଚନ୍ଦ୍ର ପୁଷ୍ଟି, ଜନ୍ମଜୟ ତାରେଣିଆ, ସତ୍ୟଜିତ ବିଶ୍ୱାଳ, ପ୍ରଦୀପ ସ୍ୱାଇଁ, ସଙ୍ଗମ ଦାସ, ବିଶ୍ୱଜିତ ଲେଙ୍କା, ରାଜେଶ ଲେଙ୍କା, ଟୁକୁନା ଦାସ, ନିରଂଜନ ଦିବେଦୀ, ଶମ୍ଭୁ ରାଜ ବିଶୋଇ, ଶିବ ପ୍ରସାଦ ସାହୁ, ମନୋଜ, ଦିଲ୍ଲୀପ, ଦିପୁ, ଇଲୁ, ଜିତୁନା, ଜଗତସିଂହପୁର ଜିଲ୍ଲାର ଜଗନ୍ନାଥ ଟେଣ୍ଟ ଲାଇଟ୍ ଓ ସାଉଣ୍ଡ ଜିଲ୍ଲାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଉକ୍ତ ସଭାରେ ୧୧ଟି ନିୟମ ପାଳନ କରିବା ପାଇଁ ମାଲିକ ମାନେ ଏହି ନିଷ୍ପତ୍ତିରେ ରାଜି ହୋଇଛନ୍ତି । ଏଥିରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଡିଜେ ସାଉଣ୍ଡ ମାଲିକ, ପୋଲିସ ପ୍ରଶାସନ, ଜିଲ୍ଲାର ବିଭିନ୍ନ ବ୍ଲକର ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଡିଜେ ସାଉଣ୍ଡର ଭୟାବହତା ଏବଂ ଏଥିରୁ ସୁରକ୍ଷିତ ରହିବା ଉପରେ ଆଲୋଚନା କରିଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବା ଗାଇଡ ଲାଇନ ଅନୁସାରେ ପ୍ରତ୍ୟେକ ଡିଜେ ଗାଡ଼ିରେ ୮ଟି ବକ୍ସ ଓ ୬ ଡିସେମିଲ ମଧ୍ୟରେ ସାଉଣ୍ଡରେ ଡିଜେ ବାଜିବ । ଜିଲ୍ଲା ମାଲିକ ସଙ୍ଘର ଦୁଇଟି ସ୍କାର୍ଡ ଗାଡ଼ି ସବୁବେଳେ ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗସ୍ତ କରିବ । ଯଦି କୌଣସି ସ୍ଥାନରେ ଅଧିକ ସାଉଣ୍ଡ ଓ ମାଇକ ବ୍ୟବହାରର ଅଭିଯୋଗ ଆସେ, ତେବେ ଉକ୍ତ ଗାଡ଼ିକୁ ଜବତ କରାଯିବା ସହିତ ତାଙ୍କ ଠାରୁ ୫୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯିବ ଏବଂ ଆଇନ ଅନୁଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷଣା କରାଯାଇଛି । ସମସ୍ତ ପୋଗ୍ରାମ ପାଇଁ ପ୍ରଶାସନ ଲିଖିତ ଅନୁମତି ଆଣିବା ବାଧ୍ୟତା ମୂଳକ । ରାତ୍ରିରେ ସର୍ବାଧିକ ୧୦ଘଣ୍ଟିକା ମଧ୍ୟରେ କାର୍ଯ୍ୟକ୍ରମ ଶେଷ କରିବା ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି । ଶବ୍ଦ ପ୍ରଦୂଷଣ ନକରିବା ପାଇଁ ବିଶେଷ ଧାନ ଦେବା ଜରୁରି ସ୍ଥାନ ଗୁଡ଼ିକ ଯଥା - ହସ୍ପିଟାଲ, ସ୍କୁଲ, କଲେଜ, ଥାନା, କୋର୍ଟ, ସରକାରୀ ଅଫିସ ସମ୍ମୁଖରେ ସାଉଣ୍ଡ ସମ୍ପୂର୍ଣ୍ଣ ବନ୍ଦ ରଖିବା ପ୍ରତି ଗୁରୁତ୍ୱ ଦିଆଯାଇଛି । ଜିଲ୍ଲା ବାହାରୁ ଆସୁଥିବା ସମସ୍ତ ସାଉଣ୍ଡ ଗାଡି ଜଗତସିଂହପୁର ଜିଲ୍ଲାର ନିୟମ ମାନିବା ପାଇଁ ବାଧ୍ୟତାମୂଳକ ବୋଲି ସଭାରେ ସ୍ଥିର କରାଯାଇଥିଲା । ନିୟମକୁ ସମସ୍ତେ ପାଳନ କରିବା ପାଇଁ ଉପସ୍ଥିତ ଅତିଥିବୃନ୍ଦ ଗୁରୁତ୍ୱାରୋପ କରିଥିଲେ ।

# ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଛତ୍ରପୁର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଶ୍ରୀରାମନଗର ସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋପାଳପୁର ପୋର୍ଟ ସାମାଜିକ କଲ୍ୟାଣ ଅଧିକାରୀ ଦେବଦତ୍ତ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପ୍ରୟାସକୁ ପ୍ରସଂଶା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୋଟ ୩୨୭ଜଣ ଶିଶୁ ବିଜ୍ଞାନ, ଗଣିତ, ସଂସ୍କୃତିବୋଧ ପ୍ରଶ୍ନମଞ୍ଚ, ପ୍ରକଳ୍ପ, ପତ୍ରବାଚନ, ମୂର୍ତ୍ତିକଳା ଓ ପ୍ରୟୋଗ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ସଭାପତି ପଦ୍ମଚରଣ ସାହୁ ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ଉପଢ଼ୌକନ ପ୍ରଦାନ କରିବା ସହିତ ଅଧକ୍ଷତା କରିଥିଲେ । ଉକ୍ତ ବିଜ୍ଞାନ ମେଳାର ବିଚାରକ ରୂପେ ଜଗନ୍ନାଥ ପଣ୍ଡା, ବିକ୍ରମ କୁମାର ବେହେରା, ଜ୍ୟୋତିର୍ମୟୀ ମହାପାତ୍ର, ତୁଳସୀରାମ ମେହର, ଜୟଶ୍ରୀ ଦାଶ, ରଶ୍ମିରଞ୍ଜନ ସାହୁ, ସୋନାଲୀ ସାହୁ, ସାଇରାମ ବେହେରା, ଡ. ଗୌରୀଶଙ୍କର ଶତପଥୀ, ସନ୍ତୋଷ ବେହେରା, ଦୁର୍ଗା ପ୍ରସାଦ ଦାଶ, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ, କୋଷାଧକ୍ଷ ସିମାଞ୍ଚଳ ପାତ୍ର ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ସମସ୍ତ ଶିଶୁ, ଅଭିଭାବକ ଏବଂ ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କ ସହଯୋଗରେ ସଫଳ ହୋଇଥିଲା ।





ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ମାହାଙ୍ଗା-ବଡ଼ଚଣା ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ବଡ଼ଚଣା ମାଟିର ପ୍ରଣମ୍ୟ ପୁରୁଷ ତଥା ପ୍ରାଚୀନ କବି ସନ୍ଥ ସାଧକ ପର୍ଶୁରାମ ବିହାରୀଙ୍କ ପବିତ୍ର ଶ୍ରାଦ୍ଧୋତ୍ସବ ଆଜି ବରପଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପରିଷଦର ସଭାପତି ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ସଂସ୍କୃତି ଗବେଷକ ଇଂ ରଶ୍ମିରଞ୍ଜନ ରାୟ ଉତ୍ସବକୁ ଉଦ୍ଘାଟନ କରି ସନ୍ଥ ପର୍ଶୁରାମ ବିହାରୀଙ୍କ ଶରୀର ତତ୍ତ୍ୱ ଭଜନ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ପ୍ରବକ୍ତା ଡ଼ଃ ନିରଞ୍ଜନ ସାହୁ ଓ ସମ୍ମାନୀତ ଅତିଥି ଭାବେ ସାହିତ୍ୟିକ ଡ଼ଃ ଭାଗ୍ୟଧର ସାହୁ, ଶିକ୍ଷାବିତ୍ ଉମାକାନ୍ତ ବଳ ଓ ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ସାମଲ ପ୍ରମୁଖ ଯୋଗଦେଇ ଓଡ଼ିଆ ସନ୍ଥ ସାହିତ୍ୟକୁ ପର୍ଶୁରାମ ବିହାରୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଆଧ୍ୟାତ୍ମିକ ପ୍ରବକ୍ତା ଡ. ନିରଞ୍ଜନ ସାହୁଙ୍କୁ ମର୍ଯ୍ୟାଦାଜନକ 'ସନ୍ଥ ପର୍ଶୁରାମ ବିହାରୀ ସମ୍ମାନ' ପ୍ରଦାନ କରାଯାଇଥିବା ବେଳେ କବି ମହେନ୍ଦ୍ର ନନ୍ଦଙ୍କ ଆଧ୍ୟାତ୍ମିକ କବିତା ପୁସ୍ତକ 'ଶୁଣିମା ହେଉ ମଣିମା' ଉନ୍ମୋଚିତ ହୋଇଥିଲା । ପରିଷଦର କାର୍ଯ୍ୟକାରୀ ସଭାପତି ତଥା ପର୍ଶୁରାମ ବିହାରୀଙ୍କ ବଂଶଜ ଡ଼ଃ ରବୀନ୍ଦ୍ର କୁମାର ବିହାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ରାମଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ବରିଷ୍ଠ କଣ୍ଠଶିଳ୍ପୀ ଗଗନ ବିହାରୀ ଜେନା ପର୍ଶୁରାମ ବିହାରୀଙ୍କ ରଚିତ ଶରୀର ତତ୍ତ୍ୱ ଭଜନ ପରିବେଷଣ କରିଥିବା ବେଳେ ମାନପତ୍ର ପାଠ କରିଥିଲେ ଆଚାର୍ଯ୍ୟ ରଞ୍ଜନ କୁମାର ବେହେରା । ଧନ୍ୟବାଦ ଦେଇଥିଲେ ପ୍ରଧାନ ଆଚାର୍ଯ୍ୟ ଶୁଭ୍ରଜିତ ଧଳ ।

# ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉଦାସୀନତା, ଗମନାଗମନରେ ସମସ୍ୟା

ଜଗତସିଂହପୁର, (ଭାସ୍କର ନ୍ୟୁଜ) ଜଗତସିଂହପୁର ଓଏମ୍‌ପି ଛକରୁ ନୂଆଗାଁ ପର୍ଯ୍ୟନ୍ତ ରାସ୍ତା ଜାତୀୟ ରାଜପଥ ୫୫ରେ ପରିଣତ ହେବାକୁ ଯାଉଛି । ଏହି ୫୫ନଂ ଜାତୀୟ ରାଜପଥ ପାଇଁ କନ୍ଦରପୁର ଠାରୁ ମାଛଗାଁ ପର୍ଯ୍ୟନ୍ତ ଥିବା ୪୨ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତା ଜାତୀୟ ରାଜପଥ କର୍ତ୍ତୃପକ୍ଷ ୨୦୧୭ ମସିହାରେ ଅଧିଗ୍ରହଣ କରିଥିଲେ । ୨୦୧୭ରୁ ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିଲା । ବର୍ତ୍ତମାନ ଜାତୀୟ ରାଜପଥ ୫୫ନଂ କାମ ୮ ବର୍ଷ ଧରି ଚାଲୁ ରହିଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ନୂତନ ଭାବେ ନିର୍ମିତ ହୋଇଥିବା ବାଇପାସ୍ ରାସ୍ତା ଉପରେ ଗୁରୁତ୍ୱ ଦେଇ ପୂର୍ତ୍ତ ବିଭାଗର ପୁରୁଣା ରାସ୍ତାକୁ ସଠିକ୍ ଭାବେ ରକ୍ଷଣାବେକ୍ଷଣ କରୁନାହାନ୍ତି । ତେଣୁ ଜଗତସିଂହପୁର ସହରରେ ଗମନାଗମନ ସମସ୍ୟା ଦେଖାଦେଇଛି । ଏଠାରେ ପ୍ରକାଶ ଥାଉକି ଜଗତସିଂହପୁର ସହରରେ ଥିବା ପୂର୍ତ୍ତ ବିଭାଗ ପୁରୁଣା ରାସ୍ତାକୁ ମଙ୍ଗଳପୁର ଠାରୁ ସିପି ପର୍ଯ୍ୟନ୍ତ ପ୍ରାୟ ୭ କିଲୋମିଟର ରାସ୍ତା ଗମନାଗମନ ପାଇଁ ଅନୁପଯୁକ୍ତ ହୋଇପଡିଛି । ସାମାନ୍ୟ ଟିକେ ବର୍ଷା ହେଲେ ଜାତୀୟ ରାଜପଥ ୫୫ କର୍ତ୍ତୃପକ୍ଷ ଅଧିଗ୍ରହଣ କରିଥିବା ଏହି ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମା ହୋଇ ରହୁଛି । ସହରର ୧୦ନଂ ଛକ, ରଶ୍ମିହଲ ଛକ ଠାରୁ ବସ୍‌ଷ୍ଟାଣ୍ଡ ଛକ ଓ ସିପି ଛକ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇ ରହିଛି । ମାତ୍ର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଏଥିପ୍ରତି ନଜର ନାହିଁ । ସହରର ଜନସାଧାରଣ, ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ ଏବଂ ସହର ମଧ୍ୟରେ ଯାତାୟାତ କରୁଥିବା ସମସ୍ତ ଯାନବାହନ ଖରାପ ରାସ୍ତା ଯୋଗୁଁ ସମସ୍ୟାରେ ପଡୁଛନ୍ତି । ବିଡମ୍ବନାର ବିଷୟ ଯେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କର ଏକ କାର୍ଯ୍ୟାଳୟ ବଙ୍ଗଳା ଛକ ନିକଟରେ ଥିଲେ ମଧ୍ୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ରାସ୍ତା ମରାମତି ଉପରେ ଗୁରୁତ୍ୱ ଦେଉନାହାନ୍ତି । ଜାତୀୟ ରାଜପଥ ଅଧିଗ୍ରହଣ କରିଥିବା ଏହି ପୂର୍ତ୍ତ ବିଭାଗ ରାସ୍ତାର ଜଳ ନିଷ୍କାସନ ଓ ମରାମତି ତୁରନ୍ତ କରାନଗଲେ ଜନଆନ୍ଦୋଳନ ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

# ଯୋଡ଼ା-ପଳାଶପଙ୍ଗା ରାସ୍ତା ପାଲଟିଛି ମରଣଯନ୍ତା

➩ ଭାରିଯାନ ଚଳାଚଳ ବଢ଼ାଉଛି ସମସ୍ୟା
➩ ଜୁରୁଡି ଓ ଆନ୍ତାମାନ୍ତା ପୋଲ ଜରାଜୀର୍ଣ୍ଣ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାର ଯୋଡା ଖଣିକ୍ଷେତ୍ରକୁ ସିଧାସଳଖ ସଂଯୋଗ କରୁଥିବା ଯୋଡ଼ା-ପଳାଶପଙ୍ଗା ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହି ରାସ୍ତା ଦେଇ ଜିଲ୍ଲା ଓ ଜିଲ୍ଲା ବାହାରର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ବନ୍ଦରକୁ ଖଣିଜ ସମ୍ପଦ ପରିବହନ ହୋଇ ଆସୁଥିବାରୁ ମାତ୍ରାଧିକ ଭାରିଯାନ ଚଳାଚଳ ଯୋଗୁଁ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଫଳରେ ଉକ୍ତ ରାସ୍ତା ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଖଣିଜସମ୍ପଦ ବୋଝେଇ ଭାରିଯାନ ଚଳାଚଳ ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଧୂଳିଧୂଆଁ ଯୋଗୁଁ ଅଞ୍ଚଳବାସୀ ବିଶେଷ ଭାବେ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି । ଯୋଡା ବ୍ଲକ୍ ଅନ୍ତର୍ଗତ ଜୁରୁଡ଼ି ଗ୍ରାମ ପଞ୍ଚାୟତକୁ ସଂଯୋଗ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଯାହାଦ୍ୱାରା ଜୁରୁଡ଼ି ଗ୍ରାମ ପଞ୍ଚାୟତବାସୀ ଗମନାଗମନର ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ରାସ୍ତାରେ ସମ୍ପୂର୍ଣ୍ଣ ଭାବେ ପିଚୁ ଉଠି ଯାଇ ପ୍ରବଳ ଧୂଳିଧୂଆଁ ବାହାରି ଜନଜୀବନ ଅସ୍ତବ୍ୟସ୍ତ କରି ପକାଇଛି । ରାସ୍ତା ନିର୍ମାଣ ନିମନ୍ତେ ଦୀର୍ଘବର୍ଷ ଧରି ଦାବି ହେଉଥିଲେ ହେଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଜୁରୁଡି ଗ୍ରାମ ପଞ୍ଚାୟତରେ ଏବଂ ଆଖପାଖ ଅଞ୍ଚଳରେ ବହୁ ଖଣି ରହିଛି । ଜୁରୁଡି ଅଞ୍ଚଳକୁ ପୂର୍ତ୍ତ ବିଭାଗର ଯୋଡା-ପଳାଶପଙ୍ଗା ରାସ୍ତା ସଂଯୋଗ ହୋଇଛି । ଉକ୍ତ ରାସ୍ତାରେ ପ୍ରତିଦିନ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ ଖଣିଜ ବୋଝେଇ ଟ୍ରକ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ କାରଖାନା ଓ ବନ୍ଦରକୁ ଯାଆସ କରୁଛନ୍ତି । ଫଳରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଜୁରୁଡ଼ି ପୋଲ, ଆନ୍ତାମାନ୍ତା ପୋଲ ମରାମତି ଅଭାବରୁ ପୋଲର ଜରାଜୀର୍ଣ୍ଣ ଅବସ୍ଥା ସୃଷ୍ଟି ହୋଇଛି । ରାସ୍ତାରେ ପିଚୁ ସମ୍ପୂର୍ଣ୍ଣ ଉଠି ଯାଇ ପୋଲର ଲୁହା ରୋଡ ଭାଙ୍ଗି ବାହାରକୁ ବାହାରି ଆସିଛି । ରାସ୍ତା ସାରା ବଡ ବଡ ଖାଲ ସୃଷ୍ଟି ହୋଇପଡ଼ିଥିବା ଯୋଗୁଁ ବାଇକ୍ ଓ ଛୋଟ ଯାନବାହନ ଚଳାଚଳ ସମୟରେ ଦୁର୍ଘଟଣା ଘଟୁଛି । ଦିନକୁ ଦିନ ରାସ୍ତା ଅତ୍ୟନ୍ତ ବିପଦସଙ୍କୁଳ ହେବା ସହିତ ସଙ୍କୁଚିତ ହୋଇପଡ଼ିଛି । ରାସ୍ତାର ସମ୍ପ୍ରସାରଣ ଓ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିବା ପୂର୍ତ୍ତ ବିଭାଗ ଘୋଷଣା କରୁଥିଲେ ହେଁ ନିର୍ମାଣ କରାଯାଉ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ରାସ୍ତାରୁ ଉଡୁଥିବା ଧୂଳି ସାଙ୍ଗକୁ ଯାନବାହାନର ବିଷାକ୍ତ ଧୂଆଁରେ ଅଞ୍ଚଳବାସୀ ଆକ୍ରାନ୍ତ ହୋଇ ଯକ୍ଷ୍ମା, କାଶ ଓ ଅଣ୍ଡା ଜ୍ୱରରେ ପୀଡିତ ହୋଇ ଆସୁଥିବା ବେଳେ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରୁନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ଏପରିକି ଯୋଡ଼ା-ପଳାଶପଙ୍ଗା ରାସ୍ତା ଦେଇ ଯୋଡା ଖଣିକ୍ଷେତ୍ରର ବିଭିନ୍ନ ଖଣି ଓ ଶିଳ୍ପାନୁଷ୍ଠାନରୁ ଖଣିଜସମ୍ପଦ ଟ୍ରକ ଯୋଗେ ବିଭିନ୍ନ ରେଳ ସାଇଡିଂକୁ ପରିବହନ ହୋଇ ଆସୁଥିବାରୁ ଏହି ରାସ୍ତା ଅଧିକାଂଶ ସମୟ ଟ୍ରାଫିକ୍? ସମସ୍ୟା ଦେଖାଦେଇ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇ ବ୍ୟାପକ ଧନଜୀବନ ହାନୀ ହେଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ବରିଷ୍ଠ ନାଗରିକ ସୁରେନ୍ଦ୍ର ନାଥ ମହାନ୍ତି କହିଛନ୍ତି ଯେ, ପୋଲ ଗୁଡ଼ିକର ଏପରି ଅବସ୍ଥା ସୃଷ୍ଟି ହୋଇଛି ଯେ, କେଉଁ ସମୟରେ ପୋଲ ଭୁଶୁଡ଼ି ଯିବାର ଆଶଙ୍କା ରହିଛି । ଭଙ୍ଗା ପୋଲ ଉପରେ ମାଟି ପକାଇ ଚଳାଚଳ ହେଉଛି । ବିଭିନ୍ନ ଖଣି କମ୍ପାନୀମାନେ ଏହି ରାସ୍ତାକୁ ନିଜସ୍ୱ ବ୍ୟବସାୟରେ ଦିନରାତି ବ୍ୟବହାର କରୁଛନ୍ତି । ମାତ୍ର ରାସ୍ତା ନିର୍ମାଣ କଥା ତ ଦୂରର କଥା ମାଟି ପକାଇ ରାସ୍ତା ମରାମତି କରିବା ପାଇଁ ମଧ୍ୟ ପଛଘୁଞ୍ଚା ଦେଉଛନ୍ତି । ସେହିପରି ସ୍ଥାନୀୟ ଟ୍ରକ୍ ବ୍ୟବସାୟୀ ଶେଖ ମହମ୍ମଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ନିକଟରେ ଏହି ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇଛି ହେଲେ ଏ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇ ନାହିଁ । ସରକାର ଏ ଅଞ୍ଚଳରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିବାରୁ ଏ ଅଞ୍ଚଳର ଗମନାଗମନ ପ୍ରତି ଦୃଷ୍ଟି ଦେବା ପାଇଁ ସେ କହିଛନ୍ତି ।

# ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବାରିପଦା (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୁତି ଭୂଷଣ ନାୟକ ଓ.ପ୍ର.ସେ.ଙ୍କୁ ଆଜି ଜିଲ୍ଲା ପ୍ରଶାସନ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କ ପାଇଁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା । ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକଙ୍କର ବୌଦ୍ଧ ଜିଲ୍ଲାପାଳ ଭାବେ ପଦୋନ୍ନତି ହୋଇଥିବାରୁ ଅତିରିକ୍ତ ଜିଲ୍ଲାପାଳ ତାଙ୍କୁ ଶୁଭ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ମଲ୍ଲିକ କହିଥିଲେ ଯେ ଶ୍ରୀ ନାୟକ ଜଣେ ଦକ୍ଷ ପ୍ରଶାସକ ଭାବେ ତାଙ୍କ କାର୍ଯ୍ୟକୁ ସଦା ସର୍ବଦା ନିଷ୍ଠାର ସହିତ ସମ୍ପାଦନ କରିଥାନ୍ତି । ବ୍ୟକ୍ତିଗତ ଜୀବନରେ ସେ ଜଣେ ଶାନ୍ତ ଶିଷ୍ଟ, ସରଳ ମିଷ୍ଟଭାଷୀ, ଉତ୍ତମ ଦରଦୀ ମଣିଷ ବୋଲି କହିଥିଲେ । ଆଗାମୀ କାର୍ଯ୍ୟସ୍ଥଳୀରେ ତାଙ୍କର କାର୍ଯ୍ୟ ଦକ୍ଷତା ଓ ଉପାଦେୟତା ସେହିପରି ବଜାୟ ରହୁ ବୋଲି ଆଶା ପୋଷଣ କରିବା ସହ ନୂତନ କାର୍ଯ୍ୟକ୍ଷେତ୍ରରେ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରି ଶୁଭେଚ୍ଛା ଜଣାଇ ଥିଲେ । ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡା କହିଥିଲେ ଯେ ଶ୍ରୀ ବିଭୁତି ଭୂଷଣ ନାୟକ ମହୋଦୟ ମୟୂରଭଞ୍ଜ ଜିଲ୍ଲାରେ ତା ୩୦-୦୧-୨୦୨୪ରିଖ ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗଦାନ କରିଥିଲେ ଏବଂ ତାଙ୍କର ଉକ୍ତ କାର୍ଯ୍ୟକାଳ ସମୟରେ ତାଙ୍କର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବରେ ତୁଲାଇବା ସହ ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟାକୁ ସୁହାନଭୁତି ହୃଦୟରେ ସମାଧାନ କରିଥିଲେ । ଶ୍ରୀ ନାୟକ ମଧ୍ୟ ତାଙ୍କର ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାଳ ସମୟରେ କିଛି ଅନୁଭୂତିକୁ ପ୍ରକାଶ କରିଥିଲେ । ମୟୂରଭଞ୍ଜ ଏକ ଶାନ୍ତିପୂର୍ଣ୍ଣ ଜିଲ୍ଲା ଓ ଏ ଅଞ୍ଚଳର ଲୋକମାନଙ୍କ ସହଯୋଗ ମନୋଭାବ ତାଙ୍କୁ ତାଙ୍କ କାର୍ଯ୍ୟ କ୍ଷେତ୍ରରେ କାମ କରିବାର ପ୍ରେରଣା ଯୋଗାଇଛି ବୋଲି ପ୍ରକାଶ କରିଥିଲେ । ଏହାପରେ ପ୍ରଶାସନ ତରଫରୁ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଓ ଦୟାସିନ୍ଧୁ ପରିଡା ବିଦାୟୀ ଅତିରିକ୍ତ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ତତ୍‌ସହିତ ନିକଟ ଅତୀତରେ ଚାକିରିରୁ ଅବସର ଗ୍ରହଣ କରିଥିବା ସାବିତ୍ରୀ ପଣ୍ଡାଙ୍କୁ ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ମୟୂରଭଞ୍ଜରୁ ଯାଇ ସେ ବୌଦ୍ଧ ଜିଲ୍ଲାର ଜିଲ୍ଲାପାଳ ଭାବେ ନୂତନ କାର୍ଯ୍ୟଭାର ଗ୍ରହଣ କରିବେ ଏବଂ ଖୁବଶୀଘ୍ର ସେ ନିଜ କାର୍ଯ୍ୟସ୍ଥଳୀରେ ଯୋଗଦାନ କରିବେ । ଆଜିର ଏହି ସଭାରେ ଜିଲ୍ଲା ପ୍ରଶାସନର ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପ୍ରତିନିଧି ଜିଲ୍ଲାପାଳ, ସହକାରୀ ଜିଲ୍ଲାପାଳ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହି ଶ୍ରୀ ନାୟକଙ୍କ ଭବିଷ୍ୟତ ଜୀବନ ଉନ୍ନତି କାମନା କରି ଶୁଭେଚ୍ଛା ଜଣାଇଥିଲେ ।

# ଫସଲ ନଷ୍ଟ କରୁଛନ୍ତି ବାର୍‌ହା, ଚାଷୀକୂଳ ହତାଶ

ଫୁଲନଖରା (ଭାସ୍କର ନ୍ୟୁଜ୍) : ୪୨ମୌଜା ଅଞ୍ଚଳରେ ବାରହା ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ଘୋର ଚିନ୍ତା ପ୍ରକଟ କରିଛନ୍ତି । ୪୨ମୌଜା ଏକ ଚାଷ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାକାର ଅଧିକାଂଶ ଲୋକ ଚାଷକୁ ନିଜର ବେଉସା ଭାବରେ ଗ୍ରହଣ କରି ପରିବାର ପ୍ରତିପୋଷଣ କରନ୍ତି । ଗରିବ ଚାଷୀଟିଏ ଧାର କରଜ କରି ଫସଲ କରୁଛି କିନ୍ତୁ ଅମଳ ପୂର୍ବରୁ ଜଙ୍ଗଲୀ ଜନ୍ତୁ ନଷ୍ଟ କରିଦେଉଥିବାରୁ ଚାଷୀକୂଳ ହତାଶ ହୋଇପଡିଛି । ତେବେ ଏଭଳି ଅଭିଯୋଗ ହୋଇଛି କୂଳସରିଚୂଆଁ ଗ୍ରାମପଞ୍ଚାୟତରୁ । ରାତିରେ ଜଙ୍ଗଲୀ ବାର୍‌ହା ଆସି ଆଖୁ, ଧାନ ଫସଲ ନଷ୍ଟ କରିଦେଉଛନ୍ତି । ଏପରିକି ମାଟି ତଳୁ ସାରୁ ତାଡି ଖାଇଦେଉଥିବା ସମସ୍ତଙ୍କୁ ହତାସ କରିଛି । ଅନ୍ୟପଟେ ଏହି ବାର୍‌ହାକୁ ଧରିବା ପାଇଁ ଜଙ୍ଗଲ ବିଭାଗକୁ ଅନେକଥର ନିବେଦନ କରାଗଲେ ମଧ୍ୟ ସେମାନେ ବାର୍‌ହା ଧରିବାକୁ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି । ଏନେଇ ବନ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯଦି ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ତେବେ ସରକାରୀ ସ୍ତରରେ ତାଙ୍କୁ କ୍ଷତିପୂରଣ ଦିଆଯିବାର ବ୍ୟବସ୍ଥା ରହିଛି । ଚାଷୀମାନେ ଏନେଇ ଅଭିଯୋଗ କଲେ ତଦନ୍ତ କରାଯାଇ କ୍ଷତିପୂରଣ ରାଶି ପ୍ରଦାନ କରାଯିବ । ତେବେ ଦିନକୁ ଦିନ ବଢୁଥିବା ମାଙ୍କଡ ଓ ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବ ଚାଷୀଙ୍କୁ ଚାଷ କାର୍ଯ୍ୟରୁ ବିମୁଖ କରାଉଛି ବୋଲି ଚାଷୀ ସଂଗଠନମାନେ ମତବ୍ୟକ୍ତ କରିଛନ୍ତି ।

## ସମସ୍ୟା ଘେରରେ ଶଙ୍କତ୍ରାସ ଉଚ୍ଚ ବିଦ୍ୟାଳୟ

# ଶ୍ରେଣୀଗୃହ ପରିବର୍ତ୍ତେ ରାସ୍ତାରେ ବସିଲେ ଛାତ୍ରଛାତ୍ରୀ



ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ବହୁ ପୁରାତନ ଶଙ୍ଖତ୍ରାସ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଅଭିନବ ଦୃଶ୍ୟ । ବିଜ୍ଞାନ ଶିକ୍ଷକ ସୁଦର୍ଶନ କେରେଇଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ସମସ୍ତ ଛାତ୍ରଛାତ୍ରୀ ପ୍ରତିବାଦ କରି ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ମହିଧରପଡା-ଶଙ୍ଖତ୍ରାସ ମୁଖ୍ୟ ରାସ୍ତାରେ ଧାରଣା ଦେଇଥିଲେ । ପ୍ରକାଶ ଥାଉ କି, ବିଦ୍ୟାଳୟରେ ଜଣେ ବିଜ୍ଞାନ ଶିକ୍ଷକ ଓ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ ଥିଲାବେଳେ ବିଗତ ୬ ମାସ ହେବ ଶିକ୍ଷୟିତ୍ରୀ ଜଣଙ୍କ ମାତୃତ୍ୱଜନିତ ଛୁଟିରେ ଅଛନ୍ତି । କେଉଁ ପରିସ୍ଥିତିରେ କୌଣସି ବିଜ୍ଞାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅଣାନଯାଇ ବର୍ତ୍ତମାନର ଏକମାତ୍ର ବିଜ୍ଞାନ ଶିକ୍ଷକଙ୍କୁ ବଦଳି କରାଗଲା ତାହା ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପରେ ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରାଯାଇ ଆଗାମୀ ୨-୩ ଦିନ ମଧ୍ୟରେ ଯଥା ସମ୍ଭବ ଚେଷ୍ଟା କରି ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଲା ପରେ ଛାତ୍ରଛାତ୍ରୀ ପ୍ରତିବାଦରୁ ବିରତ ହୋଇଥିଲେ । ପୂର୍ବରୁ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ମନୋଜ କୁମାର ମହାନ୍ତିଙ୍କୁ ଅବ୍ୟାହତି ଦିଆଯାଇ ସୁଦର୍ଶନ କେରେଇଙ୍କୁ ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆଯାଇଥିଲା । ଅଞ୍ଚଳର ବହୁ ପୁରାତନ ବିଦ୍ୟାଳୟର ଆଖ୍ୟା ପାଇଥିବା ଶଙ୍ଖତ୍ରାସ ବିଦ୍ୟାଳୟର ପରିବେଶ ଓ ଭିତିଭୂମି ପୁରା ଭୁଶୁଡ଼ି ଗଲାଣି । ବିପଦ ସଙ୍କୁଳ ଆଜବେଷ୍ଟସ ଘରେ ପାଠପଢା ଚାଲୁଥିବାରୁ ବର୍ଷାଦିନେ ପାଣିର ସମସ୍ୟା ସହିତ ବିଷାକ୍ତ ଜନ୍ତୁଙ୍କ ଦ୍ୱାରା ଆଘାତ ପାଇବାର ଡର, ଖେଳପଡିଆ କ୍ରମଶଃ ଗାଡ଼ିଆରେ ପରିଣତ ହୋଇଥିବାବେଳେ, ବିଦ୍ୟାଳୟର ପରିବେଶରେ ସ୍ୱଚ୍ଛତାର ଅଭାବ ଦେଖିବାକୁ ମିଳୁଛି । ପ୍ରଶାସନ ତଥା ସ୍ଥାନୀୟ ବିଧାୟକ ବିଦ୍ୟାଳୟ ଉନ୍ନତି ଓ କାର୍ଯ୍ୟକ୍ରମ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ଅଭିଭାବକ ଓ ଅଞ୍ଚଳବାସିଙ୍କ ତରଫରୁ ଦାବି ଜୋର ଧରିଛି ।

# ଦୁର୍ଘଟଣାରେ ଯୁବକ ଗୁରୁତର

ଆଳି, (ଭାସ୍କର ନ୍ୟୁଜ): ଆଜି ସନ୍ଧ୍ୟାରେ ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ଭାତୁଆ ମଠ ଛକ ନିକଟରେ ଏକ ବାଇକ ଆଗକୁ ହଠାତ୍ ଶିଆଳ ଆସିଯିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିବାରୁ ବାଇକ ଚାଳକ ଜଣକ ତଳେ ପଡ଼ିଯିବାରୁ ତାଙ୍କ ଡାହାଣ ହାତ, ଆଣ୍ଠୁ ଏବଂ ପାଦରେ ଶକ୍ତ ଆଘାତ ଲାଗିବା ସହ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ସୂଚନା ମୁତାବକ ରାଜକନିକା ବ୍ଲକ ଶିକୁଡି ନିବାସୀ ଅଭିଷେକ ମହାନ୍ତି(୩୩) ଆଜି ସନ୍ଧ୍ୟା ୯ ଘଟିକା ସମୟରେ ପଟ୍ଟାମୁଣ୍ଡାଇରୁ ନିଜ ଗାଁକୁ ବାଇକ ଯୋଗେ ଫେରୁଥିବା ସମୟରେ ଆଳି ଚଣ୍ଡୀଆଗାଡି ମାଳପଟଣା ସ୍ଥିତ ଭାତୁଆ ମଠ ଛକ ନିକଟରେ ହଠାତ୍ ତାଙ୍କ ଗାଡି ଆଗକୁ ଏକ ଶିଆଳ ଆସିଯିବାରୁ ସେ ଭାରସାମ୍ୟ ହରାଇବାରୁ ତଳେ ପଡିଯାଇଥିଲେ । ପ୍ରଥମେ ସ୍ଥାନୀୟ ଲୋକେ ତାଙ୍କୁ ଆଳି ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ସେଠି ଡାକ୍ତର ଅଭିଷେକଙ୍କର ପ୍ରାଥମିକ ଚିକିତ୍ସା କରାଇବା ପରେ ତାଙ୍କ ଆଣ୍ଠୁ ପାର୍ଶ୍ୱ ଭାଙ୍ଗିଯାଇଥିବା ବେଳେ ସ୍ୱାସ୍ଥ୍ୟ ସ୍ଥିତି ସଂକଟାପର୍ଣ୍ଣ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିବା ଜଣାପଡିଛି ।

# ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ




ବୋଲଗଡ (ଭାସ୍କର ନ୍ୟୁଜ୍) : ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିବାଗ ନିର୍ଦ୍ଦେଶକ୍ରମେ ପରମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଓ ଅଧକ୍ଷ ପ୍ରଦୀପ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଗୁରୁବାର ନୂତନ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ମହା ଆଡମ୍ବର ସହକାରେ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟପକ ପୁଷ୍ପରାଜ ପ୍ରଧାନ, ଅଧ୍ୟପାକ ଗାନ୍ଧୀ କୁମାର ସାହୁ, ଅଧ୍ୟପିକା ଏଲିଜାବେଥ ଭଞ୍ଜ, ଗୀତାଞ୍ଜଳି ତ୍ରିପାଠୀ, ଅନୁସୟା ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ । ଉତ୍ସବର ପ୍ରାରମ୍ଭରେ ସଭାପତି ତଥା ଅଧକ୍ଷ ପ୍ରଦୀପ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇ ସମସ୍ତ ଛାତ୍ରଛାତ୍ରୀ ମାନେ ଶୃଙ୍ଖଳିତ ହୋଇ ପାଠ ପଢ଼ାରେ ମନନିବେଶ କରି ଶିକ୍ଷା ଅନୁଷ୍ଠାନର ଗାରିମା, ଐତିହ୍ୟ ଓ ସମ୍ମାନ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଯୁକ୍ତ ୨ ଅଧକ୍ଷ ରଙ୍କନାଥ ମହାରଣା ପ୍ରାରମ୍ଭିକ ଭାଷଣ ଦେବା ସହିତ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ସଭାରେ ଅଧ୍ୟପାକ ମିନୁଷ ମଲ୍ଲିକ, ଅଜୟ କୁମାର ସାହୁ, ଆଲୋକ କୁମାର ଦାସ, ସୁନୀଲ କୁମାର ସାହୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଓ ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକ, ଜୟଶ୍ରୀ ପାତ୍ର, ସୁପ୍ରଭା କୁମାରୀ ଦାସଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟମାନେ ଛାତ୍ରଛାତ୍ରୀମାନେ ନିୟମିତ ଉଚ୍ଚ ବିଦ୍ୟାଳୟକୁ ଆସି ଶୃଙ୍ଖଳିତ ଜୀବନ ସହିତ ଗୁଣାତ୍ମକ ଶିକ୍ଷା ଅଧ୍ୟୟନ କଲେ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ । ଏହି ଉତ୍ସବରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପାଠ୍ୟ ଖସଡ଼ା ଅନୁଯାଇ ଅଧକ୍ଷ ଶ୍ରୀ ଦାସ ସମସ୍ତ ନୂତନ ଛାତ୍ରଛାତ୍ରୀଙ୍କୁ ସମୟ ନିର୍ଘଣ୍ଟ ବଣ୍ଟନ କରି ନିୟମିତ ଶ୍ରେଣୀ ଗୃହରେ ଉପସ୍ଥିତ ରହିବା ପାଇଁ ଶପଥ ପାଠ କରାଇଥିଲେ । ପରିଶେଷରେ ଅଧ୍ୟାପିକା ସଂଯୁକ୍ତା ସାହୁ ନିଜର ଅଭିଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# କାରଗିଲ ବିଜୟ ଦିବସ ପାଳିତ

ରାଇଘର (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ହନୁମାନ ମନ୍ଦିରରେ ଦୀପ ଜଳାଇ ଯୁବଗୋଷ୍ଠୀଙ୍କ ଦ୍ୱାରା କାରଗିଲ ବିଜୟ ଦିବସ ପାଳନ କରାଯାଇଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉ କି ୧୯୯୯ ମସିହାରେ କାରଗିଲ ଯୁଦ୍ଧ ହେଇଥିଲା । ଏହି ଯୁଦ୍ଧ ଦୀର୍ଘ ଦୁଇ ମାସ ୨୩ ଦିନ ଧରି ଚାଲିଥିଲା । ଏଥିରେ ୫୨୭ ଯବାନ ସହିଦ ହୋଇଥିଲେ । ସେହି ଯୁଦ୍ଧରେ ବିଜୟ ପରେ ଅର୍ଥାତ୍ ୧୯୯୯ ଜୁଲାଇ ୨୬ ତାରିଖକୁ କାରଗିଲ ବିଜୟ ଦିବସ ରୂପେ ଦେଶ ପାଳନ କରିଆସୁଛି । ସହିଦ ଯବାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ରାଇଘରର ବହୁ ଯୁବଗୋଷ୍ଠୀ ତଥା ଅବସରପ୍ରାପ୍ତ ଯବାନ ମନୋହର ଦଣ୍ଡସେନା, ସୁଜିତ ହାଲଦାର୍‌ଙ୍କ ସମେତ ରାଇଘର ଅଞ୍ଚଳର ବହୁ ଯୁବକ ଉପସ୍ଥିତ ଥିଲେ ।

# ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟ ନିମ୍ନମାନର



ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକି ପଞ୍ଚାୟତ କାଙ୍କଣ ଠାରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ତେବେ ଏହି ବାତ୍ୟା ଆଶ୍ରୟସ୍ଥଳୀ ରକ୍ଷଣାବେକ୍ଷଣ ଅଭାବରୁ କାନ୍ଥ ପ୍ଲାଷ୍ଟର, ୱାଲ୍ ବିମ୍ ଓ ତଳ ଫ୍ଲୋରିଂ ଗୁଡ଼ିକ ନଷ୍ଟ ହୋଇ ଯାଇଥିବାରୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଏହାକୁ ମରାମତି କରିବା ପାଇଁ ୬ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥରାଶି ବିନିଯୋଗ କରାଯାଇଥିବା ଜଣାପଡ଼ିଛି । ମାତ୍ର ଠିକାଦାର ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଲାଗି ରହିଥିବା ବେଳେ ସମ୍ପୂର୍ଣ୍ଣ ଭାବେ ନିମ୍ନମାନର କାର୍ଯ୍ୟ କରାଯାଉଛି । ଏଥିସହିତ ଏହି ବାତ୍ୟା ଆଶ୍ରୟସ୍ଥଳୀର ମରାମତି କାର୍ଯ୍ୟ ବିନା ସୂଚନା ଫଳକରେ କରାଯାଉଥିବା ବେଳେ କାହା ଛତ୍ରଛାୟା ତଳେ ରହି ଏପରି ନିମ୍ନମାନର କାର୍ଯ୍ୟ କରାଯାଉଛି ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟକୁ ନିମ୍ନମାନର କରାଇ ଠିକାଦାର ଓ କନିଷ୍ଠ ଯନ୍ତ୍ରୀ ଲକ୍ଷାଧିକ ଟଙ୍କା ହରିଲୁଟ୍ କରିବେ ବୋଲି ଅଭିଯୋଗ ହେଉଛି । ଯଦି ଏହି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର କରାଯାଇଥିବା ନିମ୍ନମାନର ମରାମତି କାର୍ଯ୍ୟର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଜନସାଧାରଣଙ୍କ ତରଫରୁ ଦାବି କରାଯାଇଛି ।

# ଡେରାବିଶ ମହାବିଦ୍ୟାଳୟ ଶିକ୍ଷା ବିଭାଗରେ ବାହ୍ୟ ବ୍ୟାଖ୍ୟାନ କାର୍ଯ୍ୟକ୍ରମ


ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲାରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟ ସଭାକକ୍ଷରେ ଆଜି ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ଏକ ବାହ୍ୟ ବ୍ୟାଖ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. କିଶୋର କୁମାର ବେଦାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଦ୍ୟାର ସମସ୍ୟା ଏବଂ ପରିପ୍ରେକ୍ଷଣ' ଶୀର୍ଷକ ଏହି ବ୍ୟାଖ୍ୟାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ପୂର୍ବତନ ପ୍ରାଧ୍ୟାପକ ଡ. ପ୍ରଭାକର ମଲିକ, ସମ୍ମାନିତ ଅତିଥିଭାବେ ବରିଷ୍ଠ ଅଧ୍ୟାପକ ବୃନ୍ଦାବନ ଦାସ, ନଗେନ୍ଦ୍ରନାଥ ପାଣି ଓ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ ଯୋଗ ଦେଇଥିଲେ । ଅତିଥିମାନେ ଏହି ବ୍ୟାଖ୍ୟାନ କାର୍ଯ୍ୟକ୍ରମରେ ସମ୍ପ୍ରତି ଆଧୁନିକ ବିଶ୍ୱର ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସୂଚନା ଓ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ସୂଚନା ଓ ଯୋଗାଯୋଗ ବିନା ପ୍ରଯୁକ୍ତି ବିଦ୍ୟା ଜନିତ ବିକାଶ ଅସମ୍ଭବ ବୋଲି କହିଥିଲେ । ଏଥିପାଇଁ ବହୁ ସମସ୍ୟା ରହିଥିଲେବି ଉପଯୁକ୍ତ ଉପାୟ ଅବଲମ୍ବନ ମାଧ୍ୟମରେ ସମାଧାନର ରାସ୍ତା ବାହାର କରାଯାଇ ବିଭିନ୍ନ କ୍ଷେତ୍ରରେ ବିକାଶକୁ ତ୍ୱରାନ୍ୱିତ କରାଯାଇ ପାରୁଛି ବୋଲି ସେମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟାପିକା ଶୁଭଶ୍ରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପକ ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଶିଫଳ

**ରବିବାର, ୨୭ ଜୁଲାଇ ୨୦୨୫**



**ମେଷ :** ଲାଭ ପାଇଁ ସୁଯୋଗ ଆସିବ । ରୋଜଗାର ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ସେୟାର ବଜାରରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ । ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ ।




**ବୃଷ :** ରିସ୍କ ନେବାକୁ ସାହସ କରିବେ । ଆୟ ଜାରି ରହିବ । ଭାଇମାନେ ସମର୍ଥନ ପାଇବେ । ବିନିଯୋଗ ଭଲ ହେବ । ଆସନ୍ତାକାଲି ପାଇଁ ଆଜିର କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ ନାହିଁ । ନିଜ ବିବେକ ବ୍ୟବହାର କରନ୍ତୁ । ଦୁଷ୍ଟ ଲୋକମାନଙ୍କ ପ୍ରତି ସାବଧାନ ରୁହନ୍ତୁ ।



**ମିଥୁନ:** ଶୀଘ୍ର କୌଣସି କାରବାର କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ବ୍ୟବସାୟ ଯାତ୍ରା ସଫଳ ହେବ । ଅପ୍ରତ୍ୟାଶିତ ଲାଭ ହୋଇପାରେ । ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି । ସହଭାଗୀମାନେ ସମର୍ଥନ ପାଇବେ । ବ୍ୟାଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ ।




**କର୍କଟ :** ଜଣେ ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ । ବ୍ୟବସାୟ ଭଲ ହେବ । ଆୟରେ ନିଶ୍ଚିତତା ରହିବ । ମୂଲ୍ୟବାନ ସାମଗ୍ରୀ ନିଜ ସହିତ ରଖନ୍ତୁ । ପତି-ପତ୍ନୀଙ୍କ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । ଚିନ୍ତା ଏବଂ ଚାପ ବୃଦ୍ଧି ପାଇବ ।



**ସିଂହ :** ଶତ୍ରୁମାନେ ଶାନ୍ତ ରହିବେ । ଲାଭ ପାଇଁ ସୁଯୋଗ ଆସିବ । ବ୍ୟବସାୟ ଯାତ୍ରା ଲାଭଦାୟକ ହେବ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ଆପଣ ସାଙ୍ଗମାନଙ୍କ ସମର୍ଥନ ପାଇବେ । ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ ।



**କନ୍ୟା :** ଶିଶୁ ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ଅଧ୍ୟୟନ ସମ୍ବନ୍ଧୀୟ ଚିନ୍ତାଧାରା ରହିବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ତୁରନ୍ତ କୌଣସି ଲାଭ ହେବ ନାହିଁ । କାର୍ଯ୍ୟଶୈଳୀରେ ପରିବର୍ତ୍ତନ ହୋଇପାରେ । ବ୍ୟବସାୟ ଲାଭଦାୟକ ହେବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଷ୍ଟକ୍ ମାର୍କେଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଅନୁକୂଳ ଲାଭ ଦେବ ।



**ତୁଳା:** ଥକ୍କା ଏବଂ ଦୁର୍ବଳତା ରହିପାରେ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ଧାର୍ମିକ କାର୍ଯ୍ୟକଳାପରେ ଆଗ୍ରହ ରହିବ । ଏକ ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ । ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ହେବ । ଲାଭ ସୁଯୋଗ ଆସିବ ।



**ବିଛା :** ପ୍ରେମ ସଂପର୍କରେ ଶୀଘ୍ର ଯାଆନାହିଁ । ବିବାଦ ହୋଇପାରେ । ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ । ଯୁବକ ଓ ଯୁବତୀଙ୍କ ବିଶେଷ ଯତ୍ନ ନିଅନ୍ତୁ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ । କାରବାରରେ ସାବଧାନ ରୁହନ୍ତୁ । ଆୟରେ ନିଶ୍ଚିତତା ରହିବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ ।




**ଧନୁ :** ଆଇନଗତ ବାଧା ସମ୍ଭବ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ । ବିରୋଧୀମାନେ ସକ୍ରିୟ ରହିବେ । ଯେ କୌଣସି ପ୍ରକାରେ ଟଙ୍କା କ୍ଷତି ହୋଇପାରେ । ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ । ଆଇନଗତ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ । ଘର ବାହାରେ ଖୁସିର ପରିବେଶ ରହିବ । ବ୍ୟବସାୟ ଭଲ ହେବ । ଲାଭ ବୃଦ୍ଧି ପାଇବ ।



**ମକର :** ସୁଖର ମାଧ୍ୟମ ପାଇଁ ଖର୍ଚ୍ଚ ହେବ । ସ୍ଥିର ସମ୍ପତ୍ତିରେ ବୃଦ୍ଧି ହେବାର ସମ୍ଭାବନା ଅଛି । ସମ୍ପତ୍ତି କାର୍ଯ୍ୟ ବଡ ଲାଭ ଦେଇପାରେ । ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ । ଚାକିରିରେ ସୁଖ ଏବଂ ଶାନ୍ତି ରହିବ । ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ । ଅପମାନଜନକ କିଛି କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ।



**କୁମ୍ଭ :** ଏକ ମନୋରମ ଯାତ୍ରା ଯୋଜନା କରାଯାଇପାରେ । ଏକ କାର୍ନିଭାଲରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ । ତୁମର ପ୍ରିୟ ଖାଦ୍ୟ ଉପଭୋଗ କର । ଭଲ ସମୟ ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କ ସହିତ ବିତାଇବେ । ବ୍ୟବସାୟ ଅନୁକୂଳ ହେବ । ରିସ୍କ ନିଅ ନାହିଁ । ଆଖିକୁ ରୋଗ ଏବଂ ଆଘାତ ଆସିପାରେ । କାରବାରକୁ ଶୀଘ୍ର କର ନାହିଁ ।



**ମୀନ:** ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେତୁ ହତାଶ ହେବେ । ବ୍ୟବସାୟ ଭଲ ହେବ । ରିସ୍କ ନିଅ ନାହିଁ । ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



ପ୍ରସ୍ତୁତି
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଜିଲ୍ଲା ସଦରମହକୁମା ସ୍ଥିତ ସ୍ଥାନୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀଯୁକ୍ତ ଦାଶ ୧୧ ମାସ ୧୫ ଦିନ ଧରି ଗଜପତି ଜିଲ୍ଲାର ଜିଲ୍ଲାପାଳ ଭାବେ ରହି ଅନେକ ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ କରିଆସୁଥିଲେ । ବର୍ତ୍ତମାନ ସେ ସ୍ୱାସ୍ଥ୍ୟ ଓ ପାରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଭାବରେ ବଦଳି ହୋଇଛନ୍ତି । ଗଜପତି ଜିଲ୍ଲାର ବିକାଶ କ୍ଷେତ୍ରରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, ତାଙ୍କ ସମୟରେ ବିଭିନ୍ନ ଜନକଲ୍ୟାଣ କାରି କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନା କରି ଆସୁଥିଲେ । ଏହି ବିଦାୟକାଳୀନ ସଭା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶଙ୍କର କେରକେଟା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହାନେଗା,ଉପ-ଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ଅଧିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସଭାରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସମେତ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଓ ବରିଷ୍ଠ ନାଗରିକ ପ୍ରମୁଖ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ସଭାରେ ଉପସ୍ଥିତ ଥିଲେ ।

## ସିଆର୍‌ପିସିଏମ୍ କର୍ମଚାରୀଙ୍କୁ ଅଣଦେଖା ପ୍ରତିବାଦରେ ଦାବିପତ୍ର



ରାୟଗଡ଼ା (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସିଆର୍‌ପି ସିଏମ୍ ଆସୋସିଏସନ୍ ସଭାନେତ୍ରୀ ହୀରା ଦେବୀ ପ୍ରଧାନ ଏବଂ ସବିତା ପରିଚ୍ଛାଙ୍କ ନେତୃତ୍ୱରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ୱେତମ୍ବର ପ୍ରଧାନୀଙ୍କୁ ଆଜି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ପତ୍ର ପ୍ରଦାନ ସମୟରେ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ , ଭାରତୀୟ ମଜଦୂର ସଂଘର ରାୟଗଡ଼ା ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁ, ସିଆରପିସିଏମ୍ ଆସୋସିଏସନ୍‌ର ଜିଲ୍ଲା ସଭାନେତ୍ରୀ ଭାରତୀ ନାୟକ , ଜିଲ୍ଲା କୋଷାଧକ୍ଷ ଯାଗାମା ପେରିସିକା ଯୋଗ ଦେଇଥିଲେ । ଦାବିପତ୍ରରେ ଉଲ୍ଲେଖ କରି କହିଛନ୍ତିଯେ ରାଜ୍ୟ ସରକାରଙ୍କର ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆର୍ ପିସିଏମ୍ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ସୂଚାରୁରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରି ଆସୁଛନ୍ତି । କିନ୍ତୁ ସରକାର ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ହେଉଥିବା ଅଣଦେଖାକୁ ଦୃଢ଼ ନିନ୍ଦା କରିବା ସହ ସରକାର ଏବଂ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହାର ସମାଧାନ ନକରନ୍ତି ତାହାହେଲେ ଆସନ୍ତା ଦିନରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବୁ ବୋଲି ଚେତାବନୀ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଲଳିତା କୁମାରୀ ନାଲାଦୋରା , ସନ୍ଧ୍ୟା ଦଣ୍ଡସେନା, ବନିତା କୈଳାସ ପରିଚାଳନା କରିଥିଲେ ବେଳେ କାର୍ଯ୍ୟକ୍ରମରେ ବ୍ଲକରେ କାର୍ଯ୍ୟରତ ସମସ୍ତ ସିଆର୍‌ପିସିଏମ୍‌ମାନେ ଯୋଗ ଦେଇଥିଲେ । ବିଭିନ୍ନ ଦାବି ମଧ୍ୟରେ ସିଆର୍‌ପିସିଏମ୍. ମାନଙ୍କ ପାଇଁ ଇନ୍‌ସେନ୍‌ଟିଭକୁ ବନ୍ଦ କରାଯାଇ ମାସିକ ବେତନ ଦଶ ହଜାର ଟଙ୍କା ପ୍ରଦାନ କରାଯାଉ । ଏଥି ସହ ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବ୍‌ଲେଟ୍ ମେସିନ୍ ପ୍ରଦାନ କରାଯିବା, ସିଆର୍‌ପିସିଏମ୍. ମାନଙ୍କୁ ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଏକାଉଣ୍ଟ ଜରିଆରେ ପ୍ରଦାନ କରିବା ଓ ସିଆର୍‌ପିସିସିଏମ୍ ମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉ ବୋଲି ଦାବିରେ ଉଲ୍ଲେଖ ରହିଥିଲା ।

## ପ୍ରବଳ ବର୍ଷାରେ ଭାଙ୍ଗିଲା ଘର

- ବିପଦସଙ୍କୁଳ ଘରେ ବାସ କରୁଛନ୍ତି ପରିବାର
- ପ୍ରଶାସନ ପକ୍ଷରୁ ମିଳିନି କୌଣସି ସହାୟତା



ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟରେ ୨୩ ତାରିଖ ଦିନ ହେଇଥିବା ଭୀଷଣ ବର୍ଷାରେ ୧୦ ନମ୍ବର୍ ୱାର୍ଡର ଗୁଲିପାଟଣା ସାହିରେ ଗୋଟିଏ ଗରିବ ପରିବାର ଘର ଭାଙ୍ଗିଯିବାରୁ ପରିବାରର ୬ ମାସର ଶିଶୁ ସମେତ ୫ ଜଣ ସଦସ୍ୟ ଆଜିକୁ ୨ ଦିନ ହେଲା ବିପଦ ସଙ୍କୁଳ ଅବସ୍ଥାରେ ଭଙ୍ଗା ଘରେ ରହୁଛନ୍ତି । ମିଳିଥିବା ସୂଚନା ଅନୁସାରେ ଏହି ଘର ହେଉଛି ନନ୍ଦିନୀ ଗୌଡ଼ଙ୍କ ଘର । ନନ୍ଦିନୀ ପର ଘରେ ମୂଲ କରି ପରିବାରକୁ ବହୁକଷ୍ଟରେ ଚଳାଉଥିବାବେଳେ ବହୁ ମାଟି କାନ୍ଥରେ ଝିଙ୍କର ଘରଟିଏ ନିର୍ମାଣ କରିଥିଲେ । ନନ୍ଦିନୀଙ୍କର ୩ ସନ୍ତାନ ରହିଛନ୍ତି । ବଡ ଝିଅ ୭ ବର୍ଷ, ୫ ବର୍ଷର ପୁଅ ଓ ୬ ମାସର ପୁଅ ଓ ସ୍ୱାମୀଙ୍କ ସହ ଏହି ଘରେ ରୁହନ୍ତି । କିନ୍ତୁ ୨୩ ତାରିଖର ଭୀଷଣ ବର୍ଷାରେ ଏହି ମାଟି ଘରଟି ଭାଙ୍ଗିଯିବାରୁ ପରିବାରର ୫ ଜଣ ସଦସ୍ୟ ବିପଦ ସଙ୍କୁଳ ଅବସ୍ଥାରେ ଏହି ଭଙ୍ଗାଘରେ ବସବାସ କରୁଛନ୍ତି । ଘର ଭାଙ୍ଗି ଯିବା ଖବର ପ୍ରଶାସନ ନିକଟରେ ପହଞ୍ଚିଥିଲେ ସୁଦ୍ଧା ଆଜି ସୁଦ୍ଧା କୌଣସି ରାଜସ୍ୱ ବିଭାଗର ଅଧିକାରୀ ଦେଖିବା ପାଇଁ ଆସିନାହାନ୍ତି ।ଘରର ପରିସ୍ଥିତି ଏପରି ଅବସ୍ଥାରେ ଅଛି କୌଣସି ସମୟରେ ପୁରା ଭାଙ୍ଗି ଯାଇପାରେ । ଯଦି କାହାର କିଛି ଅସୁବିଧା ହୁଏ ତେବେ ପ୍ରଶାସନ ଦାୟୀ ରହିବ ବୋଲି କହିଛନ୍ତି ସମାଜସେବୀ ସଂଯୁକ୍ତା ପଟ୍ଟନାୟକ । ଅପର ପକ୍ଷରେ ଉମରକୋଟ ତହସିଲଦାର ମେଘବାନ ବାନଙ୍କ ପ୍ରତିକ୍ରିୟା ନେବାରୁ ଉକ୍ତ ମହିଳାଙ୍କୁ ଉମରକୋଟ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ପଠାଇ ଦିଅନ୍ତୁ ବୋଲି କହିବା ସହ ଯଦି ସରକାରୀ ଜମିରେ ଘର କରିଥିଲେ କେବଳ ଜରି ହିଁ ଦିଆଯାଇ ପାରିବ ବୋଲି କରିଛନ୍ତି । ଜଣେ ମହିଳା ଅନ୍ୟ ଘରେ ମୂଲ ଲାଗିଲେ ଚୁଲି ଜଳେ । ସେ ମହିଳା ଖଣ୍ଡେ ଜରି ପାଇଁ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ଯିବାପାଇଁ ତହସିଲଦାର କହିବା ତାହା ପୁଣି ସୋମବାର ଦିନ, ଏହା କେତେ ଦୂର ଯୁକ୍ତି ଯୁକ୍ତ । ଯଦି ଘରଟି ଭୁଶୁଡ଼ି ଯାଇ ଏହି ପରିବାରର କୌଣସି ସଦସ୍ୟଙ୍କର କିଛି କ୍ଷତି ହୁଏ ପ୍ରଶାସନ ଦାୟୀ ରହିବ ତ ? ତୁରନ୍ତ ପ୍ରଶାସନ ଏହି ପରିବାର ପ୍ରତି ଟିକେ ସମବେଦନା ଦେଖାଇବା ପାଇଁ ସାଧାରଣରେ ଦାବି ହେଉଛି ।

## ସି.ସାରାଭାନନ୍ ହେଲେ କୁଚିଣ୍ଡା ଉପଜିଲ୍ଲାପାଳ



କୁଚିଣ୍ଡା(ଭାସ୍କର ନ୍ୟୁଜ୍): ରାଜ୍ୟସରକାର ଆଇଏଏସ୍ ଅଫିସର ଅଧିକାରୀ ସ୍ତରରେ ନିଯୁକ୍ତି ପ୍ରକ୍ରିୟା ଚଳାଇଥିବା ବେଳେ କୁଚିଣ୍ଡାରେ ଉପଜିଲ୍ଲାପାଳ ଭାବେ ସି'ସାରା ଭାନନ (ଆଇଏଏସ୍)ଙ୍କୁ ନିଯୁକ୍ତ କରିଥିବା ଜଣା ପଡ଼ିଛି । ଆଇଏଏସ୍ ଟ୍ରେନିଂ ରୁ ଆସିବାପରେ, ସର୍ବପ୍ରଥମ କୁଚିଣ୍ଡା ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି ସେ । ସାରା ଭାନନ୍ ସର୍ବକନିଷ୍ଠ ୨୨ ବର୍ଷିଆ ଆଇଏଏସ୍ ଅଫିସର ଭାବେ ନିଯୁକ୍ତ ସୌଭାଗ୍ୟ ଅର୍ଜନ କରିଛନ୍ତି ବୋଲି ମଧ୍ୟ ସୂତ୍ରରୁ ପ୍ରକାଶ । ଏଥିପୂର୍ବରୁ ୫ଜଣ ଆଇଏଏସ୍ ଉପଜିଲ୍ଲାପାଳ ନିଯୁକ୍ତ ପାଇଥିଲେ । ସେହି ପାଞ୍ଚଜଣଙ୍କ ମଧ୍ୟରେ , ସର୍ବପ୍ରଥମ ଆଇଏଏସ୍ ଜି,ମାଥିଭାତନନ, ଭାସ୍କରଜ୍ୟୋତି ଶର୍ମା, ଚଞ୍ଚଳ ରାଣା, ଶ୍ରୀ ଗୋଏଲ, ଓ ବିଭୂତି ଭୁଷଣ ନାଏକଙ୍କ ପରେ ଏବେ ସି.ସାରା ଭାନନ ଷଷ୍ଠ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି । ରାଜାରାଜୁଡ଼ା ଶାସନ କାଳର କୁଚିଣ୍ଡା ସର୍ବପୁରାତନ ଉପଖଣ୍ଡ ଅଟେ ।


## ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟ ସଭାପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ନୂଆପଡ଼ା (ଭାସ୍କର ନ୍ୟୁଜ୍): ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ନୂଆପଡା ଜିଲ୍ଲା ଶାଖା ପକ୍ଷରୁ ରାଜ୍ୟ ସଂଘ ସଭାପତି ସେବା ସାଧକ ପ୍ରଶାନ୍ତ କୁମାର ମହାନ୍ତିଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ରାଜ୍ୟ ସଙ୍ଘର ଉପସଭାପତି ଦୁର୍ଗା ଚରଣ ଶତପଥୀ ସଭା ପରିଚାଳନା କରିଥିଲେ । ଏହି ସଭାକୁ ମୁଖ୍ୟଅତିଥି ଅଧକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନୂଆପଡା ପ୍ରହଲ୍ଲାଦ ସାହୁ ଉଦଘାଟନ କରିଥିଲେ । ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବରେ ସହକାରୀ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ ଖରିଆର ରୋଡ଼ର ଅଶୋକ କୁମାର ବେହେରା ଓ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଜଳଯୋଗାଣ ବିଭାଗ ନୂଆପଡାର ଅଶୋକ କୁମାର ଘଡେଇ ଉପସ୍ଥିତ ଥିଲେ । ଏହି ସଭାରେ ରାଜ୍ୟ ସଂଘର ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସଂଗେ ସଂଗେ ବ୍ରହ୍ମପୁର ଠାରେ ରାଜ୍ୟ ସମ୍ମିଳନୀରେ ପୁନର୍ବାର ଶ୍ରୀ ମହାନ୍ତିଙ୍କୁ ରାଜ୍ୟ ସଂଘର ସଭାପତି ରୂପେ ମନୋନୀତ କରାଯାଇଥିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା ତତ୍‌ସଂଗେ ନୂଆପଡା ଜିଲ୍ଲା କର୍ମଚାରୀ ସଂଘ ତରଫରୁ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ମହାନ୍ତିଙ୍କୁ 'କର୍ମ ଗୌରବ' ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ଉକ୍ତ ସଭାରେ ଭବାନିପାଟଣାରୁ ଶାଖା ସମ୍ପାଦକ ସିମାଞ୍ଚଳ ପଣ୍ଡା, ନୂଆପଡାର ବରିଷ୍ଠ ଉପଦେଷ୍ଟା ହରିବନ୍ଧୁ ପଟ୍ଟନାୟକ, ନୂଆପଡା ସଂଘର ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ନୂଆପଡା ସଂଘର ଶାଖା ସମ୍ପାଦକ କେଶବ ପୁଞ୍ଜି, ସଂଘର କୋଷାଧକ୍ଷ ଦୁର୍ଯ୍ୟୋଧନ ଶବର, ଜଗନ୍ନାଥ ପାଣିଗ୍ରାହୀ, ତୋଷରାମ ପଟେଲ ତଥା ନୂଆପଡା, ଖରିଆର ରୋଡ, କୋମନା, ଖରିଆର, ବୋଡେନ ଓ ସିନାପାଲିରୁ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ । ସଭା ଶେଷରେ ସଂଘର ଯୁଗ୍ମ ସମ୍ପାଦକ (ପଶ୍ଚିମାଂଚଳ ) ରଞ୍ଜନ କୁମାର ଯୋଶୀ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ସଭାକୁ ସାଙ୍ଗ କରିଥିଲେ ।

## ଅଗ୍ନିଶମ ବିଭାଗ ପକ୍ଷରୁ ମକଡ୍ରିଲ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ଆଇସିଡ଼ିଏସ କାର୍ଯ୍ୟାଳୟ ଠାରେ ସିଡ଼ିପିଓ ପାର୍ବତୀ ଆଚାର୍ଯ୍ୟଙ୍କ ପରିଚାଳନାରେ ଅଗ୍ନିଶମ ବିଭାଗ ତରଫରୁ ଏକ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ପ୍ରାକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ନିମନ୍ତେ ଗ୍ୟାସ ଦ୍ୱାରା ହେଉଥିବା ରନ୍ଧାଖାଦ୍ୟ ସମୟରେ ଯଦି କିଛି ବିପଦ ଆସେ ସେଥିରୁ କିପରି ପାଚିକା ମାନେ ବର୍ତ୍ତିବେ ତାକୁ ନେଇ ଅଗ୍ନିଶମ ବିଭାଗ ତରଫରୁ ସଚେତନ କରାଯାଇଛି । ଗ୍ୟାସରେ ରୋଷେଇ କିପରି କରିବେ ଓ ସେହି ସମୟରେ ଯଦି କିଛି ବିପଦ ଘଟେ ସେଥିରୁ କିପରି ବର୍ତ୍ତିବେ ତାହା ଉପରେ ଅଗ୍ନିଶମ କର୍ମଚାରୀମାନେ ମକଡ୍ରିଲ ମାଧ୍ୟମରେ ବୁଝାଇ ଥିଲେ ।ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ସଦର ପଞ୍ଚାୟତ ସମେତ ତୟାପୁଟ କୁଟିଙ୍ଗା ଓ ପିପଲପଦର ପଞ୍ଚାୟତ ରେ ଥିବା ଅଙ୍ଗନବାଡି କେନ୍ଦ୍ରର କର୍ମୀ ଓ ପାଚିକାମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରେନର ଭାବେ ଲକ୍ଷ୍ମୀପୁର ଅଗ୍ନିଶମ ବିଭାଗର ସୁରକ୍ଷା ଅଧିକାରୀ ଅନୁପମ ବାଘ, ଅତିରିକ୍ତ ସୁରକ୍ଷା ଅଧିକାରୀ ଯାକବ ଦିଗାଲ, ହାବିଲଦାର ବବିଶ କୁମାର ଗୌଡ଼, ଅର୍ଜୁନ ବାଗ, ମହେଶ୍ୱର ମାଝି ଭୋ ସୁରଜ ପ୍ରଧାନ ଯୋଗ ଦେଇଥିବା ବେଳେ ଆଇସିଡ଼ିଏସ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ ।



## ଅଜଣା ରୋଗରେ ପୀଡିତ ମୋହିନୀଙ୍କୁ ଭେଟିଲେ ବିଧାୟକ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ୧୪ନମ୍ବର ୱାଡ ସଞ୍ଜୟଗାନ୍ଧୀ କଲୋନୀ ର ମୋହିନୀ କିଛି ମାସ ତଳେ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା ସେଠାରେ ସ୍ୱାସ୍ଥ୍ୟର ଉନ୍ନତି ନହେବାରୁ ଶ୍ରୀକାକୁଲମ ପରେ ବିଶାଖାପାଟଣା ନେଇ ଚିକିତ୍ସା କରିବା ପରେବି ସଫଳ ହୋଇନଥିଲା । ଅଧିକା ଚିକିତ୍ସା କରାଇବା ପାଇଁ ପାଖରେ ଅର୍ଥର ଅଭାବ ହେତୁ ମୋହିନୀଙ୍କୁ ନିଜ ଘରେ ରହିବା ଦ୍ୱାରା ଅଧିକା ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରେ ଲାଗିଛି । ଏହି ଖବର ଚ୍ୟାନେଲ ରେ ପ୍ରସାରଣ ହେବାପରେ ବିଧାୟକ ରୂପେଶ ପାଣିଗ୍ରାହୀ ଜାଣିବାପରେ ତୁରନ୍ତ ତାଙ୍କ ବାସ ଭବନକୁ ଯାଇ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ଦୁଃଖ ପ୍ରକାଶ କରିଥିଲେ । ତାଙ୍କୁ କିଛି ଆର୍ଥିକ ସହାୟତା ଦେଇଥିଲେ । ବିଧାୟକ ମୋହିନୀଙ୍କୁ ତୁରନ୍ତ ଭୁବନେଶ୍ୱର ସ୍ଥିତ ହାଇଟେକ୍ ମେଡିକାଲ୍ ନେଇ ମାଗଣା ରେ ଚିକିତ୍ସା କରିବେ ବୋଲି ତାଙ୍କ ବାପାଙ୍କୁ କହିଥିଲେ ।

## ଜୁନିୟର ରେଡ୍‌କ୍ରସ ପକ୍ଷରୁ ଏକଦିବସୀୟ ତାଲିମ ଶିବିର

ବୌଦ୍ଧ(ଭାସ୍କର ନ୍ୟୁଜ୍)):ଶୁକ୍ରବାର ଦିନ ରାମଗଡ଼ ଉଚ୍ଚ ବିଦ୍ୟାଳୟ ଠାରେ ଜୁନିୟର ରେଡ୍‌କ୍ରସ ତରଫରୁ ଏକ ଦିବସୀୟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଙ୍କିତା ମାହାନାଙ୍କ ଅଧକ୍ଷତାରେ, ବୌଦ୍ଧ ଜିଲ୍ଲାର JRCO ମାଷ୍ଟର ଟ୍ରେନର ନବକିଶୋର ଦୀପ ଏବଂ ହରଭଙ୍ଗା ବ୍ଲକ୍ JRC ସଂଯାଜିକା ପ୍ରିୟମ୍ବଦା ସୁବୁଦ୍ଧି ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀ ଙ୍କ ଉପସ୍ଥିତିରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର JRC COUNCELLER ଗିରିଜା ଶଙ୍କର ବାଘ, ଗଣେଶ ଙ୍କ ମନ୍ତ୍ର ପାଠ କରି ସଭା ପରିଚାଳନା କରି ତାଲିମ୍ ଶିବିରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କଲେ । ଶ୍ରୀ ଦୀପ ପ୍ରାଥମିକ ସହାୟତା ଉପରେ ସମସ୍ତଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ତାଲିମ୍ ଦେଇଥିଲେ । ଶେଷରେ ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀ ସୁନିତା ସେଠୀ ଧନ୍ୟବାଦ୍ ପୂର୍ବକ ସଭାସାଙ୍ଗ କଲେ ।

## ସୁବର୍ଣ୍ଣଦୀପର ରଜ/ରଥ ସଂଖ୍ୟା ଲୋକାର୍ପିତ

ବରଗଡ(ଭାସ୍କର ନ୍ୟୁଜ୍): ବରଗଡରୁ ପ୍ରକାଶିତ ଯୁଗୋପଯୋଗୀ ସୁବର୍ଣ୍ଣଦୀପ – ଶିଶୁ କିଶୋର ପତ୍ରିକାର ୩୧ତମ ବର୍ଷର ରଜ/ରଥ ସଂଖ୍ୟା ଏ ଇ ଏମ୍ ସ୍କୁଲ ଠାରେ ଲୋକାର୍ପିତ ହୋଇଯାଇଛି । ସମ୍ପାଦକ-ପ୍ରଦୀପ୍ତଭାନୁ ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ମାନିତ ଅତିଥି ସର୍ଦ୍ଦାର ପ୍ରୀତମ ସିଂହ (ସମାଜସେବୀ) ଓ ମନୋରଞ୍ଜନ ମିଶ୍ର (ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ) ନିଜ ବକ୍ତବ୍ୟରେ ପତ୍ରିକାର ପ୍ରକାଶନି, ମୋବାଇଲ ଯୁଗରେ ଏହାର ପିଲାଙ୍କ ପାଇଁ ପ୍ରକାଶନ କଥା କହିଥିଲେ । ମୁଖ୍ୟ ଅତିଥି ୰ଗଙ୍ଗାଧର ମେହେର ଙ୍କ ପ୍ରପୌତ୍ର ସାହିତ୍ୟିକ ମନୋରଞ୍ଜନ ମେହେର ପତ୍ରିକାର ଶିକ୍ଷା, ପିଲାମାନଙ୍କ ର ଚିତ୍ର ପିଲାମାନଙ୍କ ଲେଖାର ଗୁରୁତ୍ୱ ସଂପର୍କ ରେ ମତ ରଖିଥିଲେ । ଏଇଏମ୍ ସ୍କୁଲର ପାରଦର୍ଶିତା ପାଇଁ ସ୍ମୃତିଫଳକ ମଧ୍ୟ ପ୍ରଦାନ କରାଯାଇଥିଲା । ଶେଷରେ ଲେଖିକା ମୁନ୍‌ତାଜ୍ ଖାତୁନ୍ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ତୃପ୍ତିମୟୀ ଭୋଇ, ପ୍ରତ୍ୟାଶା ଗୁରୁ ପ୍ରମୁଖ ଭଲ ଶିକ୍ଷା ଓ ଭଲ ମଣିଷ ହେବାର ମତ ରଖିଥିଲେ ।



## ବାରଦିନ ହେବ ଅନ୍ଧାରରେ ପଣସପୁଟ ଆବାସିକ ବିଦ୍ୟାଳୟ ଛାତ୍ରଛାତ୍ରୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ତେର ତାରିଖ ରବିବାର ଠାରୁ ସ୍ୱାଭିମାନ ଅଞ୍ଚଳର ପଣସପୁଟ ଆବାସିକ ବିଦ୍ୟାଳୟ ଓ ହଷ୍ଟେଲରେ ବିଜୁଳି ନ ଥିବାରୁ ୫୫୦ଜଣ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସମେତ ତିରିଶ ଜଣ ବିଦ୍ୟାଳୟ କର୍ମଚାରୀ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି । ଏପରିକି କିଛିଦିନ ହେବ ଅଞ୍ଚଳରେ ଲାଗି ରହିଥବା ଲଗାଣ ବର୍ଷା ସ୍ଥିତି ଆହୁରି ଖରାପ କରିଦେଇଛି । ବିଦ୍ୟାଳୟରେ ଲାଗିଥିବା ସୋଲାର ସିଷ୍ଟମ ମଧ୍ୟ ଦୁଇ ମାସ ଧରି ଅଚଳ ହୋଇପଡିଛି ଏ ନେଇ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସୋଲାରର କୌଣସି ମରାମତି ହୋଇ ପାରୁନାହିଁ । ବିଦ୍ୟାଳୟରେ ଥିବା ଛୋଟ ଜେନେରେଟରରେ କେବଳ ପିଲାଙ୍କ ପିଇବା ପାଇଁ ଓ ରୋଷେଇ ପାଇଁ ପାଣି କଷ୍ଟରେ ଯୋଗାଡ଼ ହୋଇ ପାରୁଥିବା ୫୫୦ ଜଣ ପିଲାଙ୍କ ଗାଧୋଇବା କଥା ନକହିବା ଭଲ । ସନ୍ଧ୍ୟା ହେଲେ ଛାତ୍ରାବାସ ଗୁଡିକରେ ରହୁଥିବା ପିଲାମାନେ କ୍ୟାଣ୍ଡେଲ ଜାଳି ରହୁଥିବା ଦେଖିବାକୁ ମିଳୁଛି । ଛୋଟ ଜେନେରେଟରରେ ସବୁ ହଷ୍ଟେଲକୁ ବିଜୁଳି ଯୋଗାଇବା ସମ୍ଭବ ହୋଇ ପାରୁନାହିଁ । ବିଜୁଳି ବିଭାଗର ସମସ୍ତ ଉପରିସ୍ଥ ଅଫିସରଙ୍କ ପର୍ଯ୍ୟନ୍ତ ଏନେଇ ଅଭିଯୋଗ କରୁଥିଲେ ମଧ୍ୟ ବିଜୁଳି ବିଭାଗ କୌଣସି କର୍ଣ୍ଣପାତ କରୁନଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି । ବିଦ୍ୟାଳୟଟି ପାହାଡ଼ ପାଦ ଦେଶରେ ଥିବାରୁ ବିଦ୍ୟାଳୟ ଭିତରେ ବିଷଧର ସାପ ଏପରିକି ନାଗ ସାପ ,କଙ୍କଡ଼ା ବିଛା, ଚିତି ସାପ ଦେଖିବାକୁ ମିଳୁଛି । ଫଳରେ ପିଲାମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି । କିଛିଦିନ ତଳେ ବିଦ୍ୟାଳୟ ମଧ୍ୟରେ ଏକ ନାଗ ସାପ ମରାଯାଇଛି । ଏଭଳି ଦୟନୀୟ ପରିସ୍ଥିତିରେ ଦୀର୍ଘ ବାରଦିନ ହେବ ୫୫୦ଜଣ ଛାତ୍ରଛାତ୍ରୀ ରହିଛନ୍ତି କିଭଳି ପ୍ରଶାସନ ନଜରକୁ ଏହି ଘଟଣା ଆସିନାହିଁ ନା ସବୁ ଜାଣି ପ୍ରଶାସନ ନିରବ ରହିଛି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।ଯଦି ବିଦ୍ୟାଳୟରେ କୌଣସି ଅସୁବିଧା ହୁଏ, ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ ରହିବେ ନା ଉପରିସ୍ଥ କର୍ମଚାରୀ ଦାୟୀ ରହିବେ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତୁରନ୍ତ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ବିଦ୍ୟାଳୟରେ ବିଦ୍ୟୁତ୍ ସ୍ୱାଭାବିକ କରିବା ସହ ବିଦ୍ୟାଳୟର ସୋଲାର ସିଷ୍ଟମର ମରାମତି ଓ ଏକ ଉଚ୍ଚ କ୍ଷମତା ବିଶିଷ୍ଟ ଜେନେରେଟର ବିଦ୍ୟାଳୟକୁ ଯୋଗାଇ ଦେବାକୁ ଛାତ୍ରଛାତ୍ରୀଙ୍କ ଅଭିଭାବକ ଦାବୀ କରିଛନ୍ତି ।

## ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗୀତାରେ ଗଜପତି ଜିଲ୍ଲା ପୁରସ୍କୃତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍):ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗୀତାରେ ଗଜପତି ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲାକୁ ଗୌରବନ୍ୱିତ କରିଛି । ସ୍ଥାନୀୟ ଗାନ୍ଧୀ ସ୍ମୃତି ପ୍ରାଥମିକ ବିଦ୍ୟାଳୟ,ପାରଳାଖେମୁଣ୍ଡି ର ସପ୍ତମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଯସ୍ମିନ ବରାଡ ରାଜ୍ୟ ସ୍ତରୀୟ ଓଡ଼ିଶା ସାହିତ୍ୟ ଏକାଡ଼େମୀର ୬୮ତମ ସ୍ୱର୍ଣ୍ଣ କ୍ଷେତ୍ର ଦିବସ (ଜୁଲାଇ ୨୫) ପାଳନ ନିମନ୍ତେ ଯେଉଁ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା ସେଥିରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବା ସହ ସେଥିରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି ଓ ଅନ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଛନ୍ତି । ଏହି କାର୍ଯ୍ୟକ୍ରମଟି ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା ।

## ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ମାଲକାନଗିରି ଗସ୍ତ



ମାଲକାନଗିରି(ଭାସ୍କର ନ୍ୟୁଜ୍): ବିଜୁ ଜନତା ଦଳର ରାଜ୍ୟ ସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶୁକ୍ରବାର ମାଲକାନଗିରି ଗସ୍ତ କରିଛି । ଗଣଦୁଷ୍କର୍ମ ମାମଲାର ସତ୍ୟାସତ୍ୟ ଅନୁଧ୍ୟାନ କରି ହସ୍ପିଟାଲରେ ପୀଡିତାଙ୍କୁ ଭେଟି ଆଲୋଚନା କରିଛନ୍ତି ଟିମର ସଦସ୍ୟ । ମାଲକାନଗିରି ଜିଲ୍ଲାରେ ଗତ ରବିବାର ଦିନ ଜଣେ ନାବାଳିକାଙ୍କ ସହ ହୋଇଥିବା ଗଣଦୁଷ୍କର୍ମ ମାମଲାର ସତ୍ୟତା ସାମ୍ନାକୁ ଆଣିବା ପାଇଁ ଏବଂ ପୀଡିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ନିମନ୍ତେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ମାଲକାନଗିରି ଗସ୍ତରେ ଆସି ସମୀକ୍ଷା କରିଛନ୍ତି । ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପ୍ରଦୀପ ମାଝୀ ଜିଲ୍ଲା ଗସ୍ତରେ ଆସି ଗଣଦୁଷ୍କର୍ମ ମାମଲାର ପୀଡିତାଙ୍କୁ ହସ୍ପିଟାଲରେ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବର୍ତ୍ତମାନ ପୀଡିତାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ତାଙ୍କ ପରିବାରଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ଏହି ଟିମ୍‌ରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ, ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ମାଲକାନଗିରି ପୌର ଅଧକ୍ଷ ମନୋଜ ବାରିକ, ଉପାଧକ୍ଷା କବିତା ମହନ୍ତଙ୍କ ସହ ଦଳର ବରିଷ୍ଠ ନେତୃ ମଣ୍ଡଳୀ, ବିଜେଡି ଦଳର ନିର୍ବାଚିତ ଲୋକ ପ୍ରତିନିଧି ପ୍ରମୁଖ ପୀଡିତା ଓ ତାଙ୍କ ପରିବାରକୁ ଭେଟି ଶାନ୍ତ୍ୱନା ଦେଇଥିଲେ । ଏହା ସହ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମଧ୍ୟ ପଚାରି ବୁଝିବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପରାମର୍ଶ ଦେଇଥିଲେ । ପୀଡିତାଙ୍କ ଚିକିତ୍ସା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ତତ୍ପର ଥିବା ସହ ଉତ୍ତମ ସେବା ଯୋଗାଉଥିବା ଜିଲ୍ଲା ମୁଖ୍ୟସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବ୍ରଜବନ୍ଧୁ ଦାଶ ପ୍ରକାଶ କରିଛନ୍ତି । ଆସନ୍ତାକାଲି ଅବିଭକ୍ତ କୋରାପୁଟ ଜିଲ୍ଲାର ବିଜେଡି ପ୍ରତିନିଧି ଦଳ କୋରାପୁଟ ଜାଇ ଡିଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖ ରେ ଏ ସଂକ୍ରାନ୍ତ ରେ ଧାରଣା ଦିଆଯିବ ବୋଲି ବିଜେଡ଼ିର ତୁଙ୍ଗ ନେତା ପୂର୍ବତନ ଏମ ପି ପ୍ରଦୀପ ମାଝି ପ୍ରକାଶ କରିଛନ୍ତି ।


## ଗାଈଗୋରୁଙ୍କ କବ୍‌ଜାରେ ରାଜ୍ୟ ରାଜପଥ



ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରୁ ଜୟପୁର, ଭୁବନେଶ୍ୱର, ରାଉରକେଲା, ଅନୁଗୁଳ, ଏପଟେ ଛତିଶ ଗଡ଼ ର ରାଇପୁର ଓ ସମସ୍ତ ସାହି ରାସ୍ତା ବର୍ତ୍ତମାନ ଗାଈ ଗୋରୁଙ୍କ କବ୍‌ଜାରେ ଥିବା ଦେଖିବାକୁ ମିଳିଛି । ଗାଈ ଗୋରୁ ପାଳନ କରୁଥିବା ଲୋକେ କ୍ଷୀର ବାହାର କରିଦେବା ପରେ ବାହାରେ ବୁଲିବାକୁ ଛାଡ଼ିଦେଉଥିବା ଦେଖିବାକୁ ମିଳୁଛି । ଯାହାଫଳରେ ଗାଈଗୋରୁ ରାସ୍ତା ଉପରେ ଶୋଇ ରହୁଛନ୍ତି । ଶୋଇ ରହିବା ଫଳରେ ଯାତାୟତ କରୁଥିବା ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ କିଛି ଦିନ ତଳେ ଗୋଟାଏ ଗାଈକୁ ଗାଡ଼ି ଧକ୍କାଦେବା ଫଳରେ ସ୍ଥାନୀୟ କିଛି ଯୁବକ ପଶୁ ଚିକିତ୍ସା ଅଧିକାରୀଙ୍କୁ କଲ୍ କରି ଜଣାଇବା ପରେ ସେ ଆସି ଗୋରୁକୁ ସାଲାଇନ୍, ଇଞ୍ଜେକସନ, ଦେବା ପରେ ଗୋରୁ ପାଳିଥିବା ମାଲିକ୍ ର ଘରେ ନେଇ ସ୍ଥାନୀୟ କିଛି ଯୁବକ ପହଞ୍ଚାଇଥିଲେ । ଏହି ବିଷୟ ନେଇ ପଂଚାୟତ ତରଫରୁ ଡାକ ବାଜଣା ଯନ୍ତ୍ର ସାହାଯ୍ୟରେ ସାହି ସାହି ବୁଲି ଜଣାଇବା ପରେ ମଧ୍ୟ ଗାଈ ଗୋରୁ ପାଳନ କରୁଥିବା ମାଲିକ୍ ନ ସୁଧୁରିବା ଦେଖିବାକୁ ମିଳୁଛି । ତେଣୁ ଯୋଉମାନେ ଗାଈ ଗୋରୁଙ୍କୁ ରାସ୍ତା ଉପରେ ଛାଡି ଚାଲିଯାଉଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଥିବା ଦେଖିବାକୁ ମିଳୁଛି ।

## ତୁର୍ଲା ଗାଁରେ ଛାତ-ଗଛ ଉପରକୁ ଚଢ଼ିଲେ ଆସୁଛି ମୋବାଇଲ ନେଟୱର୍କ

ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଭାନପୁର ପଞ୍ଚାୟତ ତୁର୍ଲା ଗ୍ରାମରେ ମୋବାଇଲ ନେଟୱର୍କ ସମସ୍ୟା ଦେଖାଦେଇଛି । ଉପାନ୍ତ ବଣ ପାହାଡ଼ ଘେରା ଦୁର୍ଗମ ଅଞ୍ଚଳବାସୀଙ୍କ ସୁବିଧା ପାଇଁ ସରକାର ମୋବାଇଲ ଟାୱାର ସ୍ଥାପନ କରୁଛନ୍ତି । ହେଲେ ତୁର୍ଲା ଗାଁକୁ ଦୃଷ୍ଟି ଦେଉନଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନେଟୱର୍କ ସମସ୍ୟା ଲାଗି ରହିଥିବାରୁ ଗ୍ରାମବାସୀ ଯୋଗାଯୋଗ ସହ ଜରୁରୀକାଳୀନ ପରିସ୍ଥିତିରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଛାତ୍ରଛାତ୍ରୀ ପାଠପଢ଼ା ସହ ଜରୁରି ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ବେଳେବେଳେ ଗଛ, ଘର ଛାତ ଉପରକୁ ଚଢ଼ିଲେ ନେଟୱର୍କ ଆସୁଥିବାରୁ ସେଭଳି ଉପାୟ ଅବଲମ୍ବନ କରି ଯୋଗାଯୋଗ କରୁଛନ୍ତି । ସରକାର ଗ୍ରାମବାସୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି ।



## ଦୁଇ କାଠଚୋର ଅଟକ, ଟ୍ରାକ୍ଟର ଜବତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ବନାଞ୍ଚଳ ଅଧିକାରିଣୀ ରିଷ୍ମା ଜମଦାଲିଆ ବନ୍ଧ ବାହାଲ ସେକସନ ଅଞ୍ଚଳରୁ ଚୋରା କାଠ ନେଇ ଯାଉଥିବା ଏକ ଟ୍ରାକ୍ଟରକୁ ଜବତ କରିବା ସହିତ ଦୁଇଜଣଙ୍କୁ ଅଟକ ରଖିଥିବା ଜଣାଯାଇଛି । ଘଟଣା ଅନୁଯାୟୀ ଗତକାଲି ସନ୍ଧ୍ୟାରେ କଣ୍ଟାଟିକରାରୁ ଚୋରା କାଠ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ବ୍ରଜରାଜନଗର ବନାଞ୍ଚଳ ଅଧିକାରିଣୀ ରିଷ୍ମା ଜମଦାଲିଆ, ବନରକ୍ଷୀ ହରିପ୍ରିୟା ଭୋଇ, ବନରକ୍ଷୀ ଗୌରାଙ୍ଗ ସାହୁ, ବନରକ୍ଷୀ ସରୋଜ ନାୟକ, ବନ ଜଗୁଆଳି ରିମା ପଟେଲ, ଓ ବନ ଜଗୁଆଳି ସୋନମ୍ ପଟେଲ ଙ୍କୁ ନେଇ ଏକ ଦଳ ଗଠନ କରି ବନ୍ଧ ବାହାଲ ଅଞ୍ଚଳର କର୍ପା ବାହାଲ ଠାରେ ଉକ୍ତ ଟ୍ରାକଟର (ଓଡି ୨୩ ଏ ୪୪୬୦) ସହିତ ଶାଳ କାଠ ଜବତ କରିଛନ୍ତି । ଏହି ଚୋରା ଶାଳକାଠ କାରବାରରେ ଲିପ୍ତଥିବା ଦୁଇଜଣଙ୍କୁ ବନବିଭାଗ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଆରିକମା ସ୍ଥିତ ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ର ଆଲୁମିନି ସଙ୍ଘ ଆନୁକୂଲ୍ୟ ରେ ଓ ଡ଼. ସୁଦର୍ଶନ ବେହେରା ଙ୍କ ସଭାପତିତ୍ୱରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପ୍ରସ୍ତୁତି ବୈଠକ ସ୍କୁଲର ସମ୍ମିଳନୀ କକ୍ଷରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଡାକ୍ତର ପ୍ରଫୁଲ କୁମାର ସାହୁ, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ବାସୁଦେବ ବେହେରା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷା ବିତ ଶଙ୍କର ମହାପାତ୍ର, ମାଧବ ଚନ୍ଦ୍ର ପଣ୍ଡା, ଅମର ବର ସାହୁ, ତେଜସ୍ୱିନି ଚାରିଟେବଲ ଟ୍ରଷ୍ଟର ସମ୍ପାଦିକା ଗୀତାଞ୍ଜଳି ଦାସ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ, ଚନ୍ଦନ, ଧୂପ, ଦୀପ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ । ସମାଜସେବୀ ଦିଲ୍ଲୀପ କୁମାର ଯତି ଗୀତା ପାଠ ଓ ବେଦପାଠ କରିଥିଲେ । ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳଜନନୀ ସଂଗୀତ ଗାନ କରିଥିଲେ । କମିଟିର ସଭାପତି ଡ଼ଃ ସୁଦର୍ଶନ ବେହେରା ସ୍ୱାଗତ ଭାଷଣ ଦେଇ ସୁବର୍ଣ୍ଣ ଜୟନ୍ତୀ ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପଂଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ର ସ୍ୱର୍ଗତ ପୁରାତନ ଛାତ୍ର ପ୍ରଦୀପ କୁମାର ଯତି, ବ୍ରଜବନ୍ଧୁ ସାହୁ, ଅକ୍ଷୟ କୁମାର ବେହେରା ଓ ପୁରାତନ ଛାତ୍ରୀ ଉଷାରାଣି ସିଙ୍ଘ, ସମିତା ପଟ୍ଟନାୟକ, ପ୍ରଶାନ୍ତିନି ହୋତା, ଏବଂ ପୁରାତନ ଶିକ୍ଷକ ମନମୋହନ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଧନେଶ୍ୱର ପରିଡା ପ୍ରମୁଖଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସମସ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଆଲୁମିନି ସଙ୍ଘର ସମ୍ପାଦକ ବାସୁଦେବ ଦାସ ଗତ ସାଧାରଣ ସଭାର ବିବରଣୀ ପଠନ କରିଥିଲେ ଓ ସମସ୍ତ ସଦସ୍ୟ ମାନଙ୍କଦ୍ୱାରା ଏହା ଗୃହୀତ ହୋଇଥିଲା । ସଙ୍ଘର କୋଷାଧକ୍ଷ ପ୍ରଭାତ ଚନ୍ଦ୍ର ହୋତା ଗତ ବର୍ଷର ଆୟ ବ୍ୟାୟ ର ବିବରଣୀ ପଠନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମନ୍ତ୍ରିମଣ୍ଡଳ...

ପଦ୍ଧତିରେ ରାଜ୍ୟ ବିଜେପିର ନୂଆ କମିଟି ଗଠନ କରାଯିବ। କମିଟି ଗଠନ ପରେ ନୂଆ ଭିଜନ ପ୍ରସ୍ତୁତ ହେବ। ସେହି କମିଟିରେ ପୁରୁଣା ଓ ନୂଆମାନଙ୍କୁ ସାମିଲ କରାଯିବ। ରାଜ୍ୟ ବିଜେପି କମିଟିରେ ୨୫ ପ୍ରତିଶତ ନୂଆ ମୁହଁଙ୍କୁ ସାମିଲ କରାଯିବ। ଦିନକ ପରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଓଡ଼ିଶା ପ୍ରଭାରୀଙ୍କ ନେତୃତ୍ୱରେ ଏକ ବୈଠକ ବସି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ଖୁବ୍‌ଶୀଘ୍ର ନିଗମ ଓ ବୋର୍ଡଗୁଡ଼ିକର ପଦବୀ ପୂରଣ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଶ୍ରୀ ସାମଲ ପୁଣି କହିଛନ୍ତି ଯେ ମହିଳା ନିର୍ଯାତନା ସଂପର୍କରେ ସମୀକ୍ଷା କରାଯାଇଛି। ଏହାର ପ୍ରତିକାର ଓ ଦୃଢ ପଦକ୍ଷେପ ନେଇ ତୁରନ୍ତ ବ୍ୟବସ୍ଥା କରାଯିବ। ଏହାସହ ବଳଙ୍ଗା ପୀଡ଼ିତାଙ୍କ ପରିବାରଙ୍କୁ ଭେଟି ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛୁ। ଏମ୍ସରେ ଡାକ୍ତରମାନଙ୍କ ସହ ଆଲୋଚନା କରି ଉନ୍ନତମାନର ଚିକିତ୍ସା ଯୋଗାଇ ଦେବାକୁ ପରାମର୍ଶ ଦିଆଯାଇଥିବା ସେ କହିଥିଲେ। ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଗତ କିଛିଦିନ ହେବ ଚର୍ଚ୍ଚା ଲାଗି ରହିଛି। କିଏ ବିଦା ହେବେ ଓ କେଉଁ ବିଧାୟକଙ୍କୁ ମନ୍ତ୍ରୀପଦ ମିଳିବ ତାକୁ ନେଇ ମାନସମନ୍ଥନ ଚାଲିଛି। ତେବେ ଏସବୁ ଭିତରେ ମନମୋହନଙ୍କ ମନ୍ତବ୍ୟ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛି। ଅନ୍ୟପକ୍ଷରେ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି ଯେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ପ୍ରସ୍ତୁତି ଚାଲିଛି। ସୂଚନାଯୋଗ୍ୟ ଯେ ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ଭେଟିବା ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚର୍ଚ୍ଚା ଜୋର ଧରିଥିଲା। ଏହାବାଦ୍ ମୁଖ୍ୟମନ୍ତ୍ରୀ ସବୁ ମନ୍ତ୍ରୀଙ୍କୁ ଶୀଘ୍ର ରିପୋର୍ଟକାର୍ଡ ଦାଖଲ ପାଇଁ କହିବା ପରେ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି।

### ନିଷ୍କାସରେ...

ଦୁଇଥର ସ୍କିନ୍ ଗ୍ରାଫ୍ଟିଂ କରାଯାଇଛି। ଥରକରେ ୪ରୁ ୫ ଘଣ୍ଟା ମଧ୍ୟରେ ଗୋଟିଏ ଗୋଟିଏ ଅସ୍ତ୍ରୋପଚାର କରାଯାଉଛି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଥିବା ନେଇ ସେ କହିଛନ୍ତି। ଅନ୍ୟପକ୍ଷରେ ବଳଙ୍ଗା ପୋଲିସ ଶନିବାର ପୀଡ଼ିତାଙ୍କ ପିଉସୀ, ସାଙ୍ଗଙ୍କ ସମେତ ୪ଜଣଙ୍କ ବୟାନ ରେକର୍ଡ କରିଛି। ନିମାପଡ଼ାସ୍ଥିତ ଜେଏମଏଫସିଙ୍କ କୋର୍ଟରେ ବିଏନଏସ୍ ଧାରା ୧୮୩ରେ ଏହି ବୟାନ ରେକର୍ଡ କରାଯାଇଛି। ତେବେ ଭୁବନେଶ୍ୱର ଏମ୍ସରେ ପୀଡ଼ିତା ଦେଇଥିବା ବୟାନ ଏବଂ ଦିଲ୍ଲୀ ଏମ୍ସରେ ଦେଇଥିବା ବୟାନ ମଧ୍ୟରେ କୌଣସି ତାଳମେଳ ନଥିବା ପୋଲିସ କହିଛନ୍ତି। ତେଣୁ ପୁଣିଥରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇପାରେ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଆମ ନିମାପଡ଼ା ପ୍ରତିନିଧି ଜଣାଇଛନ୍ତି ଯେ ଏହି ଘଟଣାରେ ଆସାମୀମାନେ ଖୁବ୍‌ଶୀଘ୍ର ଧରାହେବେ ବୋଲି ଏସ୍‌ପି କହିଛନ୍ତି। ବିଭିନ୍ନ ଆଧାରକୁ ନେଇ ତଦନ୍ତ ଚାଲିଛି। ଘଟଣାସ୍ଥଳରୁ ମିଳିଥିବା ରୁପା ମୁଦି ସମେତ ବିଭିନ୍ନ ସାମଗ୍ରୀକୁ ନେଇ ରେନ୍ସିକ ଲ୍ୟାବ୍‌କୁ ପଠାଯିବା ପାଇଁ ପୋଲିସ କୋର୍ଟଙ୍କୁ ଅନୁମତି ମାଗିଛି। ତେବେ ବୟାନ ଦେବାକୁ ଆସିଥିବା ୩ ମହିଳା ଓ ଜଣେ ବ୍ୟକ୍ତି ଦୌଡ଼ାଦୌଡ଼ି ହୋଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଠେଲି ଏକ ଟ୍ରାଭେରା ଗାଡ଼ିରେ ବସି ପଳାଇବା ଘଟଣାରୁ ଜଣାପଡୁଛି ଯେ ବଳଙ୍ଗା ପୀଡ଼ିତାଙ୍କ ପୋଡ଼ି ଘଟଣାରେ ସସପେନ୍ସ ରହିଛି। ଘଟଣାକୁ ୮ଦିନ ବିତିଥିଲେ ମଧ୍ୟ ଏହାର ଅନ୍ତ ଘଟିନାହିଁ।

### ଭର୍ତ୍ତୃହରିଙ୍କୁ...

ଏମ.କେ.ପ୍ରେମଚନ୍ଦନ ଏବଂ ଶିବସେନାରୁ ଶ୍ରୀରଙ୍ଗ ଆପ୍ପା ବର୍ଣ୍ଣେଙ୍କୁ ଏହି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏମାନେ ସମସ୍ତେ ୧୬ତମ ଲୋକସଭା ପରଠାରୁ ଶ୍ରେଷ୍ଠ ପ୍ରଦର୍ଶନ ବଜାୟ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି ବିଜେପିର ସ୍ମିତା ଉଦୟ ୱାଘ, ଶିବସେନାର ନରେଶ ମହେସ୍କେ, କଂଗ୍ରେସର ବର୍ଷା ଗାଏକୱାଡ୍, ବିଜେପିର ମେଧା କୁଲକର୍ଣ୍ଣି, ପ୍ରବୀଣ ପଟେଲ, ବିଦ୍ୟୁତବରଣ ମହତୋ ଏବଂ ଦିଲ୍ଲୀପ ସାଇକିଆ। ଏହି କମିଟି ବର୍ଗରେ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଆର୍ଥିକ ସ୍ଥାୟୀ କମିଟି ଏବଂ ଡକ୍ଟର ଚରଣଜିତ ସିଂ ଚାନିଙ୍କ ଅଧ୍ୟକ୍ଷତାରେ କୃଷି ସ୍ଥାୟୀ କମିଟିକୁ ସେମାନଙ୍କ ରିପୋର୍ଟର ଗୁଣବତ୍ତା ପାଇଁ ସ୍ୱୀକୃତି ଦିଆଯାଇଛି।

### ରେଳ ଦୁର୍ଘଟଣା...

ଘଟିଛି। ସେ ଆହୁରି କହିଛନ୍ତି, ୧୧,୦୯୬ଟି ଲେବଲକ୍ରସିଂ ଗେଟ୍‌ର ଇଣ୍ଟରଲକିଂର ସୁବିଧା କରାଯାଇଛି। ଯେଉଁଥିରେ ରେଳ ଫାଟକଗୁଡ଼ିକର ସୁରକ୍ଷା ବୃଦ୍ଧି ପାଇଛି। ଏହାସହ ୬୬୪୦ଟି ଷ୍ଟେସନରେ ଟ୍ରାକ୍ ସର୍କିଟିଂ କରାଯାଇଛି, ଯାହାକି ଟ୍ରାକ୍‌ରେ ଟ୍ରେନ୍‌ର ଉପସ୍ଥିତିକୁ ଇ-ଇଲେକ୍ଟ୍ରୋନିକ ଭାବେ ସୁନିଶ୍ଚିତ କରାଯାଇପାରିବ। ଜୁଲାଇ ୨୦୨୨ରେ ରାଷ୍ଟ୍ରୀୟ ଅଟୋମେଟିକ୍ ଟ୍ରେନ୍ ପ୍ରୋଟେକ୍ସନ ସିଷ୍ଟମ ଭାବେ ଗ୍ରହଣ କରାଯାଇଥିବା କବଚ ଟେକନିକ୍‌କୁ ପର୍ଯ୍ୟାୟକ୍ରମେ ଲାଗୁ କରାଯାଉଛି। ଏବେ ଏହା ଅନେକ ରୁଟ୍‌ରେ ଲାଗୁ ହୋଇସାରିଛି। ଦିଲ୍ଲୀ-ମୁମ୍ବାଇ ଓ ଦିଲ୍ଲୀ-ହାୱଡ଼ା ରୁଟ୍‌ରେ ଏଥିପାଇଁ କାମ ଜାରି ରହିଛି। ଶ୍ରୀ ବୈଷ୍ଣବ କହିଛନ୍ତି ଯେ ସବୁ ଇଞ୍ଜିନଗୁଡ଼ିକରେ ଭିଜିଲାନ୍ସ କଣ୍ଟ୍ରୋଲ ଡିଭାଇସ୍ ଲଗାଯାଇଛି, ଯାହାକି ଲୋକୋ ପାଇଲଟ୍‌ଙ୍କ ସତର୍କତାକୁ ସୁନିଶ୍ଚିତ କରିପାରିବ। କୁହୁଡ଼ି ସମୟରେ କମ୍ ଦୃଶ୍ୟମାନ ଚାଳକ ଦଳକୁ ସତର୍କ କରିବା ପାଇଁ ଓଏଚ୍‌ଇ ମାଷ୍ଟର ରେଟ୍ରୋ ରିଫ୍ଲେକ୍ଟିଭ ସିଗ୍‌ମା ବୋର୍ଡ ଲଗାଯାଇଛି।

### ଫୁଲୁଛି ସବୁନଦୀ...

ବର୍ଷା ରେକର୍ଡ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ୧୩ଟି ବ୍ଲକରେ ୧୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଗାଲଡିହି ଜଳଭଣ୍ଡାର ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ସୁବର୍ଣ୍ଣରେଖାରେ ବଡ଼ଧରଣର ବନ୍ୟା ଆସିବ ବୋଲି ଶ୍ରୀ ପାଢୀ ସୂଚନା ଦେଇଛନ୍ତି। ସେହିପରି ବୁଢାବଳଙ୍ଗ ନଦୀ ଫୁଲୁଥିବାରୁ ବଡ଼ଧରଣର ବନ୍ୟା ଆଶଙ୍କା ଦେଖାଦେଇଛି। ବୈତରଣୀ ନଦୀ ଆନନ୍ଦପୁରଠାରେ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ବିପଦସଂକେତ ୩୮.୩୬ ମିଟର ରହିଥିବାବେଳେ ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ମଥାନିଠାରେ ଜଳକା ନଦୀର ଜଳସ୍ତର ବିପଦସଂକେତ ଉପରେ ଚାଲୁଥିବା ସୂଚନା ଦିଆଯାଇଛି। ବନ୍ୟାପାଇଁ ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈତରଣୀ ବନ୍ୟାଜଳରେ ବିଶେଷକରି ଚାନ୍ଦବାଲି, ଧାମନଗର ପ୍ରଭାବିତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବଡ଼ଧରଣର ବନ୍ୟା ଆସୁଥିବାରୁ ତଳି ଅଞ୍ଚଳ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ କୁହାଯାଇଛି। ସେହିପରି ଆଖୁଆପଦାଠାରେ ଶନିବାର ରାତି ୧୨ଟା ସୁଦ୍ଧା ବୈତରଣୀ ବିପଦସଂକେତ ଟପିବ ବୋଲି ସୂଚନା ଦିଆଯାଇଛି। ମଥାନିରେ ଜଳକା ନଦୀ ୩୬.୩୬ ମିଟର ଉପରେ ପ୍ରବାହିତ ହେଉଥିବାରୁ ବହୁ ଗାଁରେ ବନ୍ୟାଜଳ ପଶିଥିବା ସୂଚନା ଦିଆଯାଇଛି। ହୀରାକୁଦର ଜଳସ୍ତର ୬୧୦ଫୁଟ ରହିଛି। ଏହାର ୨୦ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି। ମହାନଦୀ ଅବବାହିକାରେ ବନ୍ୟାର ଆଶଙ୍କା ନାହିଁ ବୋଲି ମୁଖ୍ୟଯନ୍ତ୍ରୀ ଶ୍ରୀ ପାଢୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୪.୪୬ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ୩.୩୬ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଅବପାତ ପାଇଁ ଛତିଶଗଡ଼ରେ ଖୁବ୍ ବର୍ଷା ହେବ ଓ ହୀରାକୁଦ ଡ୍ୟାମରେ ଜଳସ୍ତର ବୃଦ୍ଧି ପାଇବ। ସେ କହିଥିଲେ, ବ୍ରାହ୍ମଣୀ ବେସିନରେ ୩୮ ମିଲିମିଟର ବର୍ଷା ହୋଇଛି। ଏହାର ରେଙ୍ଗାଲି ଡ୍ୟାମରେ ୧୨୧ ଫୁଟ ପାଣି ରହିଥିବାବେଳେ ଏହା ବିପଦ ସଂକେତ ତଳେ ରହିଥିବାରୁ ବନ୍ୟାର ବିଶେଷ ଆଶଙ୍କା ନାହିଁ। ଅନ୍ୟପକ୍ଷରେ ବର୍ଷା ଓ ବନ୍ୟା ଫଳରେ ତଳି ଅଞ୍ଚଳର ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି।

### ପରିମଳ କର୍ମଚାରୀଙ୍କୁ...

କହିଥିଲେ ଯେ, ଆମ ଜଗନ୍ନାଥ ସଂସ୍କୃତିରେ ସ୍ୱଚ୍ଛତା ବିଷୟରେ ମଧ ଦର୍ଶାଯାଇଛି। ରଥଯାତ୍ରା ସମୟରେ ଛେରାପହଁରା ଏହାର ଏକ ପ୍ରମୁଖ ଉଦାହରଣ। ଏଥିରେ ସଫେଇ କାର୍ଯ୍ୟର ମର୍ଯ୍ୟାଦା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ସେ କହିଥିଲେ ଓଡିଶାର ଗରିମା ଯୋଜନା ପରିମଳ କର୍ମଚାରୀଙ୍କ ସୁରକ୍ଷା, ମର୍ଯ୍ୟଦା ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରୁଛି। ଗରିମା ଯୋଜନା ଜାତୀୟ ପରିମଳ ଲକ୍ଷ୍ୟକୁ ପୂରଣ କରିବା ସହିତ ଅନେକ ରାଜ୍ୟ ପାଇଁ ପ୍ରେରଣାଦାୟୀ ହୋଇଛି। ସେ ପୁଣି କହିଥିଲେ ଯେ, ପରିମଳ କର୍ମଚାରୀ ମାନଙ୍କ ସୁରକ୍ଷା ଓ ସମ୍ମାନ ପ୍ରଦର୍ଶନ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନାମ ସର୍ବାଗ୍ରେ ରହିବ। ମୋଦୀଜୀ ଦେଶର ଆର୍ଥିକ ବିକାଶ ସହିତ ପରିମଳ ପରି ଏକ ନଜର ଅନ୍ଦାଜ ବିଷୟ ଉପରେ ମଧ ଗୁରୁତ୍ୱ ଦେଇ ୨୦୧୪ ଅଗଷ୍ଟ ୧୫ ତାରିଖରେ ସ୍ୱଚ୍ଛ ଭାରତ ଆନ୍ଦୋଳନ ଜରିଆରେ ଘରେ ଘରେ ଶୌଚାଳୟ ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ। ମୋଦୀଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଥିଲା ଯେତେଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଘରେ, ପ୍ରତ୍ୟେକ ସହରରେ ଓ ପ୍ରତ୍ୟେକ ଗାଁରେ ପରିମଳ ବ୍ୟବସ୍ଥା ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଦେଶର ସାମାଜିକ ଓ ଅର୍ଥନୀତି ଅଭିବୃଦ୍ଧି ଅସମ୍ଭବ। ଓଡିଶାରେ କାର୍ଯ୍ୟକାରୀ ହେଉଥିବା ଗରିମା ଯୋଜନା ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ପରିମଳ କର୍ମୀଙ୍କୁ ଚିହ୍ନଟକରଣ ଓ ପରିଚୟ ପ୍ରଦାନ, ସୁରକ୍ଷା ଉପକରଣ ପ୍ରଦାନ, ଦକ୍ଷତା ବିକାଶ, ଆପତକାଳୀନ ପରିମଳ ସେବା ୟୁନିଟ ସ୍ଥାପନ, ସାମାଜିକ ସୁରକ୍ଷା ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉଛି। ରାଜ୍ୟର ୧୧୫ଟି ସହରର ୧୦ ହଜାର ରୁ ଅଧିକ ପରିମଳ କର୍ମଚାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ କୁଶଳୀ ଓ ଅତିକୁଶଳୀ କର୍ମଚାରୀ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ଆଜିର ଏହି କର୍ମଶାଳା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଏହି ମଞ୍ଚରୁ ବିଭିନ୍ନ ରାଜ୍ୟରୁ ଆସିଥିବା ପରିମଳ କର୍ମୀମାନେ ପରସ୍ପର ମଧ୍ୟରେ ଭାବ ବିନିମୟ ଓ ଅନୁଭୂତିରୁ ବହୁତ କଥା ଶିଖି ପାରିବେ। ସମସ୍ତଙ୍କ ଅନୁଭବ ଓ ଶ୍ରେଷ୍ଠ ଚିନ୍ତାଧାରା ନେଇ ଆମେ ଆଗକୁ ବଢ଼ିବା ଓ ଏକ ସମାବେଶୀ ଓ ବିକଶିତ ଭାରତ ନିର୍ମାଣରେ ନିଜି ନିଜର ଯୋଗଦାନ ରଖିବା ବୋଲି ସେ କହିଥିଲେ। ଏହି ଅବସରରେ କର୍ମଶାଳା ପରିସରରେ ଆୟୋଜିତ ପରିମଳ କାର୍ଯ୍ୟ ସମ୍ପର୍କିତ ଆଧୁନିକ ଉପକରଣ ଏବଂ ସୁରକ୍ଷା ଉପକରଣର ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ଉଦଘାଟନ କରି ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପ୍ରମୁଖ ପରିମଳ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ପ୍ରମୁଖ ପରିମଳ କର୍ମଚାରୀମାନେ ହେଉଛନ୍ତି ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ । ସେମାନେ ବର୍ଷ ବର୍ଷ ଧରି ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ ସେବା ଯୋଗାଇ ଆସୁଛନ୍ତି । ଅଧିକାଂଶ ସମୟରେ ସେମାନେ ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତିରେ କାର୍ଯ୍ୟ ମଧ କରୁଛନ୍ତି। ତେଣୁ ସେମାନଙ୍କ ଅଧିକାର, ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଆଜିର ଏହି କର୍ମଶାଳା ମାଧମରେ ଆମେ ଦେଶର ବିଭିନ୍ନ ରାଜ୍ୟ, ସହର ଓ ସଂସ୍ଥା ଗୁଡିକୁ ଏକତ୍ରିତ କରିଛୁ, ଯାହାଦ୍ୱାରା ଆମେ ଆମର ଅନୁଭବକୁ ବାଣ୍ଟି ପାରିବା, ଶିଖିବା ଓ ସହଯୋଗ ମଧ କରିପାରିବା। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ପରିମଳ କ୍ଷେତ୍ରରେ ଆଜି ଓଡିଶାର ଦେଶରେ ନାଁ ଅଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ସବୁ ପଦକ୍ଷେପ ନିଆଯାଉଛି, ତାକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କର ସହଯୋଗ ଦରକାର। ସହରାଞ୍ଚଳ ସହିତ ଆମକୁ ଗ୍ରାମାଞ୍ଚଳର ପରିମଳ ବ୍ୟବସ୍ଥାକୁ ମଧ ସୁଦୃଢ କରିବାକୁ ପଡିବ। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟର ସଚିବ ଅମିତ ଯାଦବ କହିଲେ ଯେ, ଓଡିଶା ସରକାର ପରିମଳ କର୍ମଚାରୀ ମାନଙ୍କ କଲ୍ୟାଣ ପ୍ରତି ପ୍ରତିବଦ୍ଧ ଅଛନ୍ତି। ପରିମଳ ବ୍ୟବସ୍ଥା ଆମ ସମସ୍ତଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେଉଛି ପରିମଳ କର୍ମଚାରୀଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା। ଅର୍ବାନ ମ୍ୟାନଜମେଣ୍ଟ ସେଣ୍ଟର ପ୍ରତିଷ୍ଠାତା ନିର୍ଦ୍ଦେଶକ ମନ୍ୱିତା ବରାଡି କହିଥିଲେ ଯେ, ଓଡିଶା ସରକାରଙ୍କ ଗରିମା ଯୋଜନାକୁ ଆଜି ଦେଶର ଅନ୍ୟ ରାଜ୍ୟମାନେ ଅନୁସରଣ କରୁଛନ୍ତି। ଗରିମା, ପରିମଳ କର୍ମଚାରୀ ମାନଙ୍କର କେବଳ ଦକ୍ଷତା ବିକାଶ କରୁନାହିଁ ବରଂ ସେମାନଙ୍କୁ ସଶକ୍ତ ମଧ କରୁଛି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ




କଟକ(ଭାସ୍କର ନ୍ୟୁଜ୍): ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୯ତମ ଶ୍ରାଦ୍ଧବାର୍ଷିକୀ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଖାନନଗରସ୍ଥିତ ସମିତି ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ସୁସାହିତ୍ୟିକା ପ୍ରତିମା ଶତପଥୀ, ମୁଖ୍ୟବକ୍ତା ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ଭାଗବତ ଶୁକ୍ଳ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପଣ୍ଡିତ ଗୋଦାବରୀଶ ମିଶ୍ର ଥିଲେ ଆଧୁନିକ ପଞ୍ଚସଖା ମଧ୍ୟରୁ ଅନ୍ୟତମ । ଜଣେ ଯଶସ୍ୱୀ କବି, କାହାଣୀକାର, ଔପନ୍ୟାସିକ, ନାଟ୍ୟକାର, ଆଦର୍ଶ ଶିକ୍ଷକ ଓ ଶିକ୍ଷାବିତ୍, ନିର୍ଭୀକ ସାମ୍ବାଦିକ, ସ୍ୱାଧୀନତା ସଂଗ୍ରାମୀ, ନିଷ୍ଠାପର ସମାଜ ସଂସ୍କାରକ ଓ ରାଜନୀତିଜ୍ଞ ଭାବରେ ସୁପରିଚିତ । ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କର ଦାନ ଅତୁଳନୀୟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଡ଼ାକ୍ତର ନିମାଇଁ ଚରଣ ପରିଡ଼ା, ବ୍ରହ୍ମାନନ୍ଦ ମହାନ୍ତି, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ନିବାସ ଚନ୍ଦ୍ର ମିଶ୍ର, ସଂଧ୍ୟା ମହାପାତ୍ର, ଶ୍ୟାମସୁନ୍ଦର ସାହୁ, ବିଦ୍ୟୁତ ଲାଲା, ବୈଷ୍ଣବ ପରିଡ଼ା, ଦୁର୍ଗାପ୍ରସାଦ ଚାନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂଗଠନ ସଂପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ସାହିତ୍ୟ ଏକାଡେମୀ ଓ କାବ୍ୟାଞ୍ଜଳିର ମିଳିତ ଆନୁକୁଲ୍ୟରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ ଗୀତଗୋବିନ୍ଦ ସଦନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସୁସାହିତ୍ୟିକା ତଥା ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିୟାର ସିଂ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଡ. ହରିହର କାନୁନ୍ ଗୋ, ଓଡିଶା ସାହିତ୍ୟ ଓ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ମୁଖ୍ୟା ଡ. ସଂଘମିତ୍ରା ଭଞ୍ଜ, ଭାଷାବିତ୍ ଡ. ଦେବାଶୀଷ ମହାପାତ୍ର ଯୋଗ ଦେଇଥିଲେ। ସୁଲେଖିକା କାନନବାଳା ପଟ୍ଟନାୟକଂକର ଅନୁବାଦ, ଗଳ୍ପ, କବିତା ଓ ଶିଶୁସାହିତ୍ୟ ଇତ୍ୟାଦି ବିଭିନ୍ନ ବିଭାଗରେ ଚାରୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସବିତାରାଣୀ ବେହେରା, ରମେଶଚନ୍ଦ୍ର ପାଣି, ଡ. ସଚ୍ଚିଦାନନ୍ଦ ତ୍ରିପାଠୀ, ପଞ୍ଚାନନ ନାୟକ, ସଂଜୟ ଛୁଆଳସିଂ ପ୍ରଭୃତି ୧୩ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାୟ ଚାଳିଶି ଜଣ କବି ଓ କବୟତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ସୁଲେଖିକା କାନନବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ଓ ଚମକଚାନ୍ଦିନୀ ଦାଶ ସଭା ପରିଚାଳନା କରିଥିଲେ।

## ଲେଖକ ସାମ୍ମୁଖ୍ୟର ଆଲୋଚନାଚକ୍ର
## ‘ଜଗନ୍ନାଥ ସଂସ୍କୃତି ଏକ ଜାଗତିକ ମହା ଚେତନା’



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଅପରାହ୍ନ ଚାରିଟା ସମୟରେ ଲେଖକ ସାମ୍ମୁଖ୍ୟ, ଓଡ଼ିଶାର ମାସିକ ବୈଠକ ସ୍ଥାନୀୟ ଉତ୍କଳ ସମ୍ମିଳନୀ ସଭା ଗୃହରେ ସଭାପତି ଡକ୍ଟର ଅଲେଖ ଚନ୍ଦ୍ର ପଢିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସମ୍ପାଦିକା ବିମଳା ସିଂହ ଲେଖକ ସାମ୍ମୁଖ୍ୟ ଏବଂ ଆଜିର ବିଷୟବସ୍ତୁ ‘ଜଗନ୍ନାଥ ସଂସ୍କୃତିର ବାର୍ତ୍ତା’ ଉପରେ ସମ୍ୟକ ସୂଚନା ଦେବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସାମ୍ମୁଖ୍ୟର ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇ କହିଲେ ଯେ ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା । ଏହି ଭାଷା ସାହିତ୍ୟର ଉନ୍ନତି ଓ ସଂରକ୍ଷଣ ସର୍ବୋପରି ବ୍ୟବହାର ଉପରେ ସମସ୍ତେ ଗୁରୁତ୍ୱ ଦେବା ଦରକାର। ଏଥିପାଇଁ ଏହି ଗାରିମା ମୟ ଅନୁଷ୍ଠାନ ଆଗେଇ ଆସିବା ଏକାନ୍ତ ଆବଶ୍ୟକ। ଏହି ଅବସରରେ ଅନୁଷ୍ଠାନ ର ଉପଦେଷ୍ଟା ଡାକ୍ତର ଅଶୋକ କୁମାର ମହାପାତ୍ର ପଦ୍ମଶ୍ରୀ ଉପାଧୀରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ବକ୍ତବ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି ବିଶ୍ୱର ସର୍ବଶ୍ରେଷ୍ଠ ସଂସ୍କୃତି ଓ ଏହା ମାନବିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇ ଆସିଛି ବୋଲି କହିଥିଲେ । ଅନ୍ୟତମ ଉପଦେଷ୍ଟା ଭାଷାପ୍ରାଣ ପର୍ଶୁରାମ ଦ୍ୱିବେଦୀ କର୍ମବେଦୀ ଠାରୁ ଜନ୍ମବେଦୀ ବଡ଼ ବୋଲି କହିଥିଲେ । ଆଲୋଚ୍ୟ ପ୍ରସଙ୍ଗରେ ଭାଗନେଇ ପ୍ରଫେସର ଶରତ ଚନ୍ଦ୍ର ରଥ କହିଲେ ଯେ, ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ପ୍ରତୀକ। ବିଶ୍ୱକୁ ଦିଗ୍ ଦର୍ଶନ ଦେବା ଭଳି ଏକ ଜାଗତିକ ମହା ଚେତନା ଏବଂ ଏହା ପୂଜ୍ୟ ପୂଜାର ବାର୍ତ୍ତା ଦିଏ ବୋଲି କହିଥିଲେ । ଡକ୍ଟର ଆରତି କର ପରିବାର ଭିତରେ ଭାଇ ଭଉଣୀ ର ପବିତ୍ର ସମ୍ପର୍କ ବିଷୟରେ ବାର୍ତ୍ତା ଦିଏ ବୋଲି ମତ ଦେଇଥିଲେ । ସଭାପତି ଅଲେଖ ଚନ୍ଦ୍ର ପଢିଆରୀ କହିଲେ ଯେ ବାର୍ତ୍ତା ବହୁଳ ଜଗନ୍ନାଥ ସଂସ୍କୃତି ଆଧାତ୍ମିକତାର ଏକ ପାନ୍ଥଶାଳା ଓ ଆଧୁନିକତାର ପାଠଶାଳା । ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ଅନ୍ୟତମ ଉପଦେଷ୍ଟା ସୀତା ବଲ୍ଲଭ ମହାପାତ୍ର, ସାଧାରଣ ସମ୍ପାଦକ ନାଟ୍ୟକାର ବିଜୟ କୁମାର ମହାନ୍ତି, ବରିଷ୍ଠ ପ୍ରାବନ୍ଧିକ ସିଦ୍ଧାର୍ଥ କାନୁନଗୋ, ଡକ୍ଟର କମଳ କୁମାରୀ ଦାଶ, ନିରାକାର ଦାସ, ମୀନତି ମିଶ୍ର, ସାଧୁ ଚରଣ ବେହେରା, ଭରତ ବେହେରା, ପ୍ରଦ୍ୟୁମ୍ନ ପଟ୍ଟନାୟକ, ରାଖାଲ ଚନ୍ଦ୍ର ସ୍ୱାଇଁ, ଅଧାପିକା ଅନିତା ପଣ୍ଡା, ପ୍ରତିମା ମହାରଣା, ଅନୁରୂପା ସିଂ, ପଦ୍ମକାନ୍ତ ଧଳ, ପୀତାମ୍ବର ରଥ, ଗୋଲକ ବିହାରୀ ନାୟକ, ଦୀନବନ୍ଧୁ ଅଧିକାରୀ ,ରାମଚନ୍ଦ୍ର ପଲେଇ, ସୌଦାମିନୀ ସାମନ୍ତରାୟ , ଅଧାପିକା ରଶ୍ମି କର, ନିରୂପମା ମିଶ୍ର, ବୀଣାପାଣି ଚୌଧୁରୀ, ବ୍ରଜେଶ୍ୱରୀ ସିଂହ, ନୃସିଂହ ଚରଣ ସାହୁ, ସତ୍ୟ ନାରାୟଣ ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଦୁବ ଘାସ ଏତେ କ୍ଷୁଦ୍ର ହେଲେବି ଜଗନ୍ନାଥ ତାଙ୍କ ମଥାରେ ଧାରଣ କରିଥାନ୍ତି। ଏହା ଏକ ମହାନ୍ ବାର୍ତ୍ତା ବୋଲି କହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଚନ୍ଦ୍ର କାନ୍ତ ପଣ୍ଡା।

## ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଜ୍ଞାନ ବିଜ୍ଞାନ ମେଳା ରେ ଅତିଥି ଭାବେ ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ନିରଞ୍ଜନ ପାଲଟା ଓ ଶିଶୁ ବିଦ୍ୟା ମନ୍ଦିର ର ସଭାପତି ପ୍ରମୋଦ କିଶୋର ପୃଷ୍ଟି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି ମେଳା ରେ (୧୦୭) ଗୋଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶୀତ ହୋଇଥିଲା। ତତ ସହିତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଗଣିତ, ବିଜ୍ଞାନ ଓ ସଂସ୍କୃତ ଜ୍ଞାନ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ବିଜ୍ଞାନ ପ୍ରମୁଖ ପ୍ରଦୀପ ମିଶ୍ର ଓ ନିବେଦିତା ପଣ୍ଡାଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଏହି ମେଳା ରେ ବିଚାରକ ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସେନାପତି, ପୁଷ୍ପବାଳା ଦାସ, ବିଭୁତି ଭୂଷଣ ପଟ୍ଟନାୟକ, ଇନ୍ଦୁଭୁଷଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁ ଭାଇ ଭଉଣୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ରଙ୍କ ମାର୍ଗ ଦର୍ଶନରେ ଏହି କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇଥିଲା । ସହ ପ୍ରଧାନଆଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟ ଆଚାର୍ଯ୍ୟା ଲକ୍ଷ୍ମୀଧର ମହାପାତ୍ର,ଅନ୍ନଦା କୁମାର ବେହେରା, ପ୍ରଦୀପ ପ୍ରଧାନ, ଦିଲ୍ଲୀପ ଶତପଥି, ଜ୍ୟୋତି ରଞ୍ଜନ ଜେନା, ଶିଶିର ସାହୁ, ପ୍ରମିଳା ମହାରଣା, ଗୀତାଞ୍ଜଳି ପରିଡ଼ା, ବ୍ରହ୍ମୋତ୍ରୀ ମହନ୍ତ, ଶୁଭଶ୍ରୀ ରାଉତ, ଯଶୋବନ୍ତ ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଆଚାର୍ଯ୍ୟ ସୁବର୍ଣ୍ଣ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫସଲ ବୀମା ଯୋଜନାରେ ବ୍ୟାପକ ବାଟମାରଣାର ତଦନ୍ତ ପାଇଁ କଂଗ୍ରେସର ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ସରକାରଙ୍କ ଅଧିନ ରାଷ୍ଟ୍ରୀୟ କୃଷି ବୀମା ଯୋଜନାରେ ଗତ ୯ ବର୍ଷ ମଧ୍ୟରେ ଫସଲ କ୍ଷତିରେ ଋଷୀ ବୀମା ସହାୟତା ରାଶି ପାଇବା ତ ଦୂରର କଥା ସେମାନଙ୍କ ସଂଗୃହୀତ ମୋଟ ପ୍ରିମିୟମ ରାଶି ୨ଲକ୍ଷ ୩ ହଜାର ୬ଶହ କୋଟି ଟଙ୍କାରୁ ଘରୋଇ କମ୍ପାନୀମାନେ ଏହି ପ୍ରିମିୟମ ପାଣ୍ଠିରୁ ୧ଲକ୍ଷ ୧୦୦କୋଟି ରୁ ଊର୍ଦ୍ଧ୍ୱ ଟଙ୍କା ଫାଇଦା ଉଠାଇଛନ୍ତି। ସେହିପରି ଓଡ଼ିଶାରେ ଗତ ୯ ବର୍ଷ ମଧ୍ୟରେ ୫୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୨ ଲକ୍ଷ ଋଣି ଓ ଅଣଋଣୀ ଚାଷୀଙ୍କ ପ୍ରାୟ ୧୨ ହଜାର ୧୦୦ କୋଟି ଟଙ୍କା ପ୍ରିମିୟମର ୫ ହଜାର କୋଟି ଟଙ୍କା କମ୍ପାନୀ ଓ ସରକାରର ସଲାସତାରେ ଫାଇଦା ଉଠାଯାଇଛି। ପୂର୍ବରୁ ସରକାରଙ୍କ କତୃତାଧିନ ବୀମା କମ୍ପାନୀ ଚାଷୀଙ୍କୁ ପ୍ରକୃତ କ୍ଷତିପୂରଣ ଦେଉଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ ହେବାଠାରୁ ଚାଷୀ ଲାଭବାନ ହେବା ପରିବର୍ତ୍ତେ ସରକାର ଓ ଘରୋଇ କମ୍ପାନୀମାନେ ଲାଭଖୋର ପାଲଟିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କିଷାନ କଂଗ୍ରେସ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଚଳିତବର୍ଷ ବୀମା ପଞ୍ଜିକରଣ ପାଇଁ ଜୁଲାଇ ୩୧ ତାରିଖ ଯେଉଁ ସମୟସୀମା ରଖାଯାଇଛି ତୁରନ୍ତ ଏହାର ପରିବର୍ତନ କରି ବୀମା ପଞ୍ଜିକରଣ ଅବଧି ଜୁଲାଇ ୩୧ ପରିବର୍ତ୍ତେ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବା, ଗ୍ରାମ ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱଗ୍ରାମକୁ ଏକକ ଫସଲବୀମା ୟୁନିଟ ଭାବେ ଘୋଷଣା ଓ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ସର୍ତାବଳୀରେ ସ୍ୱତନ୍ତ୍ର ନିୟମ ଉଲ୍ଲେଖ କରିବାକୁ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି।

## ଏଫଏମ୍ ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ !

ବାଲେଶ୍ୱର (ଭାସ୍କର ନ୍ୟୁଜ): ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସରଙ୍କ ପତ୍ନୀଙ୍କୁ ତାଙ୍କ କ୍ୟାମ୍ପସରେ ଥିବା କ୍ୱାର୍ଟରରେ ପଶି ଜଣେ ଯୁବକ ଦୁଷ୍କର୍ମ ଉଦ୍ୟମ କରିଥିବା ରେମୁଣା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ନୀଳଗିରି ଅଞ୍ଚଳର ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ ନିକଟରେ ଏଫଏମ୍ ମହାବିଦ୍ୟାଳୟର ଶିକ୍ଷାବିଭାଗ ଜଣେ ଛାତ୍ରୀଙ୍କୁ କଲେଜ କର୍ତ୍ତୃପକ୍ଷ ନିର୍ଯାତନା ଦେଇଥିବା ନେଇ ଛାତ୍ରୀଜଣକ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିଲେ।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar on dated: 24.07.2025, I Madhusmita Mishra, D/o- Raghunath Mishra, resident of At- AIIMS Housing Complex, Sijua, Patrapada, Post- Dumduma, Ps- Khandagiri, Dist- Khordha, declares that my actual name is Madhusmita Mishra which is recorded in all relavent documents, but wrongly mentioned as Madhumita Mishra in Aadhar Card. Madhusmita Mishra & Madhumita Mishra is same and one person myself. This affidavit is to be produced before concerned authority for necessary action.

**Sd/- Madhusmita Mishra**

**AFFIDAVIT**

By virtue of an affidavit sworn before Notary, Bhubaneswar on dated: 19.07.2025, I Susant Kumar Sahoo, S/o- Late Bansidhar Sahoo, resident of village- Debiprasad, Post- Dingar, Ps- Begunia, Dist- Khordha, declares that I have changed my minor daughter's name from Bidyatoama Sahoo to Bidusi Bidyuttama. Henceforth, She shall be known as Bidusi Bidyuttama for all purposes.

**Sd/- Susanta Kumar Sahoo**

**AFFIDAVIT**

By virtue of an affidavit sworn before the Executive Magistrate, Purusottampur,Ganjam, dated: 28.04.2025, I Niranjan Gouda, son of Govinda Gouda, village/ post- Jhadabai, PS- Kabisuryanagar, Dist- Ganjam, Odisha, PIN- 761041 declare that I have changed the name of my minor daughter from Sasmita Gauda to Susmita Gouda. Henceforth, She shall be known as Susmita Gouda for all purposes.

**Sd/- Niranjan Gouda**

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No. U85110KA1995PLC018175

**PUBLIC NOTICE**

ଜନସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ପ୍ରତିବଦ୍ଧ ସୁନା ଅଳଙ୍କାରର ନିଲାମ ୟୁନିମୋନି ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ ଦ୍ୱାରା ତା ୨୯.୦୭.୨୦୨୫ରିଖ ସକାଳ ୧୦.୦୦ଟାରେ ନିମ୍ନରେ ଦିଆଯାଇଥିବା ସଂପୃକ୍ତ କେନ୍ଦ୍ରଗୁଡ଼ିକରେ କରାଯିବ। ନିଲାମ ହେବାକୁ ଥିବା ସୁନା ଅଳଙ୍କାରଗୁଡ଼ିକ ଆମର ବିଭିନ୍ନ ଗ୍ରାହକଙ୍କ ଋଣ ଆକାଉଣ୍ଟର ଯେଉଁମାନେ ସେମାନଙ୍କ ବକେୟା ଦେୟ ଦେଇ ନାହାନ୍ତି। ଆମର ନିଲାମ ନୋଟିସଗୁଡ଼ିକ ଏହି ଋଣଗ୍ରହୀତାଙ୍କ ପାଇଁ ଯଥାସମ୍ଭବ ଜାରି କରାଯାଇଛି। ନିଲାମ ହେବାକୁ ଥିବା ସୁନା ଅଳଙ୍କାରଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଯାଇଥିବା ଆମର ବିଭିନ୍ନ ଗ୍ରାହକଙ୍କ ଶାଖା ନାମ ସହିତ ଅତ୍ୟଧିକ ଋଣ ଆକାଉଣ୍ଟର ଅଟେ।

Auction Centre Address & Loan Nos: BHUBANESWAR (BUU - First Floor, Building No 168/Bjanapath Road, Sishu Bhavansquare, Bapuji Nagar, -751009,Contact No.9937043634) 2165470, 2163552.

(Reserves the right to alter the number of accounts to be auctioned &/ postpone / cancel the auction without any prior notice)

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION RAIRANGPUR (MAYURBHANJ)
E-mail ID: - eerwrairangpur@yahoo.com

O-494

Letter No. // Date-

"e" Procurement Notice for Weir on Bridge works
Bid Identification No – RWDRRP – 03 / 2025-26

1. Name of the work : Construction of 2 nos weir on bridge works.
2. Estimated Cost : From 96.34 to Rs 99.55 lakhs lakhs (approximately).
3. Class of Contractor : 'B' Class or relevant Class of works license.
4. Period of Completion : 06 (Six) calendar months
5. Tender Paper Cost : As per annexure/-
: The details are as follows.

| Procurement Officer | Bid Identification No | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O Superintending Engineer, Rural Works Division, Rairangpur. | |
|---|---|---|---|---|---|---|
| | | From | To | | Technical | Financial |
| S.E.R.W Division, Rairangpur. | RWDRRP-03/2025-26 | 29.07.2025 at 11.00 A.M. | 12.08.2025 up to 5.00 P.M. | 11.08.2025 up to 5.00 P.M. | 13.08.2025 at 11.30 A.M. | Will be intimated later |

Further details can be seen from the website www.tendersodisha.gov.in

-Sd-
Er.Sanjeet Naik
Executive Engineer,
R.W.Division.Rairangpur.

OIPR 25107/11/0023/2526



ବେଜିଂ: ଚୀନର କେତେକ ରାଜ୍ୟରେ ଏବେ ବର୍ଷା ବିପ୍ଳାତ ଜାରି ରହିଛି । ଏପରିକି ଚୀନର ରାଜଧାନୀ ବେଜିଂ ବର୍ଷା ଯୋଗୁଁ ବେହାଲ ହୋଇଯାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ବେଜିଂର ୧୬ରୁ ୧୨ଟି ଡିଷ୍ଟ୍ରିକ୍ଟରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ଓ ଭୂସ୍ଖଳନ ସ୍ଥିତି ସୃଷ୍ଟି ହୋଇଛି । ସବୁଠାରୁ ଚିନ୍ତାଜନକ ସ୍ଥିତି ରହିଛି ବେଜିଂ ସଂଲଗ୍ନ ଶିଳ୍ପ ସହର ବାଓଡିଂରେ । ଏଠାରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ପ୍ରାୟ ୪୪୮.୭ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ଏହି ଅଞ୍ଚଳରେ ସମଗ୍ର ବର୍ଷରେ ହୋଇଥିବା ବର୍ଷା ସହିତ ସମାନ। ପଶ୍ଚିମ ବାଓଡିଂର ଯି ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ହଠାତ୍ ବନ୍ୟା ସୃଷ୍ଟି ହୋଇଥିଲା, ଯାହା ବିଦ୍ୟୁତ୍ ବିଭ୍ରାଟ କରିଥିଲା ଏବଂ ଅନେକ ରାସ୍ତା ଓ ସେତୁ କ୍ଷତିଗ୍ରସ୍ତ ହୋଇଛି। କିଛି ଗାଁରେ ପରିସ୍ଥିତି ଏତେ ଖରାପ ଯେ ସେଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ପ୍ରଶାସନକୁ ପ୍ରାୟ ୧୯,୫୦୦ ଲୋକଙ୍କୁ ସେମାନଙ୍କ ଘରୁ ସ୍ଥାନାନ୍ତର କରି ସୁରକ୍ଷିତ ସ୍ଥାନକୁ ପଠାଇବାକୁ ପଡିଛି।

# କାର୍‌ଗିଲ୍ ବିଜୟ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ: ଶନିବାର କାରଗିଲ ବିଜୟ ଦିବସର ୨୬ତମ ପୂର୍ତ୍ତି ଅବସରରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଏହି ଅବସରରେ ଦେଶବ୍ୟାପୀ ସହିଦଙ୍କୁ ସମ୍ମାନ ଜଣାଇ ସ୍ମୃତି ସମାରୋହ, ଶ୍ରଦ୍ଧାଞ୍ଜଳି ସଭା, ସାମରିକ ପ୍ରଦର୍ଶନ ଏବଂ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଚଳିତ ବର୍ଷ ହେଉଛି କାରଗିଲ୍ ବିଜୟ ଦିବସର ରୌପ୍ୟ ଜୟନ୍ତୀ ବର୍ଷ । ଭାରତୀୟ ସୈନିକଙ୍କ ତ୍ୟାଗ ଏବଂ ଦେଶପ୍ରେମକୁ ସମ୍ମାନ ଦେବାର ଏକ ସୁଯୋଗ । ୧୯୯୯ ମସିହା ଜୁଲାଇ ୨୬ରେ ପାକିସ୍ତାନ ସହିତ ଯୁଦ୍ଧରେ ଭାରତୀୟ ସୈନ୍ୟ ଦେଇଥିବା ବଳିଦାନକୁ ମନେ ପକାଇବାର ଦିନ । ଭାରତୀର ବୀର ଯବାନମାନେ ଯେତେବେଳେ ଅପରେସନ ବିଜୟ ଏବଂ ଅପରେସନ ସଫେଦ ସାଗର ଅଧୀନରେ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ଘଉଡାଇ ଦେଇ କାରଗିଲ ଶିଖରରେ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ । ସେହି ମୁହୂର୍ତ୍ତ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିଲା । ସେହି ବିଜୟ ଉତ୍ସବକୁ ବେଶ ଧୁମଧାମରେ ପାଳନ କରାଯାଉଛି । ରାଷ୍ଟ୍ରପତି ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ କାରଗିଲ ବିଜୟ ଦିବସ ଅବସରରେ 'ମାତୃଭୂମି ପାଇଁ ନିଜ ଜୀବନ ଦେଇଥିବା ସାହାସୀ ସୈନିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି । ଏହି ଦିନଟି ଆମ ବୀର ସୈନିକମାନଙ୍କର ଅସାଧାରଣ ବୀରତ୍ୱ, ସାହସ ଏବଂ ଦୃଢତାର ପ୍ରତୀକ । ଦେଶ ପାଇଁ ସେମାନଙ୍କ ସମର୍ପଣ ଏବଂ ସର୍ବୋଚ୍ଚ ବଳିଦାନ ସର୍ବଦା ଦେଶବାସୀଙ୍କୁ ପ୍ରେରଣା ଦେବ ।

# ଅବସର ପରେ ନେବି ନାହିଁ କୌଣସି ସରକାରୀ ପଦ: ସିଜେଆଇ



ନୂଆଦିଲ୍ଲୀ: ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ ଶୁକ୍ରବାର ମହାରାଷ୍ଟ୍ରର ଅମରାବତୀରେ ଥିବା ତାଙ୍କ ପୈତୃକ ଗ୍ରାମକୁ ଯାଇଥିଲେ, ଯେଉଁଠାରେ ସେ ତାଙ୍କ ପିଲାଦିନର ସ୍ମୃତିକୁ ତାଜା କରି ତାଙ୍କ ପୁରୁଣା ଘରକୁ ଯାଇଥିଲେ। ଏହି ସମୟରେ ସିଜେଆଇ ଏକ ବଡ଼ ବୟାନ ଦେଇଥିଲେ। ସେ କହିଛନ୍ତି ଯେ ଭାରତର ମୁଖ୍ୟ ବିଚାରପତି ପଦରୁ ଅବସର ନେବା ପରେ ସେ କୌଣସି ସରକାରୀ ପଦବୀ ଗ୍ରହଣ କରିବେ ନାହିଁ। ସେ କହିଛନ୍ତି ଯେ ମୁଖ୍ୟ ବିଚାରପତି ପଦରୁ ଅବସର ନେବା ପରେ ମୁଁ କୌଣସି ସରକାରୀ ପଦବୀ ଗ୍ରହଣ କରିବି ନାହିଁ। ମୁଖ୍ୟ ବିଚାରପତି ବି ଆର ଗଭାଇ ତାଙ୍କ ଭାଷଣରେ ପିଲାଦିନର ସ୍ମୃତିକୁ ତାଜା କରି କହିଥିଲେ ଯେ ଗାଁର ଅନେକ ସ୍ଥାନରେ ମିଳିଥିବା ସ୍ୱାଗତରେ ମୁଁ ଅଭିଭୂତ। ସେ ଆହୁରି କହିଛନ୍ତି ଯେ ଏହା ଏଠାରେ ମୋର ଶେଷ ସମ୍ମାନ, କାରଣ ଏହା ପରେ ମୁଁ ସମ୍ମାନ ଗ୍ରହଣ କରିବି ନାହିଁ। ପ୍ରକୃତରେ, ମୁଖ୍ୟ ବିଚାରପତି ହେବା ପରେ, ବି.ଆର ଗଭାଇ ପ୍ରଥମଥର ପାଇଁ ତାଙ୍କ ପୈତୃକ ଗ୍ରାମରେ ପହଞ୍ଚିଥିଲେ, ଯେଉଁଠାରେ ଗ୍ରାମବାସୀ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ପ୍ରଧାନ ବିଚାରପତିଙ୍କୁ ଭେଟିବା ପାଇଁ ବହୁ ସଂଖ୍ୟକ ଗ୍ରାମବାସୀ ଏକାଠି ହୋଇଥିଲେ। ଗ୍ରାମର ସ୍କୁଲ ଛାତ୍ରୀଛାତ୍ରମାନେ ମୁଖ୍ୟ ବିଚାରପତି ବି.ଆର ଗଭାଇଙ୍କୁ ସ୍ୱାଗତ ଏବଂ ସମ୍ମାନିତ କରିଥିଲେ। ଏହି ସମୟରେ ଗାଁ ଲୋକେ ଭାରତ ମାତା କି ଜୟ ସ୍ଲୋଗାନ ମଧ୍ୟ ଦେଇଥିଲେ।

## ମୁମ୍ବାଇ ବିମାନ ବନ୍ଦରକୁ ବୋମାରେ ଉଡାଇବାକୁ ଧମକ

ମୁମ୍ବାଇ: ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରକୁ ମିଳିଛି ବୋମା ଧମକ। ମୁମ୍ବାଇ ପୋଲିସର କଣ୍ଟ୍ରୋଲ ରୁମକୁ ଆସିଥିଲା ଧମକପୂର୍ଣ୍ଣ କଲ୍ । ଏହି କଲ୍ ପରେ ପୋଲିସ କଲ କରିଥିବା ଅଜଣା ବ୍ୟକ୍ତି ବିରୋଧରେ ତଦନ୍ତ ଆରମ୍ଭ କରିଛି। ଅଜଣା ବ୍ୟକ୍ତି ଜଣକ କଲ୍ କରି କହିଥିଲେ ଯେ ମୁମ୍ବାଇର ଅନ୍ତର୍ଜାତୀୟ ବିମାନବନ୍ଦରରେ ବୋମା ଅଛି । କିଛି ସମୟ ମଧ୍ୟରେ ବିସ୍ଫୋରଣ ହେବ। ଏପରି ଧମକପୂର୍ଣ୍ଣ କଲ୍ ଆସିବା ମାତ୍ରେ ମୁମ୍ବାଇ ପୋଲିସ ତୁରନ୍ତ ଆଲର୍ଟ ହୋଇଯାଇଥିଲା। ମୁମ୍ବାଇ ପୋଲିସ ଏବଂ ବୋମା ସ୍କ୍ୱାଡ ଟିମ୍ ବିମାନବନ୍ଦରରେ ପହଞ୍ଚି ଘଣ୍ଟାଘଣ୍ଟା ଧରି ତଦନ୍ତ କରିଥିଲେ। କିନ୍ତୁ ସେଠାରେ କିଛି ସନ୍ଦେହଜନକ ଜିନିଷ ମିଳି ନଥିଲା। ପୋଲିସ ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ପୋଲିସ କଣ୍ଟ୍ରୋଲ ରୁମକୁ ତିନିଟି ଭିନ୍ନ ଫୋନ ନମ୍ବରରୁ ଧମକପୂର୍ଣ୍ଣ କଲ୍ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣକ ଦାବି କରିଥିଲେ ଯେ ମୁମ୍ବାଇ ବିମାନବନ୍ଦରର ଟର୍ମିନାଲ ୨ ରେ ବିସ୍ଫୋରଣ ହେବ। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ଏହି କଲ୍‌ଗୁଡ଼ିକ ଆସାମ ଓ ପଶ୍ଚିମବଙ୍ଗ ସୀମା ନିକଟସ୍ଥ ମୋବାଇଲ ନମ୍ବର ଗୁଡ଼ିକରୁ କରାଯାଇଥିଲା। ବର୍ତ୍ତମାନ ଏହି ମାମଲାର ତଦନ୍ତରେ ଲାଗିପଡ଼ିଛି ପୋଲିସ୍ ଟିମ୍। ଗତ ମେ ମାସରେ, ବିମାନବନ୍ଦରକୁ ତିନୋଟି ସମାନ ବୋମା ଧମକପୂର୍ଣ୍ଣ କଲ୍ ମିଳିଥିଲା। ଯାହା ସବୁ ମିଛ ବୋଲି ପ୍ରମାଣିତ ହୋଇଥିଲା। ଗତ କିଛି ମାସ ଧରି ଦିଲ୍ଲୀ ଏବଂ ବେଙ୍ଗାଲୁରୁରେ ୪୦ରୁ ଅଧିକ ସ୍କୁଲ ଓ ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବୋମା ଧମକ ମିଳିଥିଲା।

### ଇଞ୍ଚେ ମାଡ଼ିବେନି ଶତ୍ରୁ, ଡ୍ରାଗନ୍ ପାଇଁ କାଳ

# ସୀମାକୁ ଜଗିବେ ରୁଦ୍ର ଓ ଭୈରବ

ନୂଆଦିଲ୍ଲୀ: ଭାରତୀୟ ସେନାରେ ନୂଆ ବିପ୍ଳବ ଆରମ୍ଭ। ସାମିଲ ହେବ ରୁଦ୍ର ବ୍ରିଗେଡ ଏବଂ ଭୈରବ ଲାଇଟ୍ କମାଣ୍ଡୋ ବାଟାଲିୟନ। ଡ୍ରୋନ, ମିସାଇଲ ଏବଂ ସ୍ୱତନ୍ତ୍ର ବାହିନୀ ସହିତ ଏହି ୟୁନିଟ୍ ସୀମାରେ ଶତ୍ରୁକୁ କରିବ ପରାସ୍ତ। ସ୍ୱଦେଶୀ



ପ୍ରଯୁକ୍ତିବିଦ୍ୟାକୁ ନେଇ ସାମରିକ ମହାଶକ୍ତି ହେବା ଦିଗରେ ଭାରତ। ଭବିଷ୍ୟତ ପାଇଁ ପ୍ରସ୍ତୁତ ସେନା। ଏହି କ୍ରମରେ ପଦାତିକ ବ୍ରିଗେଡ୍‌କୁ ରୁଦ୍ର ବ୍ରିଗେଡ୍‌ରେ ପରିଣତ କରିଛି ସେନା। ଏହା ସହିତ ଭୈରବ ଲାଇଟ୍ କମାଣ୍ଡୋ ବାଟାଲିଅନ୍ ମଧ୍ୟ ଗଠନ କରାଯାଇଛି, ଯାହା କ୍ଷଣିକ ଶତ୍ରୁକୁ ଦେବ ଚକ୍‌ମା। ରୁଦ୍ର ବ୍ରିଗେଡ୍ ହେଉଛି ସେନାର ଏକ ନୂତନ ଧାରଣା। ଏଥିରେ ବିଭିନ୍ନ ପ୍ରକାରର ଲଢୁଆ ୟୁନିଟଗୁଡ଼ିକୁ ଏକାଠି କରାଯାଇଛି। ଏହି ବ୍ରିଗେଡ୍ ସୀମାରେ ନିୟୋଜିତ ହେବ। ସେମାନେ ପୂର୍ଣ୍ଣ ଶକ୍ତି ସହିତ ଶତ୍ରୁ ସହିତ ଲଢ଼ିବାକୁ ପ୍ରସ୍ତୁତ। ଏଥିରେ ପଦାତିକ ବାହିନୀ, ସଶସ୍ତ୍ର ଯାନରେ ସଜ୍ଜିତ ସୈନିକ, ସଶସ୍ତ୍ର ୟୁନିଟ୍, ଦୂରରୁ ଆକ୍ରମଣ କରୁଥିବା ତୋପ, ଟଇଠ ଡ୍ରୋନ୍ ସାମିଲ ରହିଛି। ଏହି ବ୍ରିଗେଡକୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ଲଜିଷ୍ଟିକ୍ ଏବଂ ଯୁଦ୍ଧ ସମର୍ଥନ ମିଳିବ। ପ୍ରତ୍ୟେକ ପଦାତିକ ବାହିନୀ ବାଟାଲିଅନରେ ଏବେ ଡ୍ରୋନ୍ ପ୍ଲାଟୁନ୍ ରହିବ ଯାହା ଶତ୍ରୁଙ୍କ ଗତିବିଧି ଉପରେ ନଜର ରଖିବ। ଏଥିରେ ଦିବ୍ୟାସ୍ତ୍ର ବ୍ୟାଟେରୀ ଏବଂ ଲୋଇଟର ଯୁଦ୍ଧାସ୍ତ୍ର ବ୍ୟାଟେରୀ ଗୁଳିଚାଳନାର ଶକ୍ତିକୁ ବହୁଗୁଣିତ କରିବ। ସ୍ୱଦେଶୀ ମିସାଇଲ ପ୍ରଣାଳୀ ସହିତ ସଜ୍ଜିତ କରାଯାଉଛି। ଏଥିରେ ଆକାଶ ଓ ଛଜଝଇଗ ସାମିଲ ଅଛି। ଯଦି ଚୀନ୍ ସୈନ୍ୟମାନେ ଖଇଉ ଉପରେ ଆଗକୁ ବଢ଼ନ୍ତି, ରୁଦ୍ର ବ୍ରିଗେଡର ଡ୍ରୋନ୍ ଶତ୍ରୁର ସ୍ଥିତି ରିପୋର୍ଟ କରିବ। ତୋପ ମାଡ଼ କରିବ। ସେହି ସମୟରେ ସ୍ୱତନ୍ତ୍ର ବାହିନୀ ସେମାନଙ୍କୁ ଆମ୍ବୁସ୍ କରି ଶତ୍ରୁକୁ ଚକମା ଦେବେ।

# କୋର୍ଟ ବିଲ୍ଡିଂ ଉପରେ ଆତଙ୍କବାଦୀ ହମ୍‌ଲା, ୮ ମୃତ

ଇରାନ: ଦକ୍ଷିଣପୂର୍ବ ଇରାନର ଜାହେଦାନ ସହରରେ ଥିବା ଗୋଟିଏ ନ୍ୟାୟପାଳିକା କେନ୍ଦ୍ର ବା କୋର୍ଟ ହାଉସ ବିଲଡିଂ ଉପରେ ଶନିବାର ଆତଙ୍କବାଦୀ ହମ୍‌ଲା ହୋଇଛି। ଏଥିରେ ୫ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଜଣ ଆହତ ହୋଇଛନ୍ତି। ପରବର୍ତ୍ତୀ ଅବସ୍ଥାରେ ସୁରକ୍ଷାକର୍ମୀଙ୍କ ପାଲଟା କାର୍ଯ୍ୟାନୁଷ୍ଠାନରେ ଆକ୍ରମଣରେ ସାମିଲ ଥିବା ୩ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ୩ ଜଣ ଯାକ ଆତଙ୍କବାଦୀ ସାଧାରଣ ଲୋକଙ୍କ ଭଳି ବିଲଡିଂରେ ପ୍ରବେଶ କରତଥିଲେ। ଏହାପରେ କେହି କିଛି ବୁଝିବା ଆଗରୁ ଆଖିବୁଜା ଗୁଳି କରିଥିଲେ। ସେମାନେ ସାଧାରଣ ଲୋକଙ୍କୁ ଟାର୍ଗେଟ



କରି ଗୁଳିମାଡ଼ କରିବା ସହ ବିଲଡିଂକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚେଷ୍ଟା କରିଥିଲେ। ହେଲେ ସୁରକ୍ଷାକର୍ମୀଙ୍କ ପାଲଟା ଜବାବରେ ୩ ଜଣ ଆତଙ୍କବାଦୀ ନିହତ ହୋଇଥିଲା। ପାକିସ୍ତାନ ଭିତ୍ତିକ ଆତଙ୍କାବାଦୀ ସଂଗଠନ ଜୈଶ ଅଲ ଅଦଲ ଘଟଣା ପାଇଁ ନିଜକୁ ଦାୟୀ କରିଛି। ପାକିସ୍ତାନ ସହ ଏହି ସଂଗଠନ ଇରାନରେ ମଧ୍ୟ ସକ୍ରିୟ ରହିଛି।

### ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତି

# ଛତିଶଗଡ଼ କୃଷକଙ୍କ ପାଇଁ ରାସ୍ତା ଖୋଲିବ: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ଭାରତ-ବ୍ରିଟେନ୍ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିକୁ ସ୍ୱାଗତ କରିଛନ୍ତି । ଏହା ଭାରତ ଅର୍ଥନୀତିକୁ ଖୁବ୍ ସୁଦୃଢ଼ କରିବ ବୋଲି ସେ କହିଛନ୍ତି । ବିଶେଷକରି ଛତିଶଗଡ଼ର କୃଷକ, ବୁଣାକାର ଏବଂ ଯୁବବର୍ଗଙ୍କ ପାଇଁ ଏହା ବରଦାନ ସଦୃଶ ବୋଲି ସେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଛତିଶଗଡ଼ର କୃଷକ, ଶିଳ୍ପୀ ଏବଂ ଲଘୁ ଉଦ୍ୟୋଗର ମାଲିକମାନେ ବିଶେଷଭାବେ ଉପକୃତ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ଏହି ଚୁକ୍ତିନାମା ବ୍ରିଟେନ୍‌ରେ ହୋଇଥିଲା । ସେ କହିଥିଲେ ଏହା କେବଳ ଭାରତ ଅର୍ଥନୀତିକୁ ସୁଦୃଢ଼ କରିବ ନାହିଁ ବରଂ ଛତିଶଗଡ଼ ଭଳି ଏକ କୃଷିବହୁଳ ରାଜ୍ୟକୁ ବହୁ ପରିମାଣରେ ଉପକୃତ କରାଇବ । ସେ ଆହୁରି କହିଥିଲେ ଯେ, କେବଳ ସେତିକି ନୁହେଁ, ଛତିଶଗଡ଼ର କୃଷିକ୍ଷେତ୍ର, ହସ୍ତଶିଳ୍ପ, କ୍ଷୁଦ୍ର ଉଦ୍ୟୋଗ ଏବଂ କୁଟୀର ଶିଳ୍ପକୁ ଏହା ଅଧିକ ସମର୍ଥନ ଯୋଗାଇବ । ସେ କହିଥିଲେ ଭାରତରୁ ରପ୍ତାନୀ ହେବାକୁ ଥିବା ବା ବ୍ରିଟେନ୍‌ରୁ ଆମଦାନୀ ହେବାକୁ ଥିବା କୌଣସି ସାମଗ୍ରୀ ଉପରେ ଫରକ୍ ପଡ଼ିବ ନାହିଁ । ଏହା ସିଧାସଳଖ ହିତାଧିକାରୀଙ୍କୁ ସୁବିଧା ଯୋଗାଇଦେବ । ଏହି ଅବସରରେ ଶ୍ରୀ ସାଏ ଆଶା କରିଥିଲେ ଯେ, ଏହି ଚୁକ୍ତିନାମା ଛତିଶଗଡ଼ର ବିକାଶରେ ବହୁ ପରିମାଣରେ ସହାୟକ ହେବ । ତେଣୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇବା ସହ ତାଙ୍କ ନେତୃତ୍ୱରେ ଯେଉଁ ଅର୍ଥନୈତିକ ପରିବର୍ତ୍ତନ ଏବଂ ଭୋକାଲ ଫର ଲୋକାଲ୍ କାର୍ଯ୍ୟକ୍ରମକୁ ଅଧିକ ବଳ ଯୋଗାଇବ ।



SBI Life
Apne liye. Apno ke liye.

ମୁମ୍ବାଇ: ଦେଶର ଅଗ୍ରଣୀ ଜୀବନ ବୀମା କମ୍ପାନି ଏସବିଆଇ ଲାଇଫ ଇନସ୍ୟୁରାନ୍ସ ପକ୍ଷରୁ ୨୦୨୫ ଜୁନ୍ ୩୦ ସୁଦ୍ଧା ୭୨୬୮ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ୍ ହାସଲ କରାଯାଇଛି। ୨୦୨୪ ଜୁନ ୩୦ ସୁଦ୍ଧା କମ୍ପାନି ୭,୦୩୩ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ ହାସଲ କରିଥିଲା। ନିୟମିତ ପ୍ରିମିୟମରେ କମ୍ପାନି ଗତବର୍ଷ ତୁଳନାରେ ୧୨ ପ୍ରତିଶତ ବୃଦ୍ଧି ହାସଲ କରିଛି। ସୁରକ୍ଷା ଉପରେ ସ୍ପଷ୍ଟ ଗୁରୁତ୍ୱ ଦେଇ ଏସବିଆଇ ଲାଇଫର ସୁରକ୍ଷା କ୍ଷେତ୍ରର ନୂଆ ବ୍ୟବସାୟ ପ୍ରିମିୟମ ୯୮୦ କୋଟି ଟଙ୍କା ରହିଛି। ସୁରକ୍ଷା ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ ଜୁନ୍ ୩୦ ସୁଦ୍ଧା ୧୬୫ କୋଟି ଟଙ୍କା ରହିଛି। ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ୍ ୪,୯୩୯ କୋଟି ଟଙ୍କା ହୋଇଛି ଯାହା ୨୦୨୪ ଜୁନ ୩୦ ସୁଦ୍ଧା ସଂଗ୍ରହ ପ୍ରିମିୟମ ତୁଳନାରେ ୪ ପ୍ରତିଶତ ଅଧିକ। ୨୦୨୫ ଜୁନ ୩୦ ସୁଦ୍ଧା ଏସବିଆଇ ଲାଇଫର ଟିକସ ପରବର୍ତ୍ତୀ ଲାଭ ୫୯୪ କୋଟି ଟଙ୍କା ହୋଇଛି। ଏହି କ୍ଷେତ୍ରରେ ଗତବର୍ଷ ତୁଳନାରେ ୧୪ ପ୍ରତିଶତ ଅଭିବୃଦ୍ଧି ହୋଇଛି। କମ୍ପାନିର ସଲଭେନ୍ସି ରେସିଓ ଜୁନ ୩୦ ସୁଦ୍ଧା ୧.୯୬ ରହିଛି ଯାହା ବୈଧାନିକ ଆବଶ୍ୟକତା ୧.୫ ଠାରୁ ଅଧିକ।

# ଟିପିଏନ୍‌ଓଡିଏଲ୍‌ର ମିଟର୍ ପରୀକ୍ଷଣ ଲ୍ୟାବ୍‌କୁ ଏନ୍‌ଏବିଏଲ୍ ମାନ୍ୟତା



ବାଲେଶ୍ୱର(ଭାସ୍କର ନ୍ୟୁଜ୍): ଟିପି ନର୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)ର ବାଲେଶ୍ୱରରେ ଥିବା ମିଟର ପରୀକ୍ଷଣ ଲ୍ୟାବକୁ ସମ୍ମାନଜନକ ନ୍ୟାସନାଲ୍ ଆକ୍ରିଡେସନ୍ ବୋର୍ଡ ଅଫ୍ ଟେଷ୍ଟିଂ ଆଣ୍ଡ୍ କାଲିବ୍ରେସନ୍ ଲାବୋରେଟୋରିଜ୍ (ଏନ୍‌ଏବିଏଲ) ମାନ୍ୟତା ପ୍ରଦାନ କରାଯାଇଛି । ଏନଏବିଏଲର ଏହି ମାନ୍ୟତା ହେଉଛି ଲ୍ୟାବର ବୈଷୟିକ ଦକ୍ଷତା, ଆନ୍ତର୍ଜାତିକ ମାନ ପୂରଣ କରିବା ଏବଂ ସଠିକ୍ ଓ ଭରସାଯୋଗ୍ୟ ପରୀକ୍ଷଣ ଫଳାଫଳ ପ୍ରଦାନ କରିବାର ଏକ ପ୍ରମାଣ। ଏହି ମାଇଲଖୁଣ୍ଟ ସଫଳତା ଦ୍ୱାରା ଉତ୍ତର ଓଡ଼ିଶାର ଉପଭୋକ୍ତାମାନେ ବେଶ୍ ଉପକୃତ ହେବେ। ଏନ୍‌ଏବିଏଲ୍ ମାନ୍ୟତା ସହ ଏହି ମିଟର ପରୀକ୍ଷଣ ଲ୍ୟାବ୍ ଏହାର ସଠିକତା ଓ ଭରସାଯୋଗ୍ୟତା ପାଇଁ ମାନ୍ୟତା ହାସଲ କରିଛି। ଆଇଏଲ୍‌ଏସି ମ୍ୟୁଚୁଆଲ୍ ରେକଗ୍ନିସନ୍ ଏଗ୍ରିମେଣ୍ଟ (ଆଇଏଲ୍‌ଏସି ଏମ୍‌ଆରଏ) ଅଧୀନରେ ଏହି ମାନ୍ୟତା ମିଳିଛି ଯାହା ଲ୍ୟାବ୍ ପରୀକ୍ଷଣର ଫଳାଫଳରେ ବିଶ୍ୱସ୍ତରୀୟ ବିଶ୍ୱସନିୟତା ପ୍ରଦାନ କରୁଛି। ଏହି ଅନ୍ତର୍ଜାତୀୟ ମାନ୍ୟତା ମିଟରିଂ ଓ ବିଲିଂ ପ୍ରକ୍ରିୟାରେ ସ୍ୱଚ୍ଛତା ସହ ଉପଭୋକ୍ତାଙ୍କ ବିଶ୍ୱାସରେ ଆହୁରି ଉନ୍ନତି ଆଣିପାରିଛି। ଏନ୍‌ଏବିଏଲ୍ ମାନ୍ୟତା ପ୍ରତି ଏହି ଯାତ୍ରାରେ ମାସ ମାସର କଠୋର ପ୍ରସ୍ତୁତି, ସିଷ୍ଟମ୍‌ରେ ଉନ୍ନତି ଏବଂ କମ୍ପାନିର କମର୍ସିଆଲ୍ ଓ ସିଏସ୍‌ଆର୍ ମୁଖ୍ୟ ଜୟଦୀପ ରୟଙ୍କ ମାର୍ଗଦର୍ଶନରେ ଲ୍ୟାବ୍ ମୁଖ୍ୟ ସଂଜୀବ କୁମାର ଜେନା, କ୍ୱାଲିଟି ମ୍ୟାନେଜର ଧୀରଜ ମେହେଟ୍ଟା, ବୈଷୟିକ ମ୍ୟାନେଜର ସୁମନ୍ତ ଘୋଷ ଓ ଅନ୍ୟମାନଙ୍କୁ ନେଇ ଗଠିତ ମିଟର ପରୀକ୍ଷଣ ଟିମ୍‌ର ଅତୁଟ ପ୍ରତିବଦ୍ଧତା ରହିଥିଲା। ସେମାନଙ୍କ ଉଦ୍ୟମ ଜଟିଳ ପରୀକ୍ଷଣ ପରିସ୍ଥିତିକୁ ପରିଚାଳନା କରିବା ପାଇଁ ଲ୍ୟାବ୍ ପ୍ରସ୍ତୁତିକୁ ସୁନିଶ୍ଚିତ କରିଥିବା ବେଳେ ନିରନ୍ତରତା, ସଠିକତା ଏବଂ ବିଶ୍ୱସ୍ତରୀୟ ମାନଦଣ୍ଡ ପାଳନ କରିଥିଲା। ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଳେ କହିଛନ୍ତି ଯେ, ଏନ୍‌ଏବିଏଲ୍ ମାନ୍ୟତା କେବଳ ଏକ ବୈଷୟିକ ସଫଳତା ନୁହେଁ, ଏହା ହେଉଛି ଆମ ଗ୍ରାହକମାନଙ୍କୁ ଆମେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ ଭଳି। ଅନ୍ତର୍ଜାତୀୟ ମାନ୍ୟତା ଦକ୍ଷତା ସହ ବିଦ୍ୟୁତ୍‌ର ପ୍ରତିଟି ଉପକରଣକୁ ଅତ୍ୟନ୍ତ ସଠିକତା ଓ ସଚ୍ଚୋଟତାର ସହ ପରୀକ୍ଷଣ କରାଯାଉଛି। ଆମ ମାଇଲଖୁଣ୍ଟ ଆମର ନବସୃଜନ ଏବଂ ସେବା ପ୍ରଦାନରେ ଉତ୍କର୍ଷତା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ସଫଳତା ଏକ ଗ୍ରାହକ କୈନ୍ଦ୍ରିକ ୟୁଟିଲିଟି ପ୍ରଦାନକାରୀ ଭାବେ ଟିପିଏନ୍‌ଓଡିଏଲ୍‌ର ସ୍ଥିତିକୁ ସୁଦୃଢ଼ କରିଥିବା ବେଳେ ନିରନ୍ତର ଉନ୍ନତି ଓ ନବସୃଜନ ଉପରେ ଗୁରୁତ୍ୱାରୋପ କରୁଛି। ସେବାର ଗୁଣାତ୍ମକ ମାନରେ ଉନ୍ନତି ଆଣିବା, ଗ୍ରାହକ ବିଶ୍ୱାସ ଗଠନ କରିବା ଏବଂ ସମସ୍ତ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତାର ସଂସ୍କୃତିକୁ ସୁଦୃଢ଼ କରିବା ପାଇଁ କମ୍ପାନିର ବ୍ୟାପକ ମିସନ ସହିତ ଏହା ସମନ୍ୱିତ ରହିଛି। ଉତ୍କର୍ଷ ସେବା ନେଇ ଟିପିଏନଓଡିଏଲର ପ୍ରତିବଦ୍ଧତା କ୍ଷେତ୍ରରେ ଏହା ଆଉ ଏକ ବଳିଷ୍ଠ ପ୍ରମାଣ।

# ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ସୁଦୃଢ଼ୀକରଣ ଭିତ୍ତିଭୂମି ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପିପିଲି-ଡେଲାଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣରେ ଉନ୍ନତି ଆଣିବା ଦିଗରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଓଡିଏସ୍‌ଏସ୍‌ପି ଫେଜ୍-୪ ଅଭିଯାନ ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଓଡିଏସ୍‌ଏସ୍‌ପି ଫେଜ୍-୪ ହେଉଛି ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ ରାଜ୍ୟ ସରକାରଙ୍କ ଏକ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ଓଡ଼ିଶାର ଗ୍ରାମାଞ୍ଚଳରେ ବିଦ୍ୟୁତ୍ ବଣ୍ଟନର ଗୁଣାତ୍ମକ ମାନ ଓ ଭରସାଯୋଗ୍ୟତାରେ ଉନ୍ନତି ଆଣିବା । ଟିପିସିଓଡିଏଲ୍ ପକ୍ଷରୁ ଦୁଇଟି ୩୩ କେଭି ଫିଡର୍ ଲାଇନ୍‌କୁ କାର୍ଯ୍ୟକ୍ଷମ କରାଯାଇଛି । ଏହାକୁ ପିପିଲି-ଡେଲାଙ୍ଗର ବିଧାୟକ ଆଶ୍ରିତ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଯଥାକ୍ରମେ ୬.୬ କୋଟି ଟଙ୍କା ଓ ୬.୧୩୫ କୋଟି ଟଙ୍କାର ନିବେଶ ସହିତ ଏହି ନୂଆ ଲାଇନ୍ ସାତଶଙ୍ଖ ଗ୍ରିଡ୍ ସବ୍‌ଷ୍ଟେସନ୍ (ଜିଏସ୍‌ଏସ୍)କୁ କୁମାରେଶ୍ୱର ପ୍ରାଥମିକ ସବ୍‌ଷ୍ଟେସନ୍ (ପିଏସ୍‌ଏସ୍) ଓ ପଟ୍ଟନାୟକ ଛକ ସହ ଯୋଡ଼ିବ । ସମୁଦାୟ ୧୦.୨ ସିକେଏମ୍ ଫିଡର୍ ଲମ୍ବ ସହିତ ଭିତ୍ତିଭୂମିରେ ଏହି ଉନ୍ନତି ଏହି ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକ ମାନ ଓ ଭରସାଯୋଗ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଏହି ଉନ୍ନତ ନେଟ୍‌ୱର୍କ ଦ୍ୱାରା ସାକ୍ଷୀଗୋପାଳର ପ୍ରାୟ ୧୪,୦୦୦ ଗ୍ରାହକ ଏବଂ ସାତଶଙ୍ଖର ୧୨,୦୦୦ ଗ୍ରାହକ ଉପକୃତ ହେବା ଆଶା କରାଯାଉଛି । ଏହା ଏହି ଅଂଚଳର ଦୀର୍ଘଦିନର ଭୋଲଟେଜ୍ ସମସ୍ୟା ଏବଂ ନିୟମିତ ବ୍ୟବଧାନରେ ହେଉଥିବା ବିଦ୍ୟୁତ୍ ବିଭ୍ରାଟ ସମସ୍ୟାର ସମାଧାନ କରିବା ସହ ଭବିଷ୍ୟତର ଲୋଡ୍ ବୃଦ୍ଧିର ମୁକାବିଲାରେ ସହାୟକ ହେବ। ଉଦ୍‌ଘାଟନୀ ସମାରୋହରେ ବିଧାୟକ ଆଶ୍ରିତ ପଟ୍ଟନାୟକ ଏହି ଅଭିଯାନକୁ ପ୍ରଶଂସା କରି କହିଛନ୍ତି ଯେ, ଏହି ପ୍ରକଳ୍ପ ପିପିଲି, ସାକ୍ଷୀଗୋପାଳ ଓ ସାତଶଙ୍ଖର ଲୋକମାନଙ୍କୁ ଭରସାଯୋଗ୍ୟ ଓ ଦୃଢ଼ ବିଦ୍ୟୁତ୍ ଭିତ୍ତିଭୂମି ପ୍ରଦାନ କରିବା ପାଇଁ ସରକାର ଏବଂ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି।

# 'ମେକ୍ ଇନ୍ ଇଣ୍ଡିଆ' ପାଇଁ ଏକ ନୂଆ ଯୁଗର ଶୁଭାରମ୍ଭ: ଟିଭିଏସ ମୋଟର

TVS

ନୂଆଦିଲ୍ଲୀ: ଟିଭିଏସ୍ ମୋଟର କମ୍ପାନି ପକ୍ଷରୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇଂଲଣ୍ଡ ଗସ୍ତ ସମୟରେ ସ୍ୱାକ୍ଷରିତ ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ)କୁ ସ୍ୱାଗତ କରାଯାଇଛି। ଏହି ଚୁକ୍ତି ଦ୍ୱିପକ୍ଷିକ ବାଣିଜ୍ୟକୁ ୨୦୩୦ ସୁଦ୍ଧା ୬୦ ବିଲିୟନ ଡଲାରରୁ ୧୨୦ ବିଲିୟନ ଡଲାରକୁ ବଢ଼ାଇ ଦ୍ୱିଗୁଣିତ କରିବ ବୋଲି ଆଶା କରାଯାଉଛି ଏବଂ ଏହା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଏଫଟିଏ ଦ୍ୱାରା ଭାରତ ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ପ୍ରୟାସ ଅଧୀନରେ ଭାରତୀୟ ଉତ୍ପାଦନ ଏବଂ ଡିଜାଇନ୍ ପାଇଁ ବିଶ୍ୱସ୍ତରୀୟ ମଞ୍ଚରେ ନୂତନ ଅବସର ସୃଷ୍ଟି କରିବ। । ଟିଭିଏସ୍ ମୋଟର କମ୍ପାନି ପାଇଁ ଏହି ଚୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି ଯେତେବେଳେ କମ୍ପାନି ବ୍ରିଟେନ ନୂତନରେ ନର୍ଟନ୍ ମୋଟରସାଇକେଲ୍ ଉନ୍ମୋଚନ କରିବାକୁ ପ୍ରସ୍ତୁତ ହେଉଛି । ଏହି ଚୁକ୍ତିକୁ ସ୍ୱାଗତ ଜଣାଇ ଟିଭିଏସ୍ ମୋଟର କମ୍ପାନିର ପରିଚାଳନା ନିର୍ଦ୍ଦେଶକ ସୁଦର୍ଶନ ବେଣୁ କହିଛନ୍ତି ଯେ, ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତର ସ୍ୱପ୍ନ ଏବଂ ଭାରତକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ ଏବଂ ଡିଜାଇନ୍ କ୍ଷେତ୍ରରେ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଗଢିବା ପାଇଁ ତାଙ୍କର ଅଟଳ ପ୍ରତିବଦ୍ଧତାରୁ ଅନୁପ୍ରାଣିତ ହେଉଛୁ । ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ ହେବା ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଏହା ଭାରତୀୟ କମ୍ପାନିଗୁଡିକୁ 'ମେକ୍ ଇନ୍ ଇଣ୍ଡିଆ'କୁ ବିଶ୍ୱସ୍ତରୀୟ ମଂଚରେ ପ୍ରତିଷ୍ଠା କରିବାରେ ସାହାଯ୍ୟ କରିବ। ଆମେ ବିଶେଷ ଭାବରେ ଉତ୍ସାହିତ କାରଣ ଚଳିତ ବର୍ଷ ନୂତନ ନର୍ଟନ୍ ମୋଟରସାଇକଲକୁ ଉନ୍ମୋଚନ କରାଯିବ ଯାହା ଭାରତ ଏବଂ ବ୍ରିଟେନ ମଧ୍ୟରେ ବାଣିଜ୍ୟ ସମ୍ପର୍କ ମଜଭୁତ ହେବାରୁ ଲାଭାନ୍ୱିତ ହେବ। ଏହା ଆମର ବିଶ୍ୱସ୍ତରୀୟ ଆକାଂକ୍ଷାକୁ ଶକ୍ତି ପ୍ରଦାନ କରିବ ଏବଂ ବିଶ୍ୱସ୍ତରୀୟ ଉତ୍ପାଦ ଏବଂ ବ୍ରାଣ୍ଡ ନିର୍ମାଣ ପାଇଁ ଆମର ସଂକଳ୍ପକୁ ମଜଭୁତ କରିବ। ଟିଭିଏସ୍ ମୋଟର କମ୍ପାନି ବିଶ୍ୱାସ କରେ ଯେ ଭାରତ-ବ୍ରିଟେନ ଏଫଟିଏ ଭାରତୀୟ କମ୍ପାନିଗୁଡ଼ିକୁ ବିଶ୍ୱସ୍ତରୀୟ ଉପସ୍ଥିତି ବିସ୍ତାର କରିବା ସହିତ ବୃହତ୍ ମଂଚରେ ଭାରତର ନବସୃଜନ ଏବଂ ଯାନ୍ତ୍ରିକ ଦକ୍ଷତାକୁ ପ୍ରଦର୍ଶନ କରିବାରେ ବିପୁଳ ସୁଯୋଗ ସୃଷ୍ଟି କରିବ।

## ଏକ୍‌ଜିକ୍ୟୁଟିଭ୍ ସେଣ୍ଟର୍ ଇଣ୍ଡିଆ ପକ୍ଷରୁ ୨୬୦୦ କୋଟି ଟଙ୍କା ସଂଗ୍ରହ ପାଇଁ ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ

ଭୁବନେଶ୍ୱର: ପ୍ରିମିୟମ୍ ନମନୀୟ କର୍ମକ୍ଷେତ୍ର ସମାଧାନ ପ୍ରଦାନ କରୁଥିବା ଅଗ୍ରଣୀ ସଂସ୍ଥା ଏକ୍‌ଜିକ୍ୟୁଟିଭ୍ ସେଂଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍‌ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏହି ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ୨୬୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ। ଏଥିରୁ ଯେଉଁ ପାଣ୍ଠି ସଂଗ୍ରହ ହେବ ତାହାକୁ କମ୍ପାନି ଏକ ପ୍ରତ୍ୟକ ସହାୟକ ସଂସ୍ଥା ଟିଇସି ଆବୁଧାବିରେ ନିବେଶ କରିବା ଏବଂ ଟିଇସି ସିଙ୍ଗାପୁରର ଦୁଇ ସହାୟକ କମ୍ପାନି ଟିଇସି ଏସ୍‌ଜିପି ଓ ଟିଇସି ଦୁବାଇର ଅଧିଗ୍ରହଣ ପାଇଁ ଆଂଶିକ ଫାଇନାନ୍ସ ପ୍ରଦାନ କରିବାରେ ବ୍ୟବହାର କରାଯିବ। ଅନ୍ତର୍ଜାତୀୟ ପୁନର୍ଗଠନ ଚୁକ୍ତିନାମା ଅନୁସାରେ ଏହି କାରବାର ହେବ। ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ। ଏକ୍‌ଜିକ୍ୟୁଟିଭ୍ ସେଣ୍ଟର୍ ଇଣ୍ଡିଆ ଲିମିଟେଡ୍ ହେଉଛି ଅନ୍ୟତମ ଆଗୁଆ ଆସିଥିବା ଅନ୍ତର୍ଜାତୀୟ ବ୍ରାଣ୍ଡ୍ ଯାହା ଭାରତରେ ପ୍ରିମିୟମ୍ ନମନୀୟ କର୍ମକ୍ଷେତ୍ର ସମାଧାନ ପ୍ରଦାନ କରୁଛି। ୨୦୦୮ ପରଠାରୁ କମ୍ପାନି ଭାରତରେ କାମ କରୁଥିବା ବେଳେ ଟିଇସି ଗ୍ରୁପ୍‌ର ଅଂଶ ହୋଇରହିଛି। ଏହା କାରବାର ଭାରତ ସମେତ ସିଙ୍ଗାପୁର, ମଧ୍ୟପ୍ରଦେଶ, ଦୁବାଇ, ଆବୁଧାବି, ଜକାର୍ତ୍ତା, ହୋ ଚି ମିନ୍ ସିଟି, ମାନିଲା ଓ କଲମ୍ବୋରେ ରହିଛି। କମ୍ପାନି ଲିଜ୍ ଆଧାରରେ ପ୍ରପର୍ଟି ଆଣି ତାହାକୁ ଏକ ସମ୍ପୂର୍ଣ୍ଣ ପରିଚାଳିତ, ପ୍ରଯୁକ୍ତି ସକ୍ଷମ, ଆଧୁନିକ ଓ ସୁନ୍ଦର କାର୍ଯ୍ୟାଳୟ କ୍ଷେତ୍ରରେ ପରିଣତ କରୁଛି। ବହୁଦେଶୀୟ କମ୍ପାନିଠାରୁ ଆରମ୍ଭ କରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଆଇନଗତ ସଂସ୍ଥାଗୁଡ଼ିକ ପାଇଁ ଏହା କର୍ମକ୍ଷେତ୍ର ସ୍ଥାନ ଯୋଗାଇ ଦେଉଛି।

# ସେଲ୍ ପକ୍ଷରୁ ପ୍ରଥମ ତ୍ରୟୋମାସିକ ଆର୍ଥିକ ଫଳାଫଳ ଘୋଷଣା, ଲାଭରେ ୨୭୩ ପ୍ରତିଶତ ବୃଦ୍ଧି

ରାଉରକେଲା(ଭାସ୍କର ନ୍ୟୁଜ୍): ଭାରତୀୟ ଇସ୍ପାତ ପ୍ରାଧିକରଣ ଲିମିଟେଡ୍ (ସେଲ୍) ଜୁନ୍ ୩୦ତାରିଖରେ ଶେଷ ହୋଇଥିବା ୨୦୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୟୋମାସିକ ଆର୍ଥିକ ଫଳାଫଳ ଜୁଲାଇ ୨୫ ତାରିଖରେ ଘୋଷଣା କରିଛି। ୨୦୨୫-୨୬ର ପ୍ରଥମ ତ୍ରୟୋମାସିକ ପାଇଁ ଅପରେସନରୁ ୨୫୯୨୧ କୋଟି ଟଙ୍କା ରାଜସ୍ୱ ଆୟ ହୋଇଛି, ଯାହାର ପରିମାଣ ଗତ ଆର୍ଥିକ ବର୍ଷର ସମାନ ଅବଧି (ସିପିଏଲଓ୍ୱାଇ)ରେ ୨୩୯୯୮ କୋଟି ଟଙ୍କା ରହିଥିଲା। ସୁଧ, ଟିକସ, ମୂଲ୍ୟହ୍ରାସ ଏବଂ ପରିଶୋଧନ ପୂର୍ବରୁ ଆୟ (ଇବିଆଇଟିଡିଏ) ଅନୁରୂପ ପୂର୍ବ ବର୍ଷ ଅବଧିର ୨୪୨୦ କୋଟି ଟଙ୍କାରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟୋମାସରେ ୨୯୨୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ସମୁଦାୟ ବିକ୍ରୟ ପରିମାଣ ମଧ୍ୟ ୨୦୨୪-୨୫ର ପ୍ରଥମ ତ୍ରୟମାସରେ ୪.୦୧ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟୋମାସରେ ୪.୫୫ ମେଟ୍ରିକ ଟନ୍‌ରେ ପହଞ୍ଚିଛି । ଅଶୋଧିତ ଇସ୍ପାତ ଉତ୍ପାଦନ ପୂର୍ବ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୪.୬୮ ନିୟୁତ ଟନ୍ ଥିବାବେଳେ ଚଳିତ ଆର୍ଥିକ ବର୍ଷର ସମାନ ଅବଧିରେ ଏହା ୪.୮୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। କାରଖାନା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟୋମାସରେ ସ୍ୱତନ୍ତ୍ର ବିଷୟ ଏବଂ କର ପୂର୍ବବର୍ତ୍ତୀ ଲାଭରେ ୨୭୩% ର ଦୃଢ଼ ଅଭିବୃଦ୍ଧି ରେକର୍ଡ କରିଛି। ବିକ୍ରୟ ପରିମାଣ, ଅପରେସନରୁ ରାଜସ୍ୱ ସହ ବିକ୍ରୟ ଯୋଗ୍ୟ ଏବଂ ଅଶୋଧିତ ଇସ୍ପାତ ଉତ୍ପାଦନ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ଏକ ସୁସ୍ଥ ଅଭିବୃଦ୍ଧି ରେକର୍ଡ କରିଛି। ଏହି ପରିପ୍ରେକ୍ଷୀରେ ସେଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶ କହିଛନ୍ତି ଯେ, ସେଲ୍‌ର ଆର୍ଥିକ ବର୍ଷ ୨୦୨୬ର ପ୍ରଥମ ତ୍ରୟୋମାସିକ ପ୍ରଦର୍ଶନ ଏହାର ଉନ୍ନତତର କାର୍ଯ୍ୟ ନିପୁଣତା, ଉତ୍ତମ ନଗଦ ପ୍ରବାହ ଏବଂ ଘରୋଇ ବଜାରରେ ବିକ୍ରୟ ପରିମାଣରେ ଦୃଢ଼ ଅଭିବୃଦ୍ଧିକୁ ଦର୍ଶାଉଛି ଯାହା ସରକାରୀ ସୁରକ୍ଷା ଶୁଳ୍କ ଦ୍ୱାରା ସମର୍ଥିତ। ବିଶ୍ୱବ୍ୟାପୀ ଅନିଶ୍ଚିତ ପରିସ୍ଥିତି ମଧ୍ୟରେ ମଧ୍ୟ ଘରୋଇ ବ୍ୟବହାରଯୋଗ୍ୟ ଇସ୍ପାତ କ୍ଷମତା ବିସ୍ତାର ଏବଂ ସରକାରଙ୍କଠାରୁ ସୁରକ୍ଷା ଶୁଳ୍କ ସମର୍ଥନ ସହିତ ଆମେ ସମସ୍ତ ଇସ୍ପାତ ଉପଭୋକ୍ତା କ୍ଷେତ୍ରକୁ ଉଚ୍ଚ-ଗୁଣବତ୍ତାସମ୍ପନ୍ନ ଇସ୍ପାତ ପ୍ରଦାନ କରିଚାଲିଛୁ। ଆମର ବ୍ୟୟ ସୁଧାରଣା ପଦକ୍ଷେପ ଏବଂ ଅଂଶୀଦାର ମୂଲ୍ୟ ବୃଦ୍ଧି ପ୍ରତି ଅତୁଟ ପ୍ରତିବଦ୍ଧତା ହେଉଛି ଆମ ଯାତ୍ରାର ମୁଖ୍ୟ ଲକ୍ଷ୍ୟ ।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ଓ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଇନଡୋର୍ ଆକ୍ୱାଟିକ୍ ସେଣ୍ଟରରେ ଆୟୋଜିତ ୬୫ତମ ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ୩ଦିନିଆ ସନ୍ତରଣ ପ୍ରତିଯୋଗିତାର ଖୋର୍ଦ୍ଧା-ଭୁବନେଶ୍ୱର ଜିଲ୍ଲା ଦଳଗତ ବିଜେତା ହୋଇଥିଲା ବେଳେ କିଟ୍-କିସ୍ ଉପବିଜେତା ହୋଇଛି। ବ୍ୟକ୍ତିଗତର ବର୍ଗରେ ଖୋର୍ଦ୍ଧାର ଅଭିନବ କୁମାର ସିଂହ, ଅଂଶିକା ଆରାଧନା ସାହୁ, ସାଇ ସ୍ୱରୂପ ସ୍ୱାଇଁ, ଧାନ୍ୱୀ ଭୌମିକ, ସାଇ ଅକ୍ଷୟ ଓ ସହିତା ଘୋଷ ବିଜେତା ଟ୍ରଫି ହାତେଇଥିଲେ। ପୁରୁଷ ଓ ମହିଳାର ଶ୍ରେଷ୍ଠ ସନ୍ତରଣକାରୀ ହୋଇଛନ୍ତି ଖୋର୍ଦ୍ଧା-ଭୁବନେଶ୍ୱରର ଅଭିନବ କୁମାର ସିଂହ ଓ ଅଂଶିକା ଆରାଧନା ସାହୁ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏବଂ ସମ୍ମାନୀୟ ଅତିଥି ଭାବେ କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ, ଓଡ଼ିଶା ହକି ବିକାଶ ପରିଷଦ ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ ଉପସ୍ଥିତ ରହି ପୁରସ୍କାର ବଣ୍ଟନ କରିଥିଲେ। ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସମ୍ପାଦକ ଗୋଲାପମଣି ମହାନ୍ତ, କୋଷାଧକ୍ଷ ବିଜୟ କୁମାର ଦୀକ୍ଷିତ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଚନ୍ଦ୍ର ମହାକୁଡ଼, ଉପସଭାପତି ଅକ୍ଷୟ କୁମାର ପ୍ରଧାନ ଓ ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ମାଞ୍ଚେଷ୍ଟର ଟେଷ୍ଟ: ଭାରତର ସଂଘର୍ଷ ଜାରି


ମାଞ୍ଚେଷ୍ଟର: ଓଲ୍ଡ ଟ୍ରାଫର୍ଡରେ ଚତୁର୍ଥ ଟେଷ୍ଟର ଚତୁର୍ଥ ଦିନର ଖେଳ ସମାପ୍ତ ହୋଇଛି। ଅଧିନାୟକ ଶୁଭମନ ଗିଲ୍ ଓ କେଏଲ ରାହୁଲ ଦୃଢ ବ୍ୟାଟିଂ କରି ଚଟ୍ଟାଣ ପରି କ୍ରିଜରେ ଜମି ରହି ଦଳ ପାଇଁ ତ୍ରାଣକର୍ତ୍ତା ସାଜିଛନ୍ତି। ତଥାପି ଏ ପର୍ଯ୍ୟନ୍ତ ଭାରତ ଉପରୁ ଇନିଂସ ପରାଜୟର କଳା ବାଦଲ ହଟି ନାହିଁ। କିନ୍ତୁ ଗିଲ୍ ଓ ରାହୁଲ ମ୍ୟାଚ୍ ବଞ୍ଚାଇ ପାଇଁ ଆଶା ସଞ୍ଚାର କରିଛନ୍ତି। ଦୁଇ ବ୍ୟାଟର ଶତକର ନିକଟତର ହୋଇଛନ୍ତି। ଇଂଲଣ୍ଡ ପ୍ରଥମ ଇନିଂସରେ ୬୬୯ ରନର ବିଶାଳ ସ୍କୋର କରି ଭାରତଠୁ ୩୧୧ ରନ ଅଗ୍ରଣୀ ହାସଲ କରିଥିଲା। ଏହା ପରେ ଭାରତ ଦ୍ୱିତୀୟ ଇନିଂସରେ ଦମଦାର ପ୍ରତ୍ୟାବର୍ତ୍ତନ କରି ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ୍ ହରାଇ ୧୭୪ ରନ କରିଛି। ତଥାପି ଦଳ ଇଂଲଣ୍ଡଠୁ ୧୩୭ ରନ ପଛରେ ରହିଛି। କେଏଲ ରାହୁଲ ୮୭ ରନ ଓ ଶୁଭମନ ଗିଲ୍ ୭୮ ରନ କରି ଅପରାଜିତ ଅଛନ୍ତି। ପଞ୍ଚମ ଦିନର ପ୍ରଥମ ସେସନର ଖେଳ ବେଶ ମହତ୍ୱପୂର୍ଣ୍ଣ ରହିଛି। ଇଂଲଣ୍ଡର ପ୍ରଥମ ଇନିଂସ ସରିବା ପରେ ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲା। ଆଉ ଭାରତ କ୍ରିସ ୱୋକ୍ସଙ୍କ ପ୍ରଥମ ଓଭରରେ ହିଁ ୨ଟି ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଲାଗୁଥିଲା ଚତୁର୍ଥ ଦିନରେ ହିଁ ଖେଳ ସରିଯିବ ଏବଂ ଭାରତ ଇନିଂସ ପରାଜୟ ଭୋଗିବ। ଯଶସ୍ୱୀ ଜୟସ୍ୱାଲ ଓ ସାଇ ସୁଦର୍ଶନ ଖାତା ଖୋଲି ପାରି ନ ଥିଲେ। ଏହା ପରେ ଅଧିନାୟକ ଗିଲ୍ ଓ ରାହୁଲ ଦଳର ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିଥିଲେ। ଯେଉଁ ସମୟରେ ଦଳକୁ ସ୍ଥିରତା ଦରକାର ଥିଲା, ସେହି ସମୟରେ ଦୁଇ ବ୍ୟାଟର ଇଂଲଣ୍ଡର ଶାଣିତ ବୋଲିଂର ମୁକାବିଲା କରି କ୍ରିଜରେ ଚଟ୍ଟାଣ ପରି ଛିଡ଼ା ହୋଇ ରହିଛନ୍ତି। ଦୁଇ ବ୍ୟାଟର ୬୨ ଓଭର ବ୍ୟାଟିଂ କରି ଭାରତକୁ କୌଣସି କ୍ଷତି ହେବାକୁ ଦେଇ ନାହାନ୍ତି। ଏହା ସହିତ ମ୍ୟାଚ୍ ବଞ୍ଚାଇବା ନେଇ ଭାରତୀୟ ଶିବିରରେ ଏକ ନୂତନ ଆଶା ସଞ୍ଚାର କରିଛନ୍ତି। ଦୁଇ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ଅବିଭାଜିତ ତୃତୀୟ ୱିକେଟ୍ ପାଇଁ ୧୭୪ ରନ ଯୋଡ଼ିଛନ୍ତି। କେଏଲ ରାହୁଲ ୮୭ ରନ ଓ ଗିଲ୍ ୭୮ ରନ କରି କ୍ରିଜରେ ଅପରାଜିତ ଅଛନ୍ତି। ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ଭାରତ ୨ ୱିକେଟ୍ ହରାଇ ୧୭୪ ରନ କରିଛି। ତଥାପି ଦଳଆହୁରି ୧୩୭ ରନ ପଛରେ ରହିଛି। ଆଜି ପରି ପଞ୍ଚମ ଦିନରେ ଭାରତ ପାଇଁ ଏମିତି ବ୍ୟାଟିଂର ଆବଶ୍ୟକତା ରହିଛି। ପଞ୍ଚମ ଦିନର ପ୍ରଥମ ସେସନର ଖେଳ ବେଶ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଏହା ପୂର୍ବରୁ ତୃତୀୟ ଦିନର ଅସମାପ୍ତ ଖେଳ ୫୪୪/୭ରୁ ଚତୁର୍ଥ ଦିନର ବ୍ୟାଟିଂ ଆରମ୍ଭ କରିଥିଲା ଇଂଲଣ୍ଡ। ବେନ ଷ୍ଟୋକ୍ସ ୭୭ ରନ କରି ଅପରାଜିତ ଥିବା ବେଳେ ଦ୍ରୁତ ବ୍ୟାଟିଂ କରି ନିଜର ଟେଷ୍ଟ କ୍ୟାରିୟରରେ ୧୪ତମ ଶତକ ହାସଲ କରିଥିଲେ। ଲିୟାମ ଡାସନ ୨୬ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଷ୍ଟୋକ୍ସ ଓ ବ୍ରାଇଡନ କାର୍ସ ୯୫ ରନ ଯୋଡ଼ି ଦଳର ସ୍କୋରକୁ ୫୬୩ ରନରେ ପହଞ୍ଚାଇଥିଲେ। ବିଶେଷ କରି ଷ୍ଟୋକ୍ସ ବିସ୍ଫୋରକ ବ୍ୟାଟିଂ କରି ୧୪୧ ରନର ଇନିଂସ ଖେଳିଥିଲେ। କାର୍ସ ୫୪ ବଲରୁ ୪୭ ରନ କରି ଶେଷ ଖେଳାଳି ଭାବେ ଆଉଟ୍ ହୋଇଥିଲେ। ଶେଷରେ ଇଂଲଣ୍ଡ ୬୬୯ ରନ ରନରେ ଅଲଆଉଟ୍ ହୋଇଥିଲା। ପୂର୍ବରୁ ତୃତୀୟ ଦିନରେ ଜ୍ୟାକ କ୍ରାଉଲି ୮୪ ରନ ଓ ବେନ ଡକେଟ୍ ୯୪ ରନ କରିଥିଲେ। ଓପନିଂରେ ଦୁଇ ବ୍ୟାଟର ୧୬୬ ରନ ଯୋଡ଼ିଥିଲେ। ଓଲି ପୋପ ୭୧ ରନ କରିଥିବା ବେଳେ ଜୋ ରୁଟ୍ ୧୫୦ ରନର ମାରାଥନ ଇନିଂସ ଖେଳିଥିଲେ। ବୋଲିଂରେ ଭାରତ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ସର୍ବାଧିକ ୪ ୱିକେଟ୍ ନେଇଥିବା ବେଳେ ବୁମରା ଓ ୱାଶିଂଟନ ସୁନ୍ଦର ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ୍ ନେଇଛନ୍ତି। ପୂର୍ବରୁ ଭାରତ ପ୍ରଥମ ଇନିଂସରେ ୩୫୮ ରନ କରିଥିଲା।



# ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ଏସିଆ କପ୍ ଟୁର୍ଣ୍ଣାମେଣ୍ଟ



ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫ ୟୁଏଇରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟ ସେପଟ୍ଟେମ୍ବର ୯ରୁ ଆରମ୍ଭ ହେବ ଓ ସେପଟ୍ଟେମ୍ବର ୨୮ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏସିଆନ୍ କ୍ରିକେଟ୍ କାଉନସିଲ୍ (ଏସିସି)ର ଅଧ୍ୟକ୍ଷ ମୋହସିନ ନକଭୀ ଏହି ସୂଚନା ଦେଇଛନ୍ତି। ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯିବ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ସେପଟ୍ଟେମ୍ବର ୧୪ରେ ମ୍ୟାଚ୍ ହୋଇପାରେ। ପାକିସ୍ତାନ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ନକଭୀ ସୋସିଆଲ୍ ମିଡିଆ ପୋଷ୍ଟରେ ଲେଖିଛନ୍ତି, ମୁଁ ଖୁସି ଯେ ଏସିସି ଏସିଆ କପ୍ ୨୦୨୫ ଏବେ ଆନୁଷ୍ଠାନିକ ଭାବେ ୟୁଏଇରେ ସେପଟ୍ଟେମ୍ବର ୯ରୁ ୨୮ ଯାଏ ଖେଳାଯିବ। ଏହା ଏକ ଚମତ୍କାର ଟୁର୍ଣ୍ଣାମେଣ୍ଟ ହେବ ଓ ଆମେ ସମସ୍ତଙ୍କୁ ଏକ ଭଲ କ୍ରିକେଟ୍ ଦେଖିବାକୁ ମିଳିବ। ଖୁବଶୀଘ୍ର ଖେଳ ସୂଚୀ ଜାରି କରାଯିବ। ଉଲ୍ଲେଖଯୋଗ୍ୟ ଯେ ଏସିଆ କପ୍ ୨୦୨୫ର ଆୟୋଜନ ଭାରତକୁ ମିଳିଛି, କିନ୍ତୁ ଭାରତ-ପାକିସ୍ତାନ ମଧ୍ୟର ତିକ୍ତ ସମ୍ପର୍କ କାରଣରୁ ନ୍ୟୁଟ୍ରାଲ ଭେନ୍ୟୁରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଆଗାମୀ ଏସିଆ କପ୍ ସଂସ୍କରଣରେ ଆଠଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ, ଓମାନ ଏବଂ ୟୁଏଇ ସାମିଲ ଅଛନ୍ତି। ଟୁର୍ଣ୍ଣାମେଣ୍ଟରେ ଆଠଟି ଦଳକୁ ଚାରିଟି ଲେଖାଏଁ ଦୁଇଟି ଗ୍ରୁପରେ ରଖାଯିବ। ତା'ପରେ ପ୍ରତ୍ୟେକ ଗ୍ରୁପରୁ ଶୀର୍ଷ ୨ ଦଳ ସୁପର-୪ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଭାରତ, ପାକିସ୍ତାନ, ୟୁଏଇ ଏବଂ ଓମାନକୁ ଗ୍ରୁପ-ଏରେ ରଖାଯାଇପାରେ। ଆଫଗାନିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଏବଂ ହଂକଂକୁ ଗ୍ରୁପ୍-ବିରେ ରହିପାରନ୍ତି। ଏହାରି ଭିତରେ ଏସିଆ କପ୍ ୨୦୨୫ର ସମ୍ଭାବ୍ୟ ସୂଚୀ ମଧ୍ୟ ସାମନାକୁ ଆସିଛି। ଏସିଆ କପ୍ ୨୦୨୩ର ଆୟୋଜନ ପାକିସ୍ତାନ କରିଥିଲା। ତେବେ ଭାରତ ସୁରକ୍ଷା ଦୃଷ୍ଟିରୁ ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଥିଲା। ଏହାପରେ ଟୁର୍ଣ୍ଣାମେଣ୍ଟକୁ ହାଇବ୍ରିଡ୍ ମଡେଲରେ ଖେଳା ଯାଇଥିଲା। ଭାରତର ସବୁ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳାଯାଇଥିଲା। ଭାରତ ଶ୍ରୀଲଙ୍କାକୁ ହରାଇ ଏସିଆ କପ୍ ୨୦୨୩ ଟାଇଟଲ୍ ଜିତିଥିଲା।



# ଖେଳ କେବଳ ମନୋରଞ୍ଜନ ନୁହେଁ, କ୍ୟାରିୟର ଭାବେ ବି ଦେଖନ୍ତୁ ଯୁବକ: ଗଡ଼କରୀ

ନାଗପୁର: କେନ୍ଦ୍ରୀୟ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରି ଶନିବାର ବିଦର୍ଭ ଆଡଭେଞ୍ଚର୍ ଆସୋସିଏସନ ଦ୍ୱାରା ଆୟୋଜିତ ନ୍ତଖେଳ ଏକ କ୍ୟାରିଅର୍ ସେମିନାରକୁ ସମ୍ବୋଧନ କରି ବକ୍ତବ୍ୟ ଦେଉଥିବା ବେଳେ କହିଛନ୍ତି ଯେ ଦେଶର ଯୁବକମାନେ ଖେଳକୁ କେବଳ ମନୋରଞ୍ଜନ ଭାବେ ନୁହେଁ, ବରଂ ଏକ କ୍ୟାରିଅର୍ ଭାବେ ଦେଖିବା ଉଚିତ। ସରକାର ଖେଳ ମାନ୍ୟତାକୁ ବୃଦ୍ଧି କରିବା ପାଇଁ ପ୍ରୋଫେସନାଲ୍ ଭାବରେ ଖେଳ ମୈଦାନ ଓ ଭିତ୍ତିଭୂମି ବିକାଶ କରିବା ଉଦ୍ଦେଶ୍ୟରେ କାମ କରୁଛି। ତାଙ୍କର ଲକ୍ଷ୍ୟ ହେଉଛି ଯେ ଖେଳ ସଂପର୍କୀ ଭିତ୍ତିଭୂମି—ଯେପରିକି ଷ୍ଟାଡିୟମ୍, ସ୍ପୋର୍ଟସ୍ କ୍ଲବ୍ ଓ ପ୍ରଶିକ୍ଷଣ କେନ୍ଦ୍ର—ଆଧୁନିକ ହେଉ ଓ ସମସ୍ତଙ୍କ ପାଇଁ ସୁଲଭ ହେଉ। ନୀତିନ ଗଡ଼କରି କହିଛନ୍ତି ଯେ ସେ ନିଜେ ନାଗପୁରରେ ଏମିତି କ୍ଲବ୍ ଓ ଷ୍ଟାଡିୟମ୍ ବନାଇବାକୁ ଚାହାଁନ୍ତି, ଯେଉଁଥିରେ ଫାଇଭ ଷ୍ଟାର ସୁବିଧା ଥିବ ଓ ଯେଉଁଠି ଖୋ-ଖୋ, କବାଡ଼ି, ଫୁଟବଲ୍, ଭଲିବଲ୍ ପରି ଖେଳର ଉତ୍ତମ ଶିକ୍ଷା ଦିଆଯିବ। ସେ କହିଛନ୍ତି ଯେ ଏହିପରି କ୍ଲବ୍‌ରୁ ଯେଉଁ ଆୟ ହେବ, ତାହାକୁ ଷ୍ଟାଡିୟମ୍ ନିର୍ମାଣ ପାଇଁ ବ୍ୟବହାର କରାଯିବ, ଯାହାଦ୍ୱାରା ଗରିବ ବର୍ଗର ଛୁଆମାନେ ମଧ୍ୟ ଖେଳ ଜଗତ ସହ ଯୋଡି ହୋଇପାରିବେ। ସେ କହିଛନ୍ତି ଯେ ଯେପର୍ଯ୍ୟନ୍ତ ଖେଳ ଓ ପ୍ରଶିକ୍ଷଣରେ ଏକ ମଜବୁତ୍ ସମନ୍ୱୟ ନ ହେବ, ସେପର୍ଯ୍ୟନ୍ତ ଦେଶରୁ ଉତ୍ତମ ଖେଳାଳି ବାହାରିବେ ନାହିଁ।

# ଅବସର ନେଇପାରନ୍ତି ବୁମ୍‌ରାହ୍: କୈଫ୍

ନୂଆଦିଲ୍ଲୀ: ୟର୍କର କିଙ୍ଗ ଜସପ୍ରିତ ବୁମରାହ। ସର୍ବଦା ମୈଦାନରେ ସାଏ ଓ ଡିସେଣ୍ଟ। ଖେଳ ଛଡା ତାଙ୍କୁ ଅନ୍ୟ କୌଣସି ଆଲୋଚନାରେ ଦେଖିବାକୁ ମିଳିନି। ଟିମ୍ ଇଣ୍ଡିଆର ମାଇଲଷ୍ଟୋନ। ରେକର୍ଡ ବ୍ରେକର। ତାଙ୍କ ବୋଲିଂରେ ଧରାଶାୟୀ ହୁଅନ୍ତି ବ୍ୟାଟର। ଏବେ ସେ ଲାଇମ୍ ଲାଇଟ୍‌ରେ। ସାମ୍ନାକୁ ଆସୁଛି ତାଙ୍କର ଅବସର ଖବର। ଚର୍ଚ୍ଚା ହେଉଛି କି, ସେ କୁଆଡେ ଆଉ ଖେଳିବେନି ଅନ୍ତରାଷ୍ଟ୍ରୀୟ କ୍ରିକେଟ।



ଟିମ୍ ଇଣ୍ଡିଆର ଜଣେ ପୂର୍ବତନ କ୍ରିକେଟର ଏ ଦାବି କରିଛନ୍ତି। ସେ କହିଛନ୍ତି ଯେ, ବୁମରାହ ଭାରି ସ୍ୱାଭିମାନୀ। ଖାସ୍ ସେଥିପାଇଁ ସେ ଟେଷ୍ଟ କ୍ରିକେଟରୁ ଅବସର ନେଇପାରନ୍ତି। ସେ ଏହାର କାରଣ ମଧ୍ୟ କହିଛନ୍ତି। ସୂଚନା ଥାଉକି, ଲର୍ଡସ୍ ଟେଷ୍ଟରେ ୭ ୱିକେଟ୍ ନେଇଥିବା ଭାରତୀୟ ଦଳର ଏହି ଦ୍ରୁତ ବୋଲର ମାଞ୍ଚେଷ୍ଟର ଟେଷ୍ଟ ମ୍ୟାଚରେ ସମ୍ପୂର୍ଣ୍ଣ ଫିକା ଦେଖାଯାଉଥିଲେ। ଜସପ୍ରିତ ବୁମରାହ ଏପର୍ଯ୍ୟନ୍ତ ଏହି ଟେଷ୍ଟ ମ୍ୟାଚର ପ୍ରଥମ ଇନିଂସରେ ଇଂଲଣ୍ଡ ବିପକ୍ଷରେ କେବଳ ଗୋଟିଏ ୱିକେଟ୍ ନେଇପାରିଛନ୍ତି। ସାରା ଇନିଂସରେ ତାଙ୍କୁ ନିଜର ଲୟ ଖୋଜିବାରେ ସଂଘର୍ଷ କରୁଥିବା ଦେଖାଯାଇଥିଲା। ଏହି ସମୟ ମଧ୍ୟରେ ସେ ସମ୍ପୂର୍ଣ୍ଣ ଫିଟ୍ ଦେଖାଯାଉ ନଥିଲେ। ଯେଉଁ କାରଣରୁ ସେ ଫୁଲ୍ ଫର୍ମରେ ବୋଲିଂ କରିପାରୁ ନାହାଁନ୍ତି। ପୂର୍ବତନ କ୍ରିକେଟର ମହମ୍ମଦ କୈଫ୍ ତାଙ୍କ ବିଷୟରେ ଏକ ଆଶ୍ଚର୍ଯ୍ୟଜନକ ଦାବି କରିଛନ୍ତି। କୈଫ୍ କହିଛନ୍ତି, ନ୍ତମୁଁ ଭାବୁଛି ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ଜସପ୍ରିତ ବୁମରାହ ଆଗାମୀ ଟେଷ୍ଟ ମ୍ୟାଚ୍‌ରେ ଖେଳୁଥିବାର ନଜର ଆସିବେନି। ସେ ଖୁବ୍ ?ଶୀଘ୍ର ଅବସର ମଧ୍ୟ ନେଇପାରନ୍ତି। କାରଣ ସେ ଏବେ ଆଘାତ ସହିତ ସଂଘର୍ଷ କରୁଛନ୍ତି। ସେଥିପାଇଁ ତାଙ୍କୁ ତାଙ୍କ ଲୟରେ ଦେଖାଯାଉନାହିଁ। ବୁମରାହ ଭାରି ସ୍ୱାଧୀନ ଚିନ୍ତା ମଣିଷ। ସେ ଭାବନ୍ତି ଯଦି ଏଫର୍ଟ ଫୁଲ୍ ନଥାଏ, ବା ସେ ତାଙ୍କର ଶତ ପ୍ରତିଶତ ଦେଇନପାରନ୍ତି। ତେବେ ଟିମ୍ ମ୍ୟାଚ୍ ଜିତିପାରିବେ ନାହିଁ। ଆଉ ଏପରି ହେବାକୁ ସେ ଦେବନି। ସେ ନିଜେ ଖେଳିବାକୁ ମନା କରିବେ, ମୁଁ ଭାବୁଛି। ପ୍ରଶଂସକମାନଙ୍କୁ ତାଙ୍କ ବିନା ଟେଷ୍ଟ କ୍ରିକେଟ୍ ଦେଖିବାକୁ ଅଭ୍ୟସ୍ତ ହେବାକୁ ପଡ଼ିବ। କୈଫ୍ ଆହୁରି କହିଛନ୍ତି ଯେ ମୁଁ ପ୍ରାର୍ଥନା କରୁଛି ଯେ ମୋର ଅନ୍ତତଃ ମୋ ଭାବନା ଭୁଲ ହେଉ। ବୁମରାହ ଭବିଷ୍ୟତରେ ମଧ୍ୟ ଟେଷ୍ଟ କ୍ରିକେଟ୍ ଖେଳିବାର ଦେଖାଯାଉ। କିନ୍ତୁ ସେ ଏହି ସମୟରେ ଟେଷ୍ଟ କ୍ରିକେଟ୍ ଉପଭୋଗ କରୁନାହାଁନ୍ତି, ତାଙ୍କ ଶରୀର ହାରିଯାଉଥିବାର ଦେଖାଯାଉଛି। ଜସପ୍ରିତ ବୁମରାହ ଏହି ଟେଷ୍ଟ ସିରିଜରେ ଏପର୍ଯ୍ୟନ୍ତ ୧୩ ୱିକେଟ୍ ନେଇଛନ୍ତି। କିନ୍ତୁ ସେ ମାଞ୍ଚେଷ୍ଟର ଟେଷ୍ଟ ମ୍ୟାଚ୍ ରେ ଆଦୌ ଲୟରେ ଦେଖାଯାଉନାହାଁନ୍ତି।

## ଏସିଆ କପ୍ ଟୁର୍ଣ୍ଣାମେଣ୍ଟ

# ସେପ୍ଟେମ୍ବର ୧୪ରେ ଭାରତ-ପାକିସ୍ତାନ ଟକ୍କର



ନୂଆଦିଲ୍ଲୀ: ଆସନ୍ତା ସେପ୍ଟେମ୍ବର ୧୪ରେ ଏସିଆ କପରେ ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ। ଏସିଆ କପ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ୧୪ ତାରିଖରେ ଖେଳାଯିବ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ମୁକାବିଲା। ଏହି ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ଲଢ଼େଇ ଦେଖିବାକୁ ମିଳିବ। ଆଇସିସି ଚାମ୍ପିୟନ୍ସ ଟ୍ରଫି ପରେ ଦୁଇ ଦେଶ ପରସ୍ପର ବିରୋଧରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ସେହିପରି ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଭାରତ-ପାକିସ୍ତାନ କୌଣସି କ୍ରିକେଟ ମ୍ୟାଚ୍ ଖେଳିବେ। ଏସିଆ କପ ସେପଟ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ଫାଇନାଲ ସେପ୍ଟେମ୍ବର ୨୮ରେ ଖେଳାଯିବ। ଭାରତ ଏସିଆ କପ ଆୟୋଜନ କରୁଛି। କିନ୍ତୁ ଭାରତ ବଦଳରେ ଏସିଆ କପ ୨୦୨୫ ଟି-୨୦ ଫର୍ମାଟରେ ୟୁଏଇରେ ଖେଳାଯିବ। ଏସିଆ କପ ୨୦୨୫ର ସମସ୍ତ ମ୍ୟାଚ୍ ଦୁବାଇ ଓ ଅବୁଧାବିରେ ଖେଳାଯିବ। ଭାରତ ଯଦିଓ ଏସିଆ କପର ହୋଷ୍ଟ, କିନ୍ତୁ ମ୍ୟାଚ୍ ଗୁଡ଼ିକ ବିସିସିଆଇ ନିରପେକ୍ଷ ଭେନ୍ୟୁରେ ଆୟୋଜନ କରିବ। ଏସିଆ କପ ଏଥର ଟି-୨୦ ଫର୍ମାଟରେ ଖେଳାଯିବ। ଭାରତ ସମେତ ମୋଟ ୮ଟି ଟିମ ଏଥିରେ ଭାଗ ନେବେ। ଭାରତ ବ୍ୟତୀତ ଶ୍ରୀଲଙ୍କା, ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶ, ହଂକଂ, ୟୁଏଇ ଓ ଓମାନ ଏସିଆ କପ ୨୦୨୫ରେ ନଜର ଆସିବେ। ଭାରତ ଓ ପାକିସ୍ତାନ ସମାନ ଗ୍ରୁପରେ ରହିଛନ୍ତି। ଏହାର ଅର୍ଥ ଦୁଇ ଦଳ ମଧ୍ୟରେ ୩ ଥର ଲଢ଼େଇ ହେବାର ସମ୍ଭାବନା ରହିଛି। ଲିଗ ଷ୍ଟେଜ, ସୁପର ୪ ଓ ଫାଇନାଲରେ ଦୁଇ ଦଳର ଟକ୍କର ଦେଖିବାକୁ ମିଳିପାରେ। କିନ୍ତୁ ସବୁ କିଛି ଯୋଗ୍ୟତା ଅର୍ଜନ ଉପରେ ନିର୍ଭର କରୁଛି।


**OFFICE OF THE EXECUTIVE ENGINEER PLANNING AND INVESTIGATION DIVISION ROAD CONSTRUCTION DEPARTMENT (RCD),RANCHI**
NirupanBhawan, 3rd Floor,Room No. 401, 56-Set, Doranda, Ranchi-834002

e-Procurement ( Short Tender Notice )
Letter of Invitation (LOI) No.-14/2025-26
2nd Call
e-Tender Ref No:–RCD/PID/RANCHI/14/2025-26
Date:-24.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Land Acquisition Proposal, Detailed Resettlement and Rehabilitation Proposal & Detailed Forest Diversion Proposal for Reconstruction of Road from Pansa to Haidernagar Road (Under CRIF) (Tentative length-7.505Km) in the State of Jharkhand. *Only Empanelled consultant with RCD under category-I vide letter No. 3063(S) WE Dated 22.08.2022 are allowed to bid. |
| 2 | Tentative Length | 7.505 Km |
| 3 | Period of Completion of Work | 30 Days |
| 4 | Cost of Tender documents& Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 28.07.2025,05:30 PM |
| 7 | Online Last Date/Time of Bid Submission | 11.08.2025, 12:00 NOON |
| 8 | Date and Time of Bid opening | 12.08.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 356326 Road (25-26)_D |

Note:- Only e-Tender shall be accepted. Further details can be seen on e procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.

PR.NO.358194 Road(25-26):D


# ସଚିନଙ୍କ ପଛରେ ପହଞ୍ଚିଲେ ଜୋ ରୁଟ୍



ମାଞ୍ଚେଷ୍ଟର: ମାଞ୍ଚେଷ୍ଟର୍ ଟେଷ୍ଟ୍ ସହିତ ତେନ୍ଦୁଲକର-ଆଣ୍ଡରସନ୍ ଟ୍ରଫି ଶୃଙ୍ଖଳାକୁ ନିଜ ନିୟନ୍ତ୍ରଣରେ ରଖିଛି ଇଂଲଣ୍ଡ। ଜୋ ରୁଟ୍ ଭାରତୀୟ ବୋଲରଙ୍କୁ ରଗଡ଼ିବା ସହିତ ଭାରତର ସମ୍ଭାବନାର ମୂଳ ଓପାଡ଼ି ଦେଇଛନ୍ତି। ଭାରତ ବିପକ୍ଷରେ ରେକର୍ଡ ଦ୍ୱାଦଶ ଶତକ ସହିତ ରୁଟ୍ (୧୫୦ ରନ୍) ଇଂଲଣ୍ଡକୁ ପ୍ରଥମ ପାଳିରେ ବିଶାଳ ଅଗ୍ରଣୀ ଦେଇଛନ୍ତି। ଭାରତର ୩୫୮ ରନ୍ ଜବାବରେ ଘରୋଇ ଦଳ ତୃତୀୟ ଦିନ ଷ୍ଟମ୍ପ ସୁଦ୍ଧା ୭ ୱିକେଟ୍‌ରେ ୫୪୪ ରନ୍ ସଂଗ୍ରହ କରି ୧୮୬ ରନ୍‌ର ନିର୍ଣ୍ଣାୟକ ଅଗ୍ରଣୀ ନେଇଛି। ରିଟାୟାର୍ଡ ହର୍ଟ୍‌ରୁ ଫେରି ବେନ୍ ଷ୍ଟୋକ୍ସ ୭୭ ରନ୍‌ରେ ଅପରାଜିତ ରହିଛନ୍ତି। ଶୁକ୍ରବାର ଇଂଲଣ୍ଡ ତୃତୀୟ ଦିନର ଖେଳକୁ ୨୨୫/୨ରୁ ଆରମ୍ଭ କରିଥିଲା। ଭାରତୀୟ ବୋଲରମାନେ ମଧ୍ୟାହ୍ନ ଭୋଜନ ପୂର୍ବରୁ ଗୋଟିଏ ବି ୱିକେଟ୍ ଦଖଲରେ ସକ୍ଷମ ହୋଇ ନଥିଲେ। ରନ୍ ଆଉଟ୍ ସୁଯୋଗ ଛାଡ଼ିବା ଏବଂ କ୍ୟାଚ୍ ହାତଛଡ଼ା କରିବା ଭଳି କିଛି ଦୁର୍ଭାଗ୍ୟ ବି ଭାରତ ସାଥିରେ ରହିଥିଲା। ଓଲି ପୋପ୍ (୭୧) ଏବଂ ରୁଟ୍ ତୃତୀୟ ୱିକେଟ୍ ପାଇଁ ୧୪୪ ରନ୍ ଯୋଡ଼ିଥିଲେ। ଭୋଜନ ବିରତି ପରେ ଭାରତ ଦ୍ୱିତୀୟ ନୂଆ ବଲ୍ ନେବା ସତ୍ତ୍ୱେ କୌଣସି ଦ୍ରୁତ ବୋଲର ପ୍ରଭାବୀ ରହି ନଥିଲେ। ବୁମ୍ରା ଓ ସିରାଜ ପ୍ରଥମରୁ ୱିକେଟ୍ ନପାଇବା ଇଂଲଣ୍ଡକୁ ଆଧିପତ୍ୟ ବିସ୍ତାର ସୁଯୋଗ ଦେଇଥିଲା। ଚା'ପାନ ବିରତି ପୂର୍ବରୁ ଓ ପରେ ଭାରତୀୟ ବୋଲର ଅବଶ୍ୟ ୨ ଲେଖାଏଁ ୱିକେଟ୍ ଅକ୍ତିଆର କରି ଟିକିଏ ସାନ୍ତ୍ୱନା ଆଣିଥିଲେ। କିନ୍ତୁ ଇଂଲଣ୍ଡ ଅଗ୍ରଣୀ ସେତେବେଳକୁ ୧୫୦ ଅତିକ୍ରମ କରିସାରିଥିଲା। ଇଂଲଣ୍ଡର ପ୍ରଥମ ୩ ଜଣ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ରୁଟ୍‌ଙ୍କ ରୁଟ୍ ଅତି ଗଭୀରକୁ ଚାଲିଯାଇଥିଲା। ଅଧିନାୟକ ବେନ୍ ଷ୍ଟୋକ୍ସ ରିଟାୟର୍ଡ ହର୍ଟ ହେବା ପୂର୍ବରୁ ରୁଟ୍‌ଙ୍କ ସହ ଆଉ ଏକ ଶତକୀୟ (୧୪୨) ଭାଗୀଦାରି କରିଥିଲେ। ଶେଷରେ ରୁଟ୍‌ଙ୍କୁ ବଦଳ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ଗ୍ଲୋଭସ୍‌ରେ ଧରାଇ ଜାଡ଼େଜା କିଛିଟା ଆଙ୍କୁଶ ଲଗାଇଥିଲେ। ଜାମି ସ୍ମିଥ୍‌ଙ୍କୁ ନିଜ ଏକମାତ୍ର ଶିକାର କରିଥିଲେ ବୁମ୍ରା। ସଂକ୍ଷିପ୍ତ ସ୍କୋର: ଭାରତ ପ୍ରଥମ ପାଳି: ୩୫୮ (ସାଇ ସୁଦର୍ଶନ-୬୧, ଯଶସ୍ୱୀ ଜୟସ୍ୱାଲ-୫୮, ଋଷଭ ପନ୍ତ-୫୪, ବେନ୍ ଷ୍ଟୋକ୍ସ-୫/୭୨, ଜୋଫ୍ରା ଆର୍ଚର-୩/୭୩)। ଇଂଲଣ୍ଡ ପ୍ରଥମ ପାଳି: ୧୩୫ ଓଭରରେ ୫୪୪/୭ (ଜୋ ରୁଟ୍-୧୫୦, ବେନ୍ ଡକେଟ୍-୯୪, ଜ୍ୟାକ୍ କ୍ରଲି-୮୪, ବେନ୍ ଷ୍ଟୋକ୍ସ-୭୭, ଓଲି ପୋପ୍-୭୧, ଲିଆମ୍ ଡ'ସନ-୨୧, ୱାସିଂଟନ୍ ସୁନ୍ଦର-୨/୫୭, ରବୀନ୍ଦ୍ର ଜାଡ଼େଜା-୨/୧୧୭, ଅଂଶୁଲ କମ୍ବୋଜ-୧/୮୯, ଯଶପ୍ରୀତ୍ ବୁମ୍ରା-୧/୯୫, ମହମ୍ମଦ ସିରାଜ-୧/୧୧୩)। ଯୋସେଫ୍ ଏଡୱାର୍ଡ ରୁଟ୍ ଅର୍ଥାତ୍ ଜୋ ରୁଟ୍ ଏବେ ଅଗ୍ରଣୀ ଟେଷ୍ଟ୍ ରନ୍ ସଂଗ୍ରହକାରୀ ତାଲିକାରେ ମାଷ୍ଟର୍ ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ତଳେ ପହଞ୍ଚି ଯାଇଛନ୍ତି। ସଚିନ ତାଙ୍କ ୨୦୦ ଟେଷ୍ଟ୍ ଜୀବନରେ ୧୫,୯୨୧ ରନ୍ ସହ ଶୀର୍ଷରେ ରହିଥିବା ବେଳେ ରୁଟ୍ ମାଞ୍ଚେଷ୍ଟର୍ ଟେଷ୍ଟ୍‌ରେ ଶତକୀୟ ପାଳି ସହ ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛନ୍ତି। ରୁଟ୍ ୧୫୭ ଟେଷ୍ଟ୍‌ରୁ ୧୩,୪୦୯ଓ ରନ୍ ସଂଗ୍ରହ କରିସାରିଛନ୍ତି। ରୁଟ୍ ଶୁକ୍ରବାର ତାଙ୍କ ପାଳି ଅବସରରେ ୩ ମହାନ ବ୍ୟାଟର ରାହୁଲ ଦ୍ରାବିଡ଼ (୧୬୪ ଟେଷ୍ଟ୍, ୧୩,୨୮୮ ରନ୍), ଜ୍ୟାକ୍ କାଲିସ୍ (୧୬୬ ଟେଷ୍ଟ୍, ୧୩,୨୮୯ ରନ୍) ଏବଂ ରିକି ପଣ୍ଟିଂ (୧୬୮ ଟେଷ୍ଟ୍, ୧୩,୩୭୮ ରନ୍)ଙ୍କୁ ପଛରେ ପକାଇଛନ୍ତି। ପ୍ରଥମ ପଦାର୍ପଣ କରିଥିବା ଅଂଶୁଲ କମ୍ବୋଜଙ୍କୁ ଚୌକା ମାରି ଶତକ ପୂର୍ଣ୍ଣ କରିଥିଲେ। ଯାହାକି ରୁଟ୍‌ଙ୍କ ଟେଷ୍ଟ୍ ଜୀବନର ୩୮ତମ ଏବଂ ଭାରତ ବିପକ୍ଷରେ ୧୨ତମ ଶତକ ହୋଇଥିଲା। ଭାରତ ବିପକ୍ଷରେ ଏତେ ଶତକ ବି ଅନ୍ୟ କୌଣସି ବ୍ୟାଟର୍ ହାସଲ କରିନାହାନ୍ତି। ସେ ଷ୍ଟିଭେନ୍ ସ୍ମିଥ୍ (୧୧)ଙ୍କୁ ପଛରେ ପକାଇ ଏହି ରେକର୍ଡ କରିଛନ୍ତି। ସର୍ବାଧିକ ଟେଷ୍ଟ୍ ଶତକ ତାଲିକାରେ ରୁଟ୍ ମଧ୍ୟ ଚତୁର୍ଥ ସ୍ଥାନକୁ ଉଠି କୁମାର ସାଙ୍ଗାକାରାଙ୍କ ସହ ଯୁଗ୍ମ ଭାବେ ରହିଛନ୍ତି। ଉଭୟ ୩୮ ଶତକ ମାରିଥିବା ବେଳେ ତାଙ୍କଠାରୁ ଆଗରେ ରହିଛନ୍ତି ସଚିନ ତେନ୍ଦୁଲକର (୫୧), ଜ୍ୟାକ୍ କାଲିସ୍ (୪୫) ଓ ରିକି ପଣ୍ଟିଂ (୪୧)। କେବଳ ଇଂଲଣ୍ଡରେ ରୁଟ୍ ୨୩ ଶତକ ହାସଲ କରି ଘରୋଇ ମାଟିରେ ଯୁଗ୍ମ ସର୍ବାଧିକ ଭାବେ ରିକି ପଣ୍ଟିଂ, ଜ୍ୟାକ୍ କାଲିସ ଓ ମାହେଲା ଜୟବର୍ଦ୍ଧନେଙ୍କ ସହ ମିଳିତ ଶୀର୍ଷରେ ରହିଛନ୍ତି।


**जिला परिषद कार्यालय, पूर्वी सिंहभूम, जमशेदपुर।**

ई–निविदा आमंत्रण सूचना
(Through E-Procurement Mode only – www.jharkhandtenders.gov.in)
Notice Inviting e-Tender No : ESZP/JSR/Epro- 10/2025-26

| क्र0 सं0 | कार्य का नाम | कुल प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की तिथि |
|---|---|---|---|---|---|
| 1 | बहरागोड़ा प्रखण्ड अन्तर्गत बहुलिया पंचायत के चित्रेश्वर में प्राथमिक स्वास्थ्य केन्द्र भवन का निर्माण। | 14300000.00 | 286000.00 | 10000 | 12 माह |
| 2 | धालभूमगढ़ प्रखण्ड अन्तर्गत कोकपाड़ा पंचायत के कोकपाड़ा में प्राथमिक स्वास्थ्य केन्द्र भवन का निर्माण। | 14300000.00 | 286000.00 | 10000 | 12 माह |
| 3 | घाटशिला प्रखण्ड अन्तर्गत महुलिया पंचायत के गालुडीह में प्राथमिक स्वास्थ्य केन्द्र भवन का निर्माण। | 14300000.00 | 286000.00 | 10000 | 12 माह |
| 4 | घाटशिला प्रखण्ड अन्तर्गत झांटीझरना पंचायत के झाटीझरना में प्राथमिक स्वास्थ्य केन्द्र भवन का निर्माण। | 14300000.00 | 286000.00 | 10000 | 12 माह |
| 5 | घाटशिला प्रखण्ड अन्तर्गत बड़ाखुर्शी पंचायत के खड़िया कॉलोनी में प्राथमिक स्वास्थ्य केन्द्र भवन का निर्माण। | 14300000.00 | 286000.00 | 10000 | 12 माह |
| 6 | पटमदा प्रखण्ड अन्तर्गत बांगुड़दा पंचायत के बांगुड़दा में प्राथमिक स्वास्थ्य केन्द्र भवन का निर्माण। | 14300000.00 | 286000.00 | 10000 | 12 माह |
| 7 | मुसाबनी प्रखण्ड अन्तर्गत माटीगोड़ा पंचायत के जादुगोड़ा में प्राथमिक स्वास्थ्य केन्द्र भवन का निर्माण। | 14300000.00 | 286000.00 | 10000 | 12 माह |
| 8 | चाकुलिया प्रखण्ड अन्तर्गत कुचियाशोल पंचायत के पण्ड्राशोली एवं चंदनपुर पंचायत के पुखोरिया में स्वास्थ्य उप केन्द्र भवन का निर्माण। | 11100000.00 | 222000.00 | 10000 | 12 माह |
| 9 | पटमदा प्रखण्ड अन्तर्गत बनकुचिया पंचायत के हुडूमबील एवं काशमार पंचायत के काशमार में स्वास्थ्य उप केन्द्र भवन का निर्माण। | 11100000.00 | 222000.00 | 10000 | 12 माह |
| 10 | पोटका प्रखण्ड अन्तर्गत धिरोल पंचायत के बांगो में एवं सानग्राम पंचायत के डुमुरडीहा में स्वास्थ्य उप केन्द्र भवन का निर्माण। | 11100000.00 | 222000.00 | 10000 | 12 माह |
| 11 | पोटका प्रखण्ड अन्तर्गत मानपुर पंचायत के कमलपुर एवं कोवाली पंचायत के कोवाली में स्वास्थ्य उप केन्द्र भवन का निर्माण। | 11100000.00 | 222000.00 | 10000 | 12 माह |
| 12 | पोटका प्रखण्ड अन्तर्गत पोड़ाडीहा पंचायत के पोड़ाडीहा एवं हेंसड़ा पंचायत के पोड़ातेंतला में स्वास्थ्य उप केन्द्र भवन का निर्माण। | 11100000.00 | 222000.00 | 10000 | 12 माह |

1. निविदा आमंत्रित करनेवाले पदाधिकारी का नाम :- सचिव, जिला परिषद, पूर्वी सिंहभूम, जमशेदपुर।
2. वेवसाईड पर निविदा प्रकाशन की तिथि :- 04.08.2025 को पूर्वाह्न 11:00 बजे।
3. निविदा प्राप्त करने की अंतिम तिथि :- 18.08.2025 को अपराह्न 5:00 बजे तक।
4. निविदा खोलने की तिथि एवं समय :- 21.08.2025 को अपराह्न 5:00 बजे तक।
5. ई–मेल पता :- ddcjsr01@gmail.com
6. निविदा से संबंधित जानकारी हेतु दुरभाष सं0 :- 7667632642
7. जिला परिषद, पूर्वी सिंहभूम, जमशेदपुर के अन्तर्गत समूचित श्रेणी या एक श्रेणी उपर निबंधित संवेदक ही निविदा में भाग ले सकेगें।
8. विस्तृत जानकारी वेवसाईट http://jharkhandtenders.gov.in एवं कार्य दिवस में कार्यालय अवधि में जिला परिषद, पूर्वी सिंहभूम के सूचना पट्ट पर देखा जा सकता है।

सचिव,
जिला परिशद, पूर्वी सिंहभूम, जमशेदपुर।

PR 358291 (Panchayati Raj) 25-26 (D)



## ହେଉଯେ ତୁମରି ଜୟ

✶ ନୀଳମଣି ଚାନ୍ଦ

ସମାଜରେ କେତେ କନ୍ୟା- କଳିକା
ଅଚିରେ ଯାଆନ୍ତି ଝଡ଼ି
ଆଉ କିଏ ଦୁଃଖ ତୁଷାରପାତରେ
ଯାଉଥାନ୍ତି ନିତି ସଢ଼ି।
କାହା ନୟନର କୋଣରୁ ଝରଇ
ଅବିରତ ଲୁହ ଧାର
ଜହ୍ନ ପରିକା କିଏ ମାଖିଥାଏ
କଳଙ୍କର ଛିଟା, ଗାର ।

ଅଭାବଟି ନାହିଁ ଦୁଃଶାସନର
ଆମ ସମାଜରେ ଆଜି
ଲାଗଇ ସରସ ସୁନ୍ଦର ଜୀବନ
ଗଡ଼ ପଡ଼ିଅଛି ଭାଜି ।

ସେ ବିଶ୍ୱବନ୍ଦିନୀ,ପ୍ରଶଂସାରେ ଆଜି
ହୁଏନାହିଁ ଶତମୁଖ
ଗାର୍ଗୀ ,ଆପୋଲୋ, ସୀତା, ପାଞ୍ଚାଳୀର
ଦିନଟି ହୋଇଛି ଗତ ।

କେଉଁ ଦିନ ଆଉ ଉଠିବ ନାହିଁଟି
ଏଇ ଦୁଃଖର ଢେଉ
ଆମେ ତ କହିବା ତୁମେ ଚିରବନ୍ଦ୍ୟ
ତୁମରି ଜୟଟି ହେଉ ।

*ମନ୍ତମାନୋର,ଗୋଠପାଟଣା*
*ଭୁବନେଶ୍ୱର*
*ମୋ:୯୫୮୩୨୦୨୩୫୭*

# ଗରିବ ମଣିଷ



## ଶରତ ଚନ୍ଦ୍ର ବାରିକ

ବିବାହ ବାର୍ଷିକୀ ପାଇଁ ସବୁ ପ୍ରସ୍ତୁତିପର୍ବ ଚାଲିଥିଲା। ଅବିନାଶ ଓ ମୃଣ୍ମୟୀ ପ୍ରଥମ ବିବାହ ବାର୍ଷିକୀ। ଖୁବ୍ ଜାକ୍‌ଜମକ୍‌ରେ ପାଳନ ହେବ। ଢ଼େର୍ ପଇସା ଖର୍ଚ୍ଚ ହେବ। ହାଇ ଷ୍ଟାଟସ୍‌ର କଥା। ଲକ୍ଷ ଲକ୍ଷ ଟଙ୍କାର ବିଜନେସ୍ ତାଙ୍କର। ଖର୍ଚ୍ଚ ନକରିବେ କେମିତି ?

ବନ୍ଧୁବାନ୍ଧବ ପ୍ରାୟ ସବୁ ପହଞ୍ଚିଯାଇଥିଲେ। ଅବିନାଶର ଶ୍ୱଶୁର ଘର ଲୋକେ ବି ଅନେକ ସରଞ୍ଜାମ ଆଣିଥିଲେ। ଶ୍ୱଶୁର ବି ସେମିତି ଥିଲାବାଲା। ଶାଶୁ ଶ୍ୱଶୁର ଦି ଜଣ ସରକାରୀ କର୍ମଚାରୀ, କ୍ଲାସ ୱାନ୍ ଅଫିସର। ସେମାନଙ୍କର ବି କୌଣସିଥିରେ ଅଭାବ ନାହିଁ। ଅବିନାଶ ତାଙ୍କର ଗୋଟିଏ ଜ୍ୱାଇଁ। ବାହାଘର ସମୟରେ ଗୁଡାଏ ଯୌତୁକ ଦେଇଥିଲେ ଆଉ ଏ ବିବାହ ବାର୍ଷିକୀରେ ବି ମନ ଖୁସି ହେଲା ପରି ସାମଗ୍ରୀ ସବୁ ଆଣିଥିଲେ। ଅବିନାଶ ନିମନ୍ତ୍ରଣ ପତ୍ର ଛାପିଥିଲା ଓ ପ୍ରାୟ ସବୁ ବାଣ୍ଟି ସାରିଥିଲା। ଗେଷ୍ଟମାନେ ବି ସେମିତି ଧନୀକ ଶ୍ରେଣୀର। ବେଶି ସେମିତି ଟେନ୍‌ସନ ନାହିଁ। ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ବାଲାଙ୍କୁ ସବୁ ଦାୟିତ୍ୱ ଦିଆଯାଇଥିଲା। ଏ ଠୁ ଜେଡ୍ ଯାଏ ସେମାନେ ବୁଝିଦେବେ।

ତଥାପି ଅବିନାଶ ସବୁ ଟିକେ ଟିକେ ଯାଇ ତଦାରଖ କରୁଥାଏ। କାଳେ କେଉଁଠି କିଛି ଗଡବଡ ହୋଇଯିବ ଓ କିଛି ମନକୁ ନପାଇଲେ ବତେଇ ଦେଉଥାଏ- ଏଟା ଏମିତି ସଜାଅ, ସେମିତି ସଜାଅ।

ଅବିନାଶ ଶ୍ୱଶୁର ବି ମଝିରେ ମଝିରେ ଆସି ଆରେଞ୍ଜମେଣ୍ଟ ତଦାରଖ କରୁଥିଲେ। ବନ୍ଧବାନ୍ଧବ, ଛୁଆମାନେ ସବୁ ଦାମୀ ପୋଷାକ ପିନ୍ଧି ଟହଲ ମାରୁଥିଲେ।

ମୃଣ୍ମୟୀ ମଧ୍ୟ ମଝିରେ ମଝିରେ ଆସି ବୁଲିଯାଉଥିଲା ଓ ସବୁ ସାଜସଜ୍ଜା ଉତ୍ତମ ଦେଖି ସେ ଆଖି ନଚେଉଥିଲା ବାରମ୍ବାର, ସବୁ ବ୍ୟବସ୍ଥା ଠିକ୍ ଠାକ ଦେଖି ସେ ବି ଆହ୍ଲାଦିତ ହେଉଥିଲା।

ସନ୍ଧ୍ୟାରେ ଉଜ୍ଜ୍ୱଳ ଓ ରଙ୍ଗୀନ ଆଲୋକରେ ଘର ବାହାର ଝଲସିଲା। ରାତି ପାହିଲେ ବିବାହ ବାର୍ଷିକୀ। ଅବିନାଶ ରୋଷେଇଆଙ୍କୁ ଜଣେଇଦେଲା- ଏ ଶୁଣ, ଦିନ ବାରଟା ସୁଦ୍ଧା ଖାଦ୍ୟ ରେଡି କରିବ।

ରୋଷେଇଆ କହିଲେ- ଆଜ୍ଞା, ତା ପାଇଁ ଆଣ ଚିନ୍ତା କରନ୍ତୁ ନାହିଁ, ଠିକ୍ ସମୟରେ ସବୁ ପ୍ରସ୍ତୁତି ହୋଇଯିବ।

ମୃଣ୍ମୟୀ ସବୁ ଦେଖିସାରି ସନ୍ଧ୍ୟାବେଳକୁ ହଠାତ୍ ଡାକିଲା ଅବିନାଶକୁ। ସବୁ ବଡ ବଡ ଲୋକଙ୍କୁ ନିମନ୍ତ୍ରଣ କଲ। ମାତ୍ର ଆମେ ସାଧାରଣ ଲୋକଙ୍କୁ ଡାକିନାହାନ୍ତି।

'ମାନେ' କ'ଣ କହିବାକୁ ଚାହୁଁଛ ତୁମେ ?' ଅବିନାଶ କହିଲା ଉତ୍ସୁକତାର ସହ।

'ହଁ' ଯେଉଁମାନେ ଅଭାବୀ , ଦି ଓଳି ଭଲ ଗଣ୍ଡେ ଖାଇବାକୁ ପାଆନ୍ତି ନାହିଁ, ସେମାନେ ବିବାହ ବାର୍ଷିକୀରେ ଗଣ୍ଡେ ଏଠୁ ଖାଇକି ଗଲେ, ତାଙ୍କ ମୁହଁରେ ଆନନ୍ଦ ଉକୁଟିବ। ଯାହାକୁ ନିମନ୍ତ୍ରଣ କରିଛନ୍ତି ସେମାନଙ୍କର ତ ଅଭାବ ନାହିଁ, ସେମାନେ ଖାଇବାକୁ ପାଉଛନ୍ତି, ବିଳାସ ବ୍ୟସନରେ ମାତିଛନ୍ତି, ମାତ୍ର ଅଭାବୀ ଲୋକ ଖାଇଲେ, ତାଙ୍କ ହୃଦୟରୁ ଆମ ପ୍ରତି ଆଶୀର୍ବାଦ ଆସିବ'।

'ତା ହେଲେ କାହାକୁ ଡାକିବା ? ଅବିନାଶ କହିଲା।

'ଆମ କଲୋନୀରେ କାମ କରୁଛନ୍ତି, ଦଶବାର ଜଣ କାମବାଲୀ, ସମସ୍ତଙ୍କୁ ଡାକ, ଗଣ୍ଡେ ଗଣ୍ଡେ ଖାଇକି ଯିବେ, ମୃଣ୍ମୟୀ କହିଲା।

ଅବିନାଶ ଭଲ କି ଚିନ୍ତା କଲା ଓ ମୃଣ୍ମୟୀର କଥାକୁ କାଟିଦେଲା- ' ଏ ବିବାହ ବାର୍ଷିକୀରେ ଅନେକ ଭଦ୍ର ଓ ସମ୍ଭ୍ରାନ୍ତ ବଂଶର ଲୋକେ ରହିବେ। ଟାଇ, କୋଟ, ବ୍ଲେଜର ପିନ୍ଧା ଲୋକ ଆସିବେ। ତା' ଭିତରେ ମଳିମୁଣ୍ଡିଆ ଲୋକ ପଶି ଭୋଜି ଭାତ ଖାଇଲେ ଆମର ସମ୍ମାନ ରହିବ ନାହିଁ।'

ମୃଣ୍ମୟୀ ଅବିନାଶର କଥା ଶୁଣି ହତଚକିତ ହେଲା। ଅବିନାଶର ଏ ପ୍ରକାର ମନ୍ତବ୍ୟ ଶୁଣି ସେ ନୀରବ ହେଲା।

ଭୋଜି, ଭାତ ବିବାହ ବାର୍ଷିକୀ ପର୍ବ ସରିଲା। ଇଭେଣ୍ଟ ମ୍ୟାନେଜମେଣ୍ଟ, ରୋଷେଇଆ ଓ ଅନ୍ୟମାନେ ତାଙ୍କ ଦାୟିତ୍ୱ ଠିକ୍ ଭାବେ ନିଭେଇଥିଲେ।

ସମସ୍ତଙ୍କ ମୁହଁରେ ଅବିନାଶର ଭୋଜିଭାତର ପ୍ରଶଂସା, ସୁନ୍ଦର ସାଜସଜ୍ଜାର ପ୍ରଶଂସା। ଓଃ, ଏମିତି ଆମେ ପୂର୍ବରୁ କେଉଁଠୁ ଦେଖିନଥିଲୁ, ଏତେ ସୁସ୍ୱାଦୁ, ଭଳି କି ଭଳି, ହରେକ ରକମର ଆଇଟମ ଖାଇନଥିଲୁ। ଅବିନାଶ ତାହା ଶୁଣି ତା' ମନ କୁଣ୍ଢେମୋଟ ହୋଇଯାଉଥିଲା।

ସେଦିନ ସବୁ କାମଦାମ ସାରି ଅତିଥି ଅଭ୍ୟାଗତମାନଙ୍କର ବିଦାୟ କରି ଶୋଉ ଶୋଉ ଢ଼େର ରାତି ହୋଇଗଲା। ତା' ପରଦିନ ଡେରିରେ ନିଦ ଭାଙ୍ଗିଲା। ନିଦରୁ ଉଠିବା ପରେ ଅବିନାଶ ଆଗରେ ଦେଖାଦେଲା ଗୋଟେ ସମସ୍ୟା, ତା' ହେଲା ଘର



ପରିବେଶ ସବୁ ନାସନା ହୋଇକି ପଡିଥିଲା। ଜିନିଷପତ୍ର ଏଣେତେଣେ ଅବିନ୍ୟସ୍ତ ଭାବେ ପଡିଥିଲା। ଅନେକ ଅଇଁଠା ଡିସ୍କ ଥିଲା। ସେଗୁଡାକ ମାଜି ସଫା କରିବାକୁ ପଡିବ। ମାତ୍ର ଲୋକ କାହାନ୍ତି ସଫା କରିବାକୁ। କିଏ ସଫା କରିବ ?

ଏତିକି ବେଳେ ଅବିନାଶର କାମବାଲୀମାନଙ୍କ କଥା ମନେପଡିଲା, ସେମାନେ ସଫା କରିପାରିବେ, ମାତ୍ର ତାଙ୍କୁ ତ ଡକା ହୋଇନି ଭୋଜିକୁ, ମନେ ପଡୁଥିଲା ମୃଣ୍ମୟୀର କଥା, ସେଇ ମଳିମୁଣ୍ଡିଆ ଲୋକଙ୍କର ଆବଶ୍ୟକତାକୁ ଏବେ ପ୍ରବଳ ଭାବେ ଅନୁଭବ କଲା ଅବିନାଶ।

ମୃଣ୍ମୟୀ କହିଲା- ଦେଖିଲ ମୁଁ କହୁଥିଲି ସେତେବେଳେ ତାଙ୍କୁ ଭୋଜିରେ ଡାକି ଦେଇଥିଲେ କ'ଣ ହୋଇଥାଆନ୍ତା ? ଏବେ ଡାକିଲେ ସେମାନଙ୍କ ପାଖରେ ତୁମେ ଛୋଟ ହୋଇଯିବ, ସେମାନେ ଭାବିବେ ଭୋଜି ପରେ ଏଇ ଅଇଁଠା ବାସନ ମାଜିବାକୁ ଡାକୁଛନ୍ତି ଆମକୁ, ଏତେବେଳେ ଆମ କଥା ମନେପଡିଲା ?

ଅବିନାଶ ମନେ ମନେ ପଶ୍ଚାତ୍ତାପ କରୁଥିଲା। ଅନନ୍ୟୋପାୟ ହୋଇ ଭାବିଲା ସେଇ ଗରିବ ମଳିମୁଣ୍ଡିଆଙ୍କ ପାଖରେ ଯାଇ ଶରଣ ପଶିବ।

ମୁଖାବନିତ କରି ପଡ଼ୋଶୀ ଘରର କାମବାଲୀ ପାଖରେ ଯାଇ ନତମତସ୍କ ହୋଇ ନିଜ ସମସ୍ୟା ଜଣେଇଲା। କାମବାଲୀ କହିଲା- 'ହଁ' ବାବୁ, ମୁଁ ଯିବି, କାଲି ଭୋଜି ଭାତ ଭଲରେ ସରିଲା ନା ବାବୁ, ଚିନ୍ତା କରନାହିଁ, ମୋର ଆଉ ଜଣେ ନାନୀ ତାଙ୍କ ଘରେ ବି କାମ କରୁଛନ୍ତି, ତାଙ୍କୁ ଡାକିନେବି, ଦି ଜଣ ମିଶି ସଫା କରିଦେବୁ। କାମବାଲୀର କଥା ଶୁଣି ଅବିନାଶ ଖୁସି ହୋଇଗଲା। ସତେ' ବା ତା' ପାଖରେ କୃତ୍ୟକୃତ୍ୟ ହୋଇଗଲା।

କହିବା ବାହୁଲ୍ୟ ଯେ, ଯଥା ସମୟରେ ସେଇ କାମବାଲୀ ମଳିମୁଣ୍ଡିଆ ସ୍ତ୍ରୀ ଲୋକ ଦି ଜଣ ଯାଇ ସବୁ ସଫା କଲେ। ହାଣ୍ଡି ବାସନ ମାଜି ଦେଇ ଆସିଲେ। ଅବିନାଶ ଅବଶ୍ୟ, ତାଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରିଥିଲା।

କାମ ସରିବା ପରେ ଅବିନାଶ ଯେ ବଡ ସମସ୍ୟାରୁ ମୁକୁଳିବ ଏହା ସେ ଅନୁଭବ କରିପାରୁଥିଲା।

ଗଲା ସମୟରେ ସେ କାମବାଲୀଙ୍କ ସାମନାରେ ନିଜ ମୁଣ୍ଡ ନୁଆଁଇ ଠିଆ ହେବା, ଅନୁତାପାନଳରେ ତା ପାଟିରୁ ଆଉ ଉଁ କି ଚୁଁ ଶବ୍ଦଟେ ସ୍ଫୁରୁନଥିଲା।

ସେଦିନ କାମବାଲୀଙ୍କ ମନ୍ୟତାକୁ ପଢ଼ିଥିଲା ଅବିନାଶ, ତାକୁ ଲାଗିଥିଲା ସେମାନେ ମଳିମୁଣ୍ଡିଆ ଗରିବ ନୁହଁନ୍ତି, ହୃଦୟରେ ସେମାନେ ଯେମିତି ଧନୀ ଓ ମହାନ୍ ହୋଇଯାଇଛନ୍ତି।

*ଫକୀରପୁର, କେନ୍ଦୁଝର*
*ମୋ-୯୯୩୭୮୮୫୧୭୫*

## କବିତା ଗୁଚ୍ଛ

### ଚାହେଁ ଜୀବନରୁ ମୁକ୍ତି

✶ ରାକେଶ ପଣ୍ଡା

ଲଢ଼ିହୁଏ ଜୀବନର
ସବୁ ପରିସ୍ଥିତି ସହ
ହେଉ ଅନାଟନ ଆର୍ଥିକ
ଅବା ଖାଦ୍ୟ ଉତ୍କଟ,
ଦେହ ଅସୁସ୍ଥତା
କି ମନ ଅସ୍ଥିରତା,
ଚାପ ରୋଜଗାର, ବୃତ୍ତିଗତ
ଅବା ଶାରୀରିକ କ୍ଷତ !

ହେଲେ ହାରିଯାଏ ମନ
ଯେବେ ନିଜର ହୁଏ ବଇରୀ,
ଓଠରେ ସ୍ମିତ ହସ
ଅନ୍ତରେ କପଟ ଧରି,
ଆପଣାର ଲୋକଟା
ପ୍ରତାରଣା ଅଶୀ ଭୁଷେ ଲୁଚିଲୁଚି,
ତ୍ୟାଗ, ସମର୍ପଣ ପରେ ବି
ଲାଞ୍ଛନା, ଅତ୍ୟାଚାର ଦିଏ ବିଞ୍ଚି !

ସେଠି ମନ ଖାଲି ହାରେନାହିଁ,
ମରିମରି ବଞ୍ଚିରହେ ପ୍ରତିକ୍ଷଣ
ପତ୍ର ଝଡ଼ା ଦିଏ ଅଦିନେ
ଜୀବନ ସାଜେ ପର୍ଣ୍ଣମୋଚୀ ,
ନିଃଶ୍ୱାସ ଚାଲୁଥିବା ଶରୀରଟା
ସମୟର ସ୍ରୋତରେ ନଭାଷି
ପଡ଼ି ରହେ କାଠ ଗଣ୍ଡି ହୋଇ,
ସବୁ ପ୍ରାପ୍ତି, କୃତି ପାଦେ ଆଡେଇ
ଆତ୍ମା ଚାହେଁ ଜୀବନରୁ ମୁକ୍ତି !

*ବନ୍ଦାଳୋ, ଟାଙ୍ଗୀ, କଟକ*
*ମୋ-୯୩୩୭୮୯୭୬୫୦*

### 'ଏଇଟା କ'ଣ ସତ' ?

✶ମସିର୍ ଆଲାମ୍

ଧନୀ ଚିହ୍ନଟ କରିବନି ବେଶ ଭୂଷାରୁ
ଭଲ କଥା କହି ଜାଣିଲେ ହବ କଥା ସୁନ୍ଦର,
ଭଲ ଲେଖି ପାରୁଥିଲେ ହବ ଚିଠି ସୁନ୍ଦର ।
ବେଣୀ ବାନ୍ଧି ଜାଣି ଥିଲେ ମଥା ସୁନ୍ଦର,
ବିକି ଜାଣିଲେ ଭେଣ୍ଡି ସୁନ୍ଦର।
ଏ ଦୁନିଆରେ ଲୋକ ହେଉଛନ୍ତି ଦେଖା ସୁନ୍ଦର,
ତାଙ୍କ ଭିତର ହୋଇଛି ନନ୍ଦର ପନ୍ଦର
ବିନା ପୂଜାରୀରେ ମନ୍ଦିରେ ବାଜିଲାଣି ଘଣ୍ଟି ?
ଅଣ୍ଟି ଛୁରୀ ଏଠି କାଟିଲାଣି ତଣ୍ଟି ।
ମନୁଷ୍ୟ ଜୀବନ ପାଇଛେ ଅତି ସୁନ୍ଦର,
କର ନାହିଁ ଆଉ ତୋର ମୋର ।
ମରୀଚିକା ନୁହେଁ ହୋଇଛି ଖରା,
କଳା ମାଙ୍କଡଟି ଆଉ ନ ଦେବ ଧରା ।
ମରୀଚିକା ପଛେ ନ ଯାଅ ଧାଇଁ,
ଅକାଳ ପବନେ ବୋହିଲାଣ ସାଇଁ ସାଇଁ ।
ଗୁରୁଜନ ବଡଙ୍କୁ ନଦେବା ସମ୍ମାନ,
କେଉଁଠି ନା କେଉଁଠି ହୋଇବ ଅପମାନ
କାଉ ରଡୁଛି କା'କା'କା ,
ସିଆଳ ପରି ଅନେଇଥା
କୋଇଲି ରାବୁଛି କୁ' କୁ' କୁ ,
ତୁ ନୁହେଁ ତ ମୁଁ ।
ପାହୁଲେ ପାହୁଲେ ଚାଲେ ହାତୀ
ଏଠି ହଜିଯାଇଛି ରୀତି ଆଉ ନୀତି
ବିଜ୍ଞ ଲୋକେ ବସିଛନ୍ତି ଅନଭିଜ୍ଞ ହୋଇ,
ଅପାଠୁଆ କହୁଛି ପାଠୁଆ ମୁହିଁ
ବର୍ତ୍ତମାନ ଯୁଗରେ ମାଠିଆ ହୋଇଛି ଖପରା,
କଳିଯୁଗ ପରା ବାବା କଳିଯୁଗ ପରା ।
ଏଇଟା 'କ'ଣ ସତ'କହି ମୁହଁ ଖୋଲିଲି,
ଯାହା ଯୁଗରେ ଚାଲିଛି ତାହା ମୁହିଁ ଲେଖି ଦେଲି

*ବଡ଼ଚଣା, ଯାଜପୁର*

### ଓଢ଼ଣା ତଳର ଦେବୀ

✶ ଭାସ୍କର ବାରିକ୍

ଦେବୀ ଅଗଣାରୁ ବାହାରି ଆସିଲେ
ପବନ ବି ମୋ ହାତ ଛାଡିଦେବ ,
ଯେତେ ବୟସ ବଢିଲେ ବି
ତୋ ଗଛଡାଳରେ ଝୁଲୁଥାଏଁ ମୁଁ
ପଛେ ଦୁଃଖ ଫୁଲୁଥାଉ ବତୁରାମାଟିରେ ।
ଦାମୀ ଗହଣା କି ଶାଢୀ ଖୋଜିନୁ କେବେ
ଅଭିମାନର ଚିତ୍ର ଆଙ୍କିନୁ ପଣତରେ
ଓଢଣା ଖସେଇନୁ ଆଚରଣରେ
ନିନ୍ଦା ମିଳେଇଯାଇଛି ତୋ ମହତଟାଣରେ ,
ପିଲାପିଲିଙ୍କୁ ଶୁଣେଇନୁ ଅଭାବର ତାନପୁରା
ମାଆ ଲୋ , ତୁ ନିଦାଘନଈର ଧାରା ।
ତୋ ଓପାସ ରହିବା କେହି ଜାଣନ୍ତିନି ଘରେ
ତୋ ଆଶା କଅଁଳିବା ସକାଳ ବି ଜାଣିପାରେ
ଜଂଜାଳ ତୋତେ କଷିଛି ପେଶିଛି ସତ
ଛେକିପାରିନି କବାଟ ,
ମାଟିରୁ ଆକାଶ ଭୂ ରୁ ଭୂମା
ତୋ ଉପସ୍ଥିତି ଓ ଅସ୍ତିତ୍ୱର ବିସ୍ତାର
ସରଗ ଠୁଁ ବି ଗରିଆନ ତୋ ମହିମା
ତୁ ସାତ ଦରିଆର ସମାହାର
ତୋ ବକ୍ଷରେ ଅମୃତର ଝର
ହୃଦୟରେ ଅନବରତ ବହୁଥାଏ
ଭିନ୍ନ ଏକ ପବିତ୍ର ଗଙ୍ଗାର ଧାର ।
ତୁ ତ୍ୟାଗ ଶକ୍ତି ବିଶାଳତାର
ଏକ ଅମୂଲ୍ୟ ଅଭିଧାନ
ସ୍ନେହ ମମତା ଭଲପାଇବାର
ଏକ ଅଲିଖିତ ସମ୍ବିଧାନ
ମୁଁ ବା କିଏ ଯିଏ ତୋତେ
ବର୍ଣ୍ଣନା କରି ପାରିବ
ସାହାରା ନେଇ କେଇଟା ଶବ୍ଦର ।
ତୋ ପାକଳ ବୟସରେ - ମୁଁ ଅଛି ଆହୁରି
ନିକଟରେ
ତୁ ମନଖୋଲି କହୁନୁ କାହିଁକି ?
ମୋ ବ୍ୟସ୍ତତା ତୋତେ ଘାରୁଛି ଯେ' -
ତୋ ପାଳନଦାୟିତ୍ୱ ସରିନି କି ?
ମୁଁ ପା ସମର୍ଥ ହେଲିଣି
ତୁ ଆଖି ଫିଟେଇଥିବା ମୋ ଅତୀତର
ପାଠଶାଳା
ମୁଁ ତୋତେ ଅନେଇଥିବା ସକାଳକଅଁଳ ଖରା ,
ମନମାରି ବସିବୁନି ଟି ଜମା
ମୋ ହୃଦବନ୍ଧନୀରେ ଭୂକମ୍ପ ଆସିପାରେ ।

*ବାସୁଦେବପୁର, ଭଦ୍ରକ*
*ମୋ- ୯୪୩୭୩୨୦୩୫୦*

### ମୋବାଇଲ

✶ କିରଣବାଳା ସ୍ୱାଇଁ

କହ ମୋବାଇଲ କି କୁହୁକ ବଳେ
ଲୋକଙ୍କୁ କଲୁ ତୁ ଗ୍ରାସ
ତୋ ପଛରେ ପଡି ପିଲା ଠାରୁ ବୁଢା
ହୁଅନ୍ତି ସଭିଏଁ ନାଶ ॥
ସକାଳରୁ ବିଳମ୍ବିତ ରାତି ଯାଏଁ
ଦେଖୁଥାନ୍ତି ତୋତେ ବସି
ୟୁ ଟ୍ୟୁବ୍, ଫେସବୁକ ଦେଖୁ ଦେଖୁ
ହେଉଥାନ୍ତି ଭାରି ଖୁସି ॥
ଛାତ୍ରଛାତ୍ରୀଙ୍କର ଗୁରୁ ଲୋଡା ନାହିଁ
ଅଛୁ ଯଦି ତୁହି ପାଶେ
ତୋର ମାଧ୍ୟମରେ ନୀରିହ ଜନତା
ସାଇବର ଜାଲେ ଫସେ ॥
ସବୁ ନିଶାଦ୍ରବ୍ୟ ଠାରୁ ତୋର ନିଶା
ଜଗତେ ଯାଇଛି ବଳି
କେତେ ପିଲା ଆତ୍ମହତ୍ୟା କରୁଛନ୍ତି
ଦେହେ ତୋର ଗେମ୍ ଖେଳି ॥
ଯେତେ ତୁ ବିକାଶ କରୁଛୁ ସମାଜେ
ଅଧିକ କରୁ ବିନାଶ
ତୋ ପ୍ରେମରେ ପଡି ମାନବ ସମାଜ
ଆପେ ହେଉଅଛି ଧ୍ୱଂସ ॥

*ଅବସରପ୍ରାପ୍ତ ଶିକ୍ଷୟିତ୍ରୀ*

### ଝର ଝର ଝରେ ବରଷା ଝର

✶ ଜଗଦୀଶ ସାହୁ

ଝର ଝର ଝରେ ବରଷା ଝର
ଖଦ ଖଦ ଚାଲେ ପାଣି
ତର ତର ହୋଇ ଚାଲିଛି ବୁବୁ
ପାଦର ପାହୁଣ୍ଡ ଗଣି ।
ରାଗେ ଗରଗର କହିଲେ ଜେଜେ
ପାଠକୁ କରୁଛୁ ଢିଲା
ଘିରି ଘିରି ହୋଇ ବୁଲୁଛୁ କେତେ
ଏତିକି ବକଟେ ପିଲା ।
ଓଦା ସରସର କରୁଛୁ ଦେହ
ନ ମାନି କାହାର ବୋଲ
କାଶ ଥଣ୍ଡା ଜ୍ୱର ଧରିବ ଯେବେ
ନିଜେ ହେବୁ କଲବଲ।
ଡାକତରଖାନା ଗଲେ ଡାକ୍ତର
ଲେଖି ଦେବେ ଚରଚର
ଛୁଞ୍ଚି ଫୋଡ଼ା ହେବ ଦେହରେ ତୋର
ହେବୁ କେତେ ହରବର ।
ଜେଜେ କଥା ଶୁଣି ଡରିଲା ସାଇ
ଭୟ ଆସିଲା ତା'ମନେ
କାନ ଧରି କାନ୍ଦି କହିଲା ଦୁଷ୍ଟ
ହେବି ନାହିଁ ଆଉ ଦିନେ।

*ସଂଜପଡା, ହିନ୍ଦୋଳ ଢେଙ୍କାନାଳ*
*ମୋ :-୯୦୭୮୧୮୫୬୧୬*

### ଧାରା ଶ୍ରାବଣ

✶ସୁହଂସ ଭୋଇ

କଳାମେଘ ଗୋଟି ଗରଜି ଉଠୁଛି
ବହେ ଶ୍ରାବଣର ଧାରା
ଗାଆଁ ମରୁଭୂମି ବିଲବାଡି ଜମି
ଭିଜି ତ ଗଲାଣି ଧରା ।
ଆକାଶର ଦେହେ ଘୁରୁଛି ବାଦଲ
ବିଜୁଳି ମାରୁଛି ରହି
ଦୂରରୁ ଶୁଭୁଛି ଘଡଘଡି ରଡ଼ି
ଆଲୁଅର ଦେଖା ନାହିଁ
ଦିନରାତି ସବୁ ଲାଗେ ଏକାପରି
ଲୁଚିଲେଣି ଜହ୍ନ ତାରା ।
ଧାନ କିଆରୀଟି ପାଣିରେ ଖେଳୁଛି
ଦଉଛି କଅଁଳ ହସା
ସକାଳରୁ ଥରେ ସଞ୍ଜକୁ ଘଡିଏ
ବିଲକୁ ଧାଉଁଛି ଚଷା
ବେଙ୍ଗୁଲୀ ନାନୀର ମନ ପରସନ
ଗୀତଗାଏ ରାତି ସାରା ।
ଘରେ ଅଛି ଯେତେ ନାନାଜାତି ଚାରା
ଆସ ଦେବା ଆମେ ବୁଣି
ଚାହୁଁ ଚାହୁଁ ବୀଜ ହୋଇବ ସେ ଗଛ
ପାଇଲେ ବରଷା ପାଣି
ବଡ ହେଲେ ଦେବ ସୁଶୀତଳ ଛାଇ
ଛାଡ଼ି ପଳେଇବ ଖରା ।

*ପହଣ୍ଡି,ବିଜେପୁର, ବରଗଡ*
*ମୋ- ୯୪୩୭୫୨୨୪୫୫*

### ଲୁହଭିଜା ଚିଠି

✶ପ୍ରଶାନ୍ତ କୁମାର ଦାଶ

ତୁମେ ଲେଖିଥିବା ଚିଠି ପଢୁ ପଢୁ
ଖସିଲା ଆଖିରୁ ଲୁହ
ଅତୀତ କାହାଣୀ ମନେ ପଡିଗଲା
ଶୁଖିଗଲା ଏଇ ମୁହଁ ।।

ଲୁହରେ ଭିଜିଲା ତୁମ ହାତଲେଖା
ପ୍ରେମ ପ୍ରୀତିଭରା ଚିଠି
ନୀରବ ନିଶିଥେ ହେଲାନାହିଁ ନିଦ
କେତେଯେ ଯନ୍ତ୍ରଣା ଏଠି ।।

ତୁମକଥା ଭାବି ନାଚେ ତୁମ ଛବି
ଆଖି ଦୁଇଟିରେ ମୋର
ପ୍ରଣୟିଭୋର କାହାଣୀକୁ ଝୁରି
ଝରିଯାଏ ଲୁହଧାର ।।

ସମୟଟା କେତେ ନିଷ୍ଠୁର ସାଜିକି
ଆମକୁ ଅଲଗା କଲା
ଜହ୍ନ ହସି ହସି ଆକାଶ ଛାତିରେ
ନିରାଶେ ମଉଳିଗଲା ।।

କାଲିର ସମ୍ପର୍କ ଆଜି ବଦଳିଲା
ସୁଖଗଲା ଦୂରେ ହଜି
ମଉଳି ଲୋଟିଲା ସଜଫୁଟା ଫୁଲ
ସୂରୁଜକୁ ଖୋଜି ଖୋଜି ।।

ଜହ୍ନ ଫେରିଗଲେ ଯେମିତି ନିରାଶ
ହୁଅଇ ଲାଜେଇ କଇଁ
ସେମିତି ଝୁରେ ମୁଁ ତୁମକୁ ନୀରବେ
ଅତୁଟ ସମ୍ପର୍କ ପାଇଁ ।।

ଅଧାଲୁହ ଭିଜା ଚିଠିକୁ ତୁମର
ତଥାପି ରଖିଚି ପାଖେ
ତୁମ ପ୍ରେମ ପ୍ରୀତି ମିଠା ମିଠା ଗୀତି
ମତେ ହାତଠାରି ଡାକେ ।।

*କୁଞ୍ଜର, ସଙ୍ଗଳାଇ*
*ପିପିଲି ,ପୁରୀ*
*ମୋ-୯୬୬୮୮୨୨୧୯୦*

### ମୁଁ କିଏ ?

✶ ସଦାଶିବ ବିଶ୍ୱାଳ

କର୍ମନିବୃତ୍ତି ପରେ,
କାମ୍ ନାହିଁ, ଉତ୍ତରଦାୟୀତ୍ୱ ନାହିଁ
ନାହିଁ ସମୟ ସାରଣୀ
ଖାଲି ଅଛି ନିରବୀ ଯାଇଥିବା ଘର
ନୀରବତା ଆପଣେଇ
ଶେଷରେ ମୁଁ ନିଜକୁ
ସେଇଠି ଆବିଷ୍କାର କରେ

ମୁଁ କିଏ ?
ଯିଏ ତିଆରି କଲା ଘରବାଡ଼ି,
ଗଢିଲା ବାଗବଗିଚା,
ଛୋଟ ବଡ଼ ବ୍ୟବସାୟରେ ନିବେଶ କଲା
ଆଉ ଏବେ,
ନିଜକୁ ବାନ୍ଧି ବସିଛି ଚାରି କାନ୍ଥ ମଧ୍ୟେ

ସାଇକେଲରୁ ମୋପେଡ,
ବାଇକଠୁ କାର,
ଗତି ପଛେ ଗୋଡେଇଲି
କିନ୍ତୁ ଏବେ, ଧୀରେ ଧୀରେ ଚାଲେ
ଏକୁଟିଆ, ମୋ କୋଠରି ଭିତରେ

ସମାଜ ହସେ ଆଉ ପଚାରେ,
ତୁମେ କିଏ ବନ୍ଧୁ !
ମୁଁ ଉତ୍ତର ଦିଏ,
ମୁଁ... ଖାଲି ମୁଁ

କେବେ ମୁଁ ପାଳୁଥିଲି ଜନ୍ମଦିନ,
ବିବାହ ବାର୍ଷିକୀ ମହା ଆଡମ୍ବରରେ
କିନ୍ତୁ ଏବେ, ପଇସା ଗଣେ ବସି ସଉଦା,
ପନିପରିବା କିଣିବାକୁ ଯାଇ ବଜାରେ

କେବେ ମୁଁ କୁକୁର,
ଗାଈଙ୍କୁ ଖାଇବାକୁ ଦେଉଥିଲି
ମୋର ବଳିଥିବା ଖାଦ୍ୟ
ଏବେ, ସଂଘର୍ଷ କରେ
ଯୋଗାଡିବାକୁ ନିଜ ଖାଦ୍ୟ

ସମାଜ ପୁଣି ହସେ ଆଉ ପଚାରେ,
ତୁମେ କିଏ ବନ୍ଧୁ !
ମୁଁ ଉତ୍ତର ଦିଏ,
ମୁଁ... ଖାଲି ମୁଁ

ସମାଜ ଧୀରେ ହସେ,
ପୁଣି ପଚାରେ, ତୁମେ କିଏ ବନ୍ଧୁ !
ଏବେ ମୁଁ ଉତ୍ତର ଦିଏ :

ହେ ପ୍ରକୃତି,
ମୁଁ ତୁମେ ଆଉ ତୁମେ ମୁଁ
କେବେ ଆକାଶରେ ଉଡୁଥିଲି,
ଏବେ ଭୂଇଁ ଚାଟି ପଡିଛି
କ୍ଷମାକର ମୋତେ....
ଆଉ ଗୋଟେ ସୁଯୋଗ ଦିଅ ବଞ୍ଚିବାକୁ
ଗୋଟେ ଟଙ୍କାଯନ୍ତ୍ର ଭାବେ ନୁହେଁ,
ଖାଲି ପ୍ରକୃତ ମଣିଷଟିଏ ପରି
ମୂଲ୍ୟବୋଧ ଥାଇ,
ଭଲ ପାଉଥିବା ସମାଜଟିଏ ପାଇଁ

*ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ*
*ମୋହନଦାସ ଏନ କ୍ଲେଭ*
*ଖଣ୍ଡଗିରି, ଭୁବନେଶ୍ୱର*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରବୋଧ ପଟ୍ଟନାୟକ**
Chief Editor: Pradosh Pattanaik



କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ବ୍ଲକ ବିଳାସପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ଶିକ୍ଷାବର୍ଷର ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଚିକା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମେହେର ଉଦଘାଟନ କରିଥିଲେ। ଜନତା ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ମାନସ ରଞ୍ଜନ ସାହୁ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଉଦବୋଧନ ଦେଇଥିଲେ। କମିଟିର ସଭାପତି ନୀଳାମ୍ବର ଖମାରୀ, ଉପସଭାପତି ପ୍ରଫୁଲ୍ଲ ଖମାରୀ, ସହ ସମ୍ପାଦକ ବିଜୟ ମେହେର ଓ ସଭ୍ୟସଭ୍ୟା ସହିତ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାଙ୍କ ସହ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଉକ୍ତ ବିଜ୍ଞାନ ମେଳାରେ ୧୦୦ଜଣ ଛାତ୍ରଛାତ୍ରୀ ଯୋଗଦେଇ ତାଙ୍କର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# କାଗଜ କଲମରେ ହେଉଛି ଚାଷ






କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ଅନେକ ଅଞ୍ଚଳ ଗୁଡ଼ିକରେ ବିଭିନ୍ନ ଧରଣର ଚାଷକାର୍ଯ୍ୟ କରି ସାଧାରଣତଃ ଅନେକ ଚାଷୀ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଚେଷ୍ଟା କରନ୍ତି। ସେଥିପାଇଁ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା ବିଭିନ୍ନ ଜିଲ୍ଲା ଓ ବ୍ଲକ ଗୁଡ଼ିକରେ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ଖୋଲା ଯାଇ ଚାଷୀମାନଙ୍କୁ ବିଭିନ୍ନ ଚାଷ ସଠିକ୍ ଢଙ୍ଗରେ କରିବା ପାଇଁ ପ୍ରସିକ୍ଷଣ ସହ ଛୋଟଛୋଟ ଗଛ ମଧ୍ୟ ଯୋଗାଇ ଦିଆଯାଇ ଥାଏ। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ନିକଟରେ ମଧ୍ୟ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ଦ୍ୱାରା ବିଭିନ୍ନ ଉଦ୍ୟାନ କୃଷି ପାଇଁ ଛୋଟ ଚାରାଗଛ ଯୋଗାଇ ଦିଆ ଯାଇ ସରକାରୀ ଯୋଜନା ଦ୍ୱାରା ଚାଷ କାର୍ଯ୍ୟ ପାଇଁ ରିହାତି ସବସିଡ ଜରିଆରେ ଦିଆଯାଏ। ତେବେ ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ଆମ୍ବ ଚାଷ ପାଇଁ ଏହି ଉଦ୍ୟାନ କୃଷି ବିଭାଗ ତରଫରୁ ଆର୍ଥିକବର୍ଷ ୨୦୨୨-୨୩ରେ ପ୍ରଥମ ପର୍ଯ୍ୟାୟ ରେ ୪୦୦ ଆମ୍ବ ଗଛ ୩୦୬୦୦ ସବସିଡ, ଦ୍ୱିତୀୟ ପର୍ଯ୍ୟାୟରେ ୬୦୦ ଆମ୍ବ ଗଛ ୪୫୯୦୦, ତୃତୀୟ ପର୍ଯ୍ୟାୟରେ ୨୦୦ଆମ୍ବ ଗଛ ୧୫୩୦୦ ସବସିଡ, ଚତୁର୍ଥ ପର୍ଯ୍ୟାୟରେ ୪୦୦ ଆମ୍ବ ଗଛ ୩୦୬୦୦ସବସିଡି, ପଞ୍ଚମ ପର୍ଯ୍ୟାୟରେ ୩୦୦ ଆମ୍ବଗଛ ୨୨୯୫୦ ସବସୀଡ, ଷଷ୍ଠ ପ୍ରର୍ଯ୍ୟାୟରେ ୬୦୦ ଆମ୍ବ ଗଛ ୪୫୯୦୦ ସବସିଡ ସପ୍ତମ ପର୍ଯ୍ୟାୟ ରେ ୩୦୦ ଆମ୍ବ ଗଛ ୨୨୯୫୦ ସବସିଡ ଓ ଆର୍ଥିକ ବର୍ଷର ଅଷ୍ଟମ ପର୍ଯ୍ୟାୟରେ ୪୦୦ ଆମ୍ବ ଗଛ ୩୦, ୬୦୦୦ ସବସିଡ ଚାଷୀଙ୍କୁ ପ୍ରଦାନ କରାଯାଇଛି ଏବଂ ଆର୍ଥିକ ବର୍ଷ ୨୦୨୪-୨୫ ରେ ମଧ୍ୟ ୩୦୧୦୦ଟି ଆମ୍ବ ଗଛ ଦିଆଯାଇଛି। ପିଜୁଳି ଚାଷ କରିବା ପାଇଁ ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କୁ ଆର୍ଥିକ ବର୍ଷ ୨୦୨୩-୨୪ ରେ ୨୭୭୯ ପିଜୁଳି ଗଛ ଦିଆଯାଇଥିବା ବେଳେ ୧୧୫୦୦୦ ସବସିଡ ପ୍ରଦାନ କରାଯାଇ ଅଛି। ଚାଷ କାର୍ଯ୍ୟ ପାଇଁ ଆମ୍ବ ଗଛ ଓ ଗୁଆ ଗଛ ନେଇଥିବା କିଛି ଚାଷୀଙ୍କୁ ଚାଷ କାର୍ଯ୍ୟ କିପରି ହୋଇଥିବା ପଚାରି ବାରୁ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଅନେକ ଦାୟିତ୍ୱ ହିନ ତୃଟି ସେମାନେ ବଖାଣି ଥିଲେ। ସୂଚନା ଅଧିକାର ଆଇନ ଦ୍ୱାରା ମିଳିଥିବା ତଥ୍ୟ ଓ ଚାଷୀଙ୍କ କଥା ଭିତରେ ଅନେକ ତଫାତ ଦେଖିବାକୁ ମିଳିଛି ଯେଉଁ ଚାଷୀ ଯେତିକି ଗଛ ନେଇଛନ୍ତି ତାଙ୍କୁ ସେତିକି ଗଛ ବାବଦକୁ ଦେଇଥିବା ଅର୍ଥ ରାଶିର କୌଣସି ରସିଦ ଦିଆଯାଇ ନଥିଲା। ଉନ୍ନତ ମାନ ର ଆମ୍ବ ଓ ପିଜୁଳି ଗଛ ନଥିବାରୁ ଚାଷୀମାନେ ନିରାଶ ହୋଇଥିବା କହିଛନ୍ତି। ବାସ୍ତବିକତାକୁ ଦେଖିବାକୁ ଗଲେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବଗିଚା ଏବେ ଜଙ୍ଗଲ ମୟ ଓ ଏହି ଜଙ୍ଗଲ ବଗିଚାରେ ହାତ ଗଣତି କିଛିଟା ଆମ୍ବ ଗଛ। ବିଭିନ୍ନ ପ୍ରଦର୍ଶନୀ ମେଳାରେ ସୁନ୍ଦର ସୁନ୍ଦର ଗଛ ଦେଖାଇ ପୁରସ୍କୃତ ହେଉଥିବା ଏହି ବିଭାଗର ପରିଚାଳନା କିନ୍ତୁ ଭିନ୍ନ। ତେବେ ଏହି ବିଭାଗରେ ଘଟୁଥିବା ବିଭିନ୍ନପ୍ରକାର ଚାଷ ଜନିତ ସମସ୍ୟାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ନଦେଲେ କିଛି ଦିନ ଭିତରେ ବିଭିନ୍ନ ଉଦ୍ୟାନ କୃଷୀ କେନ୍ଦ୍ରାପଡ଼ାରୁ ଲୋପ ପାଇଯିବ ବୋଲି ଏହି କାର୍ଯ୍ୟାଳୟରୁ ଚାଷ ପାଇଁ ଗଛ ନେଇଥିବା ଚାଷୀ ପ୍ରକାଶ କରିଛନ୍ତି। ସରକାରଙ୍କ କୃଷୀ ବିଭାଗ ଦ୍ୱାରା ଚାଷୀଙ୍କ ପାଇଁ କରାଯାଉଥିବା ଯୋଜନାଗୁଡ଼ିକରେ ଅନେକ ଯୁବଚାଷୀ ମାନେ ଉପକୃତ ହୋଇପାରୁଥିବାରୁ ଓଡିଶା ବାହାରେ ଦାଦନ ଖଟିବାକୁ ବାଧ ହୋଇଛନ୍ତି।

# ବନ୍ୟା ମୁକାବିଲାର ସମୀକ୍ଷା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗରରେ ବନ୍ୟାସ୍ଥିତିର ସମୀକ୍ଷା କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଅପରାହ୍ଣରେ ମନ୍ତ୍ରୀ ସିଧା ଭୁବନେଶ୍ୱରରୁ ଆସି ଯାଜପୁରରେ ପହଞ୍ଚିଥିଲେ। ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରଣବ କୁମାର ନାୟକ ଏବଂ ଯାଜପୁର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁରସ୍ଥିତ ମଲ୍ଲିମାହାରା ଏସକେପ୍ ବୁଲି ଦେଖିଥିଲେ। ପରେପରେ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଏସକେପ୍ ଓ ପଧାନି ପଞ୍ଚାୟତର କୋଚିଲା ମୁହଁ ବୁଲି ଦେଖିଥିଲେ। ଏହାପରେ ଧୁଷୁରୀର ଧୋୟା ଅଞ୍ଚଳ ହୋଇ ଧାମନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ବନ୍ୟା ମୁକାବିଲା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବିଶେଷକରି ବନ୍ୟା ସମୟରେ ପାନୀୟ ଜଳ ଯୋଗାଣ, ରନ୍ଧା ଖାଦ୍ୟ, ଲୋକଙ୍କୁ ସ୍ଥାନାନ୍ତର କରିବା ଉପରେ ଜୋର ଦେଇଥିଲେ। ଏହାସହ ପଶୁଙ୍କ ପାଇଁ ଖାଦ୍ୟ ପଞ୍ଚାୟତ ଗୋଦାମ ଘରେ ମହଜୁଦ ରଖିବା ପାଇଁ ବ୍ଲକ ପ୍ରଶାସନର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେହିପରି ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍ ଓ ଦମକଳ ବାହିନୀଙ୍କୁ ସଜାଗ ରହିବା ଲାଗି କୁହାଯାଇଛି। ଅର୍ଜୁନପୁର, ପଧାନି, ସୋହଡ଼ା, କରଦା, ଖଡ଼ିପଦା ଓ ଆନନ୍ଦପୁର ଏବଂ ଧୁଷୁରୀ, ହସନାବାଦ, ନଦୀଗାଁ ଆଦି ଅଞ୍ଚଳକୁ ବର୍ତ୍ତମାନ ପାଇଁ ଫୋକସ କରିବାକୁ ମନ୍ତ୍ରୀ କହିଛନ୍ତି। କୌଣସି ପରିସ୍ଥିତିରେ ବି ଲୋକେ ଯେମିତି ସମସ୍ୟାରେ ନ ପଡ଼ନ୍ତି, ତାହାକୁ ପ୍ରାଥମିକତା ଦେବାକୁ ମନ୍ତ୍ରୀ ଭଦ୍ରକ ଜିଲ୍ଲାପାଳ ଓ ଏସପିଙ୍କୁ କହିଛନ୍ତି। କେବଳ ଏତିକି ନୁହଁ, ସତର୍କତା ମୂଳକ ପଦକ୍ଷେପ ନେଇ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ଉଚ୍ଚ ସ୍ଥାନରେ ଆଶ୍ରୟ ନେବାକୁ କୁହାଯାଇଛି। ସ୍କୁଲ ଘର, ବାତ୍ୟା ଆଶ୍ରୟସ୍ଥଳ ଓ ସରକାରୀ କୋଠାରେ ଅସ୍ଥାୟୀ ଭାବେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରାଇଛନ୍ତି। ଆଖୁଆପଦା ଠାରେ ବୈତରଣୀ ନଦୀର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ୧୮.୬୭ ମିଟରରେ ପ୍ରବାହିତ ହେଉଥିଲା। ଉପର ମୁଣ୍ଡରେ ଆଜି ସକାଳେ ବର୍ଷା ହୋଇଥିବାରୁ ଜଳସ୍ତର ବଢ଼ିବା ସମ୍ଭାବନା ରହିଛି। ଏଣୁ ଜଳସ୍ତର ଆଉ ୬ ଫୁଟ୍ ଉଚ୍ଚର ପାଣି ଆସିଲେ ଏସକେପ୍ ବାଟେ ଗାଁ ଭିତରକୁ ପାଣି ପଶିବ। ତେବେ ଜଳ ସଂପଦ ବିଭାଗର ଅଧିକାରୀଙ୍କ ସୂଚନା ଅନୁସାରେ ବୈତରଣୀରେ ମଧ୍ୟମ ଧରଣର ବନ୍ୟା ହେବାକୁ ଥିବାରୁ ଧାମନଗର ପ୍ରତି ବିପଦ କମ୍ ରହିଛି। କାରଣ, ଏଥର ମଲ୍ଲିମାହାରା ଓ ଗୌରାଙ୍ଗପୁର ଏସକେପକୁ ଉଚ୍ଚା କରାଯାଇଛି। ଯାହା ଫଳରେ ଛୋଟ କିମ୍ବା ମଧ୍ୟମ ଧରଣର ବନ୍ୟା ହେଲେ ଗାଁ ଭିତରକୁ ପାଣି ପଶିବ ନାହିଁ।

## ମହିଳା ଓ କିଶୋରୀଙ୍କ ଦ୍ୱାରା ହେନ୍ତାଳ ବଣ ସମ୍ପର୍କରେ ସଚେତନତା




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଜଳବାୟୁ ପରିବର୍ତ୍ତନ ପାଇଁ କିଛି ବର୍ଷ ହେବ ପ୍ରାକୃତିକ ବିପର୍ଯ୍ୟୟ (ବାତ୍ୟା, ବନ୍ୟା) ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ସହଚର ପାଲଟିଛି। ଏଥିରେ ଧନଜୀବନ ପ୍ରଭାବିତ ହେଉଛି। ଏହାର ପ୍ରକୋପରୁ ରୋକିବା ପାଇଁ ହେନ୍ତାଳ ବଣ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି। ତେଣୁ ଏହାର ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଜୁଲାଇ ୨୬କୁ ଆନ୍ତର୍ଜାତୀୟ ହେନ୍ତାଳ ବଣ ସଂରକ୍ଷଣ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଂଚାୟତରେ ଆଇଜିଏସଏସଏସ ସଂସ୍ଥା ତରଫରୁ ଦକ୍ଷିଣ ପନ୍ତାଳ, ବିରୁଡି ପନ୍ତାଳ, ବାଲିପନ୍ତାଳ ଗ୍ରାମର ଲୁଣା ଜଙ୍ଗଲ ସୁରକ୍ଷା କମିଟିର ସଭ୍ୟ,ସଭ୍ୟା ଓ ଗ୍ରାମର ମହିଳା, କିଶୋରୀ ମାନଙ୍କୁ ନେଇ ଲୁଣା ଜଙ୍ଗଲ ସୃଷ୍ଟି ଓ ଏହାର ସୁରକ୍ଷା ଉପରେ ପରିକ୍ରମା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ହେନ୍ତାଳ ବଣର ଉପସ୍ଥିତିରେ ଉପକୂଳ ଅଞ୍ଚଳ ସୁନାମି, ବାତ୍ୟା ପ୍ରତିରୋଧ କରିବା ଶହ ଉପକୂଳ ଅଞ୍ଚଳକୁ ସୁରକ୍ଷା ଯୋଗାଇଦେବାରେ ସବୁଜ ପ୍ରାଚୀର ଭାବେ ଠିଆ ହୋଇଥାଏ। ହେନ୍ତାଳ ଜଙ୍ଗଲ ଆମ ଚାରି ପାଖରେ ଭୂମି ଉପରେ ଦେଖା ଯାଉଥିବା ଗଛ ଠାରୁ ଅଧିକ ଅମ୍ଳଜାନ ଯୋଗାଇଥାଏ। ଜୈବ ବିବିଧତା ଦୃଷ୍ଟି କୋଣରୁ ହେନ୍ତାଳ ଜଙ୍ଗଲ ସମୁଦ୍ରର ଦ୍ୱିତୀୟ ଗୁରୁତ୍ୱ ପୂର୍ଣ୍ଣ ଅଙ୍ଗ। ଏହି ଲୁଣା ଜଙ୍ଗଲ ସୁରକ୍ଷା କମିଟି ମାଧ୍ୟମରେ ୩୫ହଜାର ରୁ ଅଧିକ ବୃକ୍ଷ ନଦୀ ବନ୍ଧ ଠାରେ ରୋପଣ କରାଯାଇଛି। ଏହା ଶହ ଶନିବାର ହେନ୍ତାଳ ବୃକ୍ଷ ମଧ୍ୟ ରୋପଣ ହୋଇଛି।

## ବୃକ୍ଷରୋପଣ ଓ ସଚେତନାତା କାର୍ଯ୍ୟକ୍ରମ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ବିଶ୍ୱର ଅଗ୍ରଣୀ ସେଚ୍ଛାସେବୀ ଅନୁଷ୍ଠାନ ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତ ଜମାଲପୁର ବିଶ୍ୱନାଥ ଏକାଡେମୀ ଓ ଆରଆରପୁର ପ୍ରିୟନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଭାପତି ସୁବୀର କୁମାର ସେନାପତି ସମ୍ପାଦକ ଅଂଶୁମାନ ରାଉତ, ପ୍ରାକ୍ତନ ସଭାପତି ପ୍ରଫୁଲ୍ଲ କୁମାର ଦାସ, କ୍ଲବ ସର୍ଭିସ ପ୍ରୋଜେକ୍ଟ ଅଧ୍ୟକ୍ଷ ପ୍ରାକ୍ତନ ସଭାପତି ସୁବ୍ରତ କୁମାର ରଣା, ତାରାପଦ ମହାନ୍ତି, ନିତ୍ୟଗୋପାଳ ଦାସ, ଲେଲିନ କୁମାର ପ୍ରଧାନ, ବିକାଶ କୁମାର ଧର, ସୁରେଶ କୁମାର ଦାସ, ଡା.ଦିପ୍ତିମୟୀ ମହାପାତ୍ର, ଲକ୍ଷ୍ମୀଧର ହାସଁଦା, କ୍ଲବ ପରିବେଶ ଅଧ୍ୟକ୍ଷ ସତ୍ୟବ୍ରତ ଜେନା, ପ୍ରମୁଖ ଛାତ୍ର ଛାତ୍ରୀଙ୍କୁ ବୃକ୍ଷରୋପଣର ଉପକାରିତା ସଂପର୍କରେ ସଚେତନତା ବାର୍ତ୍ତା ବାଣ୍ଟି ଥିଲେ। ବିଶ୍ୱନାଥ ଏକାଡେମୀ ପରିସରରେ ୬୬ ଟି ଔଷଧୀୟ, ଫୁଲ ଓ ଫଳଚାରା ଏବଂ ପ୍ରିୟନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ୧୧ ଟି ଫଳ ଚାରା ରୋପଣ କରାଯାଇଥିଲା। ଏଥିରେ ଦୁଇଟି ଯାକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## କୃଷି ଉତ୍ପାଦକଙ୍କ ନାମରେ ଟଙ୍କା ହଡ଼ପ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦୀପାଞ୍ଚଳରେ ଏକ ବରୁଆ ପଂଚାୟତ ଏକ ବରୁଆ ଗ୍ରାମରେ ଜଗନ୍ନାଥ ଦୀପାଞ୍ଚଳ କୃଷି ଉତ୍ପାଦକ କମ୍ପାନୀ ଲିମିଟେଡ଼ କାର୍ଯ୍ୟାଳୟ ଖୋଲାଯାଇଛି। ଏହାର ରେଜିଷ୍ଟ୍ରେସନ ସିଠାଳ କରାଯାଇଥିବା ବେଳେ ଚଞ୍ଚକତା କରାଯାଇ ଏହାକୁ ଏକ ବରୁଆ ରେ ଖୋଲା ଯାଇଛି। ଏହି ସଂସ୍ଥାରେ ନିଜର ବନ୍ଧୁ ବାନ୍ଧବ ସମ୍ପର୍କୀୟଙ୍କୁ ରଖାଯାଇ ଚାଷୀଙ୍କ ଟଙ୍କା ନେଣ ଦେନା କୁ ଅନିୟମିତତା କରାଯାଇଛି। ଏହି ସଂସ୍ଥା ବି ଦୀର୍ଘଦିନ ହେଲା ଖୋଲା ଯାଉନଥିବା ବେଳେ ଘର ଭଡା ବାବଦରେ ଟଙ୍କା କଟାଯାଉଥିବା ଅଭିଯୋଗ ହୋଇଛି। ଏହି ସଂସ୍ଥା ଦାୟିତ୍ୱରେ ଥିବା ନିଆଳି ଅଞ୍ଚଳର ଜଣେ ବ୍ୟକ୍ତି ମୋଟା ଅଙ୍କର ଅର୍ଥ ହରିଲୁଟ କରି ବିରାଟ ଅଟାଳିକା ବନାଇଛନ୍ତି। ଏହି ସଂସ୍ଥାର ତ ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ସତ୍ୟା ସତ୍ୟ ପ୍ରକାଶ ପାଇବ ଏହି ସଂସ୍ଥାରେ କେତେ ଜଣ କର୍ମଚାରୀ ଅଛନ୍ତି, କେତେ ଦରମା ଦିଆଯାଉଛି, ଏ ସଂସ୍ଥାର ମୁଖ୍ୟ କିଏ।

# ପାଣିଘେରରେ ସରଧା ପ୍ରାଥମିକ ବିଦ୍ୟାଳୟ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପାଣି ଘେରରେ ଶରଧା ପ୍ରାଥମିକ ବିଦ୍ୟାଳୟ, ଛାତ୍ରଛାତ୍ରୀଙ୍କୁ ଭଗବାନ ଭରଷା। ଦୁଃଖ ତ ବିଦ୍ୟାଳୟର ଭାଗ୍ୟରେ ଲେଖା, ବିଦ୍ୟାଳୟ ଗେଟରେ ବର୍ଷକ ୧୨ମାସ ପାଣି ଜମୀ ରହିଥାଏ ପୁଣି ଦାଉ ସାଜିଲା କାଳ ବୈଶାଖୀ ଏଥିରେ ଛପର ଉଡ଼ିଲା ଯେ ଆଜିପର୍ଯ୍ୟନ୍ତ ମରାମତି ହୋଇପାରି ନାହିଁ ଏବେ ପୁଣି ବାତ୍ୟା ଇଉଫାର ତାଣ୍ଡବ ଲଗାଣ ବର୍ଷା ରେ ସ୍କୁଲ ପରିସର ଓ ବାହାର ଜଳମଗ୍ନ ହୋଇଯାଇଛି। ବ୍ଲକର ସମସ୍ତ ବିଦ୍ୟାଳୟ ଗୁଡିକ ଛାତ ଥିବା ବେଳେ ଶରଧା ପ୍ରାଥମିକ ସ୍କୁଲଟି ଅଛି ଟିଣ ଛପର। ଗ୍ରାମର ରାସ୍ତା କିଛି କଂକ୍ରିଟ ଥିବା ବେଳେ କିଛି ପିଚୁ ଅଛି ହେଲେ ଏହି ବିଦ୍ୟାଳୟରେ ନା ଛାତ ଅଛି ନା ରାସ୍ତାର ସୁବିଧା ଅଛି। ବିଦ୍ୟାଳୟ ପରିସର ରେ ମଧ୍ୟାହ୍ନ ଭୋଜନ ରୋଷେଇ ଘର ଅଛି ସତ ହେଲେ ସେ ଘର ତ ନୁହ ମରଣ ଯନ୍ତା, କୋଉ ମୂହୁର୍ତ୍ତରେ ଭୁଶୁଡ଼ିବ ଭଗବାନ ଜାଣନ୍ତି। ସ୍କୁଲ ର ଭାଗ୍ୟ ଖରାପ କାଳ ବୈଶାଖୀର କରାଳରୂପରେ ବିଦ୍ୟାଳୟରେ ଥିବା ଟିଣଛପର ସମ୍ପୂର୍ଣ ଉଡ଼ିଗଲା, ସେଇ କାଳ ବୈଶାଖୀରେ ଉଡ଼ିଥିବ। ଘର ଆଜି ପର୍ଯ୍ୟନ୍ତ ମରାମତି ହେଲା ନାହିଁ। ଏବେ ସ୍କୁଲରେ ପାଣି ଭର୍ତ୍ତି। ଏ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇସାରିଛି, ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ବି କରାଯାଇଅଛି ହେଲେ ପଦକ୍ଷେପ ଶୁନ। ତେବେ କେବେ ସୁଧୁରିବ ସରଧା ପ୍ରାଥମିକ ବିଦ୍ୟାଳୟର ଭାଗ୍ୟ ଦେଖିବାକୁ ବାକି ରହିଲା।

# ନିମ୍ନମାନର କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ବିରୋଧ



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଗୋବିନ୍ଦପୁର ଠାରୁ କୁସୁମୀ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟ ଦୀର୍ଘଦିନ ଚାଲୁ ରହିବା ଫଳରେ ସମ୍ପୂର୍ଣ ହେବାକୁ ବିଳମ୍ବ ହେଉଅଛି। ଏହାକୁ ନେଇ ଆଜି ଗ୍ରାମର ଲୋକେ ଓ ଯୁବକମାନେ ଏକାଠି ହୋଇ ଏହି ରାସ୍ତା ର କାର୍ଯ୍ୟ ନିମ୍ନ ମାନର ହେଉଥିବା ନେଇ ଅଭିଯୋଗ ଆଣିଥିଲେ। ପରେ ପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ କାର୍ଯ୍ୟ ଟିକୁ ସମ୍ପୂର୍ଣ ଭାବେ ବନ୍ଦ କରିଦେଇଥିବା ସୂଚନା ମିଳିଛି। ସୂଚନା ସୂତ୍ରରୁ ପ୍ରକାଶ ଯେ ଆଳି ବ୍ଲକ ଧୋୟା ଅଞ୍ଚଳର ପ୍ରମୁଖ ଅଞ୍ଚଳମାନଙ୍କୁ ସଂଯୋଗ କରୁଥିବା ଗୋବିନ୍ଦପୁର ଠାରୁ ଭାୟା ଗଣେଶ୍ୱରପୁର, ମଦନଗିରି ଦେଇ କୁସୁମୀ ପର୍ଯ୍ୟନ୍ତ ସାଢ଼େ ଆଠ କିମି ରାସ୍ତା ଦୀର୍ଘ ଦିନ ହେବ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣଧୀନ ହୋଇ ପଡ଼ି ରହିଛି। ୨୦୨୧ ମସିହାରେ ନିର୍ମାଣ ଆରମ୍ଭ ହୋଇଥିବା ଏହି କାର୍ଯ୍ୟର ଅବଧି ୨୦୨୨ ମସିହାରେ ସରିଯାଇ ଥିଲେ ମଧ ଆଜିଯାଏଁ ରାସ୍ତା କାର୍ଯ୍ୟ ସମ୍ପୂର୍ଣ ହୋଇ ପାରିଲା ନାହିଁ। ସରକାର ଏହି ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକାରେ ଏହି ଟଙ୍କା ଆତ୍ମସାତ ହେଉଥିବା ସାଧାରଣ ଲୋକେ ଅଭିଯୋଗ ଆଣିଛନ୍ତି। ଠିକାଦାର ଚତୁରତା ର ସହ ରାସ୍ତା ହେଉଥିବା ଉକ୍ତ ଅଞ୍ଚଳରେ ଚଞ୍ଚକତା ଦେଖାଇ ତରବରିଆ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟ ଆରମ୍ଭରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ ମଧ୍ୟ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରି ଆସୁଥିଲେ। ଯାହାକୁ ଆଜି ଗ୍ରାମବାସୀ ମାନେ ଏକାଠି ହେଉଥିବା ନିମ୍ନମାନର କାର୍ଯ୍ୟକୁ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଛି। ରାସ୍ତାର କେଉଁଠି ପତଳା ଭାଗରେ ଛିଞ୍ଚା ହୋଇ ପିଚୁ ବସିଛି ତ କେଉଁଠି ରାସ୍ତାରୁ ପିଚୁ ଫଡା ଫଡା ହେଇ ବାହାରି ଯାଉଛି। ପୁଣି କେଉଁଠି ଏକ ଇଞ୍ଚରୁ କମ ପତଳା ପିଚୁ ରେ ରାସ୍ତା ନିର୍ମାଣ ହୋଇଛି। ଯେଉଁଠି ରାସ୍ତା ନିର୍ମାଣର ଗୋଟାଏ ଦିନ ଭିତରେ ଏପରି ଅବସ୍ଥା ତେବେ ସେଠାରେ ଏହି ରାସ୍ତା କେତେ ଦିନ ରହିବ। ଯାହାର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ଅଭୟ ଜେନା, ବିଜୟ ଦାସ, ତୀର୍ଥବାସ ଦାସ, ପ୍ରଶାନ୍ତ ଦାସ, ତପନ ଦାସ, ସର୍ବେଶ୍ୱର ପରିଡ଼ା, ଆନନ୍ଦ ବେହେରା, ଉମେଶ ବେହେରା, ପରେଶ ବେହେରା, ଅରୁଣ କୁମାର ବେହେରା, ତପନ କୁମାର ଦାସ ମାନେ ପ୍ରଶ୍ନ କରିଛନ୍ତି। ଯେ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ତଥା ପ୍ରଶାସନ ଏ ଦିଗରେ ଧ୍ୟାନ ଦେଇ ଘଟଣା ସ୍ଥଳକୁ ଆସି କାର୍ଯ୍ୟ ତଦାରଖ ନ କରେ ସେ ପର୍ଯ୍ୟନ୍ତ ଗ୍ରାମ ବାସୀ ମାନେ ରାସ୍ତା କାର୍ଯ୍ୟକୁ ବନ୍ଦ କରିବେ ବୋଲି କହିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ଉପ ବିଭାଗୀୟ ଅଧିକାରୀ ସୁବାଷ ଦାସଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟା କହିଛନ୍ତି ସେ ଉକ୍ତ ଘଟଣା ସ୍ଥଳକୁ ଯାଇ ସରଜମୀନ ତଦନ୍ତ କଲା ପରେ ଯଦି ନିମ୍ନମାନର କାର୍ଯ୍ୟ ହୋଇଥାଏ ତେବେ ସେ ସମ୍ପୃକ୍ତ ଠିକାଦାରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରାସ୍ତା କାର୍ଯ୍ୟ ସଠିକ ଢଙ୍ଗରେ ହେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ।

# ବିଚାରଧୀନ ମାମଲାର ସମାଧାନ ପାଇଁ ମଧ୍ୟସ୍ଥତା ସମାଧାନ କାର୍ଯ୍ୟକ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜାତୀୟ ଆଇନସେବା ପ୍ରାଧିକରଣ (ନାଲସା)ଙ୍କ ନିର୍ଦ୍ଦେଶକ୍ରମେ ଓ ରାଜ୍ୟ ଆଇନସେବା ପ୍ରାଧିକରଣ (ସାଲସା)ଙ୍କ ଅନୁମୋଦନରେ ସାରା ଦେଶରେ ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ମଧ୍ୟସ୍ଥତା ଦ୍ୱାରା ବିଚାରଧିନ ମାମଲାର ସମାଧାନ ସହ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇ ଜୁଲାଇ ୧ ତାରିଖଠାରୁ ୯୦ ଦିନ ବ୍ୟାପି 'ମଧ୍ୟସ୍ଥତା ମାଧ୍ୟମରେ ବିଚାରଧିନ ମାମଲାର ସମାଧାନ' ଉପରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝରର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀଙ୍କ ଦ୍ୱାରା ଏହି ସମାଧାନ ଶିବିର ଜିଲ୍ଲା ଆଇନସେବା ପ୍ରାଧିକରଣ ସମେତ ତାଲୁକ ଆଇନ ସେବା ସମିତି ଆନନ୍ଦପୁର, ଚମ୍ପୁଆ, ବଡବିଲ, ତେଲକୋଇ, ଘଟଗାଁ, ହାଟଡିହୀରେ ଆୟୋଜିତ ହୋଇ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ପଦକ୍ଷେପମାନ ନିଃଶୁଳ୍କ ଭାବରେ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ନିମ୍ନଲିଖିତ ମାମଲାର ସମାଧାନ ଉପରେ ଧ୍ୟାନ ଦିଆଯିବ। ଦେଓ୍ୱାନୀ, ପାରିବାରିକ, ଫୌଜଦାରୀ ମାମଲାର ପରିସମାପ୍ତି ପାଇଁ ଆଇନଗତ ବିକଳ୍ପ ବ୍ୟବସ୍ଥା, ଉଭୟ ପକ୍ଷଙ୍କ ସହମତିରେ ବା ଅଦାଲତଙ୍କ ନିର୍ଦ୍ଦେଶରେ ବିବାଦର ସମାଧାନ, ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ସନ୍ତୋଷଜନକ ନିଷ୍ପତ୍ତି ବିକଳ୍ପ ପଦ୍ଧତି ମାଧ୍ୟମରେ ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ସେମାନଙ୍କର ପ୍ରତିନିଧିମାନେ ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ବିଶଦ ଭାବେ ଆଲୋଚନା ହୋଇପାରିବ। ଅନ୍ୟୁନ ୧୫ବର୍ଷର ଅଭିଜ୍ଞତା ସମ୍ପନ୍ନ ଆଇନଜୀବୀମାନଙ୍କୁ ମଧ୍ୟସ୍ଥତା ଭାବେ ସୁଯୋଗ ମିଳିଥାଏ ଏବଂ ଏଥିରେ ସେମାନେ ନିରପେକ୍ଷତା ଅବଲମ୍ବନ କରିଥାନ୍ତି। ମଧ୍ୟସ୍ଥତା ପ୍ରକ୍ରିୟା ସମ୍ପୂର୍ଣ୍ଣ ଗୋପନୀୟତା, ସ୍ୱଚ୍ଛ, ନମନୀୟ ଓ ଅନୌପଚାରିକ ସ୍ୱେଚ୍ଛାନୁଯାୟୀ ଅଟେ। ଏହା ସମ୍ପୂର୍ଣ୍ଣ ନିଃଶୁଳ୍କ ଓ ସରକାରଙ୍କ ତରଫରୁ ସମସ୍ତ ଖର୍ଚ୍ଚ ବହନ ହୋଇଥାଏ। ମାମଲାର ସମାଧାନ ନହୋଇ ପାରିଲେ ମାମଲାଟି ମୂଳ ବିଚାରାଳୟ (କୋର୍ଟ)କୁ ଚାଲିଯାଇଥାଏ ଏବଂ ଦାୟର ସମୟରେ ସମସ୍ତ କୋର୍ଟ ଫି ଫେରସ୍ତ ଦିଆଯାଏ। ମଧ୍ୟସ୍ଥତା ନିଜ ନିଜ ମାମଲାର ସମାଧାନ କରି ବହୁମୂଲ୍ୟ ସମୟ, ଶ୍ରମ, ଅର୍ଥ ବଞ୍ଚାଇବାକୁ ଓ ଦେଶକୁ କେଶ ରୂପକ ଦୁର୍ଗତିରୁ ରକ୍ଷା କରିବାକୁ ଜାତୀୟ, ରାଜ୍ୟ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ଜନସାଧାରଣଙ୍କୁ ନିବେଦନ କରି ଏହି ୯୦ ଦିନିଆ କାର୍ଯ୍ୟକ୍ରମର ସୁଫଳ ନେବାକୁ ଅନୁରୋଧ କରାଯାଇଛି।

# ନୂତନ ପରିଚାଳନା କମିଟି ଗଠନକୁ ନେଇ ଅସନ୍ତୋଷ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ପରିଚାଳନା କମିଟି ଗଠନକୁ ନେଇ ପୂର୍ବତନ କେତେକ କମିଟି ସଦସ୍ୟ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶନିବାର ପୂର୍ବାହ୍ନରେ ପୂର୍ବତନ କମିଟି ସଦସ୍ୟ ଓ ଅବିଭାବକମାନେ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବା ଜଣା ପଡ଼ିଛି। ନୂତନ ପରିଚାଳନା କମିଟିକୁ ବିରୋଧ କରି ପୂର୍ବତନ କମିଟି ସଦସ୍ୟ ଓ ଅବିଭାବକମାନେ ଶୁକ୍ରବାର ସ୍କୁଲର ପ୍ରଧାନ ଆଚାର୍ଯ୍ୟଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ବିବରଣୀରୁ ଜଣା ପଡ଼ିଛି ଯେ, ଅଗଷ୍ଟ ୩ତାରିଖରେ ପରିଚାଳନା କମିଟିର କାର୍ଯ୍ୟକାଳ ଅବଧି ଶେଷ ହେବାର ଥିଲା। ଇତି ପୂର୍ବରୁ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ନୂତନ କମିଟି ଗଠନ ପାଇଁ ଶିକ୍ଷା ବିକାଶ ସମିତିକୁ ଅବଗତ କରାଯାଇଥିଲା। ମାତ୍ର ନୂତନ ପରିଚାଳନା କମିଟି ଗଠନ କରାଯିବା ପୂର୍ବରୁ ପୂର୍ବତନ ପରିଚାଳନା କମିଟିର କେତେକ କର୍ମକର୍ତ୍ତା ଓ ସଦ୍ୟମାନଙ୍କୁ ସୂଚନା ଦିଆ ନଯାଇ ତରବରିଆ ଭାବେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ନୂତନ ପରିଚାଳନା କମିଟି ଗଠନ ସମ୍ପର୍କରେ ଖବର ପାଇବା ପରେ ପୂର୍ବତନ ପରିଚାଳନା କମିଟିର କେତେକ କର୍ମକର୍ତ୍ତା ଓ ସଦସ୍ୟ ଓ ଅବିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ନୂତନ କମିଟି ଗଠନକୁ ପୂର୍ବତନ କମିଟିର କର୍ମକର୍ତ୍ତା ଓ ସ୍ୱାଗତ କରିଥିବା ବେଳେ ସେମାନଙ୍କ ଅଜ୍ଞାତରେ ପରିଚାଳନା କମିଟି ଗଠନ କରାଯିବା ଯୁକ୍ତିସଂଗତ ନୁହେଁ ବୋଲି ପୂର୍ବତନ କମିଟି ସଦସ୍ୟ ଓ ଅବିଭାବକ ମାନେ ମତ ଦେଇଛନ୍ତି। ତେବେ ଏ ସମ୍ପର୍କରେ ମତାମତ ପାଇଁ ପ୍ରଧାନ ଆଚାର୍ଯ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ଚାହିଁଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ହୋଇ ପାରିନଥିଲା।

## ୭ଟି ବାକି ଥିବା ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କଲା ବିଜେପ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ୭ଟି ବାକି ରହିଯାଇଥିବା ମଣ୍ଡଳ ସଭାପତି ନାମ ଘୋଷଣା କଲା ବିଜେପି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଭଦ୍ରା ସାହି ମଣ୍ଡଳର ସଭାପତି ଭାବେ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ବଡ଼ବିଲର ପରିମଳ ଚାଟାର୍ଜି, ବାମେବାରୀର ସୁପାଇ ଟୋପନୋ,ଭଣ୍ଡାର ବୀରେନ୍ଦ୍ର କୁମାର ବେହେରା, ଢେଙ୍କିକୋଟର ରଞ୍ଜିତ କୁମାର ନାୟକ, ନରଣପୁର ରତିରଞ୍ଜନ ସାହୁ, କେନ୍ଦୁଝର ନଗର ମଣ୍ଡଳରୁ ଅସିତ ନନ୍ଦନ ମହାନ୍ତିଙ୍କୁ ନୂତନ ସଭାପତି ଭାବେ ନାମ ଘୋଷଣା କରାଯାଇଛି।

# ବରିଷ୍ଠ ନାଗରିକ ମଞ୍ଚର ତରଫରୁ କାରଗିଲ ବିଜୟ ଦିବସ ପାଳିତ

ଟାଙ୍ଗି, (ଭାସ୍କର ନ୍ୟୁଜ୍): ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ କାରଗିଲ ବିଜୟ ଦିବସ ପୂର୍ବ ସେନାନୀ ସଂଘ ଚିଲିକା ଶାଖା କୁହୁଡି ମୁଖ୍ୟ କାର୍ଯ୍ୟାଳୟ ଠାରେ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ର ସଭାର ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡ଼ା. ନିରଞ୍ଜନ ସାହୁ, ମୁଖ୍ୟ ବକ୍ତା ଅଧ୍ୟାପକ ନିରାକାରପୁର କଲେଜ ଡ. ମୃତ୍ୟୁଞ୍ଜୟ ରଥ, ଚାନ୍ଦପୁର ଥାନା ନିରୀକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ, ଏସଆଇ ଶ୍ରଦ୍ଧା ନାୟକ, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ର, ସମ୍ପାଦକ ବିଜୟ ରାଉତ, ସହସମ୍ପାଦକ ରବିନ୍ଦ୍ର କୁମାର ନାୟକ, ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ରଘୁନାଥ ସାହୁ, ବାଳକୃଷ୍ଣ ମିଶ୍ର, କୁନ୍ତଳା ସାହୁ, ମଞ୍ଜୁଲତା ଇନ୍ଦ୍ରଜିତ, ଲିଙ୍ଗରାଜ ସାହୁ, ରମେଶ ବଳବନ୍ତରାୟ, ଉମେଶ ଧଳ, ମନୋଜ ପାତ୍ର ଓ ପ୍ରଫୁଲ୍ଲ ଜେନା, ବରିଷ୍ଠ ଆଇନଜୀବୀ ମନୋଜ କୁମାର ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସମାଜ ଦେଶ ଗଢିବାରେ ନିଜକୁ ସମର୍ପଣ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ପୂର୍ବ ସେନାନୀ ସଂଘର ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ପୂର୍ବ ସେନାନୀ ସଂଘର ସଭାପତି ଶ୍ରୀବସ୍ତ ବୈରୀଗଞ୍ଜନ୍, ଉପଦେଷ୍ଟା ମନ୍ମଥ ସିଂହ, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦାଶ, ଭୁବନେଶ୍ୱର ପାଇକରାୟ, ଶ୍ୟାମ ପାଇକରାୟ, ଜଳଧର ପ୍ରଧାନ, ଜି. କେ ରାଜୁ, ଜି କାଳିଆ ପାତ୍ର ଓ ଯୋଗୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାରଗିଲରେ ସହିଦ ହୋଇଥିବା ଜୱାନମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

## ବ୍ଲକ୍‌ସ୍ତରୀୟ ସ୍ଥାୟୀ ଜୀବନଶୈଳୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ




କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ 'ସ୍ଥାୟୀ ଜୀବନଶୈଳୀ' ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତେଜେଶ୍ୱର ସାହୁ, ମଙ୍ଗୁ ଚରଣ ମୁଦୁଲି, ସଞ୍ଜୟ ନାରାୟଣ ଖଡ଼ଙ୍ଗା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକର ୨୨ ଗୋଟି ପଞ୍ଚାୟତର ୨୫ଟି ସ୍କୁଲର ୫୦ଜଣ ଛାତ୍ରଛାତ୍ରୀ ୩୬ଟି ପ୍ରକଳ୍ପ ପ୍ରଦର୍ଶନ କରିବା ସହ ଉପସ୍ଥାପନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଦେଖି ଅତିଥିମାନେ ଆନନ୍ଦ ପ୍ରକାଶ କରିଥିଲେ। ଦ୍ୱିତୀୟ ଅଧିବେଶନ ତଥା ଉଦଯାପନୀ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ସଭାପତିତ୍ୱ କରିଥିଲେ। ଏଥିରେ କୋକସରା ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ ମୁଖ୍ୟ ଅତିଥି, ଆମେରିକେନ୍ ୟୁନିଭରସିଟି କେମେଷ୍ଟ୍ରୀ ବିଭାଗର ପ୍ରଫେସର୍ ଡ଼ା. ଦିଗାମ୍ବର ପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଲଡୁଗାଁ କଲେଜ ଅଧ୍ୟକ୍ଷ ଡ଼ା. ନିହାରକାନ୍ତ ପଣ୍ଡା, ଡିଏସ୍‌ଏସ୍ ଦୁଷ୍ମନ୍ତ ପାଢ଼ୀ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରଏନଗୁଡା ଓମ୍ ତାଣ୍ଡି ଏହି ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଦ୍ୱିତୀୟ ସ୍ଥାନ ଜବାହର ଉଚ୍ଚ ବିଦ୍ୟାଳୟର ଅଙ୍କିତା ପଟ୍ଟନାୟକ ଏବଂ ତୃତୀୟ ସ୍ଥାନ ଓଡିଶା ଆଦର୍ଶ ବିଦ୍ୟାଳୟର ଅନ୍ୟା ଅଗ୍ରୱାଲ ହାସଲ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ହେମନ୍ତ ମାଝୀ, ଶିକ୍ଷୟିତ୍ରୀ ବନିତା ରାଣୀ ଦତ୍ତ, ସୀମା ରାଣୀ ସିଂ, ରଶ୍ମିତା ନିଆଲ, ଏନସିସି ଏଏନ୍‌ଓ ଅମିତ କୁମାର ମହାନ୍ତି, ଶିକ୍ଷକ ସୁନୀଲ କୁମାର ବିଷୋୟୀ, ଟଙ୍କଧର ଶବର, ଦେବାଶିଷ ସାହୁ, ତୁଳସି ରାମ ଚଳାନ, ପ୍ରତ୍ୟୁଷ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାଉଡୋଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ହାଇଟେକ୍ ପବ୍ଲିକ୍ ସ୍କୁଲ ଚାମ୍ପିଅନ






ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ସ୍ଥାନୀୟ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଓଡିଶା କ୍ରିକେଟ ଏସୋସିଏସନ୍ ପ୍ରାୟୋଜିତ ଜିଲ୍ଲାସ୍ତରୀୟ କଳାହାଣ୍ଡି ଜିଲ୍ଲା ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଅଛି। ଏହି ଉଦଯାପନୀ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା କ୍ରିକେଟ ଆସୋସିଏସନର ଉପ ସଭାପତି ଜଗମୋହନ ପଟ୍ଟନାୟକ ଏବଂ ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ ବେହେରା ଉପସ୍ଥିତ ରହି ଚାମ୍ପିଅନ ହାଇଟେକ୍ ପବ୍ଲିକ୍ ସ୍କୁଲ ଓ ରନର୍ସ ଅପ୍ ବିକାଶ ରେସିଡେନ୍ସିଆଲ୍ ସ୍କୁଲ ଦଳର ଖେଳାଳୀମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଶେଷ ଖେଳଟି ହାଇଟେକ୍ ପବ୍ଲିକ୍ ସ୍କୁଲ ବନାମ୍ ବିକାଶ ରେସିଡେନ୍ସିଆଲ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ପ୍ରଥମେ ହାଇଟେକ୍ ପବ୍ଲିକ୍ ସ୍କୁଲ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ ହରାଇ ୧୬୩ ରନ୍ କରିଥିଲେ ଓ ଏହାର ଜବାବରେ ବିକାଶ ରେସିଡେନ୍ସିଆଲ୍ ସ୍କୁଲ ୧୬.୧ ଓଭରରେ ୧୦ ଉଇକେଟ ହରାଇ ମାତ୍ର ୬୭ ରନ କରିଥିଲେ। ଫଳରେ ହାଇଟେକ୍ ପବ୍ଲିକ୍ ସ୍କୁଲ ୯୬ ରନ୍ ରେ ବିଜୟୀ ହୋଇ ଚାମ୍ପିଅନ ନନ ନିଚ ଆଖ୍ୟା ଲାଭ କରିଥିଲେ। ଆଜିର ଉଦଯାପନୀ ସମାରୋହରେ କ୍ରୀଡ଼ା ସଂସ୍ଥାର ଉପ-ସଭାପତି ରାମ କୁମାର ଜୈନ ଓ ଅର୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠି,କ୍ରିକେଟ ସଂପାଦକ ସନ୍ତସିଂ,ଫୁଟବଲ ସମ୍ପାଦକ, ମହମ୍ମଦ ଅବଦୁଲ କାଦର, କୋଷାଧ୍ୟକ୍ଷ ସରଦାର ନିର୍ମଳ ସିଂ,ଅନ୍ୟାନ୍ୟ ଖେଳ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ରବି ପ୍ରସାଦ କାନୁନଗୋ, ସୁବାଷ ଚନ୍ଦ୍ର ପଣ୍ଡା, ଭିକାରୀ ଚରଣ ମିଶ୍ର, ବିପିନ ଚନ୍ଦ୍ର ମିଶ୍ର,ଅଜୟ ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ପଙ୍କଜ କୁମାର ପଟ୍ଟନାୟକ, ପୁରନ୍ଦର ଭୋଇ, କୁଳମଣି ସାହୁ ସାହୁ,ଭବାନୀ ଶଙ୍କର ପଟ୍ଟନାୟକ, ମହେନ୍ଦ୍ର କୁମାର ପଣ୍ଡା, ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ଗଉଡ, ଅମୀୟ ସେନାପତି, ଆଶୁତୋଷ କୁମାର, ରବିଚନ୍ଦ୍ର ନାଏକ,ବିପ୍ଲବ ସିଂ, ତେଜେଶ୍ୱର ଆଚାରୀ, ତେଜେନ ଦୁର୍ଗା ଓ ଗୋଷିବା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟର ଭାବେ ଜଗଦୀପ ସିଂ ଓ ମଳୟ କୁମାର ବାଗ ଏବଂ ଡିଜିଟାଲ୍ ସ୍କୋରର ସାକ୍ଷୀ ଗୋପାଳ ପଣ୍ଡା ଓ ମାନୁଆଲ୍ ସ୍କୋରର ଭାବେ ମନୋଜ ସିଂ ଖେଳ ପରିଚାଳନା କରିଥିଲେ। ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଭାବେ ହାଇଟେକ୍ ପବ୍ଲିକ୍ ସ୍କୁଲର ବିଶ୍ୱଜିତ୍ ସେନ୍ଦ୍ରେ ପୁରସ୍କୃତ ହୋଇଥିଲେ।

## ନର୍ଲାରେ ସ୍ୱଳ୍ପ ବୃଷ୍ଟିପାତ

# ଚିନ୍ତାରେ ଚାଷୀ



ନର୍ଲା, (ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଓଡ଼ିଶାକୁ ଦଶ ଦିନ ପୂର୍ବରୁ ମୌସୁମୀ ପ୍ରବେଶ କରିଥିଲା। ସେଥିପାଇଁ ଚାଷୀଙ୍କ ଆଶା ଥିଲା ଯେ ଚଳିତ ବର୍ଷ ଭଲ ବର୍ଷା ହେବ ଓ ଚାଷ କାମ ସୁରୁଖୁରୁରେ ହେବ କିନ୍ତୁ ଆଷାଢ଼ ମାସ ଶେଷ ହୋଇ ଶ୍ରାବଣ ମାସର ପନ୍ଦର ଦିନ ଅତିକ୍ରମ କରିବାକୁ ବସିଲାଣି ହେଲେ ନର୍ଲା ଅଞ୍ଚଳରେ ବର୍ଷାର ଦେଖା ନାହିଁ। ପ୍ରତିଦିନ ବର୍ଷା ହେଉଛି କିନ୍ତୁ ତାହା ପୁଷ୍ପ ବୃଷ୍ଟି ପରି ବର୍ଷା ହେଉଥିବାରୁ ମାଟି ମଧ ଓଦା ହେଉନାହିଁ। ଧାର କରଜ କରି ଚାଷୀ ବିଲରେ ଧାନ ବୁଣିବା ସହିତ ତଳି ପକାଇ ବର୍ଷାକୁ ଅପେକ୍ଷା କରିଛି କିନ୍ତୁ ବର୍ଷା ଅଭାବରୁ ଚାଷ କାମ ଆଗେଇ ପାରୁନାହିଁ। ବିଲରେ ପାଣି ନଥିବାରୁ ବେଉଷଣ ଓ ତଳିରୁଆ କାମ ଠପ୍ ହୋଇପଡିଛି। ଯେଉଁ ଚାଷୀଙ୍କ ଜଳସେଚନ ସୁବିଧା ଅଛି ସେମାନେ କେବଳ ଚାଷ କାମ କରୁଛନ୍ତି ଅନ୍ୟ ମାନେ ମୁଣ୍ଡରେ ହାତ ମାରି ବସିଛନ୍ତି। ଆଗାମୀ ଆଠ ଦଶ ଦିନ ଭିତରେ ଯଦି ଭଲ ବର୍ଷା ନ ହୁଏ ତାହେଲେ ମରୁଡି ହେବାର ଆଶଙ୍କା ପ୍ରକାଶ କରିଛନ୍ତି ନର୍ଲା ଅଞ୍ଚଳର ଚାଷୀମାନେ।

## ଫଳକ ଅନୁଯାୟୀ ହେଉନି କାମ, ଠିକାଦାର ମାଲେମାଲ




ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ଆଦିବାସୀ ଅଧ୍ୟୁସିତ କଳାହାଣ୍ଡି ଜିଲ୍ଲାର ଆଦିବାସୀଙ୍କ ବିକାଶ ଓ ହିତ ପାଇଁ ବିପୁଳ ଅର୍ଥ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) କୁ ସରକାର ଯୋଗାଇ ଦେଉଛନ୍ତି । ଏହି ସଂସ୍ଥା ମାଧ୍ୟମରେ ଗ୍ରାମାଞ୍ଚଳର ଆଦିବାସୀମାନଙ୍କ ଗମନାଗମନ ନିମନ୍ତେ କଳାହାଣ୍ଡି ଜିଲ୍ଲା ଆଇଟିଡିଏ ଥୁଆମୁଲରାମପୁର ଭବାନୀପାଟଣା ତରଫରୁ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ପଞ୍ଚାୟତ ରେ ବିଭିନ୍ନ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଅଛି । ଗଣ୍ଡାମେର ପଞ୍ଚାୟତର ସର୍ଗିଗୁଡା ଆରଡ଼ି ରାସ୍ତା ଠାରୁ ବାମନିମରା ରାସ୍ତା ର କଂକ୍ରିଟ ସହ ଗାର୍ଡୱେଲ ନିର୍ମାଣ ପାଇଁ ରାଜ୍ୟସଭା ସାଂସଦ ପାଣ୍ଠି ରେ ୧୦ଲକ୍ଷ ଟଙ୍କା ଅଟକଳ ପରିମାଣରେ ରାସ୍ତା କାର୍ଯ୍ୟ ହୋଇଥିବା ନେଇ ସୂଚନାଫଳକରେ ଦର୍ଶାଯାଇଛି । ହେଲେ ସୂଚନା ଫଳକ ଅନୁସାରେ ରାସ୍ତା ସହ ଗାର୍ଡୱେଲ ନିର୍ମାଣ ହେବା ପରିବର୍ତ୍ତେ କେବଳ ରାସ୍ତା ନିର୍ମାଣ କରି ଏତିକି ରେ କାମ ସାରିଦେଇଛନ୍ତି । ସେହିପରି ଉକ୍ତ ପଞ୍ଚାୟତ ରେ ଆର୍ଥିକ ବର୍ଷ ୨୦୨୫-୨୬ ଅନୁସାରେ ସର୍ଗିଗୁଡା ଆରଡ଼ି ରାସ୍ତା ଠାରୁ କରାଡ଼ଙ୍ଗରି ରାସ୍ତାର କଂକ୍ରିଟ ସହ ଗାର୍ଡୱେଲ ନିର୍ମାଣ କାର୍ଯ୍ୟ ପାଇଁ ୧୦ଲକ୍ଷ ଟଙ୍କା,ସର୍ଗିଗୁଡା ଆରଡ଼ି ଛକ ଠାରୁ ବନ୍ଧପଡା ରାସ୍ତାର କଂକ୍ରିଟ କରଣ ନିମନ୍ତେ ୧୦ଲକ୍ଷ ଟଙ୍କା,ସର୍ଗିଗୁଡା ବନ୍ଧପଡା ରାସ୍ତା ଠାରୁ ସ୍କୁଲ ରାସ୍ତାର କଂକ୍ରିଟ କରଣ ନିମନ୍ତେ ୧୦ଲକ୍ଷ ଟଙ୍କା, ସର୍ଗିଗୁଡା ବନ୍ଧପଡା ରାସ୍ତା ଠାରୁ ଟେଙ୍କ ରାସ୍ତାର ଉନ୍ନତି କରଣ ନିମନ୍ତେ ୧୦ଲକ୍ଷ ଟଙ୍କା ଏଭଳି ଗୋଟିଏ ଗାଁ ରେ ଆଠ ଗୋଟି ପ୍ରକଳ୍ପ ବାବଦକୁ ୮୦ଲକ୍ଷ ଟଙ୍କା ବିନିମୟରେ କେବଳ ରାସ୍ତା କାର୍ଯ୍ୟ ନିର୍ମାଣ ହୋଇଅଛି। ସୂଚନା ଫଳକ ଅନୁଯାୟୀ ଗାର୍ଡୱେଲ ନିର୍ମାଣ କରିବାର ନିୟମ ରହିଥିବା ବେଳେ ଜୈନିକ ଠିକାଦାର ଜଣକ ରାସ୍ତା ତିଆରି କରି କାମ ସାରିଦେଇଥିବା ଜଣାପଡିଛି । ଅନ୍ୟପଟେ ଗୋଲାମୁଣ୍ଡା ବ୍ଲକ ରେ ଅନେକାଂଶ ଆଦିବାସୀ ଅଧ୍ୟୁଷିତ ଗ୍ରାମପଞ୍ଚାୟତ ରହିଛି । କିନ୍ତୁ ଗୋଟିଏ ନିର୍ଦ୍ଦିଷ୍ଟ ପଞ୍ଚାୟତ ର ନିର୍ଦ୍ଦିଷ୍ଟ ଗ୍ରାମରେ ଜଣେ ନିର୍ଦ୍ଦିଷ୍ଟ ଠିକାଦାର ପ୍ରତି ଅନୁକମ୍ପା ସମସ୍ତଙ୍କୁ ଚକିତ କରିଛି । ଏହାକୁ ନେଇ ଠିକାଦାରଙ୍କ ପାଇଁ ଉକ୍ତ ବିଭାଗ ସୁନା ଅଣ୍ଡା ଦିଆ କୁକୁଡ଼ା ଭଳି ମନେ ହେଉଛି । ପୂର୍ବରୁ ମଧ ଆଇଟିଡିଏ ଥୁଆମୁଲରାମପୁର ଭବାନୀପାଟଣା ତରଫରୁ ଗୋଲାମୁଣ୍ଡା ବ୍ଲକର ଅନେକ ଗୁଡିଏ କାର୍ଯ୍ୟ ନିମ୍ନମାନର ହୋଇଥିବା ନଜିର ରହିଛି । ବର୍ତ୍ତମାନ ମଧ ଜୈନିକ ଠିକାଦାରଙ୍କୁ ସୁହାଇଲା ଭଳି କାର୍ଯ୍ୟକୁ ନେଇ ଏବେ ଉକ୍ତ ବିଭାଗ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନେଇ ଆଇଟିଡିଏର କନିଷ୍ଠ ଯନ୍ତ୍ରୀ ଇଂ.ପ୍ରକାଶ ଭୋଇଙ୍କୁ ପଚାରିବାରୁ ରାଜ୍ୟସଭା ସାଂସଦ ପାଣ୍ଠିରୁ ଜୈନିକ ଠିକାଦାର ଜଣକ ଆର୍ଥିକ ଅନୁଦାନ ଆଣୁଛନ୍ତି ତେଣୁ ଗୋଟିଏ ଗାଁ ରେ କାର୍ଯ୍ୟ ହୋଇଅଛି ଓ ଗାର୍ଡୱେଲ ନିର୍ମାଣ ପାଇଁ ଜାଗା ନଥିବାରୁ ଗୁଣବତ୍ତା ରଖି ରାସ୍ତା କାର୍ଯ୍ୟ କରାଯାଇଛି ବୋଲି କହିଥିଲେ ।

## ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା




ଭବାନୀପାଟଣା,(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଭବାନୀପାଟଣା ଠାରେ ଏକବର୍ଷିଆ ଓ ଦୁଇବର୍ଷିଆ ପାଠ୍ୟକ୍ରମର ଶିକ୍ଷାଲାଭ କରି ଅନୁଷ୍ଠାନ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସରକାରୀ ଆଇଟିଆଇ,ଭବାନୀପାଟଣାର ବରିଷ୍ଠ ଟ୍ରେନିଂ ଅଫିସର ସର୍ଦ୍ଦାର ଆଜାଦ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡର ଯଶୋଦା ଆଶ୍ରମର ପ୍ରତିଷ୍ଠାତା ଶ୍ୟାମ ସୁନ୍ଦର ଜାଲ ଉପସ୍ଥିତ ରହି ଶିକ୍ଷା ସମାପ୍ତ କରି ଅନୁଷ୍ଠାନ ଛାଡୁଥିବା ଛାତ୍ରଛାତ୍ରୀମାନେ କିଭଳି ଭବିଷ୍ୟତରେ ନିଜ ଗୋଡରେ ଠିଆହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ବିଭିନ୍ନ ଉପଦେଶ ଦେଇଥିଲେ।ସଭାକାର୍ଯ୍ୟ ପରିଚାଳନା କରିଥିଲେ ଆଇଟିଆଇର ଦୁହିତା ଡୁଙ୍ଗ୍ରୀ ଓ ସୌରଭରାଜ ସେନାପତି। ବିଦାୟୀ ଛାତ୍ରଛାତ୍ରୀମାନେ ଏହି ଅବସରରେ ଆଇଟିଆଇରେ ତାଙ୍କର ଶିକ୍ଷାଲାଭ ସମୟର ବିଭିନ୍ନ ଅନୁଭୂତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ବହୁ ପ୍ରଶିକ୍ଷକଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲାବେଳେ ବରିଷ୍ଠ ପ୍ରଶିକ୍ଷକ ମହମ୍ମଦ ଆବିଦ୍ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ ସୌମ୍ୟାଶ୍ରୀଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏକାଦଶାହ ଅବସରରେ ନିରବ ପ୍ରାଥନା ସହ ଶ୍ରଦ୍ଧାଞ୍ଜଳି ସଭା କରାଯାଇଥିଲା । ଏହି ପରିପେକ୍ଷୀ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ କୁଶୁର୍ଲା, ଯୋରାଡବରା, ରିଷିଡ଼ା, ସାପଲହରା ଥିବା ସ୍କୁଲ, କଲେଜ ଠାରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ କଂଗ୍ରେସ କର୍ମୀ ଚୈତନ୍ୟ ସାହୁ, ଆନନ୍ଦ ବାଗ, ଗୋବର୍ଦ୍ଧନ କୁମାର, ମାର୍କଣ୍ଡ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ଶବ ବ୍ୟବଚ୍ଛେଦ ଗୃହ

### ୧୮ ପଞ୍ଚାୟତବାସୀ ବ୍ୟବଚ୍ଛେଦ ଗୃହ ଉପରେ ନିର୍ଭର

### ଶବ ବ୍ୟବଚ୍ଛେଦ ଗୃହର ପୁନରୁଦ୍ଧାର ଦାବି

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍):କୁହାଯାଏ ମଣିଷର ଜୀବନ ଅମୂଲ ମୂଲ। ସମାଜରେ ମଣିଷ ସମ୍ମାନର ସହିତ ଯେମିତି ବଞ୍ଚିବାର ଅଧିକାର ରହିଛି, ସେହିପରି ମଣିଷର ମୃତ୍ୟୁ ପରେ ତାର ଶବ ମଧ ଉପଯୁକ୍ତ ସମ୍ମାନ ପାଇବାର ହକ ଓ ଅଧିକାର ରହିଛି। ତେବେ ମଣିଷ ମରିଗଲା ପରେ ବି ଉପଯୁକ୍ତ ସମ୍ମାନ ପାଇବାର ଅଧିକାର ହରାଇବସେ ତା'ହେଲେ ସେଇଠୁ ବଳି ଦୁଃଖର କଥା ଆଉ କିଛି ନାହିଁ। ଏଭଳି ଦୁସ୍ଥିତି ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ସ୍ଥିତ ଶବ ବ୍ୟବଚ୍ଛେଦ ଗୃହରେ। ଲାଞ୍ଜିଗଡ଼ ବ୍ଲକର ୧୮ଗୋଟି ପଞ୍ଚାୟତର ଲୋକେ ଦୁର୍ଘଟଣା, ହତ୍ୟା, କୌଣସି ସନ୍ଦେହଜନକ ମୃତ୍ୟୁ ଓ ଅପମୃତ୍ୟୁ ଘଟିଲେ ଶବ ବ୍ୟବଚ୍ଛେଦ ପାଇଁ ଏହି ବ୍ୟବଚ୍ଛେଦ ଗୃହ ଉପରେ ନିର୍ଭର କରିଥାନ୍ତି। ତେବେ ଦୀର୍ଘ ବର୍ଷ ହେଲା ଲାଞ୍ଜିଗଡ଼ ସହରର ମୁଖ୍ୟ ରାସ୍ତାକଡ଼ରେ ଥିବା ଏହି ବ୍ୟବଚ୍ଛେଦ ଗୃହ ଅପନ୍ତରା ହୋଇପଡ଼ିରହିଛି। ଗୃହ ସାମ୍ନାରେ ଲଟାବୁଦା ଭର୍ତ୍ତି ହୋଇଥିବାବେଳେ ଦିନରେ ମଧ ସରୀସୃପ ଭୟ ଲାଗି ରହିଛି। ସଂପୂର୍ଣ୍ଣ ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ଶବଗୃହରେ ଶବ ସଂରକ୍ଷିତ କରି ରଖିବା ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ନଥିବାବେଳେ ବ୍ୟବଚ୍ଛେଦ ପାଇଁ ଅଣାଯାଉଥିବା ଶବକୁ ଜଗି ରହିବା ମୁସ୍କିଲ ହୋଇପଡୁଛି। ବ୍ୟବଚ୍ଛେଦ ଗୃହକୁ ସଂଯୋଗ କରୁଥିବା ରାସ୍ତା ଉପରେ ଛୋଟ କଲଭର୍ଟଟିଏ ଥିବାବେଳେ ତାହା ଭାଙ୍ଗିରୁଜି ଯାଇଛି। ଏହା ନିକଟରେ ଲୋକେ ଅଳିଆ ଗଦା କରିଦେଇଥିବା ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ଶବ ବ୍ୟବଚ୍ଛେଦ ଗୃହର ପୁନଃରୁଦ୍ଧାର କରିବାକୁ ସାଧାରଣରେ ଦାବି ହେଉଛି। ଯଦି ଜିଲ୍ଲାପ୍ରଶାସନର ଏହା ଉପରେ ଦୃଷ୍ଟିପଡିବ ତେବେ ୧୮ ଖଣ୍ଡ ପଞ୍ଚାୟତବାସୀ ବିଶେଷ ଉପକୃତ ହେବେ। ଏହାର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ମନୋମୁଖୀ କାର୍ଯ୍ୟ ପାଇଁ ଆଜି ଏହି ଶବ ବ୍ୟବଚ୍ଛେଦ ଗୃହ ବଣ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଛି। ତେଣୁ ଏଥିପ୍ରତି ଜିଲ୍ଲାପ୍ରଶାସନ ତୀକ୍ଷ୍ଣ ନଜର ପକାଇବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି।

## ବସୁଧା ପ୍ରକଳ୍ପ ଅଚଳ

# ଝରଣା ପାଣି ପିଉଛନ୍ତି ଲୋକେ


### ଚର୍ମ ରୋଗରେ ଆକ୍ରାନ୍ତ ଗ୍ରାମବାସୀ

### ତୁରନ୍ତ ମରାମତି ଦାବି


ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ବସୁଧା ପ୍ରକଳ୍ପ ଅଚଳ, ଝରଣା ପାଣି ପିଉଛନ୍ତି ଲୋକେ। ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁରୁଣାଗୁମାରେ । ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାନୀୟଜଳ ପ୍ରକଳ୍ପ ଅଚଳ ଯୋଗୁ ଲୋକେ ଝରଣା ପାଣି ପିଇବାକୁ ବାଧ ହେଉଛନ୍ତି। ସୂଚନାକ୍ରମେ ପୁରୁଣାଗୁମାରେ କିଛିବର୍ଷ ତଳେ ୧୪,୩୧୪,୨୪୬ ଟଙ୍କା ବ୍ୟୟବରାଦରେ ବସୁଧା ଯୋଜନାରେ ଓଭରହେଡ୍ ଟାଙ୍କି ନିର୍ମାଣ ହେବା ପରେ ଲୋକେ ବିଶୁଦ୍ଧ ପାଣି ପାଇବା ନେଇ ଖୁସି ହୋଇଥିଲେ। ହେଲେ ୨୦ ଦିନ ହେଲା ପାଣିଟାଙ୍କି ଅଚଳ ଅବସ୍ଥାରେ ପଡ଼ିରହିଛି। ଫଳରେ ପୁରୁଣାଗୁମା ଗାଁର ୫ ପଡ଼ା ଯଥା ଲାଇନିଗୁଡ଼ା, କୋସପାଏର, ପୂର୍ଣ୍ଣାଗୁମା ଡୁକୁରିପଡ଼ା, ପୂର୍ଣ୍ଣାଗୁମା ଟିକ୍ରାପଡ଼ା, ପୂର୍ଣ୍ଣାଗୁମା ବସ୍ତିପଡ଼ାର ପ୍ରାୟ ୨୫୦ ପରିବାର ଲୋକେ ଝରଣାର ଗୋଳିଆ ପାଣି ବ୍ୟବହାର କରୁଛନ୍ତି। ବସୁଧା ଯୋଜନାରେ ଗଭୀର ନଳକୂପ ଖନନ ପରେ ନଳକୂଅରୁ ବର୍ତ୍ତମାନ ପାଣି ବାହାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଯେଉଁ ଗୋଟିଏ ଦୁଇଟି ନଳକୂଅ ଅଛି ସେଥିରୁ ବାହାରୁଥିବା ପାଣି ସମୁଦ୍ରକୁ ଶଙ୍ଖେ ସଦୃଶ। ଫଳରେ ଗ୍ରାମର ପିଲାଛୁଆଠାରୁ ବୟସ୍କ ପର୍ଯ୍ୟନ୍ତ ନାଳପାଣି ବ୍ୟବହାର କରି ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ପଡ଼ାବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ ସୁଫଳ ମିଳି ନ ଥିବା କହିଛନ୍ତି। ତୁରନ୍ତ ଅଚଳ ପ୍ରକଳ୍ପ ମରାମତି ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

## ରାଶିଫଳ


ରବିବାର, ୨୭ ଜୁଲାଇ ୨୦୨୫



**ମେଷ :** ଲାଭ ପାଇଁ ସୁଯୋଗ ଆସିବ । ରୋଜଗାର ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ସେୟାର ବଜାରରେ ବୁଦ୍ଧିମାନ ଭାବରେ ବିନିଯୋଗ କରନ୍ତୁ । ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ ।




**ବୃଷ :** ରିସ୍କ ନେବାକୁ ସାହସ କରିବେ । ଆୟ ଜାରି ରହିବ । ଭାଇମାନେ ସମର୍ଥନ ପାଇବେ। ବିନିଯୋଗ ଭଲ ହେବ । ଆସନ୍ତାକାଲି ପାଇଁ ଆଜିର କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ ନାହିଁ। ନିଜ ବିବେକ ବ୍ୟବହାର କରନ୍ତୁ । ଦୁଷ୍ଟ ଲୋକମାନଙ୍କ ପ୍ରତି ସାବଧାନ ରୁହନ୍ତୁ।



**ମିଥୁନ:** ଶୀଘ୍ର କୌଣସି କାରବାର କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟବସାୟ ଯାତ୍ରା ସଫଳ ହେବ । ଅପ୍ରତ୍ୟାଶିତ ଲାଭ ହୋଇପାରେ । ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି । ସହଭାଗୀମାନେ ସମର୍ଥନ ପାଇବେ । ବ୍ୟାଟିଂ ଏବଂ ଲଟେରୀର ଜାଲରେ ପଡ଼ନ୍ତୁ ନାହିଁ ।



**କର୍କଟ :** ଜଣେ ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ ରଖନ୍ତୁ ନାହିଁ। ବ୍ୟବସାୟ ଭଲ ହେବ । ଆୟରେ ନିଶ୍ଚିତତା ରହିବ । ମୂଲ୍ୟବାନ ସାମଗ୍ରୀ ନିଜ ସହିତ ରଖନ୍ତୁ। ପତି-ପତ୍ନୀଙ୍କ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେବ । ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । ଚିନ୍ତା ଏବଂ ଚାପ ବୃଦ୍ଧି ପାଇବ ।




**ସିଂହ :** ଶତ୍ରୁମାନେ ଶାନ୍ତ ରହିବେ । ଲାଭ ପାଇଁ ସୁଯୋଗ ଆସିବ । ବ୍ୟବସାୟ ଯାତ୍ରା ଲାଭଦାୟକ ହେବ । ଦେୟ ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ଆପଣ ସାଙ୍ଗମାନଙ୍କ ସମର୍ଥନ ପାଇବେ । ନୂତନ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ହେବ ।




**କନ୍ୟା :** ଶିଶୁ ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ଅଧ୍ୟୟନ ସମ୍ବନ୍ଧୀୟ ଚିନ୍ତାଧାରା ରହିବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ତୁରନ୍ତ କୌଣସି ଲାଭ ହେବ ନାହିଁ । କାର୍ଯ୍ୟଶୈଳୀରେ ପରିବର୍ତ୍ତନ ହୋଇପାରେ । ବ୍ୟବସାୟ ଲାଭଦାୟକ ହେବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ । ଷ୍ଟକ୍ ମାର୍କେଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଅନୁକୂଳ ଲାଭ ଦେବ ।



**ତୁଳା:** ଥକ୍କା ଏବଂ ଦୁର୍ବଳତା ରହିପାରେ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଧାର୍ମିକ କାର୍ଯ୍ୟକଳାପରେ ଆଗ୍ରହ ରହିବ । ଏକ ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିବାର ସୁଯୋଗ ଆସିପାରେ । ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ହେବ। ଲାଭ ସୁଯୋଗ ଆସିବ ।



**ବିଛା :** ପ୍ରେମ ସଂପର୍କରେ ଶୀଘ୍ର ଯାଅନାହିଁ । ବିବାଦ ହୋଇପାରେ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ଅସାବଧାନ ହୁଅନ୍ତୁ ନାହିଁ । ଯୁବକ ଓ ଯୁବତୀଙ୍କ ବିଶେଷ ଯତ୍ନ ନିଅନ୍ତୁ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ। କାରବାରରେ ସାବଧାନ ରୁହନ୍ତୁ। ଆୟରେ ନିଶ୍ଚିତତା ରହିବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ।




**ଧନୁ :** ଆଇନଗତ ବାଧା ସମ୍ଭବ । ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ବିରୋଧୀମାନେ ସକ୍ରିୟ ରହିବେ । ଯେ କୌଣସି ପ୍ରକାରେ ଟଙ୍କା କ୍ଷତି ହୋଇପାରେ । ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ । ଆଇନଗତ ପ୍ରତିବନ୍ଧକକୁ ହଟାଇ ଲାଭର ପରିସ୍ଥିତି ସୃଷ୍ଟି ହେବ । ଘର ବାହାରେ ଖୁସିର ପରିବେଶ ରହିବ। ବ୍ୟବସାୟ ଭଲ ହେବ । ଲାଭ ବୃଦ୍ଧି ପାଇବ ।



**ମକର :** ସୁଖର ମାଧ୍ୟମ ପାଇଁ ଖର୍ଚ୍ଚ ହେବ । ସ୍ଥିର ସମ୍ପତ୍ତିରେ ବୃଦ୍ଧି ହେବାର ସମ୍ଭାବନା ଅଛି । ସମ୍ପତ୍ତି କାର୍ଯ୍ୟ ବଡ ଲାଭ ଦେଇପାରେ। ରୋଜଗାର ପାଇବା ପାଇଁ ପ୍ରୟାସ ସଫଳ ହେବ। ଚାକିରିରେ ସୁଖ ଏବଂ ଶାନ୍ତି ରହିବ । ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗ ପ୍ରବେଶ କରନ୍ତୁ । ଅପମାନଜନକ କିଛି କରନ୍ତୁ ନାହିଁ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।



**କୁମ୍ଭ :** ଏକ ମନୋରମ ଯାତ୍ରା ଯୋଜନା କରାଯାଇପାରେ । ଏକ କାର୍ନିଭାଲରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ । ତୁମର ପ୍ରିୟ ଖାଦ୍ୟ ଉପଭୋଗ କର । ଭଲ ସମୟ ସାଙ୍ଗ ଏବଂ ସମ୍ପର୍କୀୟମାନଙ୍କ ସହିତ ବିତାଇବେ। ବ୍ୟବସାୟ ଅନୁକୂଳ ହେବ । ରିସ୍କ ନିଅ ନାହିଁ । ଆଖିକୁ ରୋଗ ଏବଂ ଆଘାତ ଆସିପାରେ। କାରବାରକୁ ଶୀଘ୍ର କର ନାହିଁ ।



**ମୀନ:** ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେତୁ ହତାଶ ହେବେ । ବ୍ୟବସାୟ ଭଲ ହେବ । ରିସ୍କ ନିଅ ନାହିଁ । ଯନ୍ତ୍ରଣା, ଭୟ, ଚିନ୍ତା ଏବଂ ଟେନସନର ପରିବେଶ ସୃଷ୍ଟି ହୋଇପାରେ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



ଶ୍ରୀପତି ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯